# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୩/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, April 13/2023 Page 16 ₹ 7.00

୪୯ଶ ଭାଗ ୧୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 138 ମୂଲ୍ୟ ₹୭/-


# ସମ୍ବଲପୁରରେ ସାମ୍ପ୍ରଦାୟିକ ଦଙ୍ଗା

## ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରା ବେଳେ ପଥରମାଡ଼



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ନିକଟ ମୋତିଝରଣଠାରେ ଦୋକାନପୋଡ଼ି।

- **ଅତିରିକ୍ତ ଏସ୍‌ପିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ପୋଲିସ ଆହତ**
- **ସହରରେ ୧୪୪ ଧାରା, ଉତ୍ତେଜନା**
- **ପରିଚାଳନାଗତ ତ୍ରୁଟିକୁ ଦାୟୀ କଲେ ଦୁଇ ପକ୍ଷ**

**ସମ୍ବଲପୁର, ୧୨।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ବାଇକ୍ ଶୋଭାଯାତ୍ରା ସମୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଛି। ହିନ୍ଦୁ ଗୋଷ୍ଠୀ ଓ ମୁସଲମାନ ଗୋଷ୍ଠୀ ମୁହାଁମୁହିଁ ହେବାରୁ ହିଂସା ଦେଖିବାକୁ ମିଳିଛି। ଧନୁପାଲି ଥାନାର ସୁନାପାଲି, ଭିଏସ୍‌ଏସ୍ ଷ୍ଟାଡିୟମ ରାସ୍ତା, ବୁଥାପଡା ଅଞ୍ଚଳରେ ବ୍ୟାପକ ପୋଡ଼ାଜଳା, ଭଙ୍ଗାରୁଜା ସହ ମାରଣାସ୍ତ୍ରରେ ଆକ୍ରମଣ ହୋଇଛି। ଏଥିରେ ରାଲିରେ ଥିବା ୧୫ରୁ ଊର୍ଦ୍ଧ୍ୱ ହିନ୍ଦୁ ଆହତ ହୋଇଛନ୍ତି। ଆହତମାନେ ଚିକିତ୍ସା ପାଇଁ ସରକାରୀ ଓ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣରେ ଅତିରିକ୍ତ ପୋଲିସ ଏସ୍‌ପି ତପନ କୁମାର ମହାନ୍ତି, ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ, ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ, ଏସ୍‌ଡିପିଓ ପ୍ରଦୀପ ସାହୁଙ୍କ ସମେତ ୧୦ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଅନ୍ୟପଟେ ମୁସଲମାନମାନଙ୍କ କାର୍, ବାଇକ୍, ରାସ୍ତା କଡରେ ଥିବା ଦୋକାନ ପୋଡାଜଳା ହୋଇଛି। ପ୍ରାୟ ୨ଘଣ୍ଟା ଧରି ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନଶୃଙ୍ଖଳା ପାଇଁ ପୋଲିସ ମୃଦୁ ଲାଠିଚାଳନା କରିଥିଲା। ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପରିସ୍ଥିତିକୁ ଦେଖି ଜିଲା ପ୍ରଶାସନ ପକ୍ଷରୁ ଟାଉନ ଥାନା, ଧନୁପାଲି, ସଦର, ଅଇଁଠାପାଲି ଥାନା ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ସମ୍ବଲପୁର ପୋଲିସ ଓ ଜିଲା ପ୍ରଶାସନର ପରିଚାଳନାଗତ ତ୍ରୁଟି ଯୋଗୁ ଶାନ୍ତିପୂର୍ଣ୍ଣ ସହରରେ ଅଶାନ୍ତର ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ** ଗୌରୀ ନା କାଳୀ | ବେଦାନ୍ତ ବିଶ୍ୱବିଦ୍ୟାଳୟ ଭୂମି ଅଧିଗ୍ରହଣ ଅବୈଧ | ପୃଷ୍ଠା-୩







DSPL-07

# ୭୫ତମ
# ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ତା. ୧୩.୦୪.୨୦୨୩ ରୁ ୧୫.୦୪.୨୦୨୩

ଓଡ଼ିଶା ସରକାର

**୧୩ ତାରିଖ ଅଧିବେଶନ ସକାଳ ୭.୩୦ ଘଟିକା**

**ରାଜଧାନୀର ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଚିତ୍ତାକର୍ଷକ ଓ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ ।**

**ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**, ମାନ୍ୟବର ବାଚସ୍ପତି, ଓଡିଶା ବିଧାନସଭା
ଶ୍ରୀମତୀ ଉଷା ଦେବୀ, ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା, ଆଇଏଏସ୍, ମୁଖ୍ୟ ଶାସନ ସଚିବ
ଶ୍ରୀମତୀ ଅନୁ ଗର୍ଗ, ଆଇଏଏସ୍, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନ ବିଭାଗ
ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଆଇପିଏସ୍, କମିଶନର ପୋଲିସ, ଭୁବନେଶ୍ୱର
ଶ୍ରୀଯୁକ୍ତ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଆଇଏଏସ୍, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧା
ଶ୍ରୀଯୁକ୍ତ ବିଜୟ ଅମୃତା କୁଲାଙ୍ଗେ, ଆଇଏଏସ, କମିଶନର, ବିଏମ୍‌ସି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

**୧୩ ତାରିଖ ସନ୍ଧ୍ୟା ଅଧିବେଶନ (ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ) ସମୟ ସନ୍ଧ୍ୟା ୬.୩୦ ମି**

**ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡିଶା
ଶ୍ରୀମତୀ ଉଷା ଦେବୀ, ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା
ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ମନ୍ତ୍ରୀ, ଅବକାରୀ, ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା, ଆଇଏଏସ୍, ମୁଖ୍ୟ ଶାସନ ସଚିବ
ଶ୍ରୀମତୀ ଅନୁ ଗର୍ଗ, ଆଇଏଏସ୍, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନ ବିଭାଗ
ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ, ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା
ଶ୍ରୀଯୁକ୍ତ ଜି.ମାଥିଭାଥନନ୍, ଆଇଏଏସ୍, ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ, ଆଇଏଏସ୍, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡିଶା
ଶ୍ରୀଯୁକ୍ତ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଆଇଏଏସ୍, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧା
ଶ୍ରୀଯୁକ୍ତ ବିଜୟ ଅମୃତା କୁଲାଙ୍ଗେ, ଆଇଏଏସ୍, କମିଶନର, ବିଏମ୍‌ସି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

**୧୪ ତାରିଖ ସନ୍ଧ୍ୟା ଅଧିବେଶନ (ସାଂସ୍କୃତିକ କାର୍ଯ୍ୟକ୍ରମ) ସମୟ ସନ୍ଧ୍ୟା ୬.୦୦ ଘଟିକା**

ଶ୍ରୀମତୀ ଟୁକୁନୀ ସାହୁ, ମାନ୍ୟବର ମନ୍ତ୍ରୀ, ଜଳସଂପଦ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା
ଶ୍ରୀଯୁକ୍ତ ସମୀର ରଂଜନ ଦାଶ, ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା
ଶ୍ରୀଯୁକ୍ତ ରୋହିତ ପୂଜାରୀ, ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ, ଓଡିଶା
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ବିଜୟ ଅମୃତା କୁଲାଙ୍ଗେ, ଆଇଏଏସ୍, କମିଶନର, ବିଏମ୍‌ସି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପାଧକ୍ଷ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

**୧୫ତାରିଖ ସନ୍ଧ୍ୟା ଅଧିବେଶନ (ସାଂସ୍କୃତିକ କାର୍ଯ୍ୟକ୍ରମ) ସମୟ ସନ୍ଧ୍ୟା ୬.୦୦ ଘଟିକା**

ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ମାନ୍ୟବର ମନ୍ତ୍ରୀ କ୍ରୀଡା ଓ ଯୁବସେବା, ଆଇଟି, ଗୃହ ବିଭାଗ, ଓଡିଶା
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ, ଆଇଏଏସ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା
ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପ୍ରୀୟଦର୍ଶୀ, ଆଇପିଏସ୍, କମିଶନରେଟ ପୋଲିସ, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ ଅମୃତା କୁଲାଙ୍ଗେ, ଆଇଏଏସ୍, କମିଶନର, ବିଏମ୍‌ସି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି



- ନିବେଦକ -
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

OIPR-13002/13/0007/2324



ମନି ଲଣ୍ଡରିଂ ମାମଲାରେ ଆୟକର (ଆଇଟି) ବିଭାଗ ବୁଧବାର ୟୁପି ଗ୍ୟାଙ୍ଗଷ୍ଟର ମୁଖତାର ଅନସାରିଙ୍କ ୧୨୭ କୋଟି ଟଙ୍କାର ବେନାମୀ ସମ୍ପତ୍ତି ଚିହ୍ନଟ କରିଛି। ମଙ୍ଗଳବାର ଲକ୍ଷ୍ନୌର ବେନାମୀ ସମ୍ପତ୍ତି ତଦନ୍ତକାରୀ ୟୁନିଟ ଗାଜିପୁର ଜିଲାରୁ ଅନସାରିଙ୍କ ୧.୨୯ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଥିଲା, ଯାହାର ବଜାର ମୂଲ୍ୟ ପ୍ରାୟ ୧୨ କୋଟି ଟଙ୍କା ହେବ। ୫ ଥର ବିଧାୟକ ନିର୍ବାଚିତ ହୋଇଥିବା ଅନସାରିଙ୍କ ବିରୋଧରେ ୪୯ ଆପରାଧିକ ମାମଲା ରହିଛି। ବନ୍ଦା ଜେଲରେ ସେ ସଜା କାଟୁଛନ୍ତି।

**ସଂକ୍ଷେପରେ**

## ‘ସବୁ ମୋଦି ଚୋର’ ମନ୍ତବ୍ୟ: ରାହୁଲଙ୍କୁ ପାଟନା କୋର୍ଟ ନୋଟିସ

ପାଟନା,୧୨।୪: ମୋଦି ଉପନାମଧାରୀ ସମସ୍ତ ବ୍ୟକ୍ତି ଚୋର ବୋଲି ମନ୍ତବ୍ୟ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଲୋକ ସଭା ସଦସ୍ୟତା ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପାଟନାର ଏକ କୋର୍ଟ ନୋଟିସ କରିଛନ୍ତି। ଭାଜପାର ରାଜ୍ୟ ସଭା ସଦସ୍ୟ ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦିଙ୍କ ପକ୍ଷରୁ କରାଯାଇଥିବା ଏହି ମାମଲାରେ ଆସନ୍ତା ୨୫ରେ ହାଜର ହେବା ପାଇଁ ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଆଦି ଦେବ ଏପ୍ରିଲ ୧୨ରେ ହାଜର ହେବା ପାଇଁ ଗତ ୧୮ରେ ନୋଟିସ କରିଥିଲେ। କିନ୍ତୁ ରାହୁଲଙ୍କ ଟିମ୍ ସୁରଟ ମାମଲାରେ ବ୍ୟସ୍ତ ଥିବା ଦର୍ଶାଇ ଅଧିକ ସମୟ ମାଗିଥିଲେ। ପ୍ରକାଶ ଯେ, ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଙ୍ଗିଆକୁ ନେଇ ରାହୁଲ କର୍ନାଟକରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହି ମାମଲାରେ ଗୁଜରାଟର ସୁରଟ କୋର୍ଟ ରାହୁଲଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି।

## ଠିକ୍ ଲୋକ ମିଳିଲେ ଟୁଇଟର ବିକିଦେବି: ମସ୍କ



ୱାଶିଂଟନ୍, ୧୨।୪: ୪୪ ବିଲିୟନ୍ ଡଲାରରେ ମାଇକ୍ରୋ ବ୍ଲଗିଂ ଆପ୍ ଟୁଇଟର୍ କିଣି ଏହାର ମାଲିକ ହେବା ଯନ୍ତ୍ରଣାଦାୟକ ବୋଲି ବୈଦ୍ୟୁତିକ କମ୍ପାନୀ ଟେସ୍‌ଲା ମାଲିକ ଏଲନ୍ ମସ୍କ କହିଛନ୍ତି। ଏଥିସହ ଉପଯୁକ୍ତ ବ୍ୟକ୍ତି ମିଳିଲେ ସେ ଟୁଇଟର୍‌କୁ ବିକିବେ ବୋଲି ପ୍ରକାଶ କରିଛନ୍ତି। ବିବିସି ଚ୍ୟନେଲ୍‌କୁ ଦେଇଥିବା ଏକ ସାକ୍ଷାତ୍‌କାରରେ ମସ୍କ କହିଛନ୍ତି, ଟୁଇଟର କିଣିବା ପରେ କାର୍ଯ୍ୟ ଚାପ ବଢ଼ିଯାଇଛି। ବ୍ୟବସ୍ତତା ଯୋଗୁ ଅନେକ ସମୟରେ ଅଫିସରେ ଶୋଇବାକୁ ପଡୁଛି। ନିକଟରେ ବିବିସି ଚ୍ୟାନେଲ ସରକାରଙ୍କ ଅନୁଦାନପ୍ରାପ୍ତ ଗଣମାଧମ ବୋଲି ଟୁଇଟର ପକ୍ଷରୁ ଏକ ପୋଷ୍ଟ ଶେୟାର କରାଯାଇଥିଲା। ତେବେ ମାଇକ୍ରୋ ବ୍ଲଗିଂ ଜାଏଣ୍ଟ ପକ୍ଷରୁ ଅଣାଯାଇଥିବା ଏହି ଅଭିଯୋଗକୁ ବିବିସି ଖଣ୍ଡନ କରିଛି।

## ସମ୍ପୂର୍ଣ୍ଣ ରାୟ ନ ଲେଖି ଚୂଡ଼ାନ୍ତ ଭାଗ ଶୁଣାଇବା ମନା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୪: ଜଣେ ବିଚାରପତି କୌଣସି ମାମଲାର ସମ୍ପୂର୍ଣ୍ଣ ରାୟ ପ୍ରସ୍ତୁତ ନ କରି କୋର୍ଟରେ ଚୂଡ଼ାନ୍ତ ଭାଗ ଶୁଣାଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କର୍ନାଟକ ହାଇକୋର୍ଟ ଡିଭିଜନ୍ ବେଞ୍ଚର ଜଣେ ବିଚାରପତି ଶୁଣାଇଥିବା ଏକ ରାୟକୁ ରେଜିଷ୍ଟ୍ରାର ଜେନେରାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟମ୍ ଏବଂ ପଙ୍କଜ ମିଥଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, କର୍ନାଟକ ହାଇକୋର୍ଟ ଗମ୍ଭୀର ଅଭିଯୋଗଗୁଡ଼ିକ ଉପରେ ଚୂନ ମାରିବା ଭଳି କାର୍ଯ୍ୟ କରିଛନ୍ତି। ବିଚାରପତିଙ୍କ ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ।

## ୧ ବିଲିୟନ୍ ଡଲାର ଠକେଇ ମାମଲାରେ ୨ ଭାରତୀୟ ବଂଶୋଦ୍ଭବ ଦୋଷୀ



ଶ୍ରଦ୍ଧା ଅଗ୍ରୱାଲ   ଋଷି ଶାହ

ନ୍ୟୁୟର୍କ, ୧୨।୪: ଆମେରିକା ଶିକାଗୋସ୍ଥିତ ଏକ ଷ୍ଟାର୍ଟଅପ୍ କମ୍ପାନୀର ୨ ଭାରତୀୟ ବଂଶୋଦ୍ଭବ ଏକ୍‌ଜିକ୍ୟୁଟିଭ୍ ୧ ବିଲିୟନ୍ ଡଲାର ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଠକେଇ ସ୍କିମ୍‌ରେ କମ୍ପାନୀର ଗ୍ରାହକ, ନିବେଶକଙ୍କଠାରୁ ଏହି ଅର୍ଥ ନିଆଯାଇଥିବା ଆମେରିକାର ଫେଡେରାଲ୍ ଜ୍ୟୁରି ପକ୍ଷରୁ ମାମଲାର ଶୁଣାଣିବେଳେ କୁହାଯାଇଛି। ୧୦ ସପ୍ତାହର ଟ୍ରାଏଲ୍ ପରେ ହେଲ୍‌ଥ ଟେକ୍ନୋଲୋଜି କମ୍ପାନୀର ସହ-ପ୍ରତିଷ୍ଠାତା ଏବଂ ପୂର୍ବତନ ସିଇଓ ଋଷି ଶାହ ୨୨ରୁ ୧୯ କାଉଣ୍ଟରେ ଦୋଷୀ ହୋଇଥିବାବେଳେ କମ୍ପାନୀର ପୂର୍ବତନ ଅଧକ୍ଷା ଶ୍ରଦ୍ଧା ଅଗ୍ରୱାଲ ୧୭ରୁ ୧୫ଟି କାଉଣ୍ଟରେ ଏବଂ ପୂର୍ବତନ ଚିଫ୍ ଅପରେଟର ଅଫିସର ବ୍ରାଡ୍ ପର୍ଡି ଦୋଷୀ ସାବ୍ୟସ୍ତ ହୋଇଛନ୍ତି।



ନୂଆଦିଲ୍ଲୀରେ ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଜେଡିୟୁ ଅଧକ୍ଷ ରାଜୀବ ରଞ୍ଜନ ସିଂ।

**ମିଶନ ୨୦୨୪**

# ବିରୋଧୀ ଏକତା ପାଇଁ ରଣନୀତି

**୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ନୂଆ ସମୀକରଣ ସନ୍ଧାନରେ ବିପକ୍ଷ। ବିରୋଧୀ ଦଳଗୁଡ଼ିକର ଏକମାତ୍ର ଲକ୍ଷ୍ୟ ହେଉଛି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କ୍ଷମତାଚ୍ୟୁତ କରିବା। ଏହିକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୁଧବାର ନୂଆଦିଲ୍ଲୀରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ମହାମେଣ୍ଟର ଅନ୍ୟ ନେତାମାନେ ମଧ ସାକ୍ଷାତ ବେଳେ ଉପସ୍ଥିତ ଥିଲେ। ପରେ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ଭେଟି ବିରୋଧୀ ଏକତା ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ଟକ୍କର ଦେବା ପାଇଁ ବିରୋଧୀ ମେଣ୍ଟକୁ ଏହି ରଣନୀତି ବଳ ଯୋଗାଇବ ବୋଲି କୁହାଯାଉଛି।**

### ଖାର୍ଗେ, ରାହୁଲ, କେଜ୍‌ରିୱାଲଙ୍କୁ ଭେଟିଲେ ନୀତୀଶ ଓ ତେଜସ୍ୱୀ

ନୂଆଦିଲ୍ଲୀ,୧୨।୪

ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ବୁଧବାର ମିଳିତ ରଣନୀତି ଉପରେ ଆଲୋଚନା ହୋଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲଙ୍କୁ ଭେଟିବା ପରେ ସେମାନଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ନୀତୀଶ କହିଛନ୍ତି, ସବୁ ବିରୋଧୀ ଦଳକୁ ଏକାଠି କରିବା ପାଇଁ ସେ ଉଦ୍ୟମ କରିବେ। କଂଗ୍ରେସ ସହ ଶେଷ ପର୍ଯ୍ୟାୟ ଆଲୋଚନା ସମ୍ପୂର୍ଣ୍ଣ ହୋଇଛି। ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧକ୍ଷ ରାଜୀବ ରଞ୍ଜନ ସିଂ, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ରାଜ୍ୟ ସଭା ସଦସ୍ୟ ମନୋଜ କୁମାର ଝା ଏବଂ ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ମଧ ଏହି ବୈଠକରେ ସାମିଲ ହୋଇଥିଲେ। ରାତିରେ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ମଧ ଭେଟିଛନ୍ତି। ଆଗକୁ ସେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଭଳି ଭାଜପା ବିରୋଧୀ ନେତାମାନଙ୍କ ସହ ଯୋଗାଯୋଗ କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ଦ୍ରାବିଡ ମୁନେତ୍ରା କାଜାଗାମ୍(ଡିଏମ୍‌କେ) ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଭଳି ସହଯୋଗୀ ଦଳଗୁଡ଼ିକ ସହ କଂଗ୍ରେସ ଆଲୋଚନା କରିବ। ନୀତୀଶଙ୍କ ସହ ବୈଠକ ଶେଷ ହେବା ପରେ ଖାର୍ଗେ କହିଛନ୍ତି, ଆଗାମୀ ନିର୍ବାଚନଗୁଡ଼ିକ ପୂର୍ବରୁ ସବୁ ବିରୋଧୀ ଦଳକୁ ଏକାଠି କରିବା ଉଦ୍ଦେଶ୍ୟରେ ଏହା ଏକ ଐତିହାସିକ ଉଦ୍ୟମ। ରାହୁଲ ମଧ ଏହାକୁ ଏକ ଐତିହାସିକ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ଏହା ଏକ ପ୍ରକ୍ରିୟା, ଯାହାକି ଦେଶ ପାଇଁ ବିରୋଧୀଙ୍କ ଦୂରଦୃଷ୍ଟିକୁ ବିକଶିତ କରିବ ବୋଲି ରାହୁଲ କହିଛନ୍ତି। ଐତିହାସିକ ବୈଠକରେ ଅନେକ ସକାରାତ୍ମକ ନିଷ୍ପତ୍ତି ନିଆଯାଇଥିବା ଜେଡିୟୁ ଅଧକ୍ଷ ରାଜୀବ ରଞ୍ଜନ ସିଂ କହିଛନ୍ତି। ଥରେ ସହମତି ପ୍ରକାଶ ପାଇଲେ ଭାଜପାକୁ ଟକ୍କର ଦେବା ପାଇଁ ରଣନୀତି ପ୍ରସ୍ତୁତି ଉପରେ ବିରୋଧୀ ଦଳଗୁଡ଼ିକର ଏକ ବିସ୍ତୃତ ବୈଠକ ଅନୁଷ୍ଠିତ ହେବ। କିନ୍ତୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି (ଟିଆର୍‌ଏସ୍)କୁ କିପରି ମନାଇବେ ସେନେଇ କିଛି ସ୍ପଷ୍ଟ କରାଯାଇନାହିଁ। କାରଣ ମମତା ଏବଂ କେସିଆର୍ ଭାଜପାକୁ କ୍ଷମତାରୁ ହଟାଇବାକୁ ଅଣ୍ଟାଭିଡୁଥିଲେ ହେଁ କଂଗ୍ରେସକୁ ବାଦ୍‌ଦେଇ ବିରୋଧୀ ମେଣ୍ଟ ଗଢ଼ିବାକୁ ଚାହୁଁଛନ୍ତି।

## ଆଉ ୧୦ ଦିନ ସଂକ୍ରମଣ ବଢ଼ିବ

ନୂଆଦିଲ୍ଲୀ, ୧୨।୪

ଦେଶରେ ମହାମାରୀ କରୋନା ସଂକ୍ରମଣ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଆଗାମୀ ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ସଂକ୍ରମଣ ବଢ଼ିବା ପରେ ସଂକ୍ରମଣରେ ସ୍ଥିରତା ଆସିବ ବୋଲି କୁହାଯାଉଛି। ତେବେ ଚିକିତ୍ସା ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସମୟରେ ସଂକ୍ରମଣ ଶେଷ ପର୍ଯ୍ୟାୟରେ ଥିବାବେଳେ ଏନେଇ ଭୟଭିତ ହେବାର କୌଣସି କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୭, ୮୩୦ କୋଭିଡ୍-୧୯ ସଂକ୍ରମିତ ଚିହ୍ନଟ କରାଯାଇଛି। ଗତ ୭ ମାସ ମଧ୍ୟରେ ବୁଧବାର ଦେଶରେ ସର୍ବାଧିକ ସଙ୍କ୍ରମିତ ଚିହ୍ନଟ ହୋଇଥିବା କୁହାଯାଇଛି। ସଂକ୍ରମଣ ବଢ଼ିଲେ ସୁଦ୍ଧା କମ୍ ସଂଖ୍ୟକ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ସଂକ୍ରମିତଙ୍କଠାରେ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଏକ୍ସବିବି.୧.୧୬ ଭୂତାଣୁ ଚିହ୍ନଟ ହେଉଥିବାବେଳେ ଏହା ଶରୀରରେ ବିଶେଷ କ୍ଷତି ଘଟାଉ ନାହିଁ। ୨୪ ଘଣ୍ଟା ମଧ୍ୟରେ ୧୬ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଦେଶରେ ସକ୍ରିୟ ମାମଲା ୪୦,୨୧୫ରେ ପହଞ୍ଚିଛି।

## କୋଭିଶିଲ୍ଡ ଟିକା ଉତ୍ପାଦନ ବଢ଼ାଇଲା ସେରମ୍

**ନୂଆଦିଲ୍ଲୀ, ୧୨।୪:** ମହାମାରୀ ସଂକ୍ରମଣ ବଢ଼ିବା ପରେ କୋଭିଶିଲ୍ଡ ଟିକା ନିର୍ମାଣକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ସିଆଇଆଇ) ଟିକା ଉତ୍ପାଦନ ବଢ଼ାଇ ଥିବା କମ୍ପାନୀର ସିଇଓ ଆଦର ପୁନାୱାଲା ବୁଧବାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କମ୍ପାନୀ ୬ ନିୟୁତ କୋଭୋଭାକ୍ସ ବୁଷ୍ଟର ଡୋଜ୍ ଉତ୍ପାଦନ ଆରମ୍ଭ କରିଥିବାବେଳେ ସଂକ୍ରମଣର ମୁକାବିଲା ପାଇଁ ବୁଷ୍ଟର ଡୋଜ୍ ନେବାକୁ ଆଦର ପରାମର୍ଶ ଦେଇଛନ୍ତି।

## ଏଚ୍‌୩ଏନ୍୮ ବାର୍ଡ ଫ୍ଲୁରେ ପ୍ରଥମ ମୃତ୍ୟୁ

ବେଜିଂ, ୧୨।୪

ଚାଇନାରେ ଏଚ୍‌୩ଏନ୍୮ ବାର୍ଡ ଫ୍ଲୁରେ ଆକ୍ରାନ୍ତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) କହିଛି। ଏଭିଏନ ଇନ୍‌ଫ୍ଲୁଏନ୍‌ଜା ଷ୍ଟ୍ରେନ୍ ସଂକ୍ରମଣରେ ବିଶ୍ୱରେ ପ୍ରଥମଥର ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ୫୬ ବର୍ଷୀୟା ମହିଳାଙ୍କ ଘର ଦକ୍ଷିଣ-ପୂର୍ବ ଚାଇନାର ଗୁଆଙ୍ଗଡୋଙ୍ଗ ପ୍ରଦେଶରେ । ଫେବୃୟାରୀ ୨୨ରେ ମହିଳା ସଂକ୍ରମିତ ହୋଇଥିଲେ। ପରେ ନିମୋନିଆ ଯୋଗୁ ତାଙ୍କୁ ମାର୍ଚ୍ଚ ୩ରେ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ୧୬ରେ ତାଙ୍କ ମୃତ୍ୟୁ ଘଟିଥିଲା। ୨୦୦୨ରେ ଏଚ୍‌୩ଏନ୍୮ ସଂକ୍ରମଣ ପ୍ରଥମେ ଉତ୍ତର ଆମେରିକାରେ ଚିହ୍ନଟ ହୋଇଥିଲା। ଏହାପରେ ଅନ୍ୟ ଦେଶରେ ଏହା କ୍ରମାଗତ ଭାବେ ବ୍ୟାପିବାରେ ଲାଗିଛି। କୁକୁଡ଼ା ବ୍ୟତୀତ ଘୋଡ଼, କୁକୁର ମଧ ଏଚ୍‌୩ଏନ୍୮ରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ୨୦୨୨ରୁ ବର୍ତ୍ତମାନ ସୁଦ୍ଧା ଚାଇନାରେ ମୋଟ ୩ ଜଣ ଏଚ୍‌୩ଏନ୍୮ ବାର୍ଡ ଫ୍ଲୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଡବ୍ଲ୍ୟୁଏଚ୍‌ଓ ସୂଚନା ଦେଇଛି।

## ସେନା ଶିବିରରେ ଗୁଳି: ୪ ଯବାନ ମୃତ

ବଠିଣ୍ଡା, ୧୨।୪

ପଞ୍ଜାବ ବଠିଣ୍ଡାରେ ଥିବା ମିଲିଟାରି ଷ୍ଟେଶନ ଅଫିସର୍ସ ମେସ୍‌ରେ ବୁଧବାର ଭୋର ୪ଟା ୩୫ ମିନିଟ୍‌ରେ ଗୁଳାକାଣ୍ଡ ଘଟି ୪ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନମାନେ ଆର୍ମିର ଆର୍ଟିଲେରି ୟୁନିଟ୍‌ର ଥିଲେ। ଘଟଣାର ସୂଚନା ପାଇଁ କୁଇକ୍ ରେସ୍ପଣ୍ଡ ଟିମ୍ ପକ୍ଷରୁ ଷ୍ଟେଶନ୍‌ରେ ସର୍ଚ୍ଚ ଅପରେଶନ୍ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆର୍ମି ଓ ପଞ୍ଜାବ ପୋଲିସ ସହଯୋଗକ୍ରମେ କୋର୍ଟ ଅଫ୍ ଇନ୍‌କ୍ୱାରି (ସିଓଆଇ) ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଆର୍ମି ମେଜର ଥାନାରେ ଏଫ୍‌ଆଇଆର୍ କରିଛନ୍ତି। ଘଟଣାବେଳେ କୁର୍ତ୍ତା, ପାଇଜାମା ପିନ୍ଧା ମୁହଁରେ ମାକ୍ସ ଲାଗଇଥିବା ଦୁଇଜଣ ଯୁବକ ବେସ୍ ପାଖ ଜଙ୍ଗଲକୁ ଦୌଡ଼ି ଯାଉଥିବାର ଦେଖାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେବେ ଏହା ଏକ ଆତଙ୍କବାଦୀ ଆକ୍ରମଣ ହୋଇ ନ ଥିବାବେଳେ ଘଟଣାରେ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ପଞ୍ଜାବ ପୋଲିସ କହିଛି। ସୂଚନାନୁସାରେ, ଦୁଇଦିନ ପୂର୍ବେ ଷ୍ଟେଶନ୍‌ରୁ ଆଇଏନ୍‌ଏସ୍‌ଏଏସ୍ ରାଇଫଲ୍ ଏବଂ ଆମ୍ୟୁନିଶନ୍ ହଜିଯାଇଥିଲା। ତେବେ ଉକ୍ତ ହତିଆରକୁ ଏଥିରେ ବ୍ୟବହାର ହୋଇଥିବା ପୋଲିସ ଆର୍ମି ଷ୍ଟେଶନ୍ ପକ୍ଷରୁ ସୂଚନା ମିଳିଛି। ଘଟଣାରେ ଅନ୍ୟ କୌଣସି ଯବାନ ଆହତ ହୋଇ ନ ଥିବା ଆର୍ମି ସାଉଥ୍-ୱେଷ୍ଟର୍ନ କମାଣ୍ଡ କହିଛି। ଆର୍ମି ଷ୍ଟେଶନ୍‌ର ପ୍ରତିଟି ଗେଟ୍‌କୁ ସିଲ୍ କରି ତଦନ୍ତ ଚାଲିଛି।

## ଭାରତକୁ ସହାୟତା ମାଗିଲେ ଜେଲେନ୍‌ସ୍କି

ନୂଆଦିଲ୍ଲୀ,୧୨।୪



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀ ଆସିଥିବା ୟୁକ୍ରେନ୍ ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭାଙ୍କ ଜରିଆରେ ଜେଲେନ୍‌ସ୍କି ଏହି ଚିଠି ପଠାଇଛନ୍ତି। ଏମିନ୍ ଏହାକୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖିଙ୍କୁ ପ୍ରଦାନ କରିଛନ୍ତି। ରୁଷିଆର ଆକ୍ରମଣ ଯୋଗୁ ୟୁକ୍ରେନ୍‌ବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଯୁଦ୍ଧ ଜାରି ରହିଥିବାରୁ ଔଷଧ, ଡାକ୍ତରୀ ଉପକରଣ ସମେତ ମାନବୀୟ ସହାୟତା ଯୋଗାଇଦେବାକୁ ଜେଲେନ୍‌ସ୍କି ଏହି ପତ୍ରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରିଛନ୍ତି। ଏହାବାଦ୍ ୟୁକ୍ରେନ୍ ଭିତ୍ତିଭୂମିର ପୁନଃ ନିର୍ମାଣ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏକ ସୁଯୋଗ ହୋଇପାରେ ବୋଲି ଏମିନ୍ ପ୍ରସ୍ତାବ ଦେଇଛନ୍ତି। ସେହିପରି ୟୁକ୍ରେନ୍ ଫେରନ୍ତା ଭାରତୀୟ ମେଡିକାଲ ଛାତ୍ରୀଛାତ୍ର ନିଜ ଦେଶରେ ଥାଇ ୟୁନିଫାଏଡ୍ ଷ୍ଟେଟ୍ କ୍ୱାଲିଫିକେଶନ ପରୀକ୍ଷା ଦେଇପାରିବେ। ଏଥିପାଇଁ

ଗତବର୍ଷ ଫେବୃୟାରୀରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ପ୍ରଥମ ଥର ପାଇଁ ୩ ଦିନିଆ ଭାରତ ଗସ୍ତରେ ଏମିନ୍ ଆସିଛନ୍ତି। ଜି୨୦ର ଅଧ୍ୟକ୍ଷତା କରୁଥିବା ଭାରତ ପକ୍ଷରୁ ସେପ୍ଟେମ୍ବରରେ ହେବାକୁ ଥିବା ସମ୍ମିଳନୀରେ ଜେଲନ୍‌ସ୍କି ଉଦ୍‌ବୋଧନ ଦେବା ଏମିନ୍‌ଙ୍କ ଗସ୍ତ ପଛର ଉଦ୍ଦେଶ୍ୟ ବୋଲି କୁହାଯାଉଛି।

## ଗାଁରେ ଏୟାର ଷ୍ଟ୍ରାଇକ୍: ଶତାଧିକ ନିହତ

ନେପିଦାଉ,୧୨।୪

### ମ୍ୟାନ୍‌ମାର ସେନାର ନରସଂହାର: ନିନ୍ଦାକଲା ଜାତିସଂଘ

ଗଣତନ୍ତ୍ର ବିରୋଧୀ ମ୍ୟାନ୍‌ମାର ସେନା ଏକ ଗାଁରେ ଆକାଶମାର୍ଗରୁ ଆକ୍ରମଣ କରିଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ଅନେକ ଶିଶୁଙ୍କ ସମେତ ଶତାଧିକ ନିହତ ହୋଇଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବୁଧବାର ଏହି ନରସଂହାରକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣକାରୀମାନଙ୍କୁ ଉତ୍ତରଦାୟୀ କରାଯିବା ଉଚିତ ବୋଲି କହିବା ସହ ହିଂସାତ୍ମକ ଅଭିଯାନ ବନ୍ଦ କରିବା ପାଇଁ ଗୁଟେରସ୍ ମ୍ୟାନ୍‌ମାର ସେନାକୁ ପରାମର୍ଶ ଦେଇଛନ୍ତି।

୨୦୨୧ ଫେବୃୟାରୀ ୧ରେ ମ୍ୟାନ୍‌ମାର ସେନା ଅଙ୍ଗ୍ ସାନ୍ ସ୍ୟୁ କିଙ୍କ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରିବା ପରଠୁ ଦେଶରେ ଅରାଜକତା ଭଳି ସ୍ଥିତି ଲାଗିରହିଛି। ରାଜନୈତିକ, ଆର୍ଥିକ ଓ ମାନବୀୟ ସଙ୍କଟ ଦେଇ ଗତି କରୁଥିବା ଏହି ଦେଶରେ ସାମରିକ ବର୍ବରତା ସୀମା ଲଂଘିଛି। ଗଣତନ୍ତ୍ର ସପକ୍ଷବାଦୀ ଗୋଷ୍ଠୀ ଓ ନିରପେକ୍ଷ ଗଣମାଧମ ପକ୍ଷରୁ କୁହାଯାଇଛି ଯେ, ମ୍ୟାନ୍‌ମାରର ଉତ୍ତର-ପଶ୍ଚିମ ଭାଗରେ ଥିବା ସାଗାଇଙ୍ଗ୍ ଅଞ୍ଚଳର କାନ୍‌ବଲୁସ୍ଥିତ ପାଜିଗ୍ୟି ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ପିପୁଲ୍ସ ଆଡ୍‌ମିନିଷ୍ଟ୍ରେଶନ୍ ଅଫିସ୍ ଉଦ୍‌ଘାଟନରେ ସାମିଲ ହେବା ପାଇଁ ଶତାଧିକ ଲୋକ ଆସିଥିଲେ। ଉତ୍ସବ ଚାଲିଥିବାବେଳେ ସାମରିକ ଏୟାରକ୍ରାଫ୍ଟ ଏମ୍‌ଆଇ-୩୫ ଜରିଆରେ ଦୁଇଟି ବୋମା ନିକ୍ଷେପ କରାଯାଇଥିଲା। ଏହି ଆକ୍ରମଣରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ମଧ୍ୟରେ ଅନେକ ଶିଶୁ ରହିଛନ୍ତି। ଅନ୍ୟପକ୍ଷେ ସେନା ଏହାକୁ ଯଥାର୍ଥ ଦର୍ଶାଇଛି। ଆତଙ୍କବାଦୀମାନଙ୍କୁ ସହଯୋଗ କରୁଥିବା ବିଦ୍ରୋହୀଙ୍କ ପକ୍ଷରୁ ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେନା ମୁଖପାତ୍ର ଜ’ ମିନ୍ କହିଛନ୍ତି।



## ନଦୀ ଭିତରେ ଗଢ଼ିଲା ମେଟ୍ରୋ



କୋଲକାତାର ଅଣ୍ଡର୍-ୱାଟର ମେଟ୍ରୋ ଟନେଲ୍‌ରେ ମେଟ୍ରୋ ଟ୍ରେନ୍ ଯାଉଥିବା ବେଳର ଦୃଶ୍ୟ।

କୋଲକାତା, ୧୨।୪

କୋଲକାତା ମେଟ୍ରୋ ଇତିହାସ ସୃଷ୍ଟି କରିଛି। ଦେଶରେ ପ୍ରଥମଥର ଲାଗି ନଦୀ ତଳେ ନିର୍ମାଣ ଟନେଲ୍‌ରେ ମେଟ୍ରୋ ଟ୍ରେନ୍ ଗଡ଼ିଛି। ଏଥିରେ ବସି ବିଭାଗୀୟ ଅଫିସର ଏବଂ ଇଞ୍ଜିନିୟର ଜଗଳିରୁ କୋଲକାତା ହାଓଡା ଯାଇଥିଲେ। ମେଟ୍ରୋ ରେଳବାଇ ଜେନେରାଲ ମ୍ୟାନେଜର ପି. ଉଦୟ କୁମାର ରେଡ୍ଡି ମେଟ୍ରୋରେ କୋଲକାତାର ମହାକରନ ଷ୍ଟେଶନରୁ ବସି ହାଓରା ମେଦାନ ଷ୍ଟେଶନ୍‌ରେ ଯାଇ ଓହ୍ଲାଇଥିଲେ। ସେହିପରି ଆଉ କେତେଜଣ କର୍ମଚାରୀ ଆଉ ଏକ ପଥ ଦେଇ ମେଦାନ ଷ୍ଟେଶନ୍‌ରେ ପହଞ୍ଚିଥିଲେ। ଏହି ମେଟ୍ରୋ ଟ୍ରାଏଲ୍ ହାଓରା ମେଦାନ ଏବଂ ଏସ୍‌ପ୍ଲାନେଡ୍ ଷ୍ଟେଶନ୍ ମଧ୍ୟରେ ୭ ମାସ ଧରି ଚାଲିବ। ଜଳପତ୍ତନଠାରୁ ୩୨ ମିଟର ତଳେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଏହି ଟନେଲ୍ ତିଆରି କରାଯାଇଛି।

# କେଶବ ମହିନ୍ଦ୍ରାଙ୍କ ପରଲୋକ



**ମୁମ୍ବାଇ, ୧୨।୪**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀର ପୂର୍ବତନ ଅଧ୍ୟକ୍ଷ କେଶବ ମହିନ୍ଦ୍ରାଙ୍କର ବୁଧବାର ମୁମ୍ବାଇସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୯ ବର୍ଷ ହୋଇଥିଲା। ୧୯୪୭ରେ ମହିନ୍ଦ୍ରା କମ୍ପାନୀ ଜଏନ୍ କରିବା ପରେ ୧୯୬୩ରେ ତାଙ୍କୁ ଅଧ୍ୟକ୍ଷ ପଦ ମିଳିଥିଲା। ପରେ ୨୦୧୨ରେ ସେ ପୁଅ ଆନନ୍ଦ ମହିନ୍ଦ୍ରାଙ୍କୁ ଅଧ୍ୟକ୍ଷ ପଦ ଦେଇ ଅବସର ନେଇଥିଲେ। ୪୮ ବର୍ଷ ଧରି କେଶବ ମହିନ୍ଦ୍ରା କମ୍ପାନୀ ପାଇଁ କାର୍ଯ୍ୟ କରିଛନ୍ତି। ଫୋର୍ବସ୍ ମାଗାଜିନ୍ ରିପୋର୍ଟ ଅନୁସାରେ କେଶବ ୧.୨ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ। ବ୍ୟବସାୟ କ୍ଷେତ୍ରରେ କେଶବଙ୍କ ଯୋଗଦାନ ପାଇଁ ୧୯୮୭ରେ ଫ୍ରାନ୍ସ ସରକାର ତାଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିଥିଲେ। ସେହିପରି ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ କେଶବ ପ୍ରଧାନମନ୍ତ୍ରୀଙ୍କ ବାଣିଜ୍ୟ ଓ ଉଦ୍ୟୋଗ ପରିଷଦର ସଦସ୍ୟ ଥିଲେ।

# ଏ ବର୍ଷ ହେବନି ବିଦ୍ୟୁତ୍ କାଟ: ମନ୍ତ୍ରୀ



**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଚଳିତ ବର୍ଷ ବିଦ୍ୟୁତ୍ କାଟ ହେବ ନାହିଁ। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ବୁଧବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବୈଷୟିକ ତ୍ରୁଟି ପାଇଁ କିଛି ସ୍ଥାନରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ ସେବା ବନ୍ଦ କରାଯାଇପାରେ। ମାତ୍ର ବିଦ୍ୟୁତ୍ କାଟର କୌଣସି ସମ୍ଭାବନା ନାହିଁ। ରାଜ୍ୟର ଆବଶ୍ୟକତା ଅନୁଯାୟୀ ବିଜୁଳି ଯୋଗାଇ ଦିଆଯାଉଛି। ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୭୯୨୦ ମେଗାୱାଟ ହୋଇଥିବା ବେଳେ ପିକ୍ ଆୱାରରେ ୪୫୦୦ରୁ ୫୦୦୦ ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହୁଛି। ବିଦ୍ୟୁତ୍ କାଟ ହେବା ନେଇ କେତେକ ଗଣମାଧ୍ୟମରେ ଯେଉଁ ଖବର ପ୍ରକାଶ ପାଉଛି ତାହା ଠିକ୍ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦେଖି ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ କରିବାକୁ ମୁଖ୍ୟମନ୍ତ୍ରୀ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ବେଦାନ୍ତ ବିଶ୍ୱବିଦ୍ୟାଳୟ ଭୂମି ଅଧିଗ୍ରହଣ ଅବୈଧ

## ଫାଉଣ୍ଡେସନ, ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ଝଟକା

- **ବେଦାନ୍ତକୁ ୫ ଲକ୍ଷ ଜରିମାନା**
- **ବିଶ୍ୱବିଦ୍ୟାଳୟ ପାଇଁ ଅହେତୁକ ଅନୁକମ୍ପା ଦେଖାଇଛି ରାଜ୍ୟ**
- **ହାଇକୋର୍ଟ ରାୟ ସର୍ବୋଚ୍ଚ ଅଦାଲତରେ ବଳବତ୍ତର**



**ନୂଆଦିଲ୍ଲୀ,୧୨।୪**

ଓଡ଼ିଶା ସରକାର ଓ ବେଦାନ୍ତ ଫାଉଣ୍ଡେସନ୍‌କୁ ବୁଧବାର ବଡ଼ ଝଟକା ଲାଗିଛି। ପୁରୀରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ କରାଯାଇଥିବା ସମ୍ପୂର୍ଣ୍ଣ ଭୂମି ଅଧିଗ୍ରହଣକୁ ଓଡ଼ିଶା ହାଇକୋର୍ଟ ବୈଧ ନୁହେଁ ବୋଲି ଦର୍ଶାଇ ରଦ୍ଦ କରିଦେଇଥିଲେ। ଉକ୍ତ ରାୟକୁ ସୁପ୍ରିମକୋର୍ଟ ବଳବତ୍ତର ରଖିଛନ୍ତି। ଏଥିସହ ଦୁଇଜଣିଆ ଖଣ୍ଡପୀଠ ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍‌କୁ ୫ ଲକ୍ଷ ଟଙ୍କା ଜରିମାନା ଆଦେଶ ମଧ୍ୟ ଦେଇଛନ୍ତି।

ଅନିଲ ଅଗ୍ରୱାଲ ଫାଉଣ୍ଡେସନ୍ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଦାଖଲ ଅପିଲକୁ ଜଷ୍ଟିସ୍ ଏମ୍.ଆର୍. ଶାହ ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟା ପ୍ରିୟାପ୍ରୀତି ତୋଷଣ ଓ ମନ୍ଦ ଉଦ୍ଦେଶ୍ୟ ନେଇ କରାଯାଇଥିଲା। ଅନେକ ଦିଗକୁ ଅନୁଧ୍ୟାନ କଲେ ରାଜ୍ୟ ସରକାର ଏଥିରେ ନିଜ ବୁଦ୍ଧି ପ୍ରୟୋଗ କରି ନ ଥିବା ସ୍ପଷ୍ଟ ହେଉଛି ବୋଲି ଖଣ୍ଡପୀଠ କହିଛନ୍ତି। ବେଦାନ୍ତ ବିଶ୍ୱବିଦ୍ୟାଳୟକୁ ପ୍ରଶାସନିକ, ପ୍ରବେଶିକା, ଫି' ଢାଞ୍ଚା, ପାଠ୍ୟକ୍ରମ ଓ ଫାକଲ୍ଟି ଚୟନ ଆଦି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ ଲାଗି ଅହେତୁକ ସୁବିଧା ପ୍ରଦାନ କରାଯାଇଥିଲା। ଏପରି କି ବିଶ୍ୱବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ସଂରକ୍ଷଣ ଆଇନରୁ ସମ୍ପୂର୍ଣ୍ଣ ରିହାତି ଦିଆଯାଇଥିଲା। ଉକ୍ତ ୟୁନିଭର୍ସିଟି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ ଏଜୁକେଶନ୍ (ଏଆଇସିଟିଇ) ଭଳି ପ୍ରତିଷ୍ଠାନରୁ ନିୟାମକଠାରୁ ଅନୁମୋଦନ ହାସଲ ଲାଗି ସହାୟତା ପ୍ରଦାନ କରାଯାଇଥିଲା। ଏପରି କି ଗବେଷଣା ଓ ଉନ୍ନୟନ ଉପକରଣ, ଶୈକ୍ଷିକ ସାମଗ୍ରୀ, ଲ୍ୟାବ୍ ଉପକରଣ, ନିର୍ମାଣ ସାମଗ୍ରୀ ଆଦି କିଣାରେ ରାଜ୍ୟର ସମସ୍ତ କର/ଟିକସ/ ଶୁଳ୍କ ଛାଡ଼ କରିବେ ବୋଲି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ସମୟରେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ବୋଲି ଖଣ୍ଡପୀଠ କହିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି, ଗୋଟିଏ ଟ୍ରଷ୍ଟ/କମ୍ପାନୀକୁ ରାଜ୍ୟ ସରକାର ଏଭଳି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ପ୍ରଶଂସନୀୟ କାର୍ଯ୍ୟ ନୁହେଁ। ତେଣୁ ସମ୍ପୂର୍ଣ୍ଣ ଅଧିଗ୍ରହଣ ପ୍ରକ୍ରିୟା ଏବଂ ରାଜ୍ୟ ସରକାର ସୁବିଧା ଯୋଗାଇବା ପାଇଁ ଦେଇଥିବା ପ୍ରସ୍ତାବ ପ୍ରିୟାପ୍ରୀତି ତୋଷଣ ଉଦ୍ଦେଶ୍ୟରେ କରାଯାଇଥିଲା, ଯାହାକି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲ୍ଲଂଘନ। ବିଶ୍ୱବିଦ୍ୟାଳୟ ପାଇଁ ହୋଇଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଲ୍ୟାଣ୍ଡ ଆକ୍ୱିଜିଶନ୍ ଆକ୍ଟ, ୧୯୮୪ର ମଧ୍ୟ ଉଲ୍ଲଂଘନ କରାଯାଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଜମି ଅଧିଗ୍ରହଣକୁ ୩୮୩୮ ଏକରରେ ସୀମିତ କରିବା ପାଇଁ ପ୍ରସ୍ତୁତ ବୋଲି ଶୁଣାଣି ବେଳେ ଫାଉଣ୍ଡେସନ୍ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହା ଉପରେ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିବା ସହ କହିଛନ୍ତି, କେତେ ଏକର ଜମି ଆବଶ୍ୟକ ସେନେଇ କୌଣସି ଉପଯୁକ୍ତ ଯାଞ୍ଚ କରା ନ ଯିବା ଦୁର୍ଭାଗ୍ୟଜନକ। ପ୍ରାରମ୍ଭରେ ୧୫,୦୦୦ ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ୩,୮୩୭ ଏକରରେ ସୀମିତ ରଖାଯିବାର ତାତ୍ପର୍ଯ୍ୟ ହେଉଛି ଏହି ଯୋଜନାରେ ଚାହିଦାକୁ ଅତିରଞ୍ଜିତ କରାଯାଇଥିଲା। ଏହା ହେଉଛି ଫାଉଣ୍ଡେସନ୍‌ର ମନ୍ଦ ଉଦ୍ଦେଶ୍ୟ। ଅଧିଗ୍ରହଣ ପାଇଁ ଆବଶ୍ୟକ ଚାଷଜମି ୬,୦୦୦ ପରିବାରର ଜୀବିକା ଉପାର୍ଜନ ପାଇଁ ଏକମାତ୍ର ଉତ୍ସ ହୋଇଥିବାରୁ ଟଙ୍କା ଆକାରରେ ଏହାର କ୍ଷତିପୂରଣ କରାଯାଇପାରିବ ନାହିଁ। ତେଣୁ ବର୍ତ୍ତମାନ ଦିଆଯାଇଥିବା ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବେ ଅଗ୍ରାହ୍ୟ କରାଯାଇଛି।

ସେହିପରି ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପାଇଁ ଜମି ପ୍ରଦାନରେ ପରିବେଶଗତ ଦିଗଗୁଡ଼ିକ କ୍ଷେତ୍ରରେ ମଧ୍ୟ ରାଜ୍ୟ ସରକାର ନିଜ ବୁଦ୍ଧି ନ ଖଟାଇବା ଅନୁଚିତ। ଉକ୍ତ ଜମି ଦେଇ ନୂଆନଈ ଓ ନାଳ ନଦୀ ପ୍ରବାହିତ ହେଉଛି। ଜମି ସଂଲଗ୍ନ ଅଞ୍ଚଳରେ ଏକ ବଣ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ ରହିଛି। ହିତାଧିକାରୀ କମ୍ପାନୀକୁ ଏହି ଦୁଇ ନଦୀର ରକ୍ଷଣାବେକ୍ଷଣ ଦାୟିତ୍ୱ କିପରି ଦିଆଯାଇପାରିବ? ବଣ୍ୟପ୍ରାଣୀ ଅଭୟାରଣ୍ୟକୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବଡ଼ଧରଣର ନିର୍ମାଣ ବଣ୍ୟପ୍ରାଣୀ ଅଭୟାରଣ୍ୟ, ସମ୍ପୂର୍ଣ୍ଣ ଜୈବଶୃଙ୍ଖଳ ଏବଂ ସ୍ଥାନୀୟ ଜୈବିକ ପରିବେଶକୁ ମଧ୍ୟ ପ୍ରଭାବିତ କରିବ ବୋଲି ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଫାଉଣ୍ଡେସନ୍‌କୁ ୬ ସପ୍ତାହ ମଧ୍ୟରେ ୫ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜମା ରାଶି ଓଡ଼ିଶା ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କ ନିକଟକୁ ହସ୍ତାନ୍ତର କରାଯିବ ବୋଲି ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ବେଦାନ୍ତ ଗ୍ରୁପ୍ ପକ୍ଷରୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୬,୦୦୦ ଏକର ଜମି ଅଧିଗ୍ରହଣ ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ୨୦୧୧ରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ୨୦୧୦ ନଭେମ୍ବର ୧୬ରେ ଓଡ଼ିଶା ହାଇକୋର୍ଟ ଉକ୍ତ ଜମି ଅଧିଗ୍ରହଣକୁ ଚ୍ୟାଲେଞ୍ଜ କରି ଦାଖଲ ଏକାଧିକ ଆବେଦନର ଶୁଣାଣି କରିଥିଲେ। ହାଇକୋର୍ଟ ୧୫ଟି କାରଣ ଦୃଷ୍ଟିରୁ ଅବୈଧ ଦର୍ଶାଇ ଅଧିଗ୍ରହଣକୁ ଖାରଜ କରିବା ସହ ମୂଳ ସ୍ୱତ୍ୱାଧିକାରୀମାନଙ୍କୁ ଜମି ଫେରାଇବା ପାଇଁ ଫାଉଣ୍ଡେସନକୁ ନିର୍ଦ୍ଦେଶ ଦେଇଥିଲେ।

# କୋଲାବ ବ୍ରିଜ୍‌ରୁ ଡେଇଁ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ

- **ଗୁରୁତର ଅବସ୍ଥାରେ ସ୍ତ୍ରୀ ଉଦ୍ଧାର, ସ୍ୱାମୀଙ୍କ ପତ୍ତା ମିଳୁନି**
- **ଆତ୍ମହତ୍ୟା ପୂର୍ବରୁ ଅତ୍ୟାଚାର ସହି ହେଉ ନ ଥିବା ଭିଡିଓ ପୋଷ୍ଟ**

**ସେମିଳିଗୁଡ଼ା/ ସୁନାବେଡ଼ା,୧୨।୪ (ସ୍ୱ.ପ୍ର.)**

ଏକ ବ୍ରିଜ୍ ଉପରୁ ତଳକୁ ପାଣିକୁ ଡେଇଁ ଜୀବନ ହାରିବାକୁ ଉଦ୍ୟମ କରିଥିଲେ ଦମ୍ପତି। ମାତ୍ର ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ସ୍ୱାମୀଙ୍କର କୌଣସି ପତ୍ତା ମିଳୁନାହିଁ। ଏପରି ଏକ ଘଟଣା କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳରେ ମଙ୍ଗଳବାର ରାତିରେ ଘଟିଛି। ଦମ୍ପତି କୌଣସି ଜଣେ ବ୍ୟକ୍ତିଙ୍କ ଅତ୍ୟାଚାର ସହି ନ ପାରି ଏପରି ଚରମ ନିଷ୍ପତ୍ତି ନେଇଥିବା ଜାରି ଏକ ଭିଡିଓରୁ ଜଣାପଡ଼ିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ କୋରାପୁଟ ଜିଲା ଜୟପୁର ଅଞ୍ଚଳର ଏହି ଦମ୍ପତି ସେମିଳିଗୁଡ଼ା ବ୍ଲକ ପିତାଗୁଡ଼ା ପଞ୍ଚାୟତ ପିତାଗୁଡ଼ା ଗ୍ରାମ ନିକଟସ୍ଥ କୋଲାବ ଜଳଭଣ୍ଡାରର ବ୍ରିଜ୍ ନିକଟରେ ପହଞ୍ଚିଥିଲେ। କୌଣସି କାରଣରୁ ସେମାନେ ଆତ୍ମହତ୍ୟା କରିବାକୁ ପାଣିକୁ ଡେଇଁ ପଡ଼ିଥିଲେ। ଏନେଇ କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ସେମିଳିଗୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ପରେ ଅଗ୍ନିଶମ କର୍ମଚାରୀମାନେ ବ୍ରିଜ୍ ନିକଟରେ ପହଞ୍ଚି ଖୋଜାଖୋଜି କରି ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ପାଣିରୁ ଉଦ୍ଧାର କରିଥିଲେ। କିନ୍ତୁ ସ୍ୱାମୀଙ୍କର କୌଣସି ପତ୍ତା ମିଳିନାହିଁ। ପରେ ଉଦ୍ଧାର ମହିଳାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ବ୍ରିଜ୍ ନିକଟରେ ଥିବା ଏକ ସ୍କୁଟିକୁ ପୋଲିସ ଜବତ କରିଛି। ତେବେ ଏହି ଦମ୍ପତି ଆତ୍ମହତ୍ୟା କରିବାର କିଛି ସମୟ ପୂର୍ବରୁ ଏକ ଭିଡିଓ ବାର୍ତ୍ତା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଜଣେ ବ୍ୟକ୍ତି ସେମାନଙ୍କ ପ୍ରତି ଅତ୍ୟାଚାର କରି ଆସୁଥିଲେ। ଏହା କ୍ରମଶଃ ଅଧିକ ହେବାରୁ ସହି ନ ପାରି ଜୀବନ ହାରିବା ପରି ଚରମ ନିଷ୍ପତ୍ତି ନେବାକୁ ଉଭୟେ ବାଧ୍ୟ ହେଉଥିବା ଏହି ଭିଡିଓ ବାର୍ତ୍ତାରେ କୁହାଯାଇଛି। ତେବେ ଜାରି ଭିଡିଓକୁ ନେଇ ପୋଲିସ ତନାଘନା ଆରମ୍ଭ କରିଛି। ଦମ୍ପତିଙ୍କ ପ୍ରକୃତ ଠିକଣା ମିଳିନ ଥିବା ବେଳେ ଟଙ୍କା କାରବାରକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଦମ୍ପତିଙ୍କୁ ନିର୍ଯାତନା ଦେଉଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ ପ୍ରକାଶ କରିଛି। ଖବର ଲେଖାହେବା ଯାଏ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ପୋଲିସ କହିଛି।

# ୧୦ ନୂତନ ଧାନ କିସମକୁ ଅନୁମୋଦନ

## ଓଡ଼ିଶା ରାଜ୍ୟ ବିହନ ସବ୍‌କମିଟି ବୈଠକ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଜାତୀୟ ଧାନ ଗବେଷଣା କେନ୍ଦ୍ର (ଏନ୍‌ଆର୍‌ଆର୍‌ଆଇ) ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ବିକଶିତ ହୋଇଥିବା ଧାନ ଫସଲର ବିଭିନ୍ନ କିସମ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ନିମନ୍ତେ ଓଡ଼ିଶା ରାଜ୍ୟ ବିହନ ସବ୍‌କମିଟି ବୈଠକରେ ଉପସ୍ଥାପନ କରାଯାଇଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ୧୦ଟି କିସମର ଧାନ ବିହନକୁ ଅନୁମୋଦନ କରାଯାଇଛି। ଏହିସବୁ ନୂତନ କିସମ ବିକଶିତ ହେବା ଫଳରେ ରାଜ୍ୟର ଧାନ ଉତ୍ପାଦନ ବୃଦ୍ଧି ପାଇବା ସହିତ କୃଷକମାନଙ୍କର ଆୟବୃଦ୍ଧିରେ ସହାୟକ ହେବ ବୋଲି ସଚିବ ଆଶାବ୍ୟକ୍ତ କରିଛନ୍ତି। ଜାତୀୟ ଧାନ ଗବେଷଣା କେନ୍ଦ୍ର ଦ୍ୱାରା ବିକଶିତ ୮ଟି କିସମର ଧାନ ଯଥାକ୍ରମେ ସିଆର୍ ଧାନ ୩୨୬, ସିଆର୍ ଧାନ ୩୨୭, ସିଆର୍ ଧାନ ୩୨୮, ସିଆର୍‌ଧାନ ୬୦୩, ସିଆର୍ ଧାନ ୭୦୪, ସିଆର୍ ଧାନ ୮୦୫, ସିଆର୍ ଧାନ ୮୦୬ ଓ ସିଆର୍ ଧାନ ୯୧୧ ସବ୍‌କମିଟିରେ ଆଲୋଚିତ ହୋଇ ଅନୁମୋଦିତ ହୋଇଥିବା ବେଳେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓୟୁଏଟି କଳିଙ୍ଗରାଇସ୍ ୨ ଏବଂ ଓୟୁଏଟି କଳିଙ୍ଗ ରାଇସ୍ ୮ ମଧ୍ୟ ବୈଠକରେ ଅନୁମୋଦିତ ହୋଇଛି । ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଓୟୁଏଟି ଏବଂ ଏନ୍‌ଆର୍‌ଆର୍‌ଆଇର କୃଷି ବୈଜ୍ଞାନିକମାନେ ଯୋଗ ଦେଇଥିଲେ।




# ଟଙ୍କଧର ଭାଜପା ପ୍ରାର୍ଥୀ

**ଝାରସୁଗୁଡ଼ା ଉପନିର୍ବାଚନ**



ଟଙ୍କଧର ତ୍ରିପାଠୀ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବୁଧବାର ରାତିରେ ଭାଜପା ପ୍ରାର୍ଥୀ ଘୋଷଣା କରିଛି। ରାଜ୍ୟ ଯୁବମୋର୍ଚ୍ଚାର ପୂର୍ବତନ ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ଟିକେଟ ପ୍ରଦାନ କରାଯାଇଛି। ଭାଜପା ରାଷ୍ଟ୍ରୀୟ ମହାସଚିବ ତଥା ମୁଖ୍ୟାଳୟ ପ୍ରଭାରୀ ଅରୁଣ ସିଂ ଏହି ଘୋଷଣା କରିଛନ୍ତି। ଟଙ୍କଧର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଭାବେ ଦୀର୍ଘଦିନ ହେଲା ଦାୟିତ୍ୱରେ ରହିଥିବାବେଳେ ତାଙ୍କ ଉପରେ ଭରସା କରିଛନ୍ତି ଦଳୀୟ ନେତୃବୃନ୍ଦ। ଏଥିପୂର୍ବରୁ ବିଜେଡି ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଏବଂ କଂଗ୍ରେସ ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ପୁଅ ତରୁଣ ପାଣ୍ଡେଙ୍କୁ ପ୍ରାର୍ଥୀ କରିଥିଲା।

ସୂଚନାଯୋଗ୍ୟ, ଆସନ୍ତା ମେ' ୧୦ରେ ଝାରସୁଗୁଡ଼ା ଉପନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ। ୧୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଏଥିପୂର୍ବରୁ ଗୁରୁବାର (୧୩ ତାରିଖ) ଉପନିର୍ବାଚନକୁ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ୨୦ ତାରିଖ ନାମାଙ୍କନ ଦାଖଲର ଶେଷଦିନ ରହିଛି। ୨୧ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ।

# ଉଦ୍ଭିଦ ମହାମାରୀ ଆଣିବ ଅନାହାର

**ଲଣ୍ଡନ, ୧୨।୪**

ଜଳବାୟୁ ପରିବର୍ତ୍ତନ ଯୋଗୁ ସମସ୍ତ ଜୀବଜଗତ ପ୍ରଭାବିତ। ଏହାଦ୍ୱାରା ଦେଖାଯାଉଥିବା ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟାଇବା ଆରମ୍ଭ କରିଛି। ଏହା ଫଳରେ ଉଦ୍ଭିଦ ମହାମାରୀ ଦେଖାଯିବ। ଏଥିଯୋଗୁ ଆଗାମୀ ଦିନରେ ବିଶ୍ୱର ଅନେକ କୋଟି ଲୋକ ଏକକାଳୀନ ଅନାହାର ଭୋଗିବେ ବୋଲି ୟୁନିଭର୍ସିଟି କଲେଜ୍ ଲଣ୍ଡନର ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ଗବେଷଣାରେ ଉଲ୍ଲେଖ କରାଯାଇଛି।

ପରିବର୍ତ୍ତିତ ଋତୁ ଯୋଗୁ ଶସ୍ୟ ଦେଖାଯାଉଥିବା ରୋଗ ମଧ୍ୟରୁ ୨୦% ରୋଗ କୀଟଙ୍କ ଦ୍ୱାରା ବ୍ୟାପୁଛି। ଗହମ ଫସଲ କ୍ଷେତ୍ରରେ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଫଙ୍ଗାଲ୍‌ଜନିତ ରୋଗ ୧୯୮୫ରେ ପ୍ରଥମେ ବ୍ରାଜିଲ୍‌ରେ ଦେଖାଯାଇଥିଲା। କିନ୍ତୁ ଗତ କିଛିବର୍ଷ ହେବ ଏହି ରୋଗ ବାଂଲାଦେଶ ଏବଂ ଜାମ୍ବିଆରେ ଦେଖିବାକୁ ମିଳିଲାଣି। ଏଥିଯୋଗୁ ୨୦୧୬ରେ ବାଂଲାଦେଶରେ ୫୧% ଫସଲ ନଷ୍ଟ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁ ତିନି ମହାଦେଶରେ ଏବେ ଗହମ ଫସଲ ଉତ୍ପାଦନରେ ହ୍ରାସ ଘଟିଛି। ଏହାର ପ୍ରଭାବ ବୈଶ୍ୱିକ ଖାଦ୍ୟ



ଉତ୍ପାଦନ କମିଛି। ବିଭିନ୍ନ ପ୍ରକାର ରୋଗ ଯୋଗୁ ଏବେ ଗହମ ଫସଲ ଉତ୍ପାଦନ କମିବାକୁ ବସିଲାଣି। ବିଶେଷକରି ଦକ୍ଷିଣ ଆମେରିକାରେ ଗହମଠାରେ ଦେଖାଯାଉଥିବା ଫଙ୍ଗସ୍‌ଜନିତ ରୋଗ ଏବେ ଏସିଆ ଓ ଆଫ୍ରିକାରେ ଦେଖିବାକୁ ମିଳିଥିବା ବୈଜ୍ଞାନିକମାନେ କହିଛନ୍ତି। ସମୟ ପୂର୍ବରୁ ଏପ୍ରକାର ରୋଗରୁ ଗହମ ଫସଲ ରକ୍ଷା ନ କଲେ ଆଗାମୀ ଦିନରେ ବିଶ୍ୱବାସୀ ଖାଦ୍ୟ ସଙ୍କଟ ଭୋଗିବେ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଗହମ ଫସଲରେ ସୁରକ୍ଷା ଉପରେ ପଡ଼ିବ ବୋଲି ଆକଳନ କରାଯାଇଛି। ସଂକ୍ରମିତ ଗହମ ରେଣୁ ପବନ ଦ୍ୱାରା ଅନ୍ୟ ଫସଲକୁ ସଂକ୍ରମିତ କରିବ। ସେହିପରି ସଂକ୍ରମିତ ଗହମ ଅନ୍ୟ ଦେଶକୁ ରପ୍ତାନି ବିଶ୍ୱର ୨ ପ୍ରଚୁର ଗହମ ଉତ୍ପାଦନକାରୀ ରାଷ୍ଟ୍ର ଚାଇନା ଓ ଭାରତରେ ବ୍ୟାପିବାକୁ ଥିବା ବୈଜ୍ଞାନିକମାନେ କହିଛନ୍ତି। ଗହମରେ କୀଟ ଦ୍ୱାରା ବ୍ୟାପୁଥିବା ରୋଗ (ହ୍ୱିଟ୍ ବ୍ଲାଷ୍ଟ)ର କାରଣ ଚିହ୍ନଟ କରି ଏହାର ନିରାକରଣ କରିବା ଜରୁରୀ ବୋଲି ବରିଷ୍ଠ ବୈଜ୍ଞାନିକ ନିକ୍ ତାଲବୋଟ ଅନାହାର ମୁକାବିଲା ପାଇଁ ବିକଳ୍ପ ବତାଇଛନ୍ତି।

# ଜଗନ ଧନୀ ମୁଖ୍ୟମନ୍ତ୍ରୀ

## ୨ୟ ସ୍ଥାନରେ ପେମା ଖଣ୍ଡୁ, ୩ୟରେ ନବୀନ



ୱାଇଏସ୍ ଜଗନମୋହନ ରେଡ୍ଡି

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର୍) ଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ବୁଧବାର ଏକ ରିପୋର୍ଟ ପ୍ରକାଶ କରିଛି। ଧନୀ ମୁଖ୍ୟମନ୍ତ୍ରୀ ତାଲିକାରେ ଶୀର୍ଷରେ ରହିଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡି। ତାଙ୍କର ମୋଟ ସମ୍ପତ୍ତି ୫୧୦ କୋଟି ଟଙ୍କା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୧୬୩ କୋଟି ସମ୍ପତ୍ତି ସହ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ। ଏହିକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ୟ ସ୍ଥାନରେ ରହିଛନ୍ତି। ନବୀନଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୬୩ କୋଟି ଟଙ୍କା ରହିଛି। ସେହିପରି ସବୁଠାରୁ କମ୍ ସମ୍ପତ୍ତି ଥିବା ୩ ଜଣଙ୍କ ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ (୧୫ ଲକ୍ଷ), କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ (୧ କୋଟି) ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟାର (୧ କୋଟି) ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଦେଶରେ ଜଣେ ମାତ୍ର ମହିଳା ମୁଖ୍ୟମନ୍ତ୍ରୀ ଅଛନ୍ତି। ପଶ୍ଚିମବଙ୍ଗକୁ ବାଦ୍‌ଦେଲେ ଅନ୍ୟ ସବୁଠି ପୁରୁଷ ମୁଖ୍ୟମନ୍ତ୍ରୀଙ୍କ ଶାସନ ଚାଲିଛି। ଏହି ଦୃଷ୍ଟିରୁ ଭାରତରେ ମହିଳା ମୁଖ୍ୟମନ୍ତ୍ରୀ ୩% ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ଦେଖିଲେ ଜଣେ ମୁଖ୍ୟମନ୍ତ୍ରୀ ଦଶମ ପାସ୍ କରିଥିବାବେଳେ ୩ ଜଣ ଦ୍ୱାଦଶ, ୧୧ ଜଣ ଗ୍ରାଜୁଏଶନ, ୪ ଜଣ ଗ୍ରାଜୁଏଟ ପ୍ରଫେସନାଲ, ୯ ଜଣ ପୋଷ୍ଟ ଗ୍ରାଜୁଏଟ, ଜଣେ ଡାକ୍ତରୀ, ଜଣେ ଡିପ୍ଲୋମା ପଢ଼ିଛନ୍ତି। ସେହିପରି ବୟସ ଦୃଷ୍ଟିରୁ ଦେଖିଲେ ୩୧ରୁ ୫୦ ବର୍ଷ ଭିତରେ ମୋଟ ୮ ଜଣ ମୁଖ୍ୟମନ୍ତ୍ରୀ ଥିବାବେଳେ ଅବଶିଷ୍ଟ ୨୨ଜଣଙ୍କ ବୟସ ୫୦ ବର୍ଷରୁ ଅଧିକ। ଗତ ଶନିବାର ଏଡିଆର୍ ପକ୍ଷରୁ ପ୍ରକାଶିତ ଅନ୍ୟ ଏକ ରିପୋର୍ଟରେ ବିଜେଡିକୁ ଦେଶର ଦ୍ୱିତୀୟ ଧନୀ ଆଞ୍ଚଳିକ ଦଳ ବୋଲି ଉଲ୍ଲେଖ କରାଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ, ବିଜେଡି ଆୟରେ ସର୍ବାଧିକ ଅଭିବୃଦ୍ଧି ହୋଇଥିବା ଦଳ। ଏହାର ଆୟ ୩୬ଟି ଆଞ୍ଚଳିକ ରାଜନୈତିକ ଦଳର ଆୟର ୨୫.୩୩ ପ୍ରତିଶତ। ୨୦୨୧ ଆଞ୍ଚଳିକ ଦଳର ରିପୋର୍ଟ ମୁତାବକ କେବଳ ବିଜେଡି ୩୦୭.୨୮ କୋଟି ଟଙ୍କା ଆୟ କରିଛି।। ଦଳକୁ ୯୪.୦୭ ପ୍ରତିଶତ ଅର୍ଥାତ୍ ୨୯୧ କୋଟି ଗ୍ରାଣ୍ଟ, ଡୋନେଶନ ଏବଂ କଣ୍ଟ୍ରିବ୍ୟୁଶନ ଜରିଆରେ ମିଳିଛି। ୧୬.୧୭୬ କୋଟି ଟଙ୍କା ବ୍ୟାଙ୍କ ସୁଧ, ୦.୦୧୬ କୋଟି ଟଙ୍କା ବିଭିନ୍ନ ପ୍ରକାର ଫି ଏବଂ ୦.୦୯୬ କୋଟି ଟଙ୍କା ଅନ୍ୟ ସୂତ୍ରରୁ ମିଳିଛି। ଭାରତୀୟ ନିର୍ବାଚନ କମିଶନ ସମସ୍ତ ଦଳକୁ ଆୟ ଓ ବ୍ୟୟର ଘୋଷଣା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସବୁ ଦଳ ଅଡିଟ୍ ରିପୋର୍ଟ ଦାଖଲ କରିଥିଲେ।

# ନବୀନଙ୍କ ନାଁରେ ଆପରାଧିକ ରେକର୍ଡ ନାହିଁ



ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁରେ କୌଣସି ଆପରାଧିକ ମାମଲା ନାହିଁ। ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମ (ଏଡିଆର୍) ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ଦେଶର ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଏଡିଆର୍ ରିପୋର୍ଟ ପ୍ରକାଶ ପାଇଛି । ସାରା ଦେଶରେ ନବୀନ ନିଜର ସ୍ୱଚ୍ଛ ଭାବମୂର୍ତ୍ତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନିରାଡ଼ମ୍ବର ଜୀବନଶୈଳୀ ଏବଂ ସଚ୍ଚୋଟତା ପାଇଁ ସେ ଦୀର୍ଘ ୨୩ ବର୍ଷ ହେବ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇ ଆସିଛନ୍ତି। ଦୁର୍ନୀତି ଏବଂ ଅପରାଧ ପ୍ରତି ମୁଖ୍ୟମନ୍ତ୍ରୀ ସର୍ବଦା ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଆସୁଛନ୍ତି। ରାଜନେତା ଭାବେ ଅନ୍ୟମାନଙ୍କ ପାଇଁ ନବୀନ ପଟ୍ଟନାୟକ ପ୍ରେରଣାଦାୟକ ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି ।

ହତ୍ୟା କରିବାକୁ ଚେଷ୍ଟା କରିବା, ଅପହରଣ, ଆପରାଧିକ ଯୋଜନା ରଚିବା ଭଳି ଗୁରୁତର ମାମଲା ରହିଥିବା ମୁଖ୍ୟମନ୍ତ୍ରୀମାନଙ୍କ ତାଲିକା ପ୍ରକାଶ ପାଇଛି। ମୋଟ ୧୩ଟି ରାଜ୍ୟର ତୁଳନାତ୍ମକ ଚିତ୍ର ଦର୍ଶାଯାଇଥିବା ବେଳେ ଏଥିରେ ଓଡ଼ିଶାର ନାମ ନାହିଁ। ୧ ନମ୍ବରରେ ତେଲଙ୍ଗାନା ଥିବାବେଳେ ୧୩ ନମ୍ବରରେ ପଞ୍ଜାବ ରହିଛି।

**ଆଜିର ମନ୍ତବ୍ୟ**
"ବର୍ତ୍ତମାନ ଭାରତ ସବୁଠୁ କଠିନ ସମୟ ଦେଇ ଗତି କରୁଛି। ସ୍ୱାଧୀନତା ପରଠାରୁ କେନ୍ଦ୍ରରେ ସବୁଠୁ ଦୁର୍ନୀତିଗ୍ରସ୍ତ ସରକାର ଥିବାରୁ ଏଭଳି ଅବସ୍ଥା ଉପୁଜିଥାଇପାରେ। -**ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲେ ପିନ୍ଧିଲେ ବୁଢ଼ୀ ସୁନ୍ଦର**
**ଲିପିଲେ ପୋଛିଲେ ଘର ସୁନ୍ଦର।**

ସୁଷମ ଖାଦ୍ୟ ଏବଂ ପରିଧାନ ବୟସର ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିଥାଏ। ସେହିପରି ଘର ପରିଷ୍କାର ପରିଚ୍ଛନ୍ନ କରି ରଖିଲେ ତାହା ଆଖିକୁ ଆକୃଷ୍ଟ କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖାରିଆ ଖଡାକୁ ନବାତ**
**ତହିଁ ଭାବ ନାହିଁ ସଙ୍ଗାତ।**

ଖାରିଆ ଖଡ଼ା ସଙ୍ଗେ ଗୁଡ଼ର ମିଶ୍ରଣ କଲେ ମଧ୍ୟ ତା'ର ଖାରିଆ ଦୋଷ କେବେହେଲେ କଟିପାରି ନ ଥାଏ। ଠିକ୍ ସେହିପରି ଯାହାଠାରେ ପଦେ ମଧୁର କଥା ନାହିଁ, ତା'ସହ ଭାବ କରି କିଛି ଲାଭ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଶିମିଳିପାଳ, କୁଳଡିହାରେ ୨ ହାତୀ ମୃତ



କୁଳଡିହାରେ ମରିଥିବା ହାତୀ।



ଶିମିଳିପାଳରେ ମୃତ ଦନ୍ତାହାତୀ।

**ବାରିପଦା ଅଫିସ/ ନୀଳଗିରି, ୧୨ା୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଓ ବାଲେଶ୍ୱର ଜିଲା ନୀଳଗିରିସ୍ଥିତ କୁଳଡିହା ଅଭୟାରଣ୍ୟରେ ୨ ହାତୀଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ କପ୍ତିପଦା ରେଞ୍ଜ ରାଇପାଲ ବିଟ୍ ଶାରୀଶୁଆ ସେକ୍ସନ ପଦ୍ମପୋଖରୀ ଅଞ୍ଚଳରୁ ବୁଧବାର ବନ ବିଭାଗ ଏକ ଦନ୍ତାହାତୀର ମୃତଦେହ ଠାବ କରିଛି। ମୃତ ହାତୀର ବୟସ ୧୦ରୁ ୧୫ବର୍ଷ ହେବ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ କହିଛନ୍ତି। ଖବରପାଇ ବନଖଣ୍ଡ ଅଧିକାରୀ ଜୋଷୀ, ଏସିଏଫ୍ ଡି.କେ.ବାରିକ, କପ୍ତିପଦା ରେଞ୍ଜର ଅଚ୍ୟୁତାନନ୍ଦ ଦାଶ, ପ୍ରାଣୀ ଚିକିତ୍ସକ ଓ ରେଞ୍ଜର କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ପିଠାବଟା ରେଞ୍ଜ ବାଲିଖାନ ସେକ୍ସନ ଗୋପୀନାଥପୁର ବିଟ୍ ଅଞ୍ଚଳରୁ ଫେବ୍ରୁୟାରୀ ୯ତାରିଖରେ ଶିକାରୀମାନେ ଏକ ଦନ୍ତାହାତୀର ଦାନ୍ତ ସହ ଶୁଣ୍ଢ କାଟିନେବା ଘଟଣାର ଠିକ୍ ମାସକ ପରେ ପୁଣି ଏକ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଜବତ କରିଛି। ଏହାକୁ ନେଇ ପ୍ରାଣୀପ୍ରେମୀମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବନ ବିଭାଗର କାର୍ଯ୍ୟକଳାପକୁ ନେଇ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ସେହିପରି କୁଳଡ଼ିହା ଅଭୟାରଣ୍ୟର ଝରଣାଘାଟି ସେକ୍ସନ ପୁରୁଣାପାଣି ବିଟ୍ ଡାଙ୍ଗରପୋଖରୀ ନିକଟ ଜଙ୍ଗଲ ଭିତରେ ଏକ ଅଣ୍ଡିରା ଛୁଆହାତୀର ମୃତଦେହ ଠାବ କରାଯାଇଛି। ଛୁଆହାତୀର ବୟସ ୧୦ବର୍ଷ ହେବ। ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଠାବକରି ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ବାଲେଶ୍ୱର ଡିଏଫ୍‌ଓ ଖୁସବନ୍ତ ସିଂହ, କୁଳଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ସ୍ଥାନୀୟ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ଅନୁସନ୍ଧାନ କରିଥିଲେ। ଏହି ଅଣ୍ଡିରା ହାତୀ ଛୁଆଟି ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଗୁରୁବାର ଟାସ୍କଫୋର୍ସ ଓ ପ୍ରାଣୀ ଚିକିତ୍ସକ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ, ଗତ ୧୪ ମାସ ଭିତରେ କୁଳଡ଼ିହା ଅଭୟାରଣ୍ୟରେ ୮ଟି ହାତୀଙ୍କ ମୃତ୍ୟୁ ହେଲାଣି।

# ଓଡ଼ିଶା ସ୍କିଲ୍ କନ୍‌କ୍ଳେଭ-୨୦୨୩ ପାଇଁ କର୍ଟେନ ରେଜର




**ଭୁବନେଶ୍ୱର, ୧୨ା୪(ବ୍ୟୁରୋ)**

ରାଜ୍ୟ ସରକାର ଏପ୍ରିଲ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସ୍କିଲ୍ କନ୍‌କ୍ଳେଭ-୨୦୨୩ ଆୟୋଜନ କରିବାକୁ ଯାଉଛନ୍ତି। ଏହି ୩ ଦିନିଆ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ସ୍କିଲ୍ ହବ୍ ଭାବେ ସ୍ଥାନିତ କରିବା। ଏଥିଲାଗି ଆୟୋଜିତ ଏକ କର୍ଟେନ ରେଜର କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହି ଅବସରରେ କହିଛନ୍ତି, ଏବେ ଦେଶ ପାଇଁ ଏକ ନୂତନ ଓଡ଼ିଶା ଦେଖିବାର ସମୟ ଆସିଛି। ଓଡ଼ିଶା ସ୍କିଲ୍ କନ୍‌କ୍ଳେଭ ମାଧ୍ୟମରେ ଆମେ ଯୁବକମାନଙ୍କୁ ଭୌଗୋଳିକ ଅନିଶ୍ଚିତତା, ମାକ୍ରୋ-ଅର୍ଥନୈତିକ ଆହ୍ୱାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ସହ ସେମାନଙ୍କର ଭବିଷ୍ୟତ ସୁରକ୍ଷିତ କରିବାର ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଓଡ଼ିଶା ସ୍କିଲ୍ କନ୍‌କ୍ଳେଭ କେବଳ ଓଡ଼ିଶା ପାଇଁ ନୁହେଁ ବରଂ ଆମେ ଏକ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମରେ ରାଜ୍ୟକୁ ଉପସ୍ଥାପନ କରିବାକୁ ଅପେକ୍ଷା କରିଛୁ। କାରଣ ଆମେ ମଧ୍ୟ ଏକ ଶକ୍ତିଶାଳୀ ଇକୋସିଷ୍ଟମ୍ ଗଠନ କରିଛୁ। ଏହି ଆୟୋଜନ ଦକ୍ଷତାର କେନ୍ଦ୍ର ହେବା ସହିତ ଯୁବପିଢ଼ିଙ୍କ ପାଇଁ ବେଶ୍ ଆକାଂକ୍ଷାପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ଭିଡିଓ ଦର୍ଶକଙ୍କୁ ପ୍ରଦର୍ଶିତ କରାଯାଇଥିଲା ଯେଉଁଥିରେ ଉଚ୍ଚ-ଦକ୍ଷତା ପ୍ରଶିକ୍ଷଣରେ ଯୋଗଦାନ କରୁଥିବା କେନ୍ଦ୍ରର ସୁବିଧାଗୁଡ଼ିକ ଦର୍ଶାଯାଇଥିଲା। ଏହି କନ୍‌କ୍ଳେଭରେ ବିଭିନ୍ନ ଏମ୍‌ଓୟୁ ସ୍ୱାକ୍ଷର ହେବା ସହିତ ସମ୍ମିଳନୀ, ପ୍ରଦର୍ଶନୀ, ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ଏବଂ ରାଜ୍ୟର କୁଶଳୀ ଶ୍ରମିକମାନଙ୍କୁ ଅନେକ ସୁଯୋଗ ପ୍ରଦାନ କରିବ। ଏଥିରେ ଶିଳ୍ପ, ଏକାଡେମୀ ଏବଂ ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ନେତାମାନେ ଯୋଗଦେବେ ବୋଲି ପାଢ଼ୀ କହିଛନ୍ତି।

# ସିମ୍ପାଞ୍ଜିକୁ ପଇଡ଼, ଭାଲୁକୁ ତରଭୁଜ

**ବାରଙ୍ଗ, ୧୨ା୪(ଡି.ଏନ୍.ଏ.)**

ରାଜ୍ୟରେ ଗତ କିଛିଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଛି। ପୂର୍ବାହ୍ନ ୧୦ଟା ପରେ ଖରାର ଉତ୍ତାପ ଧୀରେ ଧୀରେ ବଢ଼ିବାକୁ ଲାଗୁଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗୁଛି। ଏଥିରୁ ବାଦ ପଡ଼ିନାହାନ୍ତି ପାଟି ଫିଟୁ ନଥିବା ନିରୀହ ବନ୍ୟଜନ୍ତୁ। ସେଥିପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପକ୍ଷରୁ ପରିସରରେ ଥିବା ବନ୍ୟଜନ୍ତୁ ପାଇଁ ଖରାଦିନିଆ ବ୍ୟବସ୍ଥାମାନ ହାତକୁ ନିଆଯାଇଛି। ପ୍ରବଳ ଖରାର ଉତ୍ତାପରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଜଳଯୋଗାଣ ଉପରେ ନନ୍ଦନକାନନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସବୁ ଏନକ୍ଲୋଜରକୁ କିପରି ସମୟାନୁକ୍ରମେ ଜଳଯୋଗାଣ ହୋଇପାରିବ ଓ ପାଣି କିପରି ଥଣ୍ଡା ରହିବ ସେଥିପ୍ରତି ଦୃଷ୍ଟି ରଖିବାକୁ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପକ୍ଷୀଶାଳାରେ ଥିବା ପକ୍ଷୀଙ୍କ ପାଇଁ ଏନକ୍ଲୋଜର ଉପରେ ନଡ଼ାଛପର ସାଙ୍ଗକୁ ନେଟଲନ(ସବୁଜଜାଲି) ଓ ଛଣତାଟ ଦିଆଯାଇ ଖରା କିପରି ଏନକ୍ଲୋଜରକୁ ନ ପଡ଼ିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏହାସହ ସମୟାନୁକ୍ରମେ ପାଣି ସିଞ୍ଚନ ମଧ୍ୟ କରାଯାଉଛି। ସେହିଭଳି ସିମ୍ପାଞ୍ଜିକୁ ପଇଡ଼ ପାଣି ପିଇବାକୁ ଦିଆଯିବା ସହ ଗ୍ରୀଷ୍ମପ୍ରବାହରୁ ରକ୍ଷାକରିବା ପାଇଁ କୁଲର ଲଗାଯାଇଛି। ଭାଲୁଙ୍କୁ ତରଭୁଜ ମଧ୍ୟ ଖାଇବାକୁ ଦିଆଯାଉଛି। ବାଘ, ସିଂହ, ଭାଲୁ ଏନକ୍ଲୋଜରରେ କିପରି ଥଣ୍ଡାପାଣି ରହିପାରିବ, ସେଥିପ୍ରତି କର୍ମଚାରୀମାନେ ପର୍ଯ୍ୟାୟକ୍ରମେ ପାଣି ପରିବର୍ତ୍ତନ କରିବା ସହ ଖରାର ଉତ୍ତାପ ବୃଦ୍ଧିହେବା ମାତ୍ରେ ପାଣି ଅନବରତ ଚଳାଇବାକୁ କୁହାଯାଇଛି। ଅନ୍ୟପଟେ ବାଘ, ସିଂହ ଏନକ୍ଲୋଜରରେ ଥିବା ପାଣିକୁଣ୍ଡରେ ବରଫଖଣ୍ଡମାନ ପଡୁଛି। ବାଘ, ସିଂହ ରହୁଥିବା ଘର ଉପରେ ମଧ୍ୟ ନଡ଼ାଛପର କରାଯାଇଛି। ଖରାର ଉତ୍ତାପ ବଢ଼ିବା ମାତ୍ରେ ଏନକ୍ଲୋଜରରେ ଲଗାଯାଇଥିବା ସ୍ପ୍ରିଙ୍କଲରକୁ କାର୍ଯ୍ୟକ୍ଷମ କରାଯାଇ ପାଣି ସିଞ୍ଚନ କରାଯାଉଛି। ସରୀସୃପ ଉଦ୍ୟାନରେ ଥିବା ସରୀସୃପଙ୍କ ପାଇଁ ନଡ଼ାରେ ଘର ତିଆରି ହୋଇଛି। ଖରା କବଳରୁ ଗଧିଆକୁ ସୁରକ୍ଷା ଦେବା ପାଇଁ ଏନକ୍ଲୋଜରରେ ବଡ଼ ଷ୍ଟାଣ୍ଡ ଫ୍ୟାନ ଲାଗିଛି। ଏହାସହ ଡାକ୍ତରମାନଙ୍କ ଦ୍ୱାରା ଖରାଦିନିଆ ସୁରକ୍ଷା ବ୍ୟବସ୍ଥା ପାଇଁ ଏନକ୍ଲୋଜରକୁ ଯାଇ ସମୟାନୁକ୍ରମେ ଆବଶ୍ୟକ ଔଷଧ ଦିଆଚାଲିଛି। ବିଭିନ୍ନ ବନ୍ୟଜନ୍ତୁ ରହୁଥିବା ଏନକ୍ଲୋଜରରେ ଖରାଦିନିଆ ସୁରକ୍ଷା ପାଇଁ ନଡ଼ାଛପର ପକାଇବା ସହ ସମୟାନୁକ୍ରମେ କୃତ୍ରିମ ବର୍ଷାର ମଧ୍ୟ ବ୍ୟବସ୍ଥା କରାଯାଉଛି।



ପ୍ରବଳ ତାତି ମଧ୍ୟରେ ପକ୍ଷୀଙ୍କ ଜଳକ୍ରୀଡ଼ା

**ନନ୍ଦନକାନନରେ ଖରାଦିନିଆ ବ୍ୟବସ୍ଥା**

- ଜଳଯୋଗାଣ ବ୍ୟବସ୍ଥା ସହ ନଡ଼ା ଛପର କରାଯାଉଛି
- ଏନ୍‌କ୍ଲୋଜରକୁ ଯାଇ ଡାକ୍ତର ଔଷଧ ଦେଉଛନ୍ତି

# 'ଫେଙ୍କର' ଆଗରେ ୧୪୪ ଧାରା ଜାରି

**ଫର୍ନେସ ଚାର୍ଜିଂ ସମୟରେ ୨ କର୍ମଚାରୀ ପୋଡ଼ିଯିବା ଘଟଣା**

**ଗୁରୁତରଙ୍କୁ ଏୟାର ଆମ୍ବୁଲାନ୍ସରେ ମୁମ୍ବାଇ ସ୍ଥାନାନ୍ତର**

**ଭଦ୍ରକ ଅଫିସ, ୧୨ା୪**

ଭଦ୍ରକ ଜିଲା ରାନ୍ଦିଆସ୍ଥିତ ଫେଙ୍କର କମ୍ପାନୀରେ ମଙ୍ଗଳବାର ଫର୍ନେସ ଚାର୍ଜିଂ ବେଳେ ୨ ଚାର୍ଜିଂ ଅପରେଟରଙ୍କ ଦେହରେ ନିଆଁ ଲାଗି ଗୁରୁତର ହୋଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଉତ୍ୟକ୍ତ ଲୋକେ ଗେଟ୍ ଆଗରେ ଟାୟାର ଜାଳି, ରାସ୍ତା ଅବରୋଧ କରି, ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏନେଇ ପୋଲିସ -ଜନତାଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟକରି ଜିଲା ପ୍ରଶାସନ ପକ୍ଷରୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋଜ ପାତ୍ରଙ୍କ ନିର୍ଦ୍ଦେଶରେ ଏପ୍ରିଲ ୧୨ ସକାଳ ୬ଟାରୁ ୧୪ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ କମ୍ପାନୀ ଗେଟ୍ ଓ ପାଚେରିର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଛି। ଘଟଣାସ୍ଥଳରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ପହଞ୍ଚି ସ୍ଥାନୀୟ ଏସ୍‌ଡିପିଓ ସୌରଭ ଓତା ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଥିଲେ।

ପ୍ରକାଶ ଥାଉକି, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନରେ ଥିବା ଉକ୍ତ କମ୍ପାନୀରେ କୋରାଣ୍ଟ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସୂତାର ଓ ବରପଦାର ବିଜୟ ମହାପାତ୍ର ଚାର୍ଜିଂ ଅପରେଟର ଫର୍ନେସରେ ଚାର୍ଜ ପକାଉଥିଲେ। ସେହି ସମୟରେ ଫର୍ନେସରୁ ନିଆଁ ବାହାରି ସେମାନଙ୍କ ଦେହରେ ଲାଗିଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ଉଭୟଙ୍କୁ ଗ୍ରୀନ୍ କରିଡର ମଧ୍ୟରେ ଭୁବନେଶ୍ୱର ଏୟାରପୋର୍ଟକୁ ନିଆଯାଇ ଏୟାର ଆମ୍ବୁଲାନ୍ସରେ ମୁମ୍ବାଇ ସ୍ଥିତ ନ୍ୟାଶନାଲ ବର୍ନ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ସାର୍ଥକ ରାୟ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାଶଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଅଫିସରଙ୍କ ସହ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

# ନଦୀରୁ ବାଲିଉଠାଣକୁ ବିରୋଧ କରିବାରୁ ଯୁବକଙ୍କୁ ହତ୍ୟା

**ଅଭିଯୁକ୍ତଙ୍କ ଘରେ ନିଆଁ ଲଗାଇଲେ ଲୋକେ**

**ସୁନ୍ଦରଗଡ଼, ୧୨ା୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହି ଇବ୍ ନଦୀର ଡାଇକମହୁଲ ଘାଟରୁ ବୁଧବାର ବାଲିଉଠାଣକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ କରମଡିହିର ସୋନୁ ନେଗୀ (୩୩)। ସୋନୁଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ତାଙ୍କ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ସେହି ଗ୍ରାମର ଅଭିଯୁକ୍ତ ଦୁର୍ଗାମାଧବ ଏକ୍କାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ସଦର ଥାନା ପୋଲିସ ସହ ସୁନ୍ଦରଗଡ଼ ଓ ସବ୍‌ଡେଗାରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ହୋଇଛନ୍ତି।

ମିଳିଥିବା ଖବର ଅନୁସାରେ, କରମଡିହି ଗ୍ରାମର ସୋନୁ ଓ ତାଙ୍କର ଜଣେ ସାଙ୍ଗ ଗୌରବ ଦୁହିଁଆ ସକାଳ ପ୍ରାୟ ୯ଟାବେଳେ ଇବ୍ ନଦୀର ଡାଇକମହୁଲ ଘାଟରେ ଗାଧୋଉଥିଲେ। ଏହି ସମୟରେ ଗ୍ରାମର ଦୁର୍ଗାମାଧବଙ୍କ ଟ୍ରାକ୍ଟର ସେଠାକୁ ଆସି ବାଲି ବୋଝେଇ କରୁଥିଲା। ଏହି ସମୟରେ ସୋନୁ ଏହି ବାଲିଘାଟରୁ ବାଲି ନ ନେବାକୁ ମନା କରିଥିଲେ। ସୋନୁଙ୍କ ଜଣେ ସାଙ୍ଗ ଏହି ବାଲିଘାଟ ଲିଜ୍‌ରେ ନେଇଥିବାରୁ ସେମାନେ ଦେଖାଶୁଣା କରୁଥିଲେ। ସୋନୁ ଗାଳିକରି ବାଲି ଉଠାଇବାକୁ ମନା କରିଥିବା ନେଇ ଟ୍ରାକ୍ଟର ଡ୍ରାଇଭର ମାଲିକ ଦୁର୍ଗାମାଧବଙ୍କୁ ଜଣାଇଥିଲେ। ଏହା ପରେ ଦୁର୍ଗାମାଧବ ଓ ତାଙ୍କ ଶଳା ତ୍ରିଲୋଚନ ସା ଟାଙ୍ଗିଆ ଓ ମାରଣାସ୍ତ୍ର ଧରି ନଦୀଘାଟରେ ପହଞ୍ଚି ସୋନୁ ଓ ତାଙ୍କ ସାଙ୍ଗଙ୍କୁ ଆକ୍ରମଣ କରିଥିଲେ। ଦୁର୍ଗାମାଧବ ହାତରେ ଧରିଥିବା ଟାଙ୍ଗିଆରେ ସୋନୁଙ୍କ ଦୁଇ ଗୋଡ଼, ମୁଣ୍ଡକୁ ହାଣି ଫେରାର ହୋଇଯାଇଥିଲେ। ପରିବାର ଓ ଗାଁ ଲୋକେ ପହଞ୍ଚି ସୋନୁଙ୍କୁ ସୁନ୍ଦରଗଡ ଡାକ୍ତରଖାନା ପଠାଇଥିଲେ। ପରେ ବୁର୍ଲା ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୋନୁଙ୍କ ସାଙ୍ଗ ଗୌରବ ଅପରାହ୍ନରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୧୦୭/୨୦୨୩) ରୁଜୁ କରିଛି। ଅଭିଯୁକ୍ତ ଦୁର୍ଗାମାଧବ ଓ ତାଙ୍କ ଶଳା ଫେରାର ହୋଇଯାଇଛନ୍ତି। ସୋନୁ ଏବଂ ଦୁର୍ଗାମାଧବଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାଚନଠାରୁ ଏବଂ ପରେ ଠିକା କାର୍ଯ୍ୟକୁ ନେଇ ଶତ୍ରୁତା ମଧ୍ୟ ରହିଥିଲା।

# ଅଟୋ ଧକ୍କାରେ ଭଉଣୀ ମୃତ, ଭାଇ ଗୁରୁତର

**କଣ୍ଟାପଡା, ୧୨ା୪(ଡି.ଏନ୍.ଏ.)**

କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ କେଣ୍ଡଇଶୁଣୀ ନିକଟରେ ଏକ ଅଟୋ ଧକ୍କାରେ ଭଉଣୀଙ୍କ ମୃତ୍ୟୁ ଘଟିଥିବାବେଳେ ଭାଇ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତା ମହିଳା ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଦୀପ୍ତିମୟୀ ଜେନା(୪୨)। ବୁଧବାର ସନ୍ଧ୍ୟାରେ ଦୀପ୍ତିମୟୀ ବାପଘର ମଞ୍ଚେଶ୍ୱର ଥାନା ଅଧୀନ ନହରକଣ୍ଟା ଗ୍ରାମରୁ ଭାଇ ଅମରେନ୍ଦ୍ର ସାମନ୍ତ ସିଂହାରଙ୍କ ସହ ସ୍କୁଟି(ନଂ.ଓଡ଼ି୦୨ଜେ-୦୮୧୩)ରେ ଧାନମଣ୍ଡଳସ୍ଥିତ ଶାଶୁଘରକୁ ଫେରୁଥିଲେ। ଏହି ସମୟରେ ଇଛାପୁର-କୂଳବ୍ରାହ୍ମଣ ସାଇଲୋ ରାସ୍ତାର କେଣ୍ଡେଇଶୁଣୀ ନିକଟରେ ଏକ ଅଟୋ(ନଂ.ଓଡ଼ି୦୨ଜି-୮୫୯୪) ସେମାନଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଦୀପ୍ତିମୟୀ ସ୍କୁଟିରୁ ଖସିପଡିବା ଫଳରେ ତାଙ୍କ ମୁଣ୍ଡ ଏକ ପଥରରେ ପିଟି ହୋଇ ଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ଅତଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମହିଳାଙ୍କ ସ୍ୱାମୀ ଚୈତନ୍ୟ ଚରଣ ଜେନା ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ନିଜର କେତେକ କୃତକର୍ମ ସକାଶେ ଅନୁତାପ କରିବାକୁ ପଡିପାରେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଶୁଭଦୃଷ୍ଟିରୁ ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ।

**ବୃଷ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ବହୁତ ଦିନ ଧରି ଯାହା ଖୋଜୁଥିଲେ ଆଜି ମଧ୍ୟାହ୍ନରେ ତାହା ପାଇଯିବେ। ନିଜର ଲୋକମାନଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ**
ପାରିବାରିକ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଆଶା କରିଥିବା ସରକାରୀ ସ୍ତରରୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ଆତ୍ମୀୟମାନେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

**କର୍କଟ**
ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝି ପାରିବେ ନାହିଁ। ଆକସ୍ମିକ ଭାବରେ ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି। ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ସ୍ତ୍ରୀଙ୍କ ସହ ଆଲୋଚନା କରିପାରନ୍ତି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ କିନ୍ତୁ ସାୟାହ୍ନେ ଟେନ୍‌ସନ୍ ବଢ଼ିଯାଇପାରେ।

**ସିଂହ**
ସ୍ୱାସ୍ଥ୍ୟ ପ୍ରାୟତଃ ଏକ ପ୍ରକାର ଭଲ ରହିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିବା କାରଣରୁ ମନ ଭାରାକ୍ରାନ୍ତ ରହିବ। ପରକ୍ଷଣରେ ପୂର୍ବାବସ୍ଥା ଫେରିପାଇବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୁକ୍ତି ମନରେ ଦୁଃଖଦେଇପାରେ।

**କନ୍ୟା**
ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇପାରିବେ। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ସ୍ତରରେ କେତେକ ସମସ୍ୟା ଓ ପ୍ରତିବନ୍ଧକ ଦେଖାଦେଇପାରେ।

**ତୁଳା**
ସମସ୍ତ ସୁବିଧା ଥାଇ ମଧ୍ୟ ଆଶା କରୁଥିବା କାମଗୁଡ଼ିକ ନ ହେବା କାରଣରୁ ମନରେ ସରସତା ରହିବ ନାହିଁ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ ଯାହାକି ଆପଣଙ୍କୁ ଧର୍ମସଙ୍କଟରେ ପକାଇପାରେ। ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢ଼ିଯିବା ସୂଚନା ରହିଛି। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ବିବାଦ ଦେଖାଦେଇ ପାରେ।

**ବିଛା**
ମନ କଥାକୁ ମନରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧ ହେବେ। ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ବେଶି ତକଲିଫ ହେବାକୁ ପଡ଼ିବ। କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ସମୟାନ୍ତରରେ ଆଶା ପୂରଣ ହୋଇପାରିବ। ପାରିବାରିକ ସମସ୍ୟାର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ଧନୁ**
ପରିବାର ଭିତରେ ଛୋଟକଥାକୁ ନେଇ ମତପାର୍ଥକ୍ୟ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସାମାଜିକ କ୍ଷେତ୍ରରେ ପଡ଼ୋଶୀମାନେ ଖୁବ୍ ପ୍ରଶଂସା କରିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମକର**
ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରର ଅଶାନ୍ତ ମନ ଆଜି ଘରୋଇ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଦୀର୍ଘଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ଉପରିସ୍ଥଙ୍କ କଡ଼ା ତାଗିଦା କାରଣରୁ ଅଟକି ରହିଥିବା କାମଗୁଡ଼ିକୁ ଆଜି କରିପାରିବେ।

**କୁମ୍ଭ**
ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଆଜି ହଠାତ୍ ଆସି ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମୀନ**
ବିନା କାରଣରେ ଭୁଲ୍ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ। ଆଜି ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସଫଳ ହେବେ । କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

ଆଜି ବୈଶାଖ କୃଷ୍ଣ ଅଷ୍ଟମୀ ଗୁରୁବାର, ଶ୍ରୀମନ୍ଦିରରେ ରାମାଭିଷେକ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ, ଜାଲିଆନାୱାଲାବାଗ୍ ଦିବସ, ମାସାନ୍ତ ଓ ବର୍ଷାନ୍ତ, ଏପ୍ରିଲ ୧୩ ତାରିଖ, ରାଶି ନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ଘ.୧୦ା୪୨ ଗତେ ଉତ୍ତରାଷାଢ଼ା ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫ା୩୪ ଗତେ ଘ.୦୭ା୧୩ ମଧ୍ୟେ, ଘ.୧୦ା୩୨ ଗତେ ଘ.୦୧ା୦୨ ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ. ୦୧ା୨୦ ଗତେ ଘ.୦୨ା୫୩ ମଧ୍ୟେ ରାହୁକାଳ।

# ରାଜ୍ୟରେ ତାତି ୪୩ ଡିଗ୍ରୀ ଟପିଲା

ଭୁବନେଶ୍ୱର,୧୨।୪(ବ୍ୟୁରୋ)


ଫଟୋ: ବିକାଶ

■ ଝାରସୁଗୁଡ଼ା ଉତ୍ତପ୍ତ ସହର
■ ୪୦ ଡିଗ୍ରୀ ଉପରେ ୧୪ ସହର
■ ୨୯ ବର୍ଷର ରେକର୍ଡ ଭାଙ୍ଗିଲା ଗୋପାଳପୁର
■ ୧୬ରୁ ବଦଳିବ ପାଗ

ଗତ କିଛିଦିନ ହେବ ଓଡ଼ିଶା ହଟ୍‌ସ୍ପଟ୍ ପାଲଟିଛି। ପାରଦ ଉପରମୁହାଁ ରହିଛି। ଦୈନିକ ୧ରୁ୨ ଡିଗ୍ରୀ ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ବେହାଲ। ଆକାଶରୁ ବର୍ଷୁଛି ଅଗ୍ନି। ସୂର୍ଯ୍ୟ ନଇଁବା ଯାଏ ନିସ୍ତାର ନାହିଁ। ସନ୍ଧ୍ୟା ପରେ ଖରା ନ ଥିଲେ ମଧ୍ୟ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ପଙ୍ଖା ପବନ କାଟୁ କରୁନାହିଁ। ଜଳିପୋଡ଼ି ଯାଉଛି ଦେହମୁଣ୍ଡ। ମଙ୍ଗଳବାର ପାରଦ ୪୧ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ବୁଧବାର ୨ ଡିଗ୍ରୀ ବଢ଼ି ୪୩ ଡିଗ୍ରୀ ପାର କରିଛି। ଝାରସୁଗୁଡ଼ା ସମଗ୍ର ଦେଶର ଉତ୍ତପ୍ତ ସହର ପାଲଟି ଯାଇଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୧୪ ସହରର ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ମଧ୍ୟରେ ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବାରିପଦାରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୨,ବୌଦ୍ଧ ୪୧.୬, ତାଳଚେର ୪୧.୬, ବଲାଙ୍ଗୀର ୪୧.୨, ଟିଟିଲାଗଡ଼ ୪୧.୨, ଅନୁଗୋଳ ୪୧.୧, ଭଦ୍ରକ ୪୧, ସୁନ୍ଦରଗଡ଼ ୪୧, ସୋନପୁର ୪୧, ହୀରାକୁଦ ୪୦.୭, ରାଉରକେଲା ୪୦.୬, ଚାନ୍ଦବାଲି ୪୦.୩, କଟକ ୩୯.୮, ଭୁବନେଶ୍ୱର ୩୯.୮, ବାଲେଶ୍ୱର ୩୯.୬, ଗୋପାଳପୁର ୩୯.୧, ଭବାନୀପାଟଣା ୩୯.୮, ମାଲକାନଗିରି ୩୯.୫, ନୟାଗଡ ୩୯.୯, ପାରଳାଖେମୁଣ୍ଡି ୩୯.୬, ଯାଜପୁର ୩୯ ଏବଂ ବରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଗୋପାଳପୁରର ସର୍ବୋଚ୍ଚ ତାପମାତ୍ରା ୨୯ ବର୍ଷର ରେକର୍ଡ ଭାଙ୍ଗିଛି। ଏଠାରେ ୧୯୯୪ ଏପ୍ରିଲ ୧୨ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ଥିବା ବେଳେ ବୁଧବାର ତାପମାତ୍ରା ୩୯.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆସନ୍ତା ୧୫ ତାରିଖ ଯାଏ ଜାରି ରହିବ। ୧୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର, ୧୪ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ ଓ ବାଲେଶ୍ୱର ଏବଂ ୧୫ ତାରିଖରେ ଦେବଗଡ଼, ଅନୁଗୋଳ, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ସୋନପୁର, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ପ୍ରବାହିତ ହେବ। ଏହି ସବୁ ଜିଲାଗୁଡ଼ିକ ପାଇଁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୧ ଜିଲାପାଳଙ୍କୁ ଚିଠି ଲେଖି ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୧୬ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବଙ୍ଗୋପସାଗରରୁ ବାୟୁ ପ୍ରବାହ ସମ୍ଭାବନା ଥିବାରୁ ବର୍ଷା ହୋଇପାରେ। ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ନିୟମିତ ହେବେ ତହସିଲ ଡାଟା ଏଣ୍ଟ୍ରି ଅପରେଟର

କଟକ ଅଫିସ,୧୨।୪

■ ୨ ମାସରେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
■ ଜଣିକିଆ ଖଣ୍ଡପୀଠଙ୍କ ରାୟକୁ କାଏମ ରଖିଲେ ଡିଭିଜନ ବେଞ୍ଚ

ରାଜ୍ୟର ବିଭିନ୍ନ ତହସିଲ୍‌ରେ କାର୍ଯ୍ୟ କରୁଥିବା ଠିକା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ୨ ମାସ ମଧ୍ୟରେ ନିୟମିତ କରିବା ପାଇଁ ହାଇକୋର୍ଟର ଡିଭିଜନ୍ ବେଞ୍ଚ ରାଜ୍ୟ ସରକାରଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ଜେନେରାଲ ଆଡ୍‌ମିନିଷ୍ଟ୍ରେଶନ ଡିପାର୍ଟମେଣ୍ଟ ପକ୍ଷରୁ ୨୦୧୩ ନଭେମ୍ବର ୧୭ରେ ପ୍ରକାଶ ପାଇଥିବା ବିଜ୍ଞପ୍ତିଠାରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ସହ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ସ୍ଥାୟୀ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ଚୟନ ପଦ୍ଧତିରେ ନିଯୁକ୍ତି ପାଇ ୬ ବର୍ଷ ପୂରଣ କରିଥିବା ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଏଥିରେ ସାମିଲ କରିବାକୁ ଅଦାଲତ ରାୟ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ବିଭିନ୍ନ ତହସିଲରେ କାର୍ଯ୍ୟ କରୁଥିବା ୬୦୦ ଡାଟା ଏଣ୍ଟ୍ରି ଅପରେଟର ଉପକୃତ ହେବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହାକୁ ଚ୍ୟାଲେଞ୍ଜ କରି ସରକାରଙ୍କ ପକ୍ଷରୁ ହୋଇଥିବା ଆବେଦନ ଖାରଜ ହୋଇଯାଇଛି। ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠଙ୍କ ରାୟକୁ ଡିଭିଜନ ବେଞ୍ଚ କାଏମ ରଖିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବିଭିନ୍ନ ତହସିଲରେ ଡାଟା ଏଣ୍ଟ୍ରି ଅପରେଟରମାନେ ୬ ବର୍ଷରୁ ଅଧିକ ସମୟ କାମ କଲେଣି। ୬ ବର୍ଷରୁ ଅଧିକ କାମ କରିଥିବା କର୍ମଚାରୀଙ୍କୁ ନିୟମିତ କରିବା ବ୍ୟବସ୍ଥା ଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନ ଥିଲେ। ଏହାକୁ ନେଇ ଡାଟା ଏଣ୍ଟ୍ରି ଅପରେଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାରମ୍ବାର ଦାବି ଉପସ୍ଥାପନ ପରେ ରାଜ୍ୟ ସରକାରଙ୍କଠାରୁ ନିରାଶ ହୋଇ ଡାଟା ଏଣ୍ଟ୍ରି ଅପରେଟରମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ସପକ୍ଷରେ ରାୟ ଦେଇଥିଲେ। ହେଲେ ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟରେ ଏକ ପିଟିଶନ୍ ଦାଏର କରିଥିଲେ।

# ଦେବାଶିଷ ସାମନ୍ତରାୟଙ୍କ ସାକ୍ଷ୍ୟ ଗ୍ରହଣ ଶେଷ

**ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା**

କଟକ ଅଫିସ,୧୨।୪

ବାରବାଟୀ–କଟକ ନିର୍ବାଚନ ଅନିୟମିତତା ମାମଲାରେ ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ସାକ୍ଷ୍ୟଗ୍ରହଣ ବୁଧବାର ହାଇକୋର୍ଟରେ ଶେଷ ହୋଇଛି।ବିଚାରପତିସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହି ଶୁଣାଣିରେ ଦେବାଶିଷଙ୍କ ପକ୍ଷରୁ ସାକ୍ଷୀମାନଙ୍କୁ ଜେରା କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ପୂର୍ବରୁ ବିଧାୟକ ମହମ୍ମଦ ମୋକିମଙ୍କ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇଥିଲା। ଆବେଦନକାରୀ ଦେବାଶିଷଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଓ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଏସି ରୁମ୍ ପ୍ରସ୍ତୁତ ରଖିବାକୁ ଡାକ୍ତରଖାନାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୪(ବ୍ୟୁରୋ)

**ଗରମ ବଢୁଛି**

ଗତ କିଛିଦିନ ହେବ ଅସହ୍ୟ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଆକାଶରୁ ଅଗ୍ନିବର୍ଷା ହେଉଛି। ସକାଳ ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ରାଜ୍ୟରେ ଗ୍ରୀଷ୍ମ ଜାରି ରହିଥିବା ବେଳେ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଡାକ୍ତରଖାନାଗୁଡ଼ିକୁ ପରାମର୍ଶ ଦେଇଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, 'ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଅସୁସ୍ଥତା ଅନୁଭବ କରି ରୋଗୀ ହସ୍ପିଟାଲରେ ପହଞ୍ଚିଲେ ସେମାନଙ୍କ ପାଇଁ ଏସି ରୁମ୍ ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି। ଔଷଧ ସହ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ସଂକ୍ରାନ୍ତରେ ପ୍ରତି ଜିଲାର କଲ୍ ସେଣ୍ଟରରୁ ତଥ୍ୟ ସଂଗ୍ରହ କରାଯାଉଛି। ଜିଲାପାଳମାନଙ୍କ ସହାୟତାରେ ଲୋକଙ୍କୁ ସଚେତନ କରାଯାଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# କଲରାପତରିଆ ବାଘ ଛାଲ ଜବତ, ଜଣେ ଗିରଫ



ଜବତ ବାଘଛାଲ ଓ ଗିରଫ ଅଭିଯୁକ୍ତ।

**ଚାଲାଣ ବେଳେ ମାଡ଼ିବସିଲା ଏସ୍‌ଟିଏଫ୍**

**ନାକଟିଦେଉଳ,୧୨।୪(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପେଣ୍ଡବାହାଲ ନିକଟ ଚମ୍ପାଳି ନଦୀଠାରେ ମଙ୍ଗଳବାର ଅପରାହ୍ନରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଏକ କଲରାପତରିଆ ବାଘଛାଲ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ନାକଟିଦେଉଳ ଗ୍ରାମ ହରିଜନ ସାହିର ବାବୁଲି ନାଏକଙ୍କୁ ଗିରଫ କରି ବୁଧବାର ରେଢାଖୋଲ କୋର୍ଟ ଚାଲାଣ କରିଛି। ବାବୁଲି ବାଘଛାଲ ବାହାର ଅଞ୍ଚଳକୁ ଚାଲାଣ କରିବାକୁ ଉଦ୍ୟମ କରୁଥିବା ଏସ୍‌ଟିଏଫ୍ ସୂଚନା ପାଇ ଚଢାଉ କରିଥିଲା। ଏସ୍‌ଟିଏଫ୍ ଏକ ମାମଲା (ନଂ.୭/୨୩) ରୁଜୁ କରି ଅଭିଯୁକ୍ତ ବାବୁଲିଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଜବତ କଲରାପତରିଆ ଛାଲର ବାୟୋଲୋଜିକାଲ ପରୀକ୍ଷା ପାଇଁ ଏସ୍‌ଟିଏଫ୍ ଉତ୍ତରାଖଣ୍ଡର ଡେରାଡୁନ ପଠାଇ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଗିରଫ ବାବୁଲିଙ୍କ ଘର ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କେଲୋବେର୍ଣ୍ଣ ଗ୍ରାମରେ ହୋଇଥିବା ବେଳେ ଗତ କିଛିବର୍ଷ ହେଲା ସେ ନାକଟିଦେଉଳ ହରିଜନ ସାହିର ନିଜ ଶ୍ୱଶୁର ଘରେ ରହି ଆସୁଛନ୍ତି।

# ପୁଅ ଆଗରେ ଚାଲିଗଲା ମା'ଙ୍କ ଜୀବନ

ରସାଳପୁର, ୧୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ରାସ୍ତା ପାଲଟିଛି ଡେଥ ଜୋନ୍। ବୁଧବାର ପୂର୍ବାହ୍ନ ୧୧ଟା ବେଳେ ଏହି ସ୍ଥାନରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ମା'ଙ୍କୁ ଘରକୁ ନେବା ପାଇଁ ପୁଅ ବୋଲେରୋ ଧରି ଅପେକ୍ଷା କରିଥିବା ବେଳେ ରାସ୍ତା ପାର୍ ହେଉଥିବା ମା' ଉପରେ ମାଡିଯାଇଥିଲା ବସ୍। କ୍ଷଣିକ ମଧ୍ୟରେ ପୁଅ ଆଗରେ ଚାଲିଯାଇଥିଲା ମା'ଙ୍କ ଜୀବନ। ଏହି ଦୁର୍ଘଟଣା ପରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ନେଇ ସ୍ଥାନୀୟ ଲୋକମାନେ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଖବରପାଇ ସହଦେବଖୁଣ୍ଟା, ଶିଳ୍ପାଞ୍ଚଳ, ସଦର ୩ଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଗିରିଧାରୀ ଦାସ, ସୁଶାନ୍ତ ପଟ୍ଟନାୟକ ସହ ବହୁ ଭାଜପା କର୍ମୀ ଘଟଣାସ୍ଥଳରେ ପହଞ୍ଚି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଏଭଳି ବାରମ୍ବାର ଦୁର୍ଘଟଣା ହେଉଥିବା ନେଇ ଅଭିଯୋଗ କରିଥିଲେ।

ରେମୁଣା ଏନ୍ଏସି ଅନ୍ତର୍ଗତ ୬ନମ୍ବର ୱାର୍ଡ଼ର ମହିଳା ସୁକାନ୍ତି ବେହେରା ବାରିପଦାରୁ ବାଲେଶ୍ୱର ଆସୁଥିବା ସତ୍ୟନାରାୟଣ ନାମକ ଘରୋଇ ବସ୍‌ରେ ରେମୁଣା ଗୋଲେଇ ଆସିବା ପାଇଁ ବୈଶିଙ୍ଗାରୁ ବସ୍ ଚଢିଥିଲେ। ରେମୁଣା ଗୋଲେଇରେ ବସ୍‌ରୁ ଓହ୍ଲାଇ ରାସ୍ତା ପାର୍ ହେଉଥିବା ବେଳେ ସେହି ବସ୍ ତାଙ୍କ ଉପରେ ମାଡ଼ିଯିବାରୁ ମହିଳାଙ୍କ ଜୀବନ ଘଟଣାସ୍ଥଳରେ ଚାଲିଯାଇଥିଲା।

# ବୌଦ୍ଧ ଜିଲାରେ ୧୦ କରୋନା ପଜିଟିଭ ଚିହ୍ନଟ

**ବୌଦ୍ଧ,୧୨।୪(ସ୍ୱ.ପ୍ର.):** ପ୍ରାୟ ଏକ ବର୍ଷ ହେବ କରୋନାରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ ପୁଣି ଏହି ମହାମାରୀ କାୟା ବିସ୍ତାର କରିଛି । ଗତ କିଛି ଦିନ ହେବ ସାରା ଦେଶରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଥିବା ବେଳେ ବୌଦ୍ଧ ଜିଲାରେ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତ ମାସରେ ଜିଲାରେ ୧୦ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଜିଲାର ବାଉଁଶୁଣୀ ଅଞ୍ଚଳରୁ ୫ ଜଣ, କଣ୍ଟାମାଳ ବ୍ଲକ ଅଞ୍ଚଳରୁ ୪ ଜଣ ଓ ବୌଦ୍ଧ ଏନ୍ଏସିରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି । ସମସ୍ତ ସଂକ୍ରମିତ ରୋଗୀ ହୋମ ଆଇସୋଲେଶନରେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କୁ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଛି। ଏହାସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରାଯାଇ ଟେଷ୍ଟ କରାଯାଉଥିବା ଜଣାପଡିଛି।

# ଶାମୁକା ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ପରଲୋକ



**ପୁରୀ ଅଫିସ, ୧୨।୪:** ଜଣାଶୁଣା ବରିଷ୍ଠ ଶାମୁକା ଶିଳ୍ପୀ ତଥା ସଂସ୍କୃତିପ୍ରେମୀ ଗୁରୁ ରଘୁନାଥ ମହାପାତ୍ରଙ୍କର ପୁରୀ ଅମଲା କ୍ଲବସ୍ଥିତ ବାସଭବନରେ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ଶାମୁକା ଶିଳ୍ପକୁ ଓଡ଼ିଶାରେ ପରିଚିତ କରାଇବାରେ ସ୍ୱର୍ଗତ ମହାପାତ୍ର ପ୍ରଥମ ବ୍ୟକ୍ତି ଥିଲେ। ବିଶେଷଭାବେ ପୁରୀର ବିଭିନ୍ନ ଦୋକାନ ଓ ବେଳାଭୂମିରେ ଶାମୁକାକୁ ଏକ ବ୍ୟବସାୟରେ ପରିବର୍ତ୍ତନ କରି ସେ ଅନେକ ଲୋକଙ୍କୁ ଜୀବନ ଜୀବିକାର ରାହା ଦେଖାଇଥିଲେ। ତାଙ୍କଠାରୁ ବହୁ ଯୁବତୀ ଯୁବକ ଶାମୁକା କାରିଗରି ଶିକ୍ଷା ଲାଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ନିଜର ନିଖୁଣ କାରିଗରି ପାଇଁ ସେ ୧୯୮୫ରେ ରାଜ୍ୟ ପୁରସ୍କାର, ୧୯୯୩ରେ ରାଷ୍ଟ୍ରପତି ପୁରସ୍କାର ଏବଂ ୨୦୧୭ରେ ରାଜ୍ୟ ସରକାରଙ୍କ ଦ୍ୱାରା ଜୀବନ ବ୍ୟାପୀ ସାଧନା ପାଇଁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସେହିପରି ୧୯୭୯ରୁ ୨୦୦୧ ପର୍ଯ୍ୟନ୍ତ ଓଡ଼ିଶା ହସ୍ତଶିଳ୍ପ ବିଭାଗର ବରିଷ୍ଠ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରିଥିଲେ। ଏଥିସହ ପୁରୀ ସାହିଯାତ୍ରାର ପ୍ରଚାର ପ୍ରସାର ପାଇଁ ଜିଲା ସଂସ୍କୃତି ବିଭାଗ ତରଫରୁ ହରିୟାଣା, ଦିଲ୍ଲୀ, କୋଲକାତା ପ୍ରଭୃତି ଅନେକ ସହରକୁ ଯାଇ ରାବଣ ନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଣ୍ଟିଥିଲେ। ମଙ୍ଗଳବାର ମହାପାତ୍ରଙ୍କ ଦେହାନ୍ତ ଖବର ପାଇ ତାଙ୍କ ଛାତ୍ରୀଛାତ୍ର, ସଂସ୍କୃତିପ୍ରେମୀ, ବରିଷ୍ଠ ପଦାଧିକାରୀ, ବିଭିନ୍ନ ଜାଗା ଆଖଡ଼ାର କର୍ମକର୍ତ୍ତା ସ୍ଥାନୀୟ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବଡ଼ପୁଅ ପ୍ରଦୀପ୍ତ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାର ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ, ପୂର୍ବତନ ନଗରପାଳ ତଥା ପୁରୀ ଏମ୍‌ପିଙ୍କ ପ୍ରତିନିଧି ଗୌରହରି ପ୍ରଧାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ମହାପାତ୍ରଙ୍କ ତୃତୀୟ ପୁତ୍ର ଜଗନ୍ନାଥ ମହାପାତ୍ର ମଧ୍ୟ ଶାମୁକା ଶିଳ୍ପୀ ଭାବେ ରାଷ୍ଟ୍ରୀୟ ସ୍ତରରେ ସୁନାମ ଅର୍ଜନ କରିବା ସହିତ ରାଷ୍ଟ୍ରପତି ସମ୍ମାନ ଲାଭ କରିଛନ୍ତି।












ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ



# ଗୌରୀ ନା କାଳୀ



ଦେବଦତ୍ତ ପଟ୍ଟନାୟକ

ସାମାଜିକ ପରମ୍ପରାରେ ବିବାହର ମହତ୍ତ୍ୱ ଅଧିକ। ଝିଅଟିଏ ବିବାହ ପରେ ଯେତେବେଳେ ବାପଘରୁ ଗୋଡ଼ କାଢ଼େ ସେତେବେଳେ ତା'ବାପା ତାକୁ କହେ-ତୁ ଯେଉଁଠିକୁ ଯାଆ ସୁଖରେ ରହ। କିନ୍ତୁ ସୀତାଙ୍କୁ ବିଦା କଲାବେଳେ ଜନକ କହିଥିଲେ ଯେ, ଯେଉଁଠିକୁ ଯାଆ ପଛେ ସେଠି ସୁଖ ଆଣେ। ସମ୍ଭବତଃ ଜନକ ଜଣେ ଭଲ ପିତା ହୋଇଥିବାରୁ ସେ ତାଙ୍କ ଝିଅକୁ ସ୍ୱାଧୀନ ତଥା ସ୍ୱାଭିମାନୀ ଭାବେ ଗଢ଼ିଥିଲେ ଏବଂ ତାଙ୍କ ଜୀବନ ଓ ଚାରିପାଖର ଜୀବଙ୍କ ପାଇଁ ଦାୟିତ୍ୱବାନ୍ ହେବାକୁ ଶିକ୍ଷା ଦେଇଥିଲେ। ଜନକ ସମ୍ଭବତଃ ଜାଣିଥିଲେ ଯେ, ତାଙ୍କ ଝିଅ ଜଣେ ଦେବୀ ଥିଲେ, ଅର୍ଥାତ ସାକ୍ଷାତ ପୃଥିବୀ ମାତା। ଏହି ପୃଥିବୀ ୱାଇଲ୍ଡ ବା ନିର୍ଜନ ପ୍ରାକୃତିକ କ୍ଷେତ୍ର କିମ୍ବା ଡୋମେଷ୍ଟିକେଟେଡ୍ ବା ବାସୋପଯୋଗୀ ପ୍ରତିପାଳକ ହୋଇପାରେ। ୱାଇଲ୍ଡ ଦୃଷ୍ଟିରୁ ପୃଥିବୀ ଜଙ୍ଗଲକୁ ପ୍ରତିପାଦିତ କରେ ଏବଂ ବାସୋପଯୋଗୀ ଭୂମି ରୂପରେ ଏହା ଉତ୍ପାଦିକା କ୍ଷେତ, ଯାହା ଜୀବଙ୍କୁ ଖାଦ୍ୟ ଯୋଗାଏ। ସେହିଭଳି ମହିଳାଙ୍କ କ୍ଷେତ୍ରରେ ୱାଇଲ୍ଡ କହିଲେ ଅବିବାହିତ ବା ଏକାକୀ ଜୀବନକୁ ଇଙ୍ଗିତ କରୁଥିବାବେଳେ ଡୋମେଷ୍ଟିକେଟେଡ୍ ମହିଳା କହିଲେ ସେ ସ୍ତ୍ରୀ ଭାବେ ପରିବାର ନିୟନ୍ତ୍ରଣ କରିଥାଏ। ହିନ୍ଦୁପୁରାଣ କଥାରେ ନିର୍ଜନ ତଥା ଜଙ୍ଗଲୀ ପୃଥିବୀକୁ ଜଣେ ବିବସ୍ତ୍ର ଦେବୀ, କାଳୀ, ଭୟଙ୍କର, ନଗ୍ନ, ରକ୍ତ ପିପାସୁ ଏବଂ ମୁକୁଳା କେଶଧାରୀ ମହିଳା ଭାବେ ବିବେଚନା କରାଯାଇଛି। ବାସ, ଖାଦ୍ୟ ଏବଂ ପ୍ରତିପାଳନକାରୀ ପୃଥିବୀକୁ ବସ୍ତ୍ର ବିଭୂଷିତା ତଥା ସଭ୍ୟତାର ଦେବୀ ଗୌରୀ ଭାବେ ଉଲ୍ଲେଖ କରାଯାଇଛି। ଗୌରୀ ହେଉଛନ୍ତି ସରଳ, ଶାନ୍ତ ଓ ସୁନ୍ଦର। ଗୌରୀଙ୍କ ବସ୍ତ୍ର ପ୍ରକୃତିକୁ ସଭ୍ୟତାରେ ପରିଣତ କରିଥିବା ନିୟମଗୁଡ଼ିକର ପ୍ରତିନିଧିତ୍ୱ କରେ। ଏହି ନିୟମଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ବୈବାହିକ ନିଷ୍ଠା ଯାହା ସବୁଠୁ ଦୁର୍ବଳ ମଣିଷର ବୈବାହିକ ସୁରକ୍ଷାକୁ ନିଶ୍ଚିତ କରେ।

ରାମାୟଣର ମାତା ସୀତା ହେଉଛନ୍ତି ଗୌରୀ। ସେ ବସ୍ତ୍ର ବିଭୂଷିତା ଦେବୀ। ଜଣେ ସ୍ତ୍ରୀ ଭାବେ ଗୌରୀ ତାଙ୍କ ସ୍ୱାମୀଙ୍କୁ ଅନୁସରଣ କରନ୍ତି ଓ ସ୍ୱାମୀ ଯେଉଁଆଡେ ଯାଆନ୍ତି ସେ ବି ତାଙ୍କ ସହ ଯାଇଥାନ୍ତି। ଶ୍ରୀରାମ ଯେତେବେଳେ ବନବାସରେ ବାହାରିଛନ୍ତି ସେ ମଧ୍ୟ ତାଙ୍କ ସହ ଯାଇଛନ୍ତି। ସୀତାଙ୍କୁ ତାଙ୍କ ସହ ଯିବାକୁ ରାମ କହିନାହାନ୍ତି। ବରଂ ରାମଙ୍କ ସହ ରହିବା ତାଙ୍କର କର୍ତ୍ତବ୍ୟ ବୋଲି ସୀତା ବିଚାର କରି ରାମଙ୍କ ସହ ବନବାସ ଯାଇଛନ୍ତି। ସୀତାଙ୍କୁ ତାଙ୍କ ସହ ନ ଯିବା ପାଇଁ ରାମ ଚେଷ୍ଟା କରିଛନ୍ତି। କିନ୍ତୁ ସୀତା ସ୍ତ୍ରୀ ଭାବେ ତାଙ୍କ ଦାୟିତ୍ୱ ନିର୍ବାହ କରିବା ଲାଗି ରାମଙ୍କୁ ବୁଝାଇଛନ୍ତି। ରାମ ଏଥିପାଇଁ ସୀତାଙ୍କୁ ମନା କରିପାରିନାହାନ୍ତି ଏବଂ ସୀତାଙ୍କୁ ନେଇ ବନବାସରେ ଯାଇଛନ୍ତି। ସୀତା କେବଳ ଜଣେ ଆଜ୍ଞାଧାରୀ ସ୍ତ୍ରୀ ନୁହନ୍ତି, ବରଂ ସେ ଜଣେ କର୍ତ୍ତବ୍ୟପରାୟଣା ସ୍ତ୍ରୀ ଭାବେ ତାଙ୍କ ଦାୟିତ୍ୱସବୁ କ'ଣ ସେ ବିଷୟରେ ଭଲ ଭାବେ ଜାଣିଛନ୍ତି।



ରାବଣ ଯେତେବେଳେ ପୁଷ୍ପକ ବିମାନରେ ସୀତାଙ୍କୁ ଅପହରଣ କରିନେଲା ସେତେବେଳେ ସେ ଗହଣା ଖଣ୍ଡମାନ ପିଙ୍ଗିବାକୁ ଆରମ୍ଭ କରିଦେଲେ। ତାଙ୍କ ଯିବା ପରେ ପଛରେ ଏକ ସଙ୍କେତ ଛାଡ଼ିବାକୁ ସେ ଏହା କରିଥିଲେ, ଯେଉଁଥିରୁ ରାମ ତାଙ୍କୁ ଖୋଜି ପାଇପାରିବେ। କିନ୍ତୁ ସୀତା ତାଙ୍କ ଗହଣାସବୁ ତ୍ୟାଗ କରିବା ରାମଙ୍କୁ ଏକ ସୂକ୍ଷ୍ମ ସାଙ୍କେତିକ ବାର୍ତ୍ତା ପ୍ରଦାନ କରେ। ଅର୍ଥାତ୍ ରାମଙ୍କ ଧର୍ମ ପ୍ରତି ଆହ୍ୱାନ ସୃଷ୍ଟି ହେବା ସହ ରାବଣ ବୈବାହିକ ନିଷ୍ଠାର ସଭ୍ୟ ନିୟମକୁ ଅବମାନନା କରିଥିବା ଏହା ସୂଚିତ କରେ। ରାମଙ୍କ ପ୍ରତିପାଳନ କ୍ଷେତ୍ରକୁ ରାବଣ ତା' ଜଙ୍ଗଲରେ ପରିଣତ କରିବାକୁ ଚାହିଁଛି। ସେ ଗୌରୀଙ୍କୁ କାଳୀ କରିବାକୁ ଚାହିଁଛି। ଗଳାବାଟରେ ସୀତା ପକାଇ ଥିବା ପ୍ରତ୍ୟେକଟି ଗହଣା ଗୋଟିଏ ସୂଚକ ବା ଅନୁସ୍ମାରକ। ସମାଜ ଜଙ୍ଗଲ ବା କୁପ୍ରକୃତି ଦ୍ୱାରା କିଭଳି ପଦଦଳିତ ହୋଇ ବିପଦରେ ରହିଛି ତାହା ସେହିସବୁ ଗହଣା ସୂଚାଇ ଦେଇଛି।

ରାବଣକୁ ବଧକରି ରାମ ଯେତେବେଳେ ସୀତାଙ୍କୁ ଉଦ୍ଧାର କରିଛନ୍ତି ସେତେବେଳେ ସେ ପ୍ରମାଣ ଦାବି କରିଛନ୍ତି ଯେ, ଗୌରୀ ନିଶ୍ଚିତ ଖାଦ୍ୟ ଓ ବାସ ଯୋଗାଉଥିବା ଜଣେ ଅବିବାହିତ ମଣିଷ ( ଶୁଦ୍ଧପୂତ ତଥା ସତ୍ୟନିଷ୍ଠ)ହେବା ଦରକାର ; କୌଣସି ସମୟରେ ସେ କାଳୀ ବା ଭୟଙ୍କର ପ୍ରବୃତ୍ତିର ହୋଇ ନ ଥିବେ, ଯେଉଁଥିପାଇଁ ଗୌରୀ ସବୁବେଳେ ସବୁ ମଣିଷଙ୍କ ପାଖରେ ରହିଥିବେ। ସେ କହିଥିଲେ ଯେ, ଏହା କେବଳ ଅଗ୍ନିପରୀକ୍ଷା ଦ୍ୱାରା ସମ୍ଭବ ହୋଇପାରିବ। ସେଥିପାଇଁ ସୀତା ଅଗ୍ନି ପରୀକ୍ଷା ଦେଇଥିଲେ ବି ତାଙ୍କୁ ଅଗ୍ନି ସ୍ପର୍ଶ କରିପାରି ନ ଥିଲା। ଏହା ପ୍ରମାଣ କରିଥିଲା ଯେ, ସେ କାୟ ମନରେ ଅନ୍ୟ କୌଣସି ପୁରୁଷ କଥା ଭାବି ନ ଥିଲେ। ଏଭଳି ସତୀତ୍ୱ ପରୀକ୍ଷା ସତ୍ତ୍ୱେ ବି ଅଯୋଧ୍ୟାର ପ୍ରଜାଗଣ ସୀତାଙ୍କୁ ମନ୍ଦପ୍ରତିଷ୍ଠା ସମ୍ପନ୍ନ ରାଣୀ କହି ତାଙ୍କୁ ତ୍ୟାଗ କରିବାକୁ ରାମଙ୍କୁ କହିଥିଲେ। ରଘୁକୁଳ ରୀତି ଅନୁଯାୟୀ ଯେଭଳି ରାମଙ୍କୁ ତାଙ୍କ ପିତାଙ୍କ ନିର୍ଦ୍ଦେଶ ମାନିବାକୁ ବିବଶ କରିଥିଲା, ଠିକ୍ ସେହିଭଳି ରାମ ପ୍ରଜାଙ୍କ ଦାବିକୁ ସମ୍ମାନ ଜଣାଇ ମାନିନେବାକୁ ବାଧ୍ୟ ହୋଇଥିଲେ ଏବଂ ସୀତା ପୁଣି ଜଙ୍ଗଲକୁ ଫେରିଯାଇଥିଲେ।

ଆଶ୍ଚର୍ଯ୍ୟର ବିଷୟ, ରାମ ଏକମାତ୍ର ହିନ୍ଦୁ ଦେବତା ଯିଏ କି ସ୍ତ୍ରୀ ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା। ଏହାସହ ସ୍ତ୍ରୀକୁ ପରିତ୍ୟାଗ କରିବାରେ ସେ ମଧ୍ୟ ଏକ ମାତ୍ର ହିନ୍ଦୁ ଦେବତା । ଏହା ସ୍ୱାମୀ ଭାବେ ରାମ ସ୍ତ୍ରୀ ପ୍ରତି ବିଶ୍ୱସ୍ତ ହେବା ଏବଂ ରାଜା ଭାବେ ରାମ ପ୍ରଜାମାନଙ୍କ ଇଚ୍ଛା ପୂରଣ କରିବା ମଧ୍ୟରେ ଥିବା ପ୍ରଭେଦକୁ ସାମ୍ନାକୁ ଆଣିଛି। ରାମ ଅଯୋଧ୍ୟାର ରାଜା ଭାବେ ସୀତାଙ୍କୁ ଜଙ୍ଗଲକୁ ପଠାଇ ଦେଇଛନ୍ତି, କିନ୍ତୁ ସ୍ୱାମୀ ଭାବେ ରାମ କେବେ ବି ଆଉ ବାହା ହୋଇନାହାନ୍ତି। ସେ ତାଙ୍କ ପାଖରେ ସୀତାଙ୍କର ଏକ ସୁନାର ପିତୁଳା ରଖିଥିଲେ। ସୁନା ବାସ୍ତବରେ ପବିତ୍ରତା ପ୍ରତୀକ। ଏଣୁ ସୁନାର ପିତୁଳା ସୂଚାଇ ଦିଏ ଯେ, ସେ ତାଙ୍କ ସ୍ତ୍ରୀଙ୍କ ବିଶ୍ୱସ୍ତତା ବା ସତ୍ୟନିଷ୍ଠା ଉପରେ ସନ୍ଦେହ କରନ୍ତି ନାହିଁ। ଏହା ସହ ଅଯୋଧ୍ୟାର ଆଇନ ଏବଂ ତାଙ୍କ ରାଜ ପରିବାରବର୍ଗ ଯେତେ ପଥଭ୍ରଷ୍ଟ ହୋଇଥିଲେ ବି ସେମାନଙ୍କୁ ସେ ସମ୍ମାନ କରନ୍ତି।

ତେବେ ଜଙ୍ଗଲରେ ଥିବା ସୀତା କିଏ ? ସେ ଗୌରୀ ନା କାଳୀ ? ସେ ତାଙ୍କ ସନ୍ତାନଙ୍କ ପାଇଁ ଗୌରୀ। ସେ ସନ୍ତାନଙ୍କୁ ବୀର ଯୋଦ୍ଧା ଭାବେ ଗଢ଼ି ତୋଳିଛନ୍ତି, ଯେଉଁମାନେ ରାମଙ୍କ ଶକ୍ତିଶାଳୀ ସେନାକୁ ପରାସ୍ତ କରିବାକୁ ସକ୍ଷମ ହୋଇଛନ୍ତି। ସେ ମଧ୍ୟ କାଳୀ ରୂପେ ବିଦ୍ୟମାନ, ଯିଏ କି ସଭ୍ୟତାର କେନ୍ଦ୍ରକୁ ଦୋହଲାଇ ଦେଇଛନ୍ତି। ସେ ସଭ୍ୟତାର ନିୟମକୁ ମାନି ଖାରଜ କରି ରାଣୀ କିମ୍ବା ସ୍ତ୍ରୀ ଭାବେ ଅଯୋଧ୍ୟାକୁ ଫେରିବାକୁ ମନା କରିଦେଇଛନ୍ତି। ଏହି ସମୟରେ ସେ ସ୍ତ୍ରୀ ଭାବେ ତାଙ୍କ ସ୍ୱାମୀଙ୍କୁ ଅନୁସରଣ କରିବାର ଆବଶ୍ୟକତା ଅନୁଭବ କରିନାହାନ୍ତି। ଯେଉଁ ପରିବାର ତାଙ୍କୁ ତ୍ୟାଗ କରିଦେଲା ତା'ର ସମୃଦ୍ଧିର ପ୍ରତିନିଧିତ୍ୱ କରିବା କିମ୍ବା ସୌଭାଗ୍ୟ ଫେରାଇ ଆଣିବା ଉଚିତ ବୋଲି ସେ ଅନୁଭବ କରିନାହାନ୍ତି। ଯେତେବେଳେ ତାଙ୍କୁ ବାରମ୍ବାର ସତୀତ୍ୱ ପରୀକ୍ଷା କରିବାକୁ କୁହାଯାଇଥିଲା ସେତେବେଳେ ସେ ଧରିତ୍ରୀ ମା' କୋଳ, ଯେଉଁଠୁ ଆସିଥିଲେ ସେଠାକୁ ଫେରିଗଲେ। ଯେତେବେଳେ ସାରା ଅଯୋଧ୍ୟା ତାଙ୍କ ରାଣୀଙ୍କୁ ପରିତ୍ୟାଗ କରିବାକୁ କହିଥିଲା ସେତେବେଳେ ସେ ଜନକ ନନ୍ଦିନୀଙ୍କୁ ହରାଇଲା, ଯିଏକି ତାଙ୍କ ସହ ସବୁ ସୁଖ ନେଇ ଚାଲିଯାଇଥିଲେ।

-devduttofficial@gmail.com

## ବ୍ୟାଙ୍କିଙ୍ଗ୍ ସଙ୍କଟ



ସୌରଜିତ ପ୍ରଧାନୀ

ରୁଷିଆ-ୟୁକ୍ରେନ୍ ସଙ୍କଟ ଏବଂ ମୁଦ୍ରାସ୍ଫୀତି-ସୁଧ ହାରର ଦ୍ୱନ୍ଦ୍ୱ ପରେ ବିଶ୍ୱ ବଜାର ପୁନରୁଦ୍ଧାର ପଥରେ ଥିଲା। ବଜାରର ଅପାର ଅସ୍ଥିରତା ଯୋଗୁ ଅନେକ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଆମେରିକାରେ ଅର୍ଥନୈତିକ ତଥ୍ୟ ସମଗ୍ର ବିଶ୍ୱ ବଜାର ଏବଂ ଅର୍ଥନୀତିରେ ଲିକ୍ୟୁଡିଟିକୁ ନିୟନ୍ତ୍ରଣ କରିଥିଲା। ଏପରିକି ମୁଦ୍ରା ବଜାର ମଧ୍ୟ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ଉପରେ ନିର୍ଭରଶୀଳ ଥିଲା। ୟୁରୋପ ଆର୍ଥିକ ଦୃଷ୍ଟିରୁ ଏହାର ସବୁଠାରୁ କଠିନ ସମୟ ଦେଇ ଗତି କରୁଛି ଏବଂ ଏହାର ଅସଫଳ କୋଭିଡ୍ ରଣନୀତି ଯୋଗୁ ଚାଇନା ପ୍ରଭାବ ହ୍ରାସ ପାଇଛି।

ବୈଶ୍ୱିକ ସ୍ତରରେ, ଆର୍ଥିକ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ଦିଗକୁ ନେଇ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଥିଲା। ବିଶ୍ୱର ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ମୁଦ୍ରାସ୍ଫୀତି ଚାପକୁ ହ୍ରାସ କରିବା ଅଭିବୃଦ୍ଧି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ମୁଦ୍ରାସ୍ଫୀତି ହ୍ରାସ ପାଇଥିବାରୁ (ନିୟନ୍ତ୍ରଣରେ ନ ଥିଲେ) ଏବଂ ବଜାର ପୁନରୁଦ୍ଧାର ଆବେଗ ଅପେକ୍ଷା ଅଧିକ ଗଠନମୂଳକ ହୋଇଥିବାରୁ ନୀତିଗତ ନିଷ୍ପତ୍ତିରୁ ସକାରାତ୍ମକ ପରିଣାମ ମିଳିଥିଲା। ଅର୍ଥନୀତି ଆଶାଠାରୁ ଭଲ ପ୍ରଦର୍ଶନ କରୁଛି ବୋଲି ବିଶ୍ଳେଷକମାନେ ଉତ୍ସାହିତ ଥିଲେ ଏବଂ ସମାନ ବିଶ୍ଳେଷକମାନେ ଏକ ଆସନ୍ନ ମାନ୍ଦାବସ୍ଥା ବିଷୟରେ କହୁଛନ୍ତି।

୨୦୨୧-୨୦୨୨ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ପାଇଁ ଏକ ଖରାପ ସମୟ ଥିଲା। ସୁଧ ହାର ହ୍ରାସ ଯୋଗୁ ବ୍ୟାଙ୍କଗୁଡ଼ିକର ଲାଭଜନକ ସ୍ଥିତିକୁ ବଡ଼ ଝଟକା ଲାଗିଥିଲା। ବର୍ଦ୍ଧିତ ସୁଧ ହାର ସହିତ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ କ୍ଷେତ୍ର ସବୁଠାରୁ ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ନିକଟରେ ଏସ୍‌ଭିବି (ସିଲିକନ ଭ୍ୟାଲି ବ୍ୟାଙ୍କ) ଏବଂ କ୍ରେଡିଟ ସୁଇସର ପତନ ସମସ୍ତଙ୍କ ମନରେ ଆଶଙ୍କା ଏବଂ ସନ୍ଦେହ ସୃଷ୍ଟି କରିଛି।

ବିଶ୍ୱ ଜିଡିପି ୩% ହାରରେ ବୃଦ୍ଧି ପାଉଛି। ୟୁରୋପରେ ମାନ୍ଦାବସ୍ଥା ଲାଗିରହିଥିବାରୁ ଧନୀ ଦେଶଗୁଡ଼ିକର ନିଯୁକ୍ତି ବଜାର ହ୍ରାସ ପାଇବାରେ ଲାଗିଛି। ଏହାର ପ୍ରଭାବ ନିଶ୍ଚିତ ଭାବେ ଭାରତ ଉପରେ ମଧ୍ୟ ପଡ଼ିବ। ବ୍ୟାଙ୍କିଙ୍ଗ୍ ବିଶୃଙ୍ଖଳା ଯୋଗୁ ଦୁଇଟି ମୌଳିକ ସମସ୍ୟା ସୃଷ୍ଟି ହେବ- ଯେହେତୁ ଏସ୍‌ଭିବି ସଙ୍କଟ ଏକ ବ୍ୟାଙ୍କ ଜମା ସଙ୍କଟ ଥିଲା, ତେଣୁ ଲୋକମାନେ ବ୍ୟାଙ୍କ କିମ୍ବା କୌଣସି ଆର୍ଥିକ ସଂସ୍ଥାରେ ସେମାନଙ୍କ ଟଙ୍କା ଜମା କରିବାକୁ ଭୟ କରିବେ। ଲୋକଙ୍କ ମନରେ ଭୟ ରହିଛି ଯେ ଯଦି ଏସ୍‌ଭିବି ଏବଂ କ୍ରେଡିଟ୍ ସୁଇସ ଭଳି ଗ୍ଲୋବାଲ ବ୍ୟାଙ୍କରେ ଡିପୋଜିଟ ସମସ୍ୟା ଦେଖାଦେଇପାରେ ତେବେ ଯେକୌଣସି ବ୍ୟାଙ୍କକୁ ମଧ୍ୟ ସମାନ ପରିଣାମ ଭୋଗିବାକୁ ପଡିପାରେ।

ଫଳରେ 'କ୍ରେଡିଟ ପ୍ରସଙ୍ଗ' ସୃଷ୍ଟି ହେବ। ଯେହେତୁ ଜମା କମ୍ ରହିବ, ତେଣୁ ବ୍ୟାଙ୍କଗୁଡ଼ିକ ପାଖରେ କର୍ପୋରେଟ୍‌କୁ ଋଣ ଦେବା ପାଇଁ କମ୍ ପାଣ୍ଠି ରହିବ। ଏହା କର୍ପୋରେଟ୍‌କୁ ସେମାନଙ୍କ ଉତ୍ପାଦକତା ହ୍ରାସ କରିବାକୁ ବାଧ୍ୟ କରିବ, ଯାହା ଫଳରେ ନିଯୁକ୍ତି ବଜାରରେ ମଧ୍ୟ ପ୍ରଭାବ ପକାଇବ। ଏହା ଏକ ଶୃଙ୍ଖଳାଗତ ପ୍ରତିକ୍ରିୟା ଯାହା ସମଗ୍ର ଅର୍ଥବ୍ୟବସ୍ଥାକୁ ବିଶ୍ୱସ୍ତରରେ ଆବଦ୍ଧ କରିବ। କଠୋର ଋଣ ସ୍ଥିତିର ପ୍ରଭାବରେ ସ୍ୱଳ୍ପକାଳୀନ ଆର୍ଥିକ ପୁନରୁଦ୍ଧାର ଏବଂ ଦୀର୍ଘକାଳୀନ ଉତ୍ପାଦକତା ଅଭିବୃଦ୍ଧି ବାଧାପ୍ରାପ୍ତ ହେବ।

ଅନ୍ୟ ପ୍ରସଙ୍ଗ ହେବ 'ଖର୍ଚ୍ଚ ଓ ନିବେଶ'। ଯଦି ବ୍ୟାଙ୍କିଙ୍ଗ୍ ସଙ୍କଟ ଦେଖାଦେବ ତେବେ ସେମାନେ ଅଧିକ ସଞ୍ଚୟ କରିବା ଆରମ୍ଭ କରିବେ ଏବଂ କମ୍ ଖର୍ଚ୍ଚ କରିବେ। ଅନିଶ୍ଚୟତା ସେମାନଙ୍କୁ 'ବର୍ଷାଦିନ'ରୁ ରକ୍ଷା କରିବା ପାଇଁ କମ୍ ଖର୍ଚ୍ଚ କରିବାକୁ ବାଧ୍ୟ କରିବ। ବ୍ୟାଙ୍କିଙ୍ଗ୍ ସଙ୍କଟ ପୁଞ୍ଜି ବଜାର ଉପରେ ଗଭୀର ପ୍ରଭାବ ପକାଇଛି। ବିଶ୍ୱସ୍ତରୀୟ ବ୍ୟାଙ୍କଗୁଡ଼ିକ ଶେୟାର ମୂଲ୍ୟରେ ଏକ ଷଷ୍ଠାଂଶ ହ୍ରାସ ଘଟିଛି। 'ଏସ୍‌ଭିବି' ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବଜାର ସମୟକୁ ସୁଧାରିଛି। ସୁନା ଓ ରୁପାରେ ନିବେଶ କରି ନିବେଶକମାନେ ସେମାନଙ୍କ ରିସ୍କକୁ 'ହେଜ' (ବଜାର ଅସ୍ଥିରତାରୁ ସୁରକ୍ଷା) କରିଦେଇଛନ୍ତି।

ଯଦିଓ ନିକଟ ଅତୀତରେ ଦେଖାଦେଇଥିବା ବ୍ୟାଙ୍କିଙ୍ଗ୍ ସମସ୍ୟା ଉଦ୍‌ବେଗଜନକ, ତଥାପି ଏହା ଅର୍ଥନୀତିକୁ ମାନ୍ଦାବସ୍ଥା ଆଡ଼କୁ ଠେଲି ଦେବାର ସମ୍ଭାବନା କମ୍। ଏହି ବିଶ୍ୱସ୍ତରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ହୋଇଥିବା କ୍ଷତିକୁ ସଫା କରିବା ପାଇଁ ସମୟ ଲାଗିବ। ଆଗକୁ ନକାରାତ୍ମକ ଖବର ଆସିଲେ ପରିସ୍ଥିତି ବିଗିଡ଼ି ଯାଇପାରେ।

**ପ୍ଲଟ ନଂ ୧୩୭, ଜିଲା କେନ୍ଦ୍ର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ମୋ-୯୯୬୭୧୦୨୨୬୪**

## ଏଇ ଭାରତରେ

ମୂଷା ମାରିଥିବା ବ୍ୟକ୍ତିଙ୍କ ବିରୋଧରେ ୩୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ ହେବା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏଭଳି ଘଟଣା ଘଟିଛି ଉତ୍ତରପ୍ରଦେଶର ବାଦାଉନରେ। ଏଠାରେ ମନୋଜ ନାମକ ଜଣେ ବ୍ୟକ୍ତି ମୂଷାକୁ ମାରିବା ମହଙ୍ଗା ପଡ଼ିଛି। ବର୍ତ୍ତମାନ ତାଙ୍କୁ ଏହି ମାମଲାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ ବୋଲି କୁହାଯାଉଛି। ଏହି ଘଟଣାର ତଦନ୍ତ ପରେ ପୋଲିସ କୋର୍ଟରେ ୩୦ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ପୋଷ୍ଟ ମର୍ଟମ ରିପୋର୍ଟ, ଗଣମାଧ୍ୟମରେ ପ୍ରକାଶିତ ଭିଡିଓ ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ପରାମର୍ଶକୁ ଦୃଷ୍ଟିରେ ରଖି ଏହି ଚାର୍ଜଶିଟ ପ୍ରସ୍ତୁତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଅନୁସନ୍ଧାନକାରୀ ଅଧିକାରୀ ରାଜେଶ ଯାଦବ ଚାର୍ଜଶିଟରେ ଲେଖିଛନ୍ତି ଅଭିଯୁକ୍ତ ମନୋଜଙ୍କୁ ଧାରା ୧୧ (ପ୍ରିଭେନଶନ ଅଫ କ୍ରୁଏଲିଟି ଟୁ ଆନିମଲ୍ସ ଆକ୍ଟ) ଏବଂ ଧାରା ୨୯ (ପ୍ରାଣୀମାନଙ୍କୁ ହତ୍ୟା କିମ୍ବା ଅକ୍ଷମ କରିବା)ରେ ଅଭିଯୁକ୍ତ କରାଯାଇଛି। ଏହି ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା, କିନ୍ତୁ ପରେ ଜାମିନ ପ୍ରଦାନ କରାଯାଇଥିଲା। ଏଭଳି କ୍ଷେତ୍ରରେ ମନୋଜଙ୍କ ଉପରେ କୋର୍ଟ କି ଦଣ୍ଡାଦେଶ ଦେବେ ଓ ଜରିମାନା ଆଦାୟ କରିବେ, ତାହା ମଧ୍ୟ ଏକ ଉଦାହରଣ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୯୮

- ନେପାଳୀ କଂଗ୍ରେସ ନେତା ଗିରିଜା ପ୍ରସାଦ କୋଇରାଲାଙ୍କୁ ରାଜା ବୀରେନ୍ଦ୍ର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି।
- ବିହାରର ପାଟନା ଜିଲାସ୍ଥିତ ମୋକାମ ଥାନା ଅଞ୍ଚଳରେ ଥିବା ଗଙ୍ଗାନଦୀରେ ଚିନ୍ତାମନଚକ ଗ୍ରାମ ନିକଟରେ ଏକ ଦେଶୀ ନୌକା ବୁଡ଼ିଯିବା ଫଳରେ ୩୦ ମୃତ ।
- ପ୍ରଖ୍ୟାତ ଜନନେତା ସି. ସୁବ୍ରମଣ୍ୟମଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 2 | | |
| | | | | 4 | 6 | | 8 | |
| | 7 | 2 | | | 8 | | | |
| | | 5 | | | | | 1 | 9 |
| | 2 | 9 | 7 | | | 6 | | |
| | | | 3 | | | | | 7 |
| 2 | | | | 3 | | 5 | | |
| | 6 | | | | 9 | 3 | | |
| | | | | | 2 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 2 | 9 | 5 | 3 | 8 | 1 |
| 5 | 2 | 9 | 1 | 3 | 8 | 6 | 7 | 4 |
| 8 | 1 | 3 | 6 | 7 | 4 | 9 | 5 | 2 |
| 4 | 5 | 2 | 8 | 6 | 7 | 1 | 3 | 9 |
| 3 | 6 | 1 | 5 | 4 | 9 | 8 | 2 | 7 |
| 7 | 9 | 8 | 3 | 1 | 2 | 4 | 6 | 5 |
| 1 | 8 | 5 | 9 | 2 | 6 | 7 | 4 | 3 |
| 2 | 3 | 7 | 4 | 8 | 1 | 5 | 9 | 6 |
| 9 | 4 | 6 | 7 | 5 | 3 | 2 | 1 | 8 |

ଗତକାଲିର ଉତ୍ତର

# ରାଜଧାନୀ ପ୍ରତିଷ୍ଠା ଓ ମହତାବ



ବିପିନ ବିହାରୀ ରାଉତ

ରାଜଧାନୀ ଭୁବନେଶ୍ୱରର ଆୟମାରମ୍ଭ ୧୯୪୮ ଏପ୍ରିଲ ୧୩ ତାରିଖରେ ହୋଇଥିଲାବେଳେ ଇତିମଧ୍ୟରେ ୭୫ ବର୍ଷ ଅତିକ୍ରାନ୍ତ ହୋଇଛି। ଏହା ଏବେ ମହାନଗରରେ ପରିଣତ ହୋଇଛି। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଏହା ଏକ ଆଦର୍ଶ ନଗରୀରେ ପରିଣତ ହେବ ବୋଲି କହିଥିଲେ। ସମୟ ଗଡ଼ି ଚାଲିବା ସହିତ ଭୁବନେଶ୍ୱର ଏନ୍‌ଏସିର ରୂପ ବଦଳି ଏହା ମ୍ୟୁନିସିପାଲିଟି ଓ ପରେ ମହାନଗର ନିଗମରେ ପରିଣତ ହୋଇଛି। ୭୬ବର୍ଷରେ ରାଜଧାନୀ ଭୁବନେଶ୍ୱର ପଦାର୍ପଣ କରିଥିଲାବେଳେ ଏହି ଅବସରରେ ରାଜଧାନୀର ନକ୍ସାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ରାଜ୍ୟ ସରକାର ୧୯୮୨ରେ ବିଡିଏ ଗଠନ କରିଥିଲେ। ଇତିମଧ୍ୟରେ ଓଡ଼ିଶାର ପ୍ରଥମ ସହର ଭାବରେ ଭୁବନେଶ୍ୱରରେ ପିପି ସ୍କିମ୍ କାର୍ଯ୍ୟକାରୀ ହେଉଛି। ଭୁବନେଶ୍ୱର ଉପକଣ୍ଠରେ ମୋଟ ୫୮ଟି ରାଜସ୍ୱ ଗ୍ରାମରେ ୪୫ ଟାଉନ ପ୍ଲାନିଂ ସ୍କିମ୍ କରି ଏହାକୁ ସହରୀକରଣ ଢାଞ୍ଚାରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି। ଭୁବନେଶ୍ୱର ମହାନଗର ନିଗମର ସବୁଠାରୁ ବଡ଼ ଶପଥ ଥିଲା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ମାନ୍ୟତା, ଏଥିପାଇଁ ବିଏମ୍‌ସି ସବୁଆଡ଼ୁ ପ୍ରଶଂସା ମଧ୍ୟ ପାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟିକୁ ସିଟିଜ୍ ଆୱାର୍ଡ ମିଳିଛି। ମନ୍ଦିରମାଳିନୀ ସହର ଦେଶର ଏକ ନମ୍ବର ସ୍ମାର୍ଟ ସିଟିରେ ପରିଣତ ହୋଇଛି। ୧୯୪୮ ମସିହାରୁ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଯାତ୍ରା ଆରମ୍ଭ କରି ୧୯୭୯ ମ୍ୟୁନିସିପାଲିଟି ମାନ୍ୟତା ପାଇଥିଲା। ପରେ ୧୯୯୪ରେ ମିଳିଥିଲା ମହାନଗର ନିଗମ ଟ୍ୟାଗ୍। ୧୯୪୮ଏପ୍ରିଲ ୧୩ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଭୁବନେଶ୍ୱରରେ ରାଜ୍ୟର ନୂଆ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜର୍ମାନ ଆର୍କିଟେକ୍ଟ ରୁଓଟୋ କୋନିଙ୍ଗବର୍ଜର ମୁଖ୍ୟ ବିନ୍ଧାଣି ସାଜି ଭୁବନେଶ୍ୱରର ଡିଜାଇନ୍ ପ୍ରସ୍ତୁତ କରିଥିଲେ। ସେତେବେଳେ ଭୁବନେଶ୍ୱରର ଜନସଂଖ୍ୟା ଥିଲା ମାତ୍ର ୨୦ ହଜାର। ତେବେ ୨୦୧୧ ଜନଗଣନା ଅନୁଯାୟୀ ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧି ପାଇ ୮ଲକ୍ଷ ୪୦ ହଜାର ୬୪୩ରେ ପହଞ୍ଚିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ଜନସଂଖ୍ୟା ପାଖାପାଖି ୧୫ ଲକ୍ଷ ଟପିଥିବା ଅନୁମାନ କରାଯାଉଛି।

ନୂଆ ରାଜଧାନୀ ପ୍ରତିଷ୍ଠା ପାଇଁ ଦୁଇକୋଟି ଟଙ୍କା ଦରକାର ପଡ଼ିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପାଇଁ ଏହାଥିଲା ବହୁତ ବଡ଼ ସମସ୍ୟାର କଥା। ଏହି ସମୟରେ କେନ୍ଦ୍ରର ତତ୍କାଳୀନ ଅର୍ଥ ବିଭାଗ ମୁଖ୍ୟ ଥିଲେ ଲିୟାକତ୍ ଅଲ୍ଲୀ। ସେ ଥିଲେ ମୁସଲିମ ଲିଗ୍‌ର ରାଜନେତା। ତାଙ୍କୁ ଯେତେବେଳେ ମହତାବ ଭେଟି ଅର୍ଥ ମଞ୍ଜୁର ପାଇଁ ସହାୟତା ମାଗିଲେ ସେ ସିଧା ମନା କରିଦେଲେ। ତେବେ ରାଜନୀତିରେ ବେଶ୍ ଚତୁର ଚାଣକ୍ୟ ଡ. ମହତାବ ତାଙ୍କର ଟ୍ରମ୍ପ କାର୍ଡ ଖେଳିଥିଲେ। ସେ କହିଥିଲେ ଓଡ଼ିଶା ଏକ ହିନ୍ଦୁ ପ୍ରଦେଶ। ଜଣେ ମୁସଲମାନ ନେତାଙ୍କ ଦ୍ୱାରା ଏହା ଅବହେଳିତ ହେଉଛି ବୋଲି ଭାବନା ଯଦି ଜନସମାଜକୁ ଯିବ ଏହା ଆଦୌ ଗ୍ରହଣୀୟ ହେବନାହିଁ। ତତ୍କାଳ ଅର୍ଥମନ୍ତ୍ରୀ ଲିୟାକତ୍ ଅର୍ଥ ମଞ୍ଜୁର କଲେ। ସ୍ୱାଧୀନ ଭାରତରେ ଭୁବନେଶ୍ୱର ହିଁ ଏକମାତ୍ର ରାଜଧାନୀ ଯାହାକୁ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଅର୍ଥ ମଞ୍ଜୁର କରିଥିଲେ। ଅନ୍ୟ ସମସ୍ତ ରାଜ୍ୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ନିକଟରୁ ଧାର ସୂତ୍ରରେ ଅର୍ଥ ଆଣି ପରେ ଶୁଝିଛନ୍ତି।



୧୯୪୩ ମସିହା କଟକ ରେଭେନ୍ସା କଲେଜ କ୍ୟାମ୍ପସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ପରେ ଏହା ଭୁବନେଶ୍ୱରକୁ ଉଠି ଆସିଥିଲା। ୧୯୫୮ ଜାନୁୟାରୀ ୧ରେ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ଶିଳାନ୍ୟାସ କଲେ। ୧୯୬୩ ଜାନୁୟାରୀ ୨ରେ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାର ଉଦ୍‌ଘାଟନ କରିଥିଲେ। ନୂଆ ରାଜଧାନୀ ହେବାପରେ ଭୁବନେଶ୍ୱରରେ ବିଧାନସଭା ଚାଲିଲା, ଯାହାକି ପୂର୍ବରୁ କଟକ ରେଭେନ୍ସା କଲେଜର ଆସେମ୍ବ୍ଲି ହଲ୍‌ରେ ବିଧାନସଭା ଚାଲୁଥିଲା। ପ୍ରଥମେ ୟୁନିଟ-୨ ଅଞ୍ଚଳରେ ବିଧାନ ସୌଧ ନିର୍ମାଣ ହେଲା। ସେଠାରେ କିଛିଦିନ ବିଧାନ ସଭା ଚାଲିବା ପରେ ନୂଆ ବିଧାନ ସଭା ବିଲ୍ଡିଂ ନିର୍ମାଣ ହେଲା। ୧୬.୪୮ବର୍ଗକିଲୋମିଟର ଅଞ୍ଚଳ ଓ ୨୦ ହଜାର ଜନସଂଖ୍ୟାକୁ ନେଇ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ଓଟୋ.ଏଚ୍. କନ୍‌ସିବର୍ଗ ରାଜଧାନୀର ପରିକଳ୍ପନା କରିଥିଲେ। କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନରୁ ସତ୍ୟନଗର ଯାଏ ସୀମିତ ଥିଲା ରାଜଧାନୀର ସରହଦ। ସ୍ୱାଧୀନ ଭାରତର ପ୍ରଥମ ଯୋଜନାବଦ୍ଧ ସହର ଥିଲା ଭୁବନେଶ୍ୱର। ଯଦିଓ ଏହି ତାଲିକାରେ ଜାମସେଦପୁର ଓ ଚଣ୍ଡୀଗଡ଼ ବି ଥିଲା ହେଲେ ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା।

ପୂର୍ବ ଯୋଜନା ମୁତାବକ ମହତାବ ଟ୍ରେନ୍‌ରେ ବୁଦ୍ଧେଶ୍ୱରୀ ଷ୍ଟେଶନ ଆସିଲେ। ଆଉ ସେଇଠୁ ଗୋକୁଳାନନ୍ଦ ଜେନାଙ୍କ ଶଗଡ଼ ଗାଡ଼ିରେ ବଡ଼ଗଡ଼ ସ୍ଥିତ ପତିତପାବନ ଦିଅଁଙ୍କ ପାଖରେ ପହଞ୍ଚିଲେ। ଯେଉଁଠି ପୂର୍ବରୁ ଭୁବନେଶ୍ୱରବାସୀଙ୍କ ସମେତ ଭିଙ୍ଗାରପୁର ଜମିଦାର ଚୌଧୁରୀ ନୀଳକଣ୍ଠ ଦାସ, ଚୌଧୁରୀ ଗଙ୍ଗାଧର ଦାସ, ବାଲିଅନ୍ତାର ଗାନ୍ଧୀ କୁହାଯାଉଥିବା ଦାଶରଥି ମହାନ୍ତି, ମହାଦେବ ମହାନ୍ତି, ଜୟକୃଷ୍ଣ ସାହୁ, ବଡ଼ଗଡ଼ର ସୁରେନ୍ଦ୍ର ସୁନ୍ଦରାୟ ଉପସ୍ଥିତ ଥିଲେ। ମହତାବ ସମସ୍ତ ସଭାଜନଙ୍କୁ ଆହ୍ୱାନ ଦେଇ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଲେ। ଆଉ ସମର୍ଥନ କରିବାକୁ ନିବେଦନ କଲେ। ପତିତପାବନଙ୍କୁ ସାକ୍ଷୀ ରଖି ପୂରା ରାଜଧାନୀବାସୀ ମହତାବଙ୍କ ପଛରେ ଅଛୁ ବୋଲି ନାରା ଦେଇଥିଲେ। ପରେ ଅରୁଆ ଡାଲମା, ଖଟା ଖାଇ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଲା। ଆସନ୍ତୁ ନୂଆ ରାଜଧାନୀ ଗଠନରେ ଆମେ ସମସ୍ତେ ସବୁ ଭେଦଭାବ ଭୁଲି ସହାୟତା ଓ ସହଯୋଗର ହାତ ବଢ଼ାଇବା। କଟକର କଳେବରକୁ ଲୋକସଂଖ୍ୟା ନ ସୁହାଇବାରୁ ମହତାବ ନୂଆ ରାଜଧାନୀ ପାଇଁ ଚିନ୍ତା କରିଥିଲେ। ଜମି ପାଇଁ ଟଙ୍କା ନ ଦେବାକୁ ପଡ଼ିବ ବୋଲି ଭୁବନେଶ୍ୱରକୁ ହିଁ ତାଲିକାରେ ସବୁଠୁ ଆଗରେ ରଖାଗଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭୁବନେଶ୍ୱରକୁ ଗୁରୁତ୍ୱ ଦିଆଯାଇଥିବାରୁ ଏଠାରେ ଏୟାର ଷ୍ଟ୍ରିପ୍ ନିର୍ମାଣ ହୋଇସାରିଥିଲା ଓ ଟ୍ରେନ୍ ଚଳାଚଳର ସୁବିଧା ଥିଲା, ଯାହାପାଇଁ ପଡ଼ୋଶୀ ରାଜ୍ୟ ଲାଗି ଯୋଗାଯୋଗର ସୁବିଧା ବଡ଼ ଯୁକ୍ତି ରଖିଥିଲା। ଏହା ବ୍ୟତୀତ ଖୋର୍ଦ୍ଧା ଜିଲା ବୀର ପାଇକଙ୍କ ଗଡ଼ କୁହାଯାଉଥିଲା। ତେଣୁ ସବୁ ଦୃଷ୍ଟିରୁ ଭୁବନେଶ୍ୱର ହିଁ ରାଜଧାନୀ ପ୍ରତିଷ୍ଠା ପାଇଁ ଆଗରେ ରହିଥିଲା। ସହଜ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ ବ୍ୟବସ୍ଥାର ସହଜଲଭ୍ୟତା ଆଦି ଲୋକଙ୍କୁ ରାଜଧାନୀମୁହାଁ କରିଛି।

**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

## ପାଠକ ଶ୍ରେଷ୍ଠ ବିଚାରକ

### ୨୫% ସିଟ୍‌ରେ ମାଗଣା ନାମ ଲେଖାଯାଉନି

ମହାଶୟ,

୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଅବହେଳିତ ଶ୍ରେଣୀର ପିଲାଙ୍କ ପାଇଁ ସବୁ ସ୍କୁଲରେ ୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହି ନିୟମାନୁସାରେ ରାଜ୍ୟରେ ଗଣଶିକ୍ଷା ବିଭାଗ ଏକ ପୋର୍ଟାଲ ପାରଦର୍ଶୀ ଉନ୍ମୋଚନ କରିଥିଲା। ଏଥିରେ ସବୁ ସ୍କୁଲ ୨୫% ସିଟ୍ ସଂରକ୍ଷଣ ବିଷୟରେ ତଥ୍ୟ ଦେବା ସହିତ ପିଲାମାନେ ମଧ୍ୟ ଆବେଦନ କରିବାର ସୁବିଧା ରହିଛି। କିନ୍ତୁ କେତେକ ସ୍କୁଲ ପକ୍ଷରୁ ଏହି ଯୋଜନାରେ ନାମ ଲେଖାଇବା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରାଯାଉଛି। ରାଜ୍ୟରେ ଗତ ବର୍ଷ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ସେଥିରେ ମାତ୍ର ୫ହଜାର ପିଲା ନାମ ଲେଖାଇଥିଲେ। ଏହି ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ପାଖାପାଖି ୭୦ ହଜାରରୁ ଅଧିକ ଗରିବ ପିଲା ଏଭଳି ସୁବିଧା ପାଇପାରିବେ। ଚଳିତବର୍ଷ ପ୍ରାୟ ୧୫ହଜାର ପିଲା ନାମଲେଖା ପାଇଁ ପୋର୍ଟାଲରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପୋର୍ଟାଲରେ ନାମଲେଖା ପାଇଁ ଆଉଥରେ ଆବେଦନ ସୁଯୋଗ ଦେବାକୁ ଗଣଶିକ୍ଷା ବିଭାଗର ଯୋଜନା ରହିଛି। ଯୋଜନାରେ ୩ରୁ ୭ବର୍ଷ ମଧ୍ୟରେ ପିଲା ଉଭୟ ନର୍ସରୀ ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାର ବ୍ୟବସ୍ଥା ରହିଛି। ହେଲେ କେତେକ ସ୍କୁଲ ଏହି ଯୋଜନାରେ ନାମଲେଖା ପାଇଁ ଅଭିଭାବକ ଓ ପିଲାଙ୍କୁ ମନାକରିବା ନିନ୍ଦନୀୟ ବିଷୟ।

**-ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଥାପି ନମଇଁ ତୋରେ ହେ ନିର୍ଜୀବ କର୍କଶ ପାଷାଣ !
ଘନୀଭୂତ ଏଥି ଯେଣୁ କେତେ ପୁଣ୍ୟ ଶିଳ୍ପୀର ପରାଣ,
ଯେ ରାଜନ ଗଢ଼ିଲା ଏ ପାଷାଣର ଗିରି,
ଯେ ବିରାଟ କଳ୍ପନାରୁ ଉଦ୍ଭୁତ ଏ ଶିରୀ,
ବିଶ୍ୱ ପାଇଁ କରିଲା ଦାଦନ
ଅନ୍ତରର ବିପୁଳ ବେଦନ,
ହେବାକୁ ନିର୍ବଂଶ
ଲୋଡ଼ିଲା ଅଯଶ
ବଂଶ ଗର୍ବ
କରି ଖର୍ବ!
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହିଂସାରେ ଅଶାନ୍ତ ସମ୍ବଲପୁର


ସମ୍ବଲପୁର ସହରରେ ଅନୁଷ୍ଠିତ ବାଇକ୍ ରାଲି।


ଜିଲ୍ଲା ସ୍କୁଲ ଛକରେ ପଥର ପଡ଼ିରହିଛି।


ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମ ନିକଟ ରାସ୍ତାରେ ଭଙ୍ଗାରୁଜା ହୋଇଥିବା ବାଇକ୍ ପଡିରହିଛି ।


ଶୋଭାଯାତ୍ରା ଉପରକୁ ଜଣେ ଯୁବକ ପଥର ଫିଙ୍ଗୁଛନ୍ତି।

## ଥାନା ଅଧିକାରୀଙ୍କ ନାଁରେ ମାମଲା ରୁଜୁ ନିର୍ଦ୍ଦେଶ

**ସ୍କୁଲ କୋଠା ନିର୍ମାଣକୁ ନେଇ ବିବାଦ ଘଟଣା**

କେନ୍ଦୁଝର,୧୨।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ନୟାକୋଟ ଥାନା ଅଧିକାରିଣୀ ସ୍ୱର୍ଣ୍ଣମଣି ହେମ୍ବ୍ରମ, ଏଏସ୍ଆଇ ଜେନା ଖାଲ୍କୋ ଏବଂ ଅଶୋକ ପଲେଇ ନାମକ ଜଣେ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରିବାକୁ ସ୍ଥାନୀୟ ଜେଏମ୍ଏଫ୍ସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁନ ୩୦ ସୁଦ୍ଧା ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ଖୋଦ ନୟାକୋଟ ଥାନା ଅଧିକାରିଣୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଂଶପାଳ ବ୍ଲକ୍ ତଥା ନୟାକୋଟ ଥାନା ଅନ୍ତର୍ଗତ ଜମ୍ବିରିପଶି ଗ୍ରାମର ରସାନନ୍ଦ ଆରୁକଙ୍କ ଅଭିଯୋଗକ୍ରମେ ଏକ ୧ସିସି (ନଂ.୫/୨୩)ର ଶୁଣାଣି କରି ଗତ ୪ ତାରିଖରେ କୋର୍ଟ ଏହି ଆଦେଶ ଦେଇଥିବା ଅଭିଯୋଗକାରୀଙ୍କ ଓକିଲ ବରିଷ୍ଠ ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି।

ପ୍ରକାଶ ଯେ, ଅଭିଯୋଗକାରୀ ରସାନନ୍ଦ ହେଉଛନ୍ତି ଜମ୍ବିରିପଶି ପ୍ରାଥମିକ ବିଦ୍ୟାଳୟ କମିଟିର ସଦସ୍ୟ। ସ୍କୁଲର ଏକ କୋଠା ନିର୍ମାଣ ଡମ୍ବରୁଧର ପଲେଇ ଓ ପବିତ୍ର ପଲେଇ କରୁଥିଲେ। ଉକ୍ତ କୋଠା କାମ ନିମ୍ନମାନର ହୋଇଥିବା ଅଭିଯୋଗ ପାଇ ରସାନନ୍ଦ କାମ ଦେଖିବାକୁ ଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ଏ ସଂକ୍ରାନ୍ତରେ ରସାନନ୍ଦ ନୟାକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୫/୨୩) ରୁଜୁ କରିଥିଲା। ଅପରପକ୍ଷର ଏତଲା କ୍ରମେ ପୋଲିସ ଅନ୍ୟ ଏକ କାଉଣ୍ଟର କେସ୍ (ନଂ.୧୪/୨୩) ରୁଜୁ କରିଥିବା ଅଭିଯୋଗ ହୋଇଛି। ପରଦିନ ଅଭିଯୁକ୍ତ ଅଶୋକ ପଲେଇ, ଠିକାଦାରଙ୍କ ଜଣେ କର୍ମଚାରୀ, ନୟାକୋଟ ଥାନାର ଏଏସ୍ଆଇ ଜେନା ଖାଲ୍କୋ ଓ ଥାନା ଅଧିକାରିଣୀ ସ୍ୱର୍ଣ୍ଣମଣି ହେମ୍ବ୍ରମ ସ୍କୁଲକୁ ତଦନ୍ତ କରିବାକୁ ଯାଇଥିଲେ। ସେଠାରେ ପୋଲିସ ଉପସ୍ଥିତିରେ ଅଶୋକ ପଲେଇ ଗାଳିଗୁଲଜ ଓ ମାରପିଟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ଏନେଇ ଗୁହାରି କରିବା ବେଳେ ଏଏସ୍ଆଇ ଓ ଥାନା ଅଧିକାରିଣୀ ତାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଗାଳିଗୁଲଜ, ଅସମ୍ମାନ କରିଥିଲେ ବୋଲି ଅଭିଯୋଗକାରୀ ଦର୍ଶାଇଥିଲେ। ପରେ ତଦନ୍ତ ପାଇଁ ଉଭୟ ପକ୍ଷଙ୍କୁ ଫେବୃୟାରୀ ୩ରେ ଥାନାକୁ ଡକାଇ ତାଙ୍କୁ ଗିରଫକରି ଅନ୍ୟମାନଙ୍କୁ ଛାଡ଼ି ଦେଇଥିବା ରସାନନ୍ଦ କୋର୍ଟରେ ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ବିରୋଧରେ କେସ୍ କରାଯିବ ନାହିଁ । ଏନେଇ କୌଣସି ପ୍ରତିବାଦ ବା ଅଭିଯୋଗ କଲେ ଏକାଧିକ କେସ୍ କରାଯିବ ବୋଲି ପୋଲିସ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ଏଣୁ ତାଙ୍କୁ ନ୍ୟାୟ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କୋର୍ଟ ନିକଟରେ ନିବେଦନ କରିଥିଲେ ବୋଲି ତାଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀ ସାହୁ କହିଛନ୍ତି। ଥାନା ଅଧିକାରିଣୀ ସ୍ୱର୍ଣ୍ଣମଣି ହେମ୍ବ୍ରମ କହିଛନ୍ତି, ଏ ସମ୍ପର୍କରେ ସେ ଜାଣିନାହାନ୍ତି। ତାଙ୍କ ନାମରେ ହୋଇଥିବା ଅଭିଯୋଗ ମିଛ। ସେ ସମୟରେ ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବ।

## ପୋଲିସ ମାଡ଼ରେ ଟ୍ରାକ୍ଟର ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଲା

**ଅଭିଯୋଗକୁ ଖଣ୍ଡନକଲେ ଥାନା ଅଧିକାରୀ**

ଆନନ୍ଦପୁର,୧୨।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ମାଡ଼ରେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଥିବାର ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆନନ୍ଦପୁର ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକୁ ସ୍ଥାନୀୟ ଥାନା ଅଧିକାରୀ ଖଣ୍ଡନ କରିଛନ୍ତି। ଗୁରୁତର ଟ୍ରାକ୍ଟର ଡ୍ରାଇଭର ହେଲେ ପାର୍ଥ ପୁର୍ତ୍ତି। ଅଭିଯୋଗ ଅନୁଯାୟୀ, ଆନନ୍ଦପୁରସ୍ଥିତ ଧରଣୀଧର ଛକ ନିକଟରେ ବୁଧବାର ଟ୍ରାକ୍ଟର ଡ୍ରାଇଭର ପାର୍ଥ ଚା ପିଇବା ପାଇଁ ଛିଡ଼ା ହୋଇଥିବା ବେଳେ ହଠାତ୍ ଜଣେ ପୋଲିସ କର୍ମଚାରୀ ତାଙ୍କୁ ଏକ ପାଇପ୍‌ରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଫଳରେ ତାଙ୍କ ଗୋଡ଼ ଭାଙ୍ଗିଯିବା ସହ ସେ ଗୁରୁତର ହୋଇ ପଡ଼ିଥିଲେ। ଘଟଣା ସମ୍ପର୍କରେ ଆନନ୍ଦପୁର ଥାନା ଅଧିକାରୀ ଦେବକୀ ନାଇକ କହିଛନ୍ତି, ପୋଲିସ ବାଡ଼େଇବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ। ବାଲି ଚୋରାଚାଲାଣ ହେଉଥିବା ପଦ୍ମପୁର ଘାଟ ନିକଟକୁ ପୋଲିସ ବାଇକ୍ ଯୋଗେ ଯାଉଥିଲା। ସେ ସମୟରେ ପୋଲିସକୁ ଦେଖି ସମ୍ପୃକ୍ତ ଡ୍ରାଇଭର ଟ୍ରାକ୍ଟର ଛାଡ଼ି ଡେଇଁପଡ଼ିଥିଲେ। ଫଳରେ ତାଙ୍କର ଗୋଡ଼ ଭାଙ୍ଗିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇବାର ବ୍ୟବସ୍ଥା କରିଥିଲା ବୋଲି ସେ ପ୍ରକାଶ କରିଥିଲେ।

## ଆଇପିଏଲ୍ ବେଟିଂ: ଛତିଶଗଡ଼ର ୫ ଗିରଫ

ନୂଆପଡ଼ା ଅଫିସ,୧୨।୪

ନୂଆପଡା ଜିଲା ଜୋଙ୍କ ଥାନା ଖରିଆର ରୋଡ ସହରରେ ଅନ୍‌ଲାଇନ ଆଇପିଏଲ ବେଟିଂ ଚାଲିଥିବା ବେଳେ ପୋଲିସ ଚଢାଉ କରି ଛତିଶଗଡର ୫ଜଣ ଯୁବକଙ୍କୁ ଗିରଫ କରିଛି। ଏଥି ସହ ବିଭିନ୍ନ ଅନଲାଇନ ଉପକରଣ ସାମଗ୍ରୀ ଜବତ କରିଛି। ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରାଯାଉଛି ବୋଲି ବୁଧବାର ଖରିଆର ରୋଡ ଜୋଙ୍କ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନିରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ଜିଲାର ଖରିଆର ରୋଡ ସହର ରାମ ମନ୍ଦିର ପଛପଟେ ଏକ ଘରେ ଅନଲାଇନ ଆଇପିଏଲ ବେଟିଂ ଚାଲିଥିଲା। ଜୋଙ୍କ ଥାନା ଆଇଆଇସି କୈଳାସ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ରାତିରେ ଖରିଆର ରୋଡ ସହରରେ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଚଢାଉ କରିଥିଲା। ସେଠାରୁ ବେଆଇନ ଭାବେ ଚାଲିଥିବା ଆଇପିଏଲ ବେଟିଂ ଅଭିଯୋଗରେ ଛତିଶଗଡ ବେମେତରା ଓ ରାଜନନ୍ଦଗାଁ ଜିଲାର ୫ଜଣ ଯୁବକଙ୍କୁ ଗିରଫ କରିବା ସହ ୪ଟି ଲାପଟପ୍, ୨୧ଟି ମୋବାଇଲ ଫୋନ, ବିଭିନ୍ନ ବ୍ୟାଙ୍କର ୧୫ଟି ଏଟିଏମ କାର୍ଡ, ୧୦ଟି ଚେକ ବୁକ, ୫ଟି ପାସବୁକ, ୨ଟି ଏୟାର ବ୍ୟାଗ, ଗୋଟିଏ ଆଧାରକାର୍ଡ, ଗୋଟେ ନୋଟ୍‌ବୁକ୍ ଓ ଗୋଟିଏ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। ଛତିଶଗଡର ଯୁବକମାନେ ଖରିଆର ରୋଡ ସହରକୁ ଆସି ସ୍ଥାନୀୟ ଲୋକଙ୍କ ସହ ମିଶି ସହରର ରାମ ମନ୍ଦିର ପଛପଟରେ ଏକ ଘର ଭଡା ସୂତ୍ରରେ ନେଇ ଟାଇଗର ଏକ୍ସଚେଞ୍ଜ ନାମକ ଏକ ୱେବସାଇଟ୍ ଖୋଲି ବିଭିନ୍ନ ଅପସନ ଦେଇ ଅନଲାଇନ ମାଧ୍ୟମରେ ଖେଳ ଚାଲିଥିଲା। ଏ ସଂକ୍ରାନ୍ତରେ ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ସବୁ ତଥ୍ୟ ହସ୍ତଗତ ହେବା ପରେ ଗିରଫମାନଙ୍କ ନାମ ପ୍ରକାଶ କରାଯିବ ବୋଲି ଏସ୍‌ପି କହିଛନ୍ତି।

## ବୈତରଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୧୨।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁରର ବୈତରଣୀ ନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଆନନ୍ଦପୁର ଫକୀରମୋହନ ବସ୍‌ଷ୍ଟାଣ୍ଡ ନିକଟରେ ମୋବାଇଲ ଯନ୍ତ୍ରାଂଶ ବିକ୍ରୟ କରୁଥିବା ରଘୁନାଥ ପୃଷ୍ଟିଙ୍କ ପୁଅ ଆଶିଷ ପୃଷ୍ଟି।

## ଯୁବତୀଙ୍କୁ ଗଣବଳାତ୍କାର: ୨ ଗିରଫ

ରାଉରକେଲା ଅଫିସ, ୧୨।୪

ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳରେ ଜଣେ ଯୁବତୀ ଶୌଚହୋଇ ଘରକୁ ଫେରୁଥିବାବେଳେ ତାଙ୍କୁ ୩ ଯୁବକ ଟେକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜାମଟୋଲି ବସ୍ତିର ବିକି ଓରଫ ବିଜୟ ନାୟକ (୩୬) ଓ ରୋହିତ ନାୟକ(୨୨)। ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେକ୍ଟର-୬ ଅଞ୍ଚଳରେ ଯୁବତୀଙ୍କ ଘର। ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ଘର ପାଖ ଦୁର୍ଗାପୁର ପାହାଡ ତଳକୁ ଶୌଚ ପାଇଁ ଯାଇ ଘରକୁ ଫେରୁଥିଲେ। ଯୁବତୀଙ୍କୁ ଦେଖି ୩ ଯୁବକ ପିଛାକରି ଟେକି ନେଇଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ବିକି ତାଙ୍କ ଘରକୁ ଯୁବତୀଙ୍କୁ ନେଇଥିଲେ। ସେଠାରେ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ପରେ ଯୁବତୀ ଜଣଙ୍କ ସେଠାରୁ ନିଜ ଜୀବନ ବଞ୍ଚାଇ ପଳାଇ ଆସି ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୫୭।୨୦୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସମ୍ବଲପୁରରେ ସାମ୍ପ୍ରଦାୟିକ ...


ଆହତ ଧନୁପାଲି ଥାନା ଆଇଆଇସି ଅନିତା ପ୍ରଧାନ


ଆହତ ଟାଉନ ଥାନା ଆଇଆଇସି ପ୍ରକାଶ କର୍ଣ୍ଣ।


ଆହତ ଜଣେ ଶୋଭାଯାତ୍ରାକାରୀ।


ଗୁରୁତର ଆହତ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ବରିଷ୍ଠ ସଦସ୍ୟ ଦାମୋଦର କର।

ବାତାବରଣ ସୃଷ୍ଟି ହୋଇଛି ବୋଲି ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି, ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବାଇକ୍ ରାଲି ସୁରୁଖୁରୁରେ ଚାଲିଥିବାବେଳେ ଷ୍ଟାଡିୟମ ନିକଟରେ କେଉଁଆଡୁ ପଥର ମାଡ଼ ହୋଇଥିଲା। ଏହାକୁ କେନ୍ଦ୍ରକରି ଉଭୟ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ କଷ୍ଟରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏବେ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ଦିଆଯାଇଛି। ପୋଲିସ ଫ୍ଲାଗମାର୍ଚ୍ଚ କରୁଛି। ଶୋଭାଯାତ୍ରାରେ ସାମିଲ ଥିବା କେତେଜଣ ହିନ୍ଦୁ ଓ ୧୦ରୁ ଊର୍ଦ୍ଧ୍ୱ ପୋଲିସ ଆହତ ହୋଇଛନ୍ତି। ୧୪୪ ଧାରା ଲାଗୁ ହୋଇଥିବାରୁ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ତଦନ୍ତ ପରେ ଗିରଫ କରାଯିବ ବୋଲି ସେ କହିଥିଲେ।

ଏପ୍ରିଲ ୧୪ରେ ହନୁମାନ ଜୟନ୍ତୀ ପାଳନ କରାଯିବ। ଏହାକୁ ନେଇ ପ୍ରତିବର୍ଷ ଭଳି ବୁଧବାର ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିଲା। ହେଲେ ଭିଏସ୍ଏସ୍ ଷ୍ଟାଡିୟମ ରାସ୍ତା ଦେଇ ଶୋଭାଯାତ୍ରା ଯିବା ସମୟରେ ପଥରମାଡ଼ ହୋଇଥିଲା। ମୁସଲମାନ ସମ୍ପ୍ରଦାୟଙ୍କ ଘର ଉପରକୁ ମଧ୍ୟ ପଥର ମାଡ଼ ହୋଇଥିଲା। ଫଳରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ରାତି ପର୍ଯ୍ୟନ୍ତ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ଚର୍ଚ୍ଚ ଛକରେ ଥିବା ଦୁଇଗୋଟି ଗ୍ୟାରେଜକୁ ପୋଡି ଦିଆଯାଇଛି। ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରମୁଖ ଛକରେ ପୋଲିସ ମୁତୟନ ହୋଇଥିଲେ ବି ଉତ୍ତେଜନା ଲାଗିରହିଛି। ଯୋଜନାବଦ୍ଧ ଭାବେ ପଥର ମାଡ଼ ହୋଇଥିଲା ବୋଲି ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ ହୋଇଛି। ସମିତିର ବରିଷ୍ଠ ସଦସ୍ୟ ଦାମୋଦର କର ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ୨୦ରୁ ଊର୍ଦ୍ଧ୍ୱ ହିନ୍ଦୁ ଯୁବକ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରାଯାଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଗେଙ୍ଗୁଟିପାଲିରେ ରାତି ସମୟରେ ଫାଙ୍କା ଗୁଳିଚାଳନା ହୋଇଥିବା ଚର୍ଚ୍ଚା ହେଉଛି। ହେଲେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ କୁହାଯାଇଛି, ଉପବାସ ମାସ ଚାଲିଥିବାରୁ ହାତଗଣତି କେତେଜଣ ଯୁବକ ଶୋଭାଯାତ୍ରାକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିଲୁ। ହେଲେ କେଉଁଆଡୁ ହଠାତ୍ ପଥର ମାଡ଼ ହୋଇଥିଲା। ଏହାକୁ ନେଇ ହିଂସା ବଢ଼ିଥିଲା।

SBI | ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ମଧୁପାଟଣା, କଟକ, ପିନ୍-୭୫୩୦୧୦
ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ଭ୍ରମସଂଶୋଧନ
ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା. ୧୧.୦୪.୨୦୨୩ ରିଖରେ ପ୍ରକାଶିତ ଆମ୍ଭର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିକୁ ନିମ୍ନଲିଖିତ ସଂଶୋଧନ ସହ ପଢ଼ିବାକୁ ଅନୁରୋଧ । କ୍ର.ନ. ୨ରେ ଋଣଗ୍ରହୀତା: ଶ୍ରୀ ପ୍ରଦୀପ କୁମାର ଦାସ / ଜାମିନ୍‌ଦାରମାନେ: ୧) ଶ୍ରୀମତୀ ମଞ୍ଜୁଲତା ଦାସ, ସ୍ୱା: ଶ୍ରୀ ପ୍ରଦୀପ କୁମାର ଦାସ, ୨) ଶ୍ରୀ ବିକ୍ରମ ପ୍ରତାପ ଦାସ, ପିତା: ଶ୍ରୀ ପ୍ରଦୀପ କୁମାର ଦାସ, ଉଭୟଙ୍କ ଠିକଣା ସା/ପୋ: ଭଦ୍ରସାହି, ଥାନା: ବଡ଼ବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫, ଓଡ଼ିଶା ପଢ଼ିବାକୁ ଅନୁରୋଧ । ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ ରହିବ ।
ତା: ୧୨.୦୪.୨୦୨୩ ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-14, ତା:08.04.2023
କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ସଂକେତ / ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା ରୋଡ୍ - ବଡ଼ମାଲ ସେକ୍ସନ ପାଇଁ ସଂକେତ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 68,83,050.32, EMD (ଟଙ୍କାରେ) : 1,37,700/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.05.2023ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-51/O/23-24

See Career Appointment on every Wednesday & Saturday

ODISHA PUBLIC SERVICE COMMISSION
CUTTACK
NOTICE
No. 3362/P.S.C. Dt.12.04.2023
(DR-IV) (2PL-02-2022-23)
No. D-12: It is for information of all concerned that **Written Examination** for recruitment to the Post of **Insurance Medical Officer,** pursuant to Advertisement **No. 14 of 2022-23** is scheduled to be held on **07.05.2023 (Sunday)**.
The detailed programme of examination along with venue of examination centres will be notified shortly.
The candidates are advised to visit **(www.opsc.gov.in)** the website of the Commission regularly for further information on examination related Notice(s).
OIPR-12002/11/0005/2324 Sd./- Secretary

कार्यपालक अभियन्ता का कार्यलिय
ग्रामीण विकास विशेष प्रमण्डल, पलामू
शुद्धि — पत्र
इस प्रमण्डल अन्तर्गत आमंत्रित निविदा सूचना संख्या– EE/RDSD/PALAMAU-28/2022-23 जिसका P. R. संख्या 293942 है तथा यह दिनांक–29.03.2023 को प्रकाशित हुई थी। जिसमें कंडिकावार संशोधन किया जाता है:–
2. वेबसाइट में निविदा प्रकाशन की तिथि – 17.04.2023
3. ई–निविदा प्राप्ति की तिथि एवं समय – दिनांक 17.04.2023 से दिनांक 06.05.2023 को अपराह्न 5.00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 08.05.2023 अपराह्न 05.00 बजे तक।
7. निविदा खोलने का स्थान– कार्यपालक अभियंता, ग्रामीण विकास विशेश प्रमण्डल, पलामू।
8. निविदा खोलने की तिथि एवं समय–09.05.2023 अपराह्न 2.00 बजे।
अन्य कंडिकाएँ यथावत् रहेंगी।
PR 294949 Rural Development(23-24)#D
कार्यपालक अभियंता ग्रामीण विकास विशेष प्रमण्डल, पलामू

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness —
E-Auction Notice (18.04.2023 - 135th & 136th E-Auction)
IRON ORE CLO & FINES
No. CAD-145: The Odisha Mining Corporation Ltd. intends to sell various grades of iron Ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on 18.04.2023.
For details, please visit the website of MSTC i.e. www.mstcecommerce.com.
OIPR-30005/11/0008/2324 General Manager (S&M)

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-131 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.2025/RE/OSIC Dt.10.04.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Interior work including furniture & fitting of newly constructed conference hall of RMC, Sambalpur"**. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0004/2324

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI NORTH DIVISION-I, JAGATPUR, CUTTACK
E-mail ID :- exengr.mnd@gmail.com
'e' Procurement Notice No- MND-01/2023-24
No.A-20:- The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in .The tender submission process will be completely online.
BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020

| | | |
|---|---|---|
| 1 | Nature of work | Canal & River Embankment work |
| 2 | Total No. of works | 8 (Eight) works |
| 3 | Bid Identification No. | MND-01/2023-24 |
| 4 | Tender cost | Rs. 59.26 Lakhs to Rs. 85.06 Lakhs |
| 5 | Class of contractor | "B" Class |
| 6 | Period of completion | 9( Nine) Months |
| 7 | Other details | As noted below |
| a) | Procurement officer | Superintending Engineer, Mahanadi North Division-I, Jagatpur email: exengr.mnd@gmail.com, Ph:- 0671-2491546 |
| b) | Availability of tender Online for bidding | 10.00 Hours of 13.04.2023 to 17.30 Hours of 27.04.2023 |
| c) | Last date & time of submission of bid document | 17.30 Hours of 27.04.2023 |
| d) | Date, time & place of opening of technical bid | 28.04.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur |
| e) | Date, time & place of opening of financial bid | After evaluation of technical bid |
| f) | Date of lottery (if required) | Intimated later on |

Further details can be seen from the Govt. website "https://tendersodisha.gov.in"
Superintending Engineer, Mahanadi North Division-I, Jagatpur
OIPR-32003/11/0001/2324

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-TLHR-312, ତା: 06.04.2023
କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସଂକେତ / ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସଂକେତ ଜୋନାଲ (Zonal) କାର୍ଯ୍ୟ ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): ₹ 55,99,827.20, EMD (ଟଙ୍କାରେ): ₹ 1,12,000/-
ବିଡ୍ ଆରମ୍ଭ ହେବା ତାରିଖ : ତା.14.04.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.04.2023 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-46/O/23-24

ପୂର୍ବ ତଟ ରେଳପଥ
1.ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-157
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଠାରେ 6 (ଛଅ) ସଂଖ୍ୟକ ଲିଫ୍ଟ (ହରିଶଙ୍କର ରୋଡ୍-3 ଏବଂ ଖରିଆର ରୋଡ୍-3) ର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 3,95,62,550.60, EMD (ଟଙ୍କାରେ) : ₹ 3,47,800/-
2.ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2023-T-158
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଠାରେ ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ବିଭିନ୍ନ ଷ୍ଟେସନ ଠାରେ 12M ଚୌଡ଼ା ଫୁଟ୍ ଓଭର ବ୍ରିଜ୍ ର ବ୍ୟବସ୍ଥା, ପ୍ଲାଟଫର୍ମର ବିସ୍ତାର / ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମର ସୁଧାର ଏବଂ 2M ଚୌଡ଼ା କନେକ୍ଟିଂ ସେଡ୍ ସହିତ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର ସମ୍ବନ୍ଧୀୟ ବିଦ୍ୟୁତୀୟ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 1,31,00,842.53, EMD (ଟଙ୍କାରେ) : ₹ 2,15,500/-
କାର୍ଯ୍ୟ ଶେଷ ହେବା ଅବଧି (ଉଭୟ ଟେଣ୍ଡର ନିମନ୍ତେ) : ସ୍ୱିକୃତି ପତ୍ର ଜାରୀ ହେବାର ତାରିଖ ଠାରୁ 6 (ଛଅ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.05.2023 ରିଖ (କ୍ରମ ସଂ.1 ନିମନ୍ତେ) ଏବଂ ତା.08.05.2023 ରିଖ (କ୍ରମ ସଂ.2 ନିମନ୍ତେ) 1630 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-50/O/23-24

## ସଂକ୍ଷେପରେ

### ୨୯ ଗ୍ରାମ ବ୍ରାଉନସୁଗାର ଜବତ, ୨ଗିରଫ



**ଖୋର୍ଦ୍ଧା ଅଫିସ,୧୨।୪ :** ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଠାକୁରପଡ଼ା ନୂଆସାହିର ପ୍ରଦୀପ ବାରିକ (୨୪) ଓ ରାଜେଶ ମହାରଣା (୨୬)। ସେମାନଙ୍କଠାରୁ ୨୯ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ବାଇକ୍(ଓଡି ୩୩ ୟୁ ୨୨୭୧) ଜବତ କରିଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨ଲକ୍ଷ ୯୦ ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପ୍ରଦୀପ ଓ ରାଜେଶ ବ୍ରାଉନସୁଗାର ବିକ୍ରି ଲାଗି ଠାକୁରପଡ଼ା ଯାଉଥିଲେ। ବିଶେଷ ସୂତ୍ରରୁ ଏହି ଖବରପାଇ ଅବକାରୀ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିବା ସହ ଯାଞ୍ଚ ବେଳେ ୨୯ଗ୍ରାମ ବ୍ରାଉନ ସୁଗାର ବାହାରିଥିଲା। ସେମାନଙ୍କୁ ଥାନା ନେଇ ଅଧିକ ପଚରାଉଚରା ଚାଲିଛି। ଚଢ଼ାଉରେ ଅବକାରୀ ମୋବାଇଲ ଇନ୍‌ସ୍ପେକ୍ଟର ନୀଳିମା ଜୟନ୍ତୀ ସ୍ୱାଇଁ, ଏସଆଇ ବି. ମନୋଜ କୁମାର ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ଆକ୍ରମଣ କରି ଫେରାର ଥିବା ଯୁବକ ଗିରଫ

ଜଟଣୀ,୧୨।୪(ଡି.ଏନ୍.ଏ.)- ଜଟଣୀ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ବଛରା ପାଟଣା ଘଡେଇ ସାହିର ସନ୍ତୋଷ ଘଡେଇ (୨୮)। ପୋଲିସ ଅଭିଯୁକ୍ତଙ୍କଠାରୁ ଆକ୍ରମଣରେ ବ୍ୟବହୃତ



ଲୁହା ରଡ଼ ଏବଂ ଏକ ଇଟାକୁ ଜବତ କରିଛି। ସୂଚନା ମୁତାବକ,ଗତ ଫେବୃୟାରୀରେ ଜଟଣୀ ଥାନା ଅଧୀନ ବାଲାଜୀ ଗେଷ୍ଟ ହାଉସ ସମ୍ମୁଖ ରାସ୍ତାରେ କେତେଜଣ ଯୁବକ ସ୍ଥାନୀୟ ରାମଚନ୍ଦ୍ରପୁରର ସଚିନ ଅଗ୍ରୱାଲଙ୍କୁ କୌଣସି କାରଣକୁ ନେଇ ମରାଣାନ୍ତକ ଆକ୍ରମଣ କରିଥିଲେ। ଖବରପାଇ ସଚିନଙ୍କ ଭାଇ କପିଲ ଅଗ୍ରୱାଲ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ମେଡିକାଲକୁ ନେଇଥିଲେ। ପରେ କପିଲ ତାଙ୍କ ଭାଇଙ୍କ ବାଇକ୍ ଲୁଟ ଏବଂ ହତ୍ୟା ଉଦ୍ୟମ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଜାରି ରହିଥିଲା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଅନ୍ୟପଟେ ଚିକିତ୍ସାଧୀନ ଅବସ୍ଥାରେ ଥିବା ସଚିନଙ୍କ ଗତ ୬ ତାରିଖରେ ମୃତ୍ୟୁ ହୋଇଯାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ଜଟଣୀ ପୋଲିସ ବଛରାପାଟଣା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଥାନାକୁ ଆଣିଥିଲେ। ତଦନ୍ତ ବେଳେ ସେ ଆକ୍ରମଣ କରିଥିବା ସ୍ୱୀକାର କରିଥିଲା। ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଅପରାଧୀଙ୍କୁ କାବୁ କରିବା ପାଇଁ ତଦନ୍ତ ଜାରି ରହିଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆରସିଂ ସୂଚନା ପ୍ରଦାନ କରିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ଅସ୍ଥାୟୀ ଆଶ୍ରୟ ଦେଲେ ବିଧାୟକ

ଜଟଣୀ,୧୨।୪(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଲୋକକଲୋନୀରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ରେଳ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ମଙ୍ଗଳବାର ଖୋର୍ଦ୍ଧାରୋଡ ରେଳପ୍ରଶାସନ ପକ୍ଷରୁ ୱାର୍ଡ ନଂ.୨୦ ଲୋକକଲୋନୀରେ ୨୬ଟି ଝୁମ୍ପୁଡ଼ି ଘରକୁ ଉଚ୍ଛେଦ କରିଦିଆଯାଇଥିଲା। ନିରୀହ ଜନସାଧାରଣମାନେ ଖରାରେ ରାସ୍ତାକଡ଼ରେ ପଡ଼ିରହିଥିଲେ। ରେଳ ପ୍ରଶାସନର ଏହିଭଳି ମନୋଭାବକୁ ନିନ୍ଦା କରାଯାଇଥିବା ବେଳେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏହା ଜାଣି ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଉଚ୍ଛେଦ ହୋଇଥିବା ପରିବାର ବର୍ଗଙ୍କ ପାଇଁ ସ୍ଥାୟୀ ଜାଗାପଟା ବନ୍ଦୋବସ୍ତ କରିବା ପାଇଁ ଜିଲାପାଳଙ୍କୁ ବିଧାୟକ ଅବଗତ କରିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ପୌରନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଏବଂ ଅତିରିକ୍ତ ତହସିଲଦାର ରମେଶଚନ୍ଦ୍ର ମଲ୍ଲିକ ବୁଧବାର ଘଟଣାସ୍ଥଳରେ ପହଞ୍ଚି



ଜଟଣୀର ଲୋକ କଲୋନୀରୁ ଉଚ୍ଛେଦ କରାଯାଇଥିବା ବସ୍ତିବାସିନ୍ଦାଙ୍କ ସହ ବିଧାୟକ ସୁରେଶ ରାଉତରାୟ ଆଲୋଚନା କରୁଛନ୍ତି।

ବାସହରା ହୋଇଥିବା ପରିବାରବର୍ଗଙ୍କ ସହ ଆଲୋଚନା କରିଛନ୍ତି। ଏପରିକି ସେମାନଙ୍କୁ ଜଟଣୀ ବ୍ଲକ ଅଧୀନ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରି ସମସ୍ତ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ। ପୌରନିର୍ବାହୀ ଅଧିକାରୀ କର୍ମଚାରୀମାନଙ୍କୁ ପଠାଇ କାର୍ଯ୍ୟକୁ ସୁଚାରରୂପେ ତୁଲାଉଥିବା ଜଟଣୀ କଂଗ୍ରେସ ନଗର ସଭାପତି ଅଶୋକ ମଙ୍ଗରାଜ ସୂଚନା ଦେଇଛନ୍ତି। ପ୍ରତି ମୁହୂର୍ତ୍ତରେ ବିଧାୟକ ବସ୍ତିବାସିନ୍ଦାଙ୍କ ସମସ୍ୟାକୁ ନେଇ ସରକାର ଏବଂ ଜିଲା ପ୍ରଶାସନ ସହ ଆଲୋଚନା ଜାରିରଖିଛନ୍ତି। ଏଥି ସହିତ ଜଟଣୀ ନାଗରିକ କମିଟିର ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ ବାସହରା ଜନସାଧାରଙ୍କୁ ଭେଟି ତାଙ୍କୁ ଥଇଥାନ ନିମନ୍ତେ ଜିଲାପାଳଙ୍କୁ ସାକ୍ଷାତକରି ଘରଡିହ ଯୋଗାଇଦେବା ସହ ସ୍ଥାୟୀପଟା ଯୋଗାଇଦେବା ପାଇଁ ଦାବି ରଖିଛନ୍ତି। ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ବୃନ୍ଦାବନ ସାହୁ, ଆସରାର ହୁସେନ, ସୁଧାକର ଜେନା, ଟିକି ଦେଓ, ସଞ୍ଜୟ ଜେନା, ସିଲୁ ରଥ, ସଂକେତ ପାଟଶାଣୀ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବଳିୟାରସିଂହ ପ୍ରମୁଖ ବସ୍ତିବାସିନ୍ଦାଙ୍କୁ ସାହାଯ୍ୟ କରିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଗୁଡୁମ ବ୍ୟାଙ୍କ ଅଫ୍ ବରୋଦାରେ ଲୁଟ

ଖୋର୍ଦ୍ଧା ଅଫିସ,୧୨।୪

- ଟଙ୍କା ନ ପାଇ ଅନ୍ୟ ସାମଗ୍ରୀ ନେଇଗଲେ
- ସିସିଟିଭି ଫୁଟେଜ ଯାଞ୍ଚ ସହ ପୋଲିସର ତଦନ୍ତ
- ୧୨ ଦିନରେ ୨ୟ ଘଟଣା, ଲୁଟେରାଙ୍କ ପତ୍ତା ମିଳୁନି

ଖୋର୍ଦ୍ଧାରେ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ରହିଛି। ପୋଲିସ ଆଖିରେ ଧୂଳି ଦେଇ ଏହି ଗ୍ୟାଙ୍ଗ ଗୋଟିକ ପରେ ଗୋଟିଏ ଲୁଟ କରି ଚାଲିଛି। ଏଏହି ଲୁଟେରାଙ୍କ ଟାର୍ଗେଟରେ ରହିଛି ଏଟିଏମ କାଉଣ୍ଟର ଏବଂ ବ୍ୟାଙ୍କ। ଦିନରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ରାତିରେ ଲୁଟପାଟ କରୁଛନ୍ତି। ଗତ ୧୨ ଦିନ ମଧ୍ୟରେ ଦୁଇଟି ବଡ଼ ଲୁଟ ଘଟଣା ଘଟିଲାଣି। ହେଲେ ପୋଲିସ ଏହି ଗ୍ୟାଙ୍ଗର ପତ୍ତା ପାଉନାହିଁ। ସଦର ଥାନା ଅନ୍ତର୍ଗତ ଗୁଡୁମ ଗ୍ରାମରେ ଥିବା ବ୍ୟାଙ୍କ ଅଫ୍ ବରୋଦାରେ ଲୁଟ ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ବ୍ୟାଙ୍କର ଗ୍ରୀଲ ତାଡ଼ି ବ୍ୟାଙ୍କ ଭିତରେ ପଶି ଲକର ଖୋଲିବାରେ ବିଫଳ ହେବା ପରେ କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଏନେଇ ବୁଧବାର ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ ସହ ବ୍ୟାଙ୍କ ସିସିଟିଭି ଏବଂ ନିକଟରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୧ ତାରିଖ ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ନିକଟ ଗାନ୍ଧୀ କଲେଜ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ କାଟି ଲୁଟେରା ୩୧ ଲକ୍ଷ ଟଙ୍କା ଲୁଟି ନେଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଏପର୍ଯ୍ୟନ୍ତ ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରିନାହିଁ। ପୂର୍ବରୁ କିଛି ମାସ ତଳେ ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ୟୁକୋ ବ୍ୟାଙ୍କରୁ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଛାତ ଉପର କବାଟ ତାଡ଼ି ଭିତରେ ପଶି ଟଙ୍କା ନେବାରେ ବିଫଳ ହେବାରୁ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇପାରି ନ ଥିଲା। ଏସବୁ ଘଟଣାରୁ ଖୋର୍ଦ୍ଧା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସଦର ଥାନା ଅଧିକାରୀ ବିଦିତା ନାୟକ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି।

# ୨୩ କୋଟି ୯୨ଦଣ୍ଡ କାଳୀଙ୍କ ମହାମିଳନ



ବୋଲଗଡ଼ର ମାଣିକାଗୋଡ଼ାରେ ବିଭିନ୍ନ କୋଠିରୁ ଆସିଥିବା ଠାକୁର ବିରାଜମାନ ହୋଇ ରହିଛନ୍ତି।

ବୋଲଗଡ଼,୧୨।୪(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଦଳାଇସାହି ପଞ୍ଚାୟତ ମାଣିକାଗୋଡ଼ାରେ ବୁଧବାର ୨୩ କୋଠି ୯୨ଦଣ୍ଡ କାଳୀଙ୍କର ମହାମିଳନ ହୋଇଛି। ସ୍ଥାନୀୟ ତଥା ଆଖପାଖ ଗ୍ରାମର ଦଣ୍ଡୁଆମାନେ ସେମାନଙ୍କ ଠାକୁରଙ୍କୁ ଧରି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସମସ୍ତ କୋଠିର ଦଣ୍ଡୁଆମାନେ ସ୍ଥାନୀୟ କୁମୁଟିସାହିସ୍ଥିତ ଖଜୁରୀ ପୋଖରୀରେ ସ୍ନାନ ସାରି ଦଣ୍ଡ ଠାକୁରଙ୍କୁ ଧରି କ୍ରମାନୁଯାୟୀ ମଙ୍ଗଳା ମନ୍ଦିର ଓ କାମାନକୋଠି ପରିକ୍ରମଣ କରି ହାଟସାହି କାମନା ମନ୍ଦିର, ଚଣ୍ଡୀ ମନ୍ଦିରରେ ଝୁଣା ହକ ଦେଇଥିଲେ। ଏହାପରେ କଲ୍ୟାଣୀମଣ୍ଡପ ପରିସରରେ ଆୟୋଜିତ ମେଳଣ ପାଇଁ ନିର୍ଦ୍ଧାରିତ ସ୍ୱ ସ୍ୱ ସ୍ଥାନରେ ବିରାଜମାନ ହୋଇଥିଲେ। ପରେ ରୀତିନୀତି ମୁତାବକ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମା' ଦଣ୍ଡ କାଳୀଙ୍କ ଅପୂର୍ବ ମହାମିଳନ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ପ୍ରାୟତଃ ୧୦ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଭକ୍ତଙ୍କ ହୁଳହୁଳି ଓ ହରିବୋଲ ଶବ୍ଦରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହେବା ସହ ଝୁଣାମାଡରେ ନିଆଁ ଓ ଧୂଆଁ ଚମକୁଥିଲା। ଜନାର୍ଦ୍ଦନ ଦଳବେହେରାଙ୍କ ଆୟୋଜନରେ ପତିତପାବନ ସ୍ୱାଇଁ, ବଖଡ଼ ପ୍ରଧାନ, ନାରାୟଣ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ଖଙ୍ଗୁରିଆ ସରପଞ୍ଚ ଜଳଧର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଆତସବାଜି ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ପୋଲ ଚଉଡ଼ା କରିବା ପାଇଁ ଦାବିପତ୍ର ପ୍ରଦାନ

ଟାଙ୍ଗୀ (ଖୋର୍ଦ୍ଧା), ୧୨।୪ (ଡି.ଏନ୍.ଏ.)

ଟାଙ୍ଗୀ କାଲୁପଡା ପୂର୍ତ୍ତ ବିଭାଗ ରାସ୍ତାରେ ଥିବା ବଡ଼ଶଙ୍ଖ(ପୋଲ)କୁ ଓସାରିଆ ବା ଚଉଡ଼ା କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ବୁଧବାର ଏକ ଦାବିପତ୍ର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ରାସ୍ତାରେ ୫ଟି ପଞ୍ଚାୟତର ଜନସାଧାରଣ ଯାତାୟାତ କରିଥାନ୍ତି, କିନ୍ତୁ ପୋଲଟି ସଂକୀର୍ଣ୍ଣ ଥିବାରୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାର ଦେଖାଯାଏ। ତେଣୁ ପୋଲଟିକୁ ଚଉଡ଼ା କରିବା ପାଇଁ ପୂର୍ବରୁ ବହୁବାର ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିବା ଜଣାପଡିଛି। ବୁଧବାର ପୂର୍ବତନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ, କଳକଳେଶ୍ୱର ପୂର୍ବତନ ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ, ଦୀନବନ୍ଧୁ ଜେନା, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସାମାଜିକ କର୍ମୀ ଦିଲୀପ କୁମାର ନାଥ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ରାମେଶ୍ୱରରେ ପ୍ରସିଦ୍ଧ ଭାଗବତ ମେଳଣ ଆରମ୍ଭ

ନିରାକାରପୁର,୧୨।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ପ୍ରସିଦ୍ଧ ଭାଗବତ ଦେବ ମେଳଣ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ମେଳଣ ଥାନାପତି ଭାବେ ରାମେଶ୍ୱର ଗ୍ରାମରେ ଥିବା ଶ୍ରୀଭଗବତ ଦେବ ଏକ ବିରାଟ ପଟୁଆର ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ମେଳଣ ପଡିଆରେ ପହଞ୍ଚି ଆସୀନ ହୋଇଥିଲେ। ପରେ ରମାବିଲି, ତାଳପଡା, ମଧୁବନ, ସଠିପଦର, କୁନିଆଁସାମନ୍ତରାୟପୁର, ଜାଜପୁର, ମିରିଗଦୟଣୀ ଆଦି ଗ୍ରାମରୁ ନିମନ୍ତ୍ରଣ ହୋଇ ଆସିଥିବା ଶ୍ରୀଭାଗବତ ଦେବମାନେ ପଡିଆର ଥାନା ପତିଙ୍କ ସହିତ ମଧ୍ୟ ଆସୀନ ହୋଇଛନ୍ତି। ବସିଥିବା ଠାକୁରମାନଙ୍କୁ ବୁଧବାର ସନ୍ଧ୍ୟାରେ ସନ୍ଧ୍ୟାକାଳୀନ ଧୂପ ଦୀପରେ ପୂଜାର୍ଚ୍ଚନା କରାଯାଇଛି। ତେବେ ବିଶେଷ କଥା ହେଲା ଅନ୍ୟ ମେଳଣରେ ଭିନ୍ନଭିନ୍ନ ଠାକୁରଙ୍କ ମେଳଣ ହୋଇଥିବା ବେଳେ ଏଠାରେ କିନ୍ତୁ କେବଳ ଭାଗବତ ଦେବମାନେ ଏକାଠି



ହୋଇଥିବା ଦେଖିବାକୁ ମିଳିଛି । ଏହା ଟାଙ୍ଗୀ ବ୍ଲକର ଚଳିତ ବର୍ଷ ଶେଷ ମେଳଣ ହୋଇଥିବାରୁ ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳ ସମେତ ବାହାରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ମଙ୍ଗଳବାର ବିଳମ୍ବିତ ରାତିରୁ ଜମାଣ ହେବା ପରେ ବୁଧବାର ମେଳଣ ଆରମ୍ଭ ହୋଇଛି। ଏହି ମେଳଣରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯାତ୍ରାପାର୍ଟିର କାର୍ଯ୍ୟକ୍ରମ ରହିଛି ବୋଲି ମେଳଣ ଅନୁଷ୍ଠାନର ସଭାପତି ଚନ୍ଦ୍ରମୋହନ ପଟ୍ଟନାୟକଙ୍କ ସୂଚନା ଦେଇଛନ୍ତି।

## ଜଳାଶୟ ଅବରୋଧକୁ ଗ୍ରାମବାସୀଙ୍କ ବିରୋଧ

ଜଟଣୀ,୧୨।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ଗ୍ରାମରେ ସର୍ବସାଧାରଣ ବ୍ୟବହାର ପାଇଁ ଥିବା ଜଳାଶୟ(ଗାଡ଼ିଆ)କୁ ଅବରୋଧ କରିବା ସହିତ ଗାଡ଼ିଆକୁ ଭାଙ୍ଗି ପୋତିବା ପାଇଁ ଚାଲିଥିବା ଉଦ୍ୟମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଘଟଣାର ସମାଧାନକୁ ନେଇ ଖୋର୍ଦ୍ଧା ଜିଲାପାଳ, ଜଟଣୀ ତହସିଲଦାର, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାର ପ୍ରମୁଖ ଶାସନ ସଚିବ, ଗ୍ରାମ ସରପଞ୍ଚଙ୍କ ସହିତ ଜଟଣୀ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସୂଚନା ମୁତାବକ, ୬୦/୭୦ବର୍ଷ ଧରି ପଦନପୁର ଗ୍ରାମ ହରିଜନ ସାହି ବାସିନ୍ଦା ଏବଂ ସର୍ବସାଧାରଣ ପାଇଁ ଜଳାଶୟ –୨କିସମ ରହିଥିବା ଗାଡିଆକୁ ବ୍ୟବହାର କରିଆସୁଥିଲେ। ଉକ୍ତ ଗାଡ଼ିଆ ଉପରେ ଗ୍ରାମବାସୀଙ୍କ ସହିତ ଜଟଣୀରୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧାରୁ ଜଟଣୀ ଯାତାୟାତ କରୁଥିବା ଜନସାଧାରଣ ବ୍ୟବହାର କରୁଥିଲେ। ଖାତା ନମ୍ବର –୭୨୪, ପ୍ଲଟ ନମ୍ବର –୧୦୨୭ର ୦.୨୭୯ ଡିସିମିଲ ଜମିରେ ଉକ୍ତ ଗାଡ଼ିଆ ଖୋଳାଯାଇଥିଲା। ଉକ୍ତ ଗାଡ଼ିଆରେ ବର୍ଷତମାମ ପାଣି ରହୁଥିବାରୁ ଗ୍ରାମବାସୀଙ୍କ ସହିତ ବାଟୋଇ ତାହାକୁ ବ୍ୟବହାର କରୁଛନ୍ତି। ତେବେ ବର୍ତ୍ତମାନ କେତେଜଣ ସ୍ୱାର୍ଥବାଦୀ ଲୋକ ଉକ୍ତ ଗାଡ଼ିଆରୁ ମେଶିନ ଲଗାଇ ଭାଙ୍ଗିବା ସହ ଗାଡ଼ିଆ ନିକଟରେ ଥିବା ଖାତା ନମ୍ବର ୭୨୨, ପ୍ଲଟ ନମ୍ବର –୧୦୨୮ର ୦.୧୪୧ ଡିସିମିଲ, ସରକାରୀ ଜମିକୁ ସଫା କରି ରାସ୍ତା ନିର୍ମାଣ ପାଇଁ ଯୋଜନା ଚାଲିଛି। ଏହାଦ୍ୱାରା ଭବିଷ୍ୟତରେ ଗ୍ରାମବାସୀଙ୍କ ସହିତ ସର୍ବସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏହାକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ଏହାର ସମାଧାନ ପାଇଁ ଉପରୋକ୍ତ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଚକ୍ରଧର ଶତପଥୀଙ୍କ ସ୍ମୃତିସଭା

ଜଟଣୀ,୧୨।୪(ଡି.ଏନ୍.ଏ.)

ସାମାଜିକ କର୍ମୀ ଚକ୍ରଧର ଶତପଥୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥ ପ୍ରାଣନାଥ ଫାଉଣ୍ଡେଶନ କାର୍ଯ୍ୟାଳୟ ପରିସରରେ ଆଶା ପ୍ଲେ ସ୍କୁଲର ସହସଂସ୍ଥାପକ ପ୍ରଦୀପ୍ତ ଶତପଥୀଙ୍କ ନେତୃତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଯାଇଛି। ଚକ୍ରଧର ଶତପଥୀ ସ୍ମୃତି କମିଟି ସଭାପତି ଦିବାକର ମଙ୍ଗରାଜଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସ୍ମୃତିସଭାରେ ପ୍ରାଣନାଥ ଫାଉଣ୍ଡେଶନର ସଭାପତି ନୋଟାରୀ ଅବନି କୁମାର ରାଉତରାୟ, ବିଜେଡି ନେତା ଡ.ସନ୍ତୋଷ ଜେନା, ଶିକ୍ଷକ ନେତା ଜବାହରଲାଲ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବି ମିଶ୍ର, କୃଷ୍ଣଚନ୍ଦ୍ର ସେଠୀ, ସାରଙ୍ଗଧର, ବୈରାଗୀ ଜେନା ଏବଂ ରାଜୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ନୂତନ ସବ୍‌ସେଣ୍ଟରରୁ ବାଦ୍ ପଡ଼ିଲା ଡିଆ ପଞ୍ଚାୟତ

ନିରାକାରପୁର,୧୨।୪(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ବିଭାଗର ଅଦୂରଦର୍ଶିତା କାର୍ଯ୍ୟ ହେତୁ ଗୋଟିଏ ପଞ୍ଚାୟତରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନ କରି ଯେଉଁ ପଞ୍ଚାୟତରେ ପୂର୍ବରୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି, ସେଠାରେ ଆଉ ଏକ ଅତିରିକ୍ତ ଉପକେନ୍ଦ୍ର କରାଯାଇଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ଚିଠି ସଂଖ୍ୟା ୫୨୨୪, ତାରିଖ ୩୧।୩।୨୦୨୩ ଅନୁଯାୟୀ ଟାଙ୍ଗୀ ବ୍ଲକରେ ଉରୁମୁଖି, ରମାବିଲି, କୁନିଆଁସାମନ୍ତରାୟପୁର, ବ୍ରହ୍ମପାଟଣା, ଖଜୁରିପଡା, ଉଦୟଗିରି ଓ ରାଉଳସାହି ଭାବେ ନୂତନ ଉପକେନ୍ଦ୍ର ଗଠନ କରାଯାଇଛି। କିନ୍ତୁ ଏଥିରୁ ଡିଆ ପଞ୍ଚାୟତର ନାମ ବାଦ୍ ପଡିଛି। ନିୟମ ଅନୁଯାୟୀ, ୩ରୁ ୫ହଜାର ଜନସଂଖ୍ୟା ଥିଲେ ଗୋଟିଏ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗଠନ କରାଯାଇପାରିବ ବୋଲି ଜଣେ ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ହେଲେ ଡିଆ ପଞ୍ଚାୟତର ଜନସଂଖ୍ୟା ୪ହଜାରରୁ ଉର୍ଦ୍ଧ୍ୱ ଥିବାବେଳେ ଏଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ବାଦ୍ ପଡିଛି। ଅନ୍ୟପଟେ ପଡୋଶୀ ରାମେଶ୍ୱର ପଞ୍ଚାୟତର ଖଜୁରିପଡା ଓ ଲେଣ୍ଡୋ ପଞ୍ଚାୟତର କୁନିଆଁସାମନ୍ତରାପୁରରେ ଅତିରିକ୍ତ ଉପକେନ୍ଦ୍ର ନୂତନ ଭାବେ ସ୍ଥାନ ପାଇଛି। ଯେଉଁଠି କି ରାମେଶ୍ୱର ପଞ୍ଚାୟତରେ ପୂର୍ବରୁ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ତେବେ ୨୦୧୭ ତ୍ରିସ୍ତରୀୟ ନିର୍ବାଚନ ସମୟରେ ନିରାକାରପୁର ପଞ୍ଚାୟତରୁ ଡିଆରେ ୭ହଜାରରୁ ଉର୍ଦ୍ଧ୍ୱ ଲୋକ ହେବା ପରେ ତାହା ଏକ ପଞ୍ଚାୟତ ଘୋଷଣା ହୋଇଥିଲା। ଅଧିକ ଲୋକ ସଂଖ୍ୟା ଥାଇ ମଧ୍ୟ ଡିଆ ପଞ୍ଚାୟତକୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପାଇଁ ଚୟନ କରାଯାଇନି। ଏନେଇ ଟାଙ୍ଗୀ ବ୍ଲକ ପ୍ରୋଗ୍ରାମ ଅଫିସର(ବିପିଓ) ତପନ କୁମାର ମାଣ୍ଡୁ କହିଛନ୍ତି, ସବୁ ସେଣ୍ଟରର ତାଲିକା ବାହାରିଛି, ସେସବୁ ୨୦୧୪ –୧୫ ମସିହା ସର୍ଭେ ରିପୋର୍ଟ ଅନୁଯାୟୀ ହୋଇଛି। ତେଣୁ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ।

## ୨ ଚୋରି ବାଇକ୍ ଜବତ, ୨ ଗିରଫ

ଜଟଣୀ,୧୨।୪(ଡି.ଏନ୍.ଏ.)

ବାଇକ୍ ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ୨ଜଣଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନ ଅଧୀନ ବରପଦର ଗ୍ରାମର ବୁଖାରି ଓରଫ କାହ୍ନୁ ନାୟକ(୪୧) ଏବଂ ଜଟଣୀ ଥାନା ଅଧୀନ ବଛରାପାଟଣା ଅଞ୍ଚଳର ରାଜା ଓରଫ ଜଗନ୍ନାଥ ବାରିକ (୩୩)। ସେମାନଙ୍କଠାରୁ ୨ଟି ଚୋରି ବାଇକ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୩୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ,ଅଭିଯୋଗକାରୀ ଜିତେନ୍ଦ୍ର ପାତ୍ର ଗତ ୯ ତାରିଖରେ ବଡ଼ବଜାରସ୍ଥ ଏକ ମାର୍କେଟ କମ୍ପ୍ଲେସ ଆଗରେ ନିଜ ଗାଡି ରଖି ନିଜ ଦୋକାନକୁ ଯାଇଥିଲେ। ରାତିରେ ଦୋକାନ ବନ୍ଦକରି ଫେରିବା ବେଳେ ଗାଡ଼ି ରଖିଥିବା ସ୍ଥାନରେ ଗାଡି ନାହିଁ। ଆଖପାଖ ସ୍ଥାନରେ ଅନେକ



ଖୋଜାଖୋଜି କରିବାକରି ନିରାଶ ହୋଇ ଗାଡି ଚୋରି ହୋଇଥିବା ନେଇ ଜଟଣୀ ଥାନାରେ ଅଭିଯୋଗ କରିଥିଲେ. ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଜଟଣୀ ବ୍ଲକ ଅଧୀନ ଖୁଦୁପୁର ଅଞ୍ଚଳରୁ କାବୁକରି ଗିରଫ କରିବା ସହିତ ଦୁଇଟି ମୋଟରସାଇକେଲ ଜବତ କରିଥିଲେ। ପଚରା ଉଚରାରେ ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିଥିଲେ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ପ୍ରଦାନ କରିଛନ୍ତି।

# 'ଜୀବନର ମୂଲ୍ୟବୋଧ ପୁସ୍ତକରୁ ମିଳେ'

ଜଟଣୀ,୧୨।୪(ଡି.ଏନ୍.ଏ.)

**୨୨ତମ ଜଟଣୀ ପୁସ୍ତକ ମେଳା ଉଦ୍‌ଯାପିତ**

ଜଟଣୀ ଅଞ୍ଚଳର ପୌରାଞ୍ଚଳସ୍ଥ ଟାଉନ ହଲ(ସ୍ରଷ୍ଟା)ପରିସରରେ ଗତ ୭ଦିନ ଧରି ଚାଲିଥିବା ୨୨ତମ ଜଟଣୀ ପୁସ୍ତକ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ସଭା କାର୍ଯ୍ୟ, ସାହିତ୍ୟ ଆଲୋଚନା, କବିତା ଅସାର, ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୨୫ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନୀ ସଂସ୍ଥା ନିଜ ଷ୍ଟଲ ସ୍ଥାପନ କରିଥିଲେ। ଉଦ୍‌ଯାପନୀ ଦିବସରେ ପୁସ୍ତକ ମେଳା ସମିତିର ସଭାପତି ଅମରେନ୍ଦ୍ରନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜାତୀୟ ବିଜ୍ଞାନ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ଜଟଣୀର କୁଳସଚିବ ଡ. ଅଭୟ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ସବୁ ନିଶା କ୍ଷତିକାର ହୋଇଥିବା ବେଳେ ବହି ପଢ଼ା ନିଶା କିନ୍ତୁ ହିତକର। ତେଣୁ ସମସ୍ତେ ପୁସ୍ତକ କିଣିବା,ପଢ଼ିବା ସହିତ କିଛି ଲେଖିବାର ମଧ୍ୟ ଆବଶ୍ୟକତା ରହିଛି। ଜୀବନର ମୂଲ୍ୟବୋଧ ପୁସ୍ତକରୁ ମିଳିଥାଏ, ତେଣୁ ସମସ୍ତେ ଲେଖିବା ଦରକାର ବୋଲି ଉପସ୍ଥିତ ଦର୍ଶକଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ଇସ୍ରୋର ବରିଷ୍ଠ ବୈଜ୍ଞାନିକ କାର୍ତ୍ତିକଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ରୂପେ ନାଇଜର ଭୁବନେଶ୍ୱରର ବିତ୍ତିୟ ଅଧିକାରୀ ପ୍ରଦୀପ ପଣ୍ଡା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜବାହରଲାଲ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିବା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟବକ୍ତା



ଜଟଣୀ ପୁସ୍ତକ ମେଳାରେ ଉପସ୍ଥିତ ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

ବୈଜ୍ଞାନିକ ସ୍ୱାଇଁ ମହାକାଶ ବିଜ୍ଞାନର ଉପକାରିତା ଓ ଅପକାରିତା ବିଷୟରେ ବିଭିନ୍ନ ଉଦାହରଣ ଦେଇ କହିଥିଲେ, ମହାକାଶ ବିଜ୍ଞାନ ବିନା ଯେପରି ମଣିଷ ଜୀବନ ଅଧୁରା ସେହିପରି ସାହିତ୍ୟ ବିନା ସମାଜରେ ଜୀବନ ଅସମ୍ପୂର୍ଣ୍ଣ କହିବା ସହିତ ଭାରତର ଯଶସ୍ୱୀ ବୈଜ୍ଞାନିକ ଭାରତରତ୍ନ ମିସାଇଲ ମ୍ୟାନ ଡ଼. ଏପିଜେ ଅବଦୁଲ କଲମଙ୍କ ଉକ୍ତିକୁ ମନେପକାଇ କହିଥିଲେ "ସେହି ସ୍ୱପ୍ନ ଦେଖ, ଯେଉଁ ସ୍ୱପ୍ନ ତୁମକୁ ଶୁଆଇଦେବନି"। ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଶିକ୍ଷା, କଳା, ସାହିତ୍ୟ, ସଂଗଠକ, ସୱାସ୍ଥ୍ୟ ଭାଷା ଓ ସମାଜସେବା କ୍ଷେତ୍ରରେ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯଇଥିଲା। ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପୁସ୍ତକ ମେଳା ସ୍ମରଣିକା ଉନ୍ମୋଚନ କରାଯଇଥିଲା। ପୁସ୍ତକ ମେଳା ପରିପ୍ରେକ୍ଷୀରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯଇଥିଲା। ଶେଷରେ ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ୭୬ରେ ରାଜଧାନୀ

**ରସୁଲଗଡ଼ ଛକ**

ସେବେ ⟪ ⟫ ଏବେ





# ବଦଳୁଛି ଭୁବନେଶ୍ୱର

ମନ୍ଦିରମାଳିନୀ ସହରରୁ ରାଜ୍ୟର ରାଜଧାନୀ ଏବଂ ସ୍ମାର୍ଟସିଟିର ମାନ୍ୟତା ପାଇଥିବା ଭୁବନେଶ୍ୱର ଇତି ମଧ୍ୟରେ ୭୫ବର୍ଷ ପୂରଣ କରି ୭୬ ବର୍ଷରେ ପଦାର୍ପଣ କରିଛି। ୧୯୪୮ ଏପ୍ରିଲ ୧୩, ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ମାତ୍ର ୪୦ହଜାର ଲୋକଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଏବେ ୧୧ଲକ୍ଷ ପାର୍ କରିଛି। ସୀମା ବଢ଼ିଛି, ବାସଗୃହ ବଢ଼ିଛି। ସହରର ନବକଳେବର ବଦଳିବା ସହ ଏବେ ଦିଲ୍ଲୀ, ମୁମ୍ବାଇ ଭଳି ମେଟ୍ରୋସିଟି ସହ ତାଳ ଦେଉଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ରାଜନୀତି, ବ୍ୟବସାୟ, ଖେଳକୁଦ, ସଂସ୍କୃତି, ପର୍ଯ୍ୟଟନ କ୍ଷେତ୍ରରେ ସଫଳତାର ଫର୍ଦ୍ଦ ପରେ ଫର୍ଦ୍ଦ ଯୋଡ଼ି ହେବାରେ ଲାଗିଛି। ତଥାପି ଆହୁରି ଅନେକ କିଛି ବାକି ରହିଛି। ରାଜଧାନୀ ଭୁବନେଶ୍ୱର ଗୁରୁବାର ଏହାର ଜନ୍ମଦିନ ପାଳିବ। ୭୬ବର୍ଷରେ ଏହାର ସଫଳତା, ସମସ୍ୟା, ଆଶା ଓ ଆକାଂକ୍ଷାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ - ବନ୍ଦନା ସେଠୀ

## ଇତିହାସ ପୃଷ୍ଠାରୁ...



ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ହେଲା ବେଳକୁ ଏକ ଛୋଟିଆ ସହର ଥିଲା, ଯେଉଁଥିରେ ପୁରୁଣା ଭୁବନେଶ୍ୱର, କପିଳପ୍ରସାଦ, କପିଳେଶ୍ୱର ଓ ସାମନ୍ତରାପୁର ଅଞ୍ଚଳ ରହିଥିଲା। ଧୀରେ ଧୀରେ ସହରର ପରିସୀମା ବଢ଼ିଲା। ପରେ ରାଜଧାନୀରେ ବରମୁଣ୍ଡା, ଲକ୍ଷ୍ମୀସାଗର, ବଡ଼ଗଡ଼, ଝାରପଡ଼ା, ନୟାପଲ୍ଲୀ ଆଦି ଅଞ୍ଚଳ ସାମିଲ ହେଲା। ୧୯୫୨ ଅକ୍ଟୋବର ପହିଲାରେ ଭୁବନେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଲା। ୧୯୭୯ ବେଳକୁ ସହରର ଲୋକସଂଖ୍ୟା ୨ଲକ୍ଷ ଅତିକ୍ରମ କରି ଯାଇଥିବାରୁ ଭୁବନେଶ୍ୱରକୁ ମ୍ୟୁନିସିପାଲିଟି କରାଗଲା। ସହରର ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୧୯୮୩ ଏପ୍ରିଲ ୧ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଗଠନ କରାଯାଇଥିଲା। ପରେ ୧୯୯୪ରେ ଭୁବନେଶ୍ୱର ମହାନଗର ନିଗମର ମାନ୍ୟତା ପାଇଲା।

## ବିକାଶ ପଥରେ ବିମାନବନ୍ଦର...

ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଦ୍ୱାରା ଏହା ସବୁଠାରୁ ବଡ଼ ବିମାନ ଚଳାଚଳ ହବ୍ ମଧ୍ୟରୁ ଅନ୍ୟତମ ହେବ। ବିଶ୍ୱକୁ ସିଧାସଳଖ ଗେଟ୍‌ୱେ ଖୋଲିବା ସହ ଆଇଟି, ଉତ୍ପାଦନ ଏବଂ ପର୍ଯ୍ୟଟନ ପରି କ୍ଷେତ୍ରରେ ଓଡ଼ିଶାରେ ବିନିଯୋଗ ଉପରେ ଏହାର ବହୁଗୁଣିତ ପ୍ରଭାବ ପଡ଼ିବ। ଦୁବାଇକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହେବାର ୨ ସପ୍ତାହ ମଧ୍ୟରେ, ସିଙ୍ଗାପୁର ଏବଂ ବ୍ୟାଙ୍କକକୁ ଅନ୍ତର୍ଜାତୀୟ ବିମାନ ଚଳାଚଳ କାର୍ଯ୍ୟ ଆରମ୍ଭ ହେବ। ଏହାଦ୍ୱାରା ଭୁବନେଶ୍ୱର ସଂଯୋଗୀକରଣର ଏକ ବଡ଼ ହବ୍ ହେବା ସହ ପର୍ଯ୍ୟଟକ, ନିବେଶକ ସମ୍ପ୍ରଦାୟ ତଥା ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଓଡ଼ିଆ ଲୋକଙ୍କ ପାଇଁ ନିରାପଦ ତଥା ସୁଲଭ ଯାତ୍ରାର ସୁଯୋଗ ସୃଷ୍ଟି କରିବ।

## ଫେରିଲା 'ଡାକୋଟା'

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ 'ଡାକୋଟା' ଭୁବନେଶ୍ୱରକୁ ଫେରିଛି। ୨୦୨୩ ଜାନୁୟାରୀ ୧୮ରେ ନେତାଜୀ ସୁଭାଷ ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯାଇଥିଲା। ସେତେବେଳେ ଏହା ଭଗ୍ନାବସ୍ଥାରେ ରହିଥିଲା। ଏଠାରେ ୧୦ଜଣିଆ ଟିମ୍ ୧୨ଦିନ ଲାଗି ଡାକୋଟାକୁ ସଜାଡିଥିଲେ। ମାର୍ଚ୍ଚ ୫ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜନ୍ମଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରିଥିଲେ।

## ଷ୍ଟାର୍ଟଅପ୍ ମାନିଆ

ଗ୍ରୋସେରୀଠାରୁ ଆରମ୍ଭ କରି ପାନ, ପୂଜାଫୁଲଠାରୁ ଆରମ୍ଭ କରି ଠାକୁରଙ୍କ ପ୍ରସାଦ ଏପରିକି ଶୁଖୁଆରୁ ଗୁପ୍‌ଚୁପ୍ ପର୍ଯ୍ୟନ୍ତ ସବୁକିଛି ଅନ୍‌ଲାଇନ୍‌ରେ ମିଳୁଛି। କୌଣସି ଜାତୀୟ କିମ୍ବା ଅନ୍ତର୍ଜାତୀୟ କମ୍ପାନୀ ନୁହେଁ, ବରଂ ଭୁବନେଶ୍ୱରର ଯୁବ ଉଦ୍ୟୋଗୀମାନେ ସହରବାସୀଙ୍କ ହାତପାହାନ୍ତାରେ ଏଭଳି ସୁବିଧା ପହଞ୍ଚାଇ ଦେଉଛନ୍ତି। ଷ୍ଟାର୍ଟଅପ୍‌କୁ ନେଇ ଏବେ ଭୁବନେଶ୍ୱରର ଯୁବପିଢ଼ିଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଏପରିକି ଅନେକ ବ୍ୟକ୍ତି ରାଜ୍ୟ ବାହାରେ ବଡ଼ ବଡ଼ ଚାକିରି ଛାଡ଼ି ଏଠାକୁ ଆସି ନିଜର ବ୍ୟବସାୟ ଆରମ୍ଭ କରୁଛନ୍ତି। କେବଳ ପୁରୁଷ ନୁହେଁ, ମହିଳାଙ୍କ କ୍ଷେତ୍ରରେ ମଧ୍ୟ ଷ୍ଟାର୍ଟଅପ୍‌କୁ ନେଇ ଏବେ ଆଗ୍ରହ ଦେଖିବାକୁ ମିଳୁଛି।

## ନୂଆ ରୂପରେ ବିଏମ୍‌ସି ଆଇସିଓଏମ୍‌ସି ଟାୱାର



ବହୁ ପ୍ରତୀକ୍ଷିତ ବିଏମ୍‌ସିର ନୂତନ ବିଲ୍ଡିଂ ଫେବୃୟାରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ବିଏମ୍‌ସି ବିଲ୍ଡିଂର ନାମ ପରିବର୍ତ୍ତନ କରି ଏହାକୁ ବିଏମ୍‌ସି ଆଇସିଓଏମ୍‌ସି ଟାୱାର କରାଯାଇଛି। ଏଠାରେ ଭୁବନେଶ୍ୱର ସ୍ମାର୍ଟସିଟି କାର୍ଯ୍ୟାଳୟ ସମେତ ଆଇସିଓଏମ୍‌ସି କୋଠା(ଇଣ୍ଟେଲିଜେଣ୍ଟ ସିଟି ଅପରେଶନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ସେଣ୍ଟର) ଏବଂ ସଫ୍ଟୱେୟାର କମ୍ପାନୀ ଡେଲଏଟ୍‌ର କାର୍ଯ୍ୟାଳୟ ରହିଛି। ସତ୍ୟନଗରରେ ୪.୦୪ ଏକର ପରିମିତ ଜମିରେ ନିର୍ମିତ ଏହି ୧୧ ମହଲା ବିଶିଷ୍ଟ ଟାୱାରରେ ୭୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି।




ଫଟୋ: ମନୋରଞ୍ଜନ, ବିକାଶ, ମୌସମ






"ଭୁବନେଶ୍ୱରର ଇତିହାସ ଅତ୍ୟନ୍ତ ଗରିମାମୟ। ଏହା ଶିକ୍ଷାର ହବ୍ ହେବା ସହ ଇଷ୍ଟର୍ନ ରିଜନ୍‌ର ମେଡିକାଲ ହବ୍, ସ୍ପୋର୍ଟସ୍ କ୍ୟାପିଟାଲ ଭାବେ ପରିଣତ ହୋଇଛି। ତେଣୁ ସହରକୁ ନେଇ ଲୋକଙ୍କ ଅନେକ ଆଶା ଆକାଂକ୍ଷା ରହିଛି। ଏହାକୁ ପୂରଣ କରିବା ପାଇଁ ଯଥାସାଧ ଚେଷ୍ଟା ଜାରି ରହିଛି। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବାକୁ ଚେଷ୍ଟା କରାଯାଉଛି। ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପଦକ୍ଷେପ ନିଆଯାଉଛି। ସହରରୁ ପ୍ରଦୂଷଣ କମାଇବା ପାଇଁ ଇ-ବସ୍, ଇ-ଅଟୋର ବହୁଳ ବ୍ୟବହାର କରିବାକୁ ପଡ଼ିବ। ଏଠାକୁ କିପରି ନୂଆନୂଆ କମ୍ପାନୀ ଆସିବ ଏବଂ ବେକାରି ସମସ୍ୟା ଦୂର ହୋଇପାରିବ, ଦୟାୱେଷ୍ଟ କେନାଲ ଓ ଗଙ୍ଗୁଆକୁ ସଫା କରିବା, ସମସ୍ତ ଡ୍ରେନ୍‌ର ମରାମତି କରିବା, ପୁଷ୍କରିଣୀର ପୁନରୁଦ୍ଧାର କରିବା ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଛି।

- ସୁଲୋଚନା ଦାସ, ମେୟର



"ଭୁବନେଶ୍ୱରର ଭିତ୍ତିଭୂମି ଯଥା ରୋଡ୍, ଡ୍ରେନ୍, ସ୍ମାର୍ଟ ଶୌଚାଳୟ, ପୁଷ୍କରିଣୀ, ଶ୍ମଶାନ, ପାର୍କ ଆଦିର ବିକାଶ ଉପରେ ଧ୍ୟାନ ଦିଆଯାଉଛି। ବିଶେଷକରି ନୂଆକରି ବିଏମ୍‌ସିରେ ସାମିଲ ହୋଇଥିବା ଗାଁଗୁଡିକର ବିକାଶ ପାଇଁ କାର୍ଯ୍ୟ କରାଯାଉଛି। ଖୁବ୍‌ଶୀଘ୍ର କ୍ରୁଟ୍ ପକ୍ଷରୁ ସହରରେ କେବଳ ଇ-ବସ୍ ବା ଇଲେକ୍ଟ୍ରିକ୍ ବସ୍ ଚାଲିବ। ସହରର ଆଉ ୬୦ଟି ସ୍ଥାନରେ ପ୍ଲେସମେକିଂ କରାଯିବ। ଏହାବାଦ୍ ସହରକୁ ସବୁଜ ସୁନ୍ଦର ରଖିବା ପାଇଁ ଯୋଜନା କରାଯାଉଛି। ଆଇସିଓଏମ୍‌ସି ସେଣ୍ଟରଠାରୁ ପୂରା ସହର ଉପରେ ଦୃଷ୍ଟି ରଖାଯାଉଛି। ଛକ ଛକରେ କ୍ୟାମେରା ଲଗାଇ ଟ୍ରାଫିକ୍ ନିୟମ ଉଲଂଘନକାରୀଙ୍କୁ ଚିହ୍ନଟ କରାଯାଉଛି। ମୋ ବସ୍, ସଫେଇ ଗାଡ଼ି ଆଦିକୁ ଟ୍ରାକିଂ କରାଯାଉଛି।

- ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର ତଥା ସ୍ମାର୍ଟସିଟି ସିଇଓ

## ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୁବନେଶ୍ୱର ବହୁ ସୁନାମ ଅର୍ଜନ କରିଛି। କ୍ୟାପିଟାଲ ହସ୍ପିଟାଲ ସାଙ୍ଗକୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଭଳି ମେଡିକାଲ କଲେଜ ରହିଛି। ଏଠାରେ ବହୁ ବିରଳ ଚିକିତ୍ସା ସମ୍ଭବ ହୋଇପାରୁଛି। ଇତିମଧ୍ୟରେ କ୍ୟାପିଟାଲ ହସ୍ପିଟାଲକୁ 'ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ' (ପିଜିଆଇଏମ୍‌ଇଆର୍) ଭାବେ ବିକଶିତ କରାଯାଇଛି। ୨୦୨୨-୨୩ ଶିକ୍ଷାବର୍ଷରୁ ୧୫ଟି ବିଭାଗର ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଛି। ଗୋଟିଏ ବର୍ଷରେ ୧୭ଟି ସହରାଞ୍ଚଳ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

## ସ୍ମାର୍ଟ ଜନପଥ

ସ୍ମାର୍ଟସିଟି ପ୍ରକଳ୍ପ ଅନ୍ତର୍ଗତ ଶିଶୁଭବନ ଛକଠାରୁ ବାଣୀବିହାର ଛକ ପର୍ଯ୍ୟନ୍ତ ୫.୮କିଲୋମିଟର ରାସ୍ତାକୁ ସ୍ମାର୍ଟ ଜନପଥରେ ପରିଣତ କରାଯାଇଛି। ଏଥିରେ ଶିଶୁ ଓ ବରିଷ୍ଠ ନାଗରିକଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ୭୯.୫୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ରାସ୍ତା ଦୁଇପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ଲ୍ୟାଣ୍ଡସ୍କେପିଂ, ଛକ ପୁନଃନିର୍ମାଣ, କଲ୍‌ଭର୍ଟ ସାର୍ବଜନୀନ ପ୍ଲାଜା, ବାଉଁଶ ନିର୍ମିତ ବ୍ୟାରିକେଡ୍ ଆଦି ନିର୍ମାଣ କରାଯାଇଛି।



## ଉଚ୍ଚଶିକ୍ଷା ହବ୍

ଭୁବନେଶ୍ୱର ଉଚ୍ଚଶିକ୍ଷାର ହବ୍ ପାଲଟିଛି। ରାଜଧାନୀ ପ୍ରତିଷ୍ଠା ବେଳକୁ ଏଠାରେ ହାତଗଣତି କେତୋଟି ଶିକ୍ଷାନୁଷ୍ଠାନ ରହିଥିଲା। ମାତ୍ର ସହରର କଳେବର ବୃଦ୍ଧି ପାଇବା ସହ ମାଳମାଳ ମଣିଷ ତିଆରି କାରଖାନା ଗଢ଼ି ଉଠିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିଶ୍ୱବିଦ୍ୟାଳୟ ଭଳି ଉଚ୍ଚମାନର ଶିକ୍ଷାନୁଷ୍ଠାନ ବହୁ ପ୍ରତିଭାଙ୍କୁ ତିଆରି କରିଛି। ସେହିପରି ଆଇଆଇଟି, ନାଇଜର, ଏନ୍‌ଆଇଏଫ୍‌ଟି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ଏମ୍‌ସ, କିଟ୍ ବିଶ୍ୱବିଦ୍ୟାଳୟ, ଇଗ୍‌ନୋ ଭଳି ବହୁ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉଛନ୍ତି।



## ପ୍ଲେସ୍‌ମେକିଂରେ ବଦଳିଲା ସହର ଚିତ୍ର




ରାଜଧାନୀର କାନ୍ଥ ବଖାଣୁଛି ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଗାଥା। ଶିଳ୍ପୀଙ୍କ ରଙ୍ଗତୂଳୀରେ ସାଧବ ପୁଅଙ୍କ ବୋଇତଯାତ ଠାରୁ ଆରମ୍ଭ କରି ପଟଚିତ୍ର, ମନ୍ଦିର, ଖଣ୍ଡଗିରି, ଉଦୟଗିରି, ଧଉଳି ଶାନ୍ତିସ୍ତୂପ ଭଳି ବିଭିନ୍ନ କଳାକୃତି ଜୀବନ୍ତ ପ୍ରତ୍ୟୟ ହେଉଛି। କେବଳ ସେତିକି ନୁହେଁ, ସହରର ବିଭିନ୍ନ ଛକ ସ୍ଥାନ, ଓଭରବ୍ରିଜ୍ ତଳ ଆଦି ମୋଟ୍ ୫୧ଟି ସ୍ଥାନରେ ପ୍ରସ୍ତର, ସ୍କ୍ରାପ୍, ଟେରାକୋଟା ଭାସ୍କର୍ଯ୍ୟ ଶୋଭା ପାଉଛି।

## ଫେରିଲା ପଥ ଉତ୍ସବ

ଚଳିତବର୍ଷ ରାଜଧାନୀକୁ ଫେରିଛି 'ରାହଗିରି' ବା 'ପଥ ଉତ୍ସବ'। ୨ବର୍ଷ ପରେ ଶୀତୁଆ ସକାଳେ ନାଚ, ଗୀତ ସହ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ମସ୍‌ଗୁଲ୍ ହୋଇଥିଲେ ରାଜଧାନୀବାସୀ। ତେବେ ଏଥର ଭୁବନେଶ୍ୱର ମହାନଗର ନିଗମର ୩ଟିଯାକ ଜୋନ୍‌ରେ ପଥ ଉତ୍ସବ ଆୟୋଜନ କରାଯାଇଥିଲା। ରଙ୍ଗୋଲି, ସ୍କେଟିଂ, ସାଇକେଲିଂ, ମିନି ମାରାଥନ୍ ସହିତ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ଏହା ଆୟୋଜିତ ହୋଇଥିଲା।

## ସ୍ପୋର୍ଟସ୍ କ୍ୟାପିଟାଲ

ଭୁବନେଶ୍ୱର କେବଳ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି କ୍ଷେତ୍ରରେ ନୁହେଁ ବରଂ ସ୍ପୋର୍ଟ୍‌ସ କ୍ଷେତ୍ରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା ମଧ୍ୟରେ ଭୁବନେଶ୍ୱରରେ ୩ଟି ଅନ୍ତର୍ଜାତୀୟ ଖେଳ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଥର ଲାଗି ଚଳିତବର୍ଷ ଏଠାରେ ବିଶ୍ୱକପ୍ ହକି ଆୟୋଜିତ ହୋଇଥିଲା। ସେହିପରି ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଫୁଟ୍‌ବଲ, ୧୪ବର୍ଷରୁ କମ୍ ଆଇଟିଏଫ୍ ଟେନିସ୍ ମଧ୍ୟ ଆୟୋଜିତ ହେଉଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୪।୨୦୨୩

| | |
|---|---|
| ୪,୦୧,୮୩୧ ଟଙ୍କା | |
| ସୁନା | ୧.୮୦୦ ଗ୍ରାମ୍ |
| ରୁପା | ମିଳିନାହିଁ |

# ରଥଯାତ୍ରା ପୂର୍ବରୁ କରିଡର ପ୍ରକଳ୍ପ କାମ ସରିବା ନେଇ ଆଶଙ୍କା

**ପୁରୀ ଅଫିସ, ୧୨।୪:**

ପୁରୀ ସହରକୁ ବିଶ୍ୱସ୍ତରୀୟ କରିବା ସହ ଐତିହ୍ୟ ନଗରୀରେ ପରିଣତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଐତିହ୍ୟ କରିଡର ଓ ପରିକ୍ରମା ପ୍ରକଳ୍ପ ସମେତ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରୁଛନ୍ତି। କାର୍ଯ୍ୟର ଅଗ୍ରଗତି ନେଇ ବିଭିନ୍ନ ସମୟରେ ପ୍ରଶାସନିକ ସ୍ତରର ସମୀକ୍ଷା କରାଯାଉଛି। ଆସନ୍ତା ରଥଯାତ୍ରା ଅର୍ଥାତ ଜୁନ୍ ୨୦ ପୂର୍ବରୁ ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ କାର୍ଯ୍ୟ ଆହୁରି ଢେର୍ ବାକିଥିବାରୁ ରଥଯାତ୍ରା ପୂର୍ବରୁ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ରଥ ସମନ୍ୱୟ ବୈଠକରେ ପ୍ରକଳ୍ପ କାର୍ଯ୍ୟ ସରିବା ନେଇ ସେବାୟତଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ମାନବ ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆଉ ୨ଶ୍ମାସରୁ କମ ସମୟ ଥିବା ବେଳେ ଯେଉଁଭଳି କାର୍ଯ୍ୟ ଚାଲିଛି ତାହା ରଥଯାତ୍ରା ପୂର୍ବରୁ ସରିଲା ଭଳି ଲାଗୁନାହିଁ। ପ୍ରଶାସନ କ'ଣ କାର୍ଯ୍ୟ କରୁଛି ସେ ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ସେହିପରି ସେବାୟତ ସୁବାସ ଚନ୍ଦ୍ର ମହାନ୍ତି କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ପାଇଁ ଅନେକ ସମସ୍ୟା ଦେଖାଦେଉଛି। ନଳା ପାଣି ଦେଇ ଶ୍ରୀମନ୍ଦିର ଯିବାକୁ ପଡୁଛି। ଟ୍ରାଫିକ ସମସ୍ୟା ସାଙ୍ଗକୁ ଯାତାୟତରେ ବହୁ ସମସ୍ୟା ଉପୁଜୁଛି। ଯେପରି କାର୍ଯ୍ୟ ଚାଲିଛି ତାହା ରଥ ପୂର୍ବରୁ ସରିବା ପରି ଜଣାପଡୁନାହିଁ। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ଏ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସରିବା ନେଇ ଆଶଙ୍କା ରହିଛି। ରଥଯାତ୍ରା ପାଇଁ କିଛି କାର୍ଯ୍ୟ ସାରି ପୁଣି ଯାତ୍ରା ସରିଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରେ। ତେବେ ରଥଯାତ୍ରାକୁ ଦୃଷ୍ଟିରେ ରଖି ସିଂହଦ୍ୱାରଠାରୁ ରାଜନଅର କାର୍ଯ୍ୟ ସହ ମନ୍ଦିର ଚାରିପାଖ କାର୍ଯ୍ୟ ଶୀଘ୍ର ସରିବା ଉଚିତ। ଅନ୍ୟପକ୍ଷରେ ରଥଯାତ୍ରା ପୂର୍ବରୁ କାର୍ଯ୍ୟ ସରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଆଉଟର ଆସେସ ରୋଡ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏହା ସରିବା ପରେ ଇନର ଆସେସ ରୋଡ, ମେଘନାଦ ପୋଚରୀ ସହ ଆଉଟର ଆସେସ ରୋଡର ସଂଯୋଗ, ଯାତ୍ରୀଙ୍କ ପ୍ରତୀକ୍ଷା ଓ ଧ୍ୟାନକେନ୍ଦ୍ର, ଟ୍ରାଫିକ ସମସ୍ୟାକୁ ଏଡ଼ାଇବା ପାଇଁ କରିଡ଼ର ନିର୍ମାଣ କାର୍ଯ୍ୟ କରାଯିବ। ରଥଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ପ୍ରକାଶ କରିଛନ୍ତି।



ପୁରୀରେ ବୁଧବାର ପହଞ୍ଚିଥିବା ପଞ୍ଚମ ପର୍ଯ୍ୟାୟ ରଥକାଠ ।

# ପୁରୀରେ ପହଞ୍ଚିଲା ପଞ୍ଚମ ପର୍ଯ୍ୟାୟ ରଥକାଠ

**ପୁରୀ ଅଫିସ, ୧୨।୪:**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ଜୁନ ୨୦ରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପବିତ୍ର ଅକ୍ଷୟ ତୃତୀୟାଠାରୁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ପର୍ଯ୍ୟାୟ କ୍ରମେ ରଥକାଠ ଆସି ପୁରୀରେ ପହଞ୍ଚୁଛି। ଏହି କ୍ରମରେ ବୁଧବାର ପଞ୍ଚମ ପର୍ଯ୍ୟାୟରେ ଭଞ୍ଜନଗର ମୁଜାଗଡ଼ ବନାଞ୍ଚଳ ଉତ୍ତର ଘୁମୁର ବନଖଣ୍ଡରୁ ୨୫ ଖଣ୍ଡ ରଥକାଠ ଏକ ବଡ଼ ଟ୍ରକ ଯୋଗେ ଆସିଛି। ତନ୍ମଧ୍ୟରେ ୪୦ ଫୁଟିଆ ୨୦ ଖଣ୍ଡ ଧଉରା ଏବଂ ୫ ଖଣ୍ଡ ଫାସିକାଠ ରହିଛି। ବୁଧବାର ସୁଦ୍ଧା ୨୦୬ ଖଣ୍ଡ କାଠ ପୁରୀ ବଡ଼ଦାଣ୍ଡରେ ପହଞ୍ଚିଛି।

ସୂଚନାଯୋଗ୍ୟ, ପୂର୍ବରୁ ନୟାଗଡ଼ ବନଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ୧୦୪, ଦ୍ୱିତୀୟ ପର୍ଯ୍ୟାୟରେ ୨୪ ଏବଂ ତୃତୀୟ ପର୍ଯ୍ୟାୟରେ ବୌଦ୍ଧ ବନଖଣ୍ଡରୁ ୨୮ ଖଣ୍ଡ ଧଉରା ଓ ଚତୁର୍ଥ ପର୍ଯ୍ୟାୟରେ ୨୫ ଖଣ୍ଡ ଅସନ କାଠ କାଠ ଆସି ପୁରୀରେ ପହଞ୍ଚିଥିଲା। ବୁଧବାର ୨୫ ଖଣ୍ଡ କାଠ ଆସିଛି। ଫଳରେ ଏବେସୁଦ୍ଧା ମୋଟ ୨୦୬ ଖଣ୍ଡ କାଠ ପହଞ୍ଚିସାରିଛି। ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷରୁ ୧୧୮ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ରଥଯାତ୍ରା ପାଇଁ ୭୪୭ ଖଣ୍ଡ କାଠର ଆବଶ୍ୟକତା ରହିଛି। ଏ ପର୍ଯ୍ୟନ୍ତ ମୋଟ ୨୦୬ ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ବେଳେ ବଳକା କାଠ ପର୍ଯ୍ୟାୟ କ୍ରମେ ଆସିବ। ୮୧ ଖଣ୍ଡ କାଠ କଟକର ଶ'ମିଲସ୍ଥିତ ଖପୁରିଆ କରତ କଳରେ ପହଞ୍ଚି ସାରିଛି। ପରମ୍ପରା ଅନୁଯାୟୀ, ରାମନବମୀରେ କଟକସ୍ଥିତ ଶ' ମିଲ୍‌ରେ ରଥକାଠ ଚିରଟ କାମ ଆରମ୍ଭ ହୋଇଛି। ଶ୍ରୀପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ହେବ। ଆବଶ୍ୟକ ଥିବା ରଥ କାଠ ପର୍ଯ୍ୟାୟ କ୍ରମେ ପୁରୀକୁ ଆସିବ ବୋଲି ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି। ନୟାଗଡ଼ ଜିଲାର ନବୀନ ବେହେରାଙ୍କ କହିବା ଅନୁଯାୟୀ, ରଥକାଠ ନେଇ ସେ ଉତ୍ତର ଘୁମୁସର ବାଇବିଲ ଗ୍ରାମରୁ ଗତ ୧୦ ତାରିଖରେ ପୁରୀ ଅଭିମୁଖେ ବାହାରିଥିଲେ। ରଥକାଠକୁ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ଏପରିକି ଯେଉଁ ଗ୍ରାମ ଦେଇ ତାଙ୍କ ଗାଡ଼ି ଆସିଥିଲା, ସେହି ସବୁ ଗ୍ରାମର ବାସିନ୍ଦା ରଥକାଠକୁ ପୂଜାର୍ଚ୍ଚନା କରିଥିଲେ। ସେ ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଖୁସି ଅଛନ୍ତି। ଆଗକୁ ମହାପ୍ରଭୁ ତାଙ୍କୁ ଏପରି କାର୍ଯ୍ୟ କରିବା ପାଇଁ ଆଶୀର୍ବାଦ ଦିଅନ୍ତୁ ବୋଲି ବେହେରା କହିଛନ୍ତି।

## ପଥପ୍ରାନ୍ତ ନାଟକ ପାଇଁ ସରକାରୀ ଅନୁଦାନ ମିଳୁ

**କୋଣାର୍କ,୧୨।୪(ଡି.ଏନ୍.ଏ.)**

କୋଣାର୍କସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକାଠାରେ ବୁଧବାର ଓଡ଼ିଶା ପଥପ୍ରାନ୍ତ ନାଟକ ମହାସଂଘ ପକ୍ଷରୁ ଜାତୀୟ ପଥପ୍ରାନ୍ତ ନାଟକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାସଂଘ ରାଜ୍ୟ ସଭାପତି ନାଟ୍ୟକାର ଶତ୍ରୁଘ୍ନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରସିଦ୍ଧ ଘୋଡ଼ାନାଚ ଗୁରୁ ବସନ୍ତ ଦାସ, ମହାସଂଘର କୋଷାଧ୍ୟକ୍ଷ ରଞ୍ଜନ ନାୟକ ଓ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନାଟ୍ୟଶିଳ୍ପୀ ସୁକାନ୍ତି ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ପଥପ୍ରାନ୍ତ ନାଟକ କ୍ଷେତ୍ରରେ କାର୍ଯ୍ୟ କରୁଥିବା କଳାକାରଙ୍କ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ, ପଥପ୍ରାନ୍ତ ନାଟକ ପରିବେଷଣ ନିମନ୍ତେ ସରକାର ଆର୍ଥିକ ଅନୁଦାନ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମହାସଂଘ ପକ୍ଷରୁ ଦାବି ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ୬୦ରୁ ଊର୍ଦ୍ଧ୍ୱ ପଥପ୍ରାନ୍ତ କଳାକାର ନିଜ ନିଜର ମତ ଉପସ୍ଥାପନ କରିଥିଲେ। କୋଣାର୍କ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଓ ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣାଙ୍କ ସମେତ ମହାସଂଘ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀନଅର ସମ୍ମୁଖରେ ତିଆରି ହେଲା ଅସ୍ଥାୟୀ ରଥଖଳା


ରଥଖଳାରେ ନିର୍ମାଣ ହୋଇଥିବା ଛାମୁଡିଆ ।

**ପୁରୀ ଅଫିସ, ୧୨।୪:**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ଜୁନ ୨୦ରେ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶ୍ରୀମନ୍ଦିର ରଥ ସଂହିତା ଅନୁଯାୟୀ ଅକ୍ଷୟ ତୃତୀୟାଠାରୁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ଆସନ୍ତା ୨୩ ତାରିଖରେ ଅକ୍ଷୟ ତୃତୀୟା ତିଥି ଅବସରରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ବୁଧବାର ଶ୍ରୀନଅର ସମ୍ମୁଖରେ ଅସ୍ଥାୟୀ ରଥଖଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଅସ୍ଥାୟୀ ରଥଖଳା ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ଭୋଇ ସେବକମାନେ ଅସ୍ଥାୟୀ ରଥଖଳା ନିର୍ମାଣ ସହ ଖଳା ଉପରେ ଚାଞ୍ଚଟାଟି ଓ ବାଉଁଶ ପକାଇ ଛାମୁଡ଼ିଆ କରିଛନ୍ତି।

**୨୩ରେ ରଥ ନିର୍ମାଣ ଅନୁକୂଳ**

ଆସନ୍ତା ୨୩ ତାରିଖରୁ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବାକୁ ଥିବାରୁ ନରେନ୍ଦ୍ର ଚକଡ଼ାରେ ଖୁବ୍‌ଶୀଘ୍ର ଚାଳି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି ବାହାର ଚନ୍ଦନ ଯାତ୍ରା ସମୟରେ ଠାକୁରଙ୍କୁ ବଡ଼ଦାଣ୍ଡରେ ବିଭିନ୍ନ ମଠ ପକ୍ଷରୁ ପନ୍ତିଭୋଗ ଦିଆଯାଇଥାଏ। ଏଥିଲାଗି ଭୋଇ ସେବକମାନେ ମଧ୍ୟ ଖୁବ୍‌ଶୀଘ୍ର ଚାଳି ତିଆରି କରିବେ ବୋଲି ସୂଚନା ମିଳିଛି।

## ୪୩ ଗ୍ରାମ ବ୍ରାଉନସୁଗାର ଜବତ

**ନିମାପଡ଼ା,୧୨।୪(ଡି.ଏନ୍.ଏ.)**



ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକ ନିକଟରୁ ଜଣେ ଚୋରା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ନିମାପଡ଼ା ଏନ୍‌ଏସି ଅଞ୍ଚଳର ଦୀପ୍ତିରଞ୍ଜନ ନାୟକ(୪୨)। ଦୀପ୍ତିରଞ୍ଜନଙ୍କଠାରୁ ୪୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ୪ ଲକ୍ଷ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ବିଭାଗ ଏକ ମାମଲା (୩/୨୩-୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ ନିମାପଡ଼ା ଅବକାରୀ ଥାନା ଅଧିକାରିଣୀ ମମତା କୁମାରୀ ଦାସ, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ଡଳିମଣି ବେହେରା, ମାନସ ନାୟକ, ତପନ ପ୍ରଧାନ, ଦୀନବନ୍ଧୁ ବାରିକ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ। ଡେଲ୍‌ଟା ଛକ, ଜେଲ ଛକ, ପେଟାଘାଇ ରାସ୍ତା ଛକ, ଦୋଳବେଦୀ ଛକ, ଗୋଲେଇ ଛକ, ହାଟଛକ ପ୍ରଭୃତି ଅଞ୍ଚଳ ଉପରେ ଚଢ଼ାଉ କରାଯାଇଥିଲା।


ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସମିତି ପକ୍ଷରୁ ବୁଧବାର ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଉଛି ।

## ସଂକ୍ଷେପରେ

### ଶ୍ରୀଜୟଦେବ ଫାଉଣ୍ଡେଶନ ପୁରୀ ଶାଖାର ନୂତନ କର୍ମକର୍ତ୍ତା

ପୁରୀ ଅଫିସ, ୧୨।୪: ଓଡ଼ିଶା ସଙ୍ଗୀତ ପରିଷଦରେ କେନ୍ଦ୍ରୀୟ କମିଟି ସଭ୍ୟ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଶ୍ରୀଜୟଦେବ ଫାଉଣ୍ଡେଶନ ପୁରୀ ଶାଖାର ନୂତନ କର୍ମକର୍ତ୍ତା ମନୋନୟନ ହୋଇଛନ୍ତି। ଆସନ୍ତା ୨୩ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଦିନ ପୁରୀ ସହରସ୍ଥ ପୁରୁଣା ସଦର ଥାନା ଛକଠାରେ ସ୍ଥାପନ କରାଯିବ। ଏହି ଉପଲକ୍ଷେ ଶ୍ରୀଜୟଦେବ ଫାଉଣ୍ଡେଶନ ପୁରୀ ଶାଖା ଗଠନ କରାଯାଇଛି। ଫାଉଣ୍ଡେଶନ ସଭାପତି ଭାବେ ସତ୍ୟନାରାୟଣ ଗୁରୁ, କାର୍ଯ୍ୟକାରୀ ସଭାପତି ଭାବେ ଚକ୍ରଧର ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଅନାମ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଭାବେ ପ୍ରସନ୍ନ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ଶର୍ଙ୍ଗମିତ୍ର ସିଂହାରୀଙ୍କୁ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ଚିତ୍ତ ରଞ୍ଜନ ମିଶ୍ର, ଜଟାଧାରୀ ମିଶ୍ର, ଡ. ଉମାକାନ୍ତ କର, ଗଣେଶ୍ୱର ପ୍ରହରାଜ, ବିପିନ୍ ବିହାରୀ ଦଳାଇ, ନରେନ୍ଦ୍ର ମହାନ୍ତି, ଯମେଶ୍ୱର ସୁବୁଦ୍ଧି ଏବଂ ଶ୍ରୀଧର ମହାପାତ୍ର ମନୋନୀତ ହୋଇଛନ୍ତି।

### ସିଡିଏମ୍‌ଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ପୁରୀ ଅଫିସ, ୧୨।୪: ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶତାଧିକ କର୍ମଚାରୀ ବୁଧବାର ଜିଲାପାଳ ସମର୍ଥବର୍ମାଙ୍କୁ ଭେଟି ସିଡିଏମଓ ସୁଜାତା ମିଶ୍ରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ଆଣି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଛନ୍ତି। ଆଗାମୀ ୪୮ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଅନ୍ୟ ନ୍ୟାୟିକ ପନ୍ଥା ଗ୍ରହଣ କରାଯିବ ଓ ରଥଯାତ୍ରାରେ ସହଯୋଗ କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ଦେବୀ ମହାପାତ୍ର, ଡା. ଲଲାଟେନ୍ଦୁ ମିଶ୍ର, ଡା. ବିରଜା ଶଙ୍କର ରଥ, ଡା. ସୁନୀଲ ତରାଇ, ଡା. ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ଡା. ସଞ୍ଜୟ କୁମାର ପ୍ରଧାନ, ଡା. ବିଶ୍ୱଜିତ ମିଶ୍ର, ଡା. ଆଶିଷ ମହାପାତ୍ର, ଡା. ସନ୍ତୋଷ କୁମାର ତ୍ରିପାଠୀ, ଡା. ବିନୟ କୁମାର ପଣ୍ଡା, ବିଜୟ କୁମାର ନାୟକ, ଡିପିଏମ୍ ଟି.ନାରାୟଣ ରାଓ, ଅଶୋକ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଦୁର୍ନୀତି ଏବଂ ଅବ୍ୟବସ୍ଥା ସମ୍ପର୍କରେ ପ୍ରତିବାଦ କରିବାରୁ ତାଙ୍କ ନାମରେ ଆକ୍ରୋଶମୂଳକ ଭାବେ ମିଥ୍ୟା ଅଭିଯୋଗ ଅଣାଯାଇଛି ବୋଲି ଏଚ୍. ମିଶ୍ର କହିଛନ୍ତି।

# ପିଲାଙ୍କୁ ଗଢ଼ିବା ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାୟିତ୍ୱ

**ନିମାପଡ଼ା,୧୨।୪(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ସରସ୍ୱତୀ ଶିଶୁ ମନ୍ଦିରର ୧୯ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚାରିଛକ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଡ. ସନ୍ତୋଷ ମିତ୍ର, ପ୍ରଫେସର ଚକ୍ରଧର କରଣ, ଅଭିନେତା


ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅଙ୍କିତ ମହାପାତ୍ର, ଚାରିଛକ ଅନ୍ନପୂର୍ଣ୍ଣା ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ପ୍ରମୁଖ ଯୋଗଦେଇ ବର୍ତ୍ତମାନର ଶିଶୁ ଆସନ୍ତାକାଲିର ଭବିଷ୍ୟତ, ତେଣୁ ସେମାନଙ୍କୁ ସୁଚାରୁ ରୂପେ ଗଢ଼ିତୋଳିବା ମାତାପିତା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଦାୟିତ୍ୱ ବୋଲି କହିଥିଲେ। ଶିଶୁ ମନ୍ଦିର ସଭାପତି ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ସମ୍ପାଦକ ତଥା ପ୍ରଧାନଆଚାର୍ଯ୍ୟ ବିଜୟ ବେହେରା ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା।

## ଗାଡ଼ି ଚଳାଇ ଜରିମାନା ଦେଲେ ୨ ନାବାଳକ

**ପୁରୀ ଅଫିସ, ୧୨।୪:**

ଗାଡ଼ି ଯାଞ୍ଚ ବେଳେ ପୁରୀ ସହରରେ ବୁଧବାର ଦୁଇଜଣ ନାବାଳକ ଗାଡ଼ି ଚାଳକଙ୍କୁ ପୋଲିସ ଏବଂ ପରିବହନ ଅଧିକାରୀ ଅଟକାଇ ଜରିମାନା ଆଦାୟ କରିଛନ୍ତି। ପେଣ୍ଠକଟା ଥାନା ଆଇଆଇସି ବାମଦେବ ନନ୍ଦ, ସାମୁଦ୍ରିକ ଥାନା ପୋଲିସ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ମିଳିତ ଭାବେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଦୁଇଜଣ ନାବାଳକ ଏକ ଗାଡ଼ିରେ ଯାଉଥିଲେ। ପୋଲିସ ଓ ପରିବହନ କର୍ମଚାରୀ ସେମାନଙ୍କୁ ଅଟକାଇ ହେଲମେଟ, କାଗଜପତ୍ର ଯାଞ୍ଚ କରିଥିଲା। ତେବେ ଆବଶ୍ୟକ କାଗଜପତ୍ର ନ ଥିବାବେଳେ ସେମାନେ ନାବାଳକ ବୋଲି ଜଣାପଡ଼ିଥିଲା। ଦୁଇଜଣଙ୍କୁ ୨୮୦୦ ଏବଂ ୨୫, ୫୦୦ ଟଙ୍କା ଜରିମାନା କରାଯାଇଛି। ନାବାଳକଙ୍କୁ ଗାଡ଼ି ଚଳାଇବାକୁ ନ ଦେବାକୁ ପୁରୀ ଆର୍‌ଟିଓ ଅଭିଭାବକମାନଙ୍କୁ ଅନୁରୋଧ କରିଛନ୍ତି।

# ସହାୟତା ଅପେକ୍ଷାରେ ଯାତ୍ରା କଳାକାର ସୀତା

**ବଳଙ୍ଗା,୧୨।୪(ଡି.ଏନ୍.ଏ.)**

ଦିନେ ଯାତ୍ରା ମଞ୍ଚରେ ନିଜର ଅଭିନୟ ମାଧ୍ୟମରେ ଅଗଣିତ ଦର୍ଶକଙ୍କୁ ମୋହିତ କରିପାରୁଥିଲେ। ହେଲେ ବର୍ତ୍ତମାନ ଜୀବନ ଜିଇବା ପାଇଁ କରୁଛନ୍ତି ସଂଘର୍ଷ। ସେ ହେଉଛନ୍ତି ଶ୍ରୀ ଶ୍ରୀ ଉତ୍ତରାୟଣୀ ଅପେରାରେ ନାୟିକା ସାଜୁଥିବା ସୀତା ଦାସ। ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଅଧୀନ ବ୍ରାହ୍ମଣଖଣ୍ଡୀ ଗ୍ରାମରେ ସୀତାଙ୍କ ଘର। ଆଜି ମଧ୍ୟ ଦର୍ଶକଙ୍କ ମନରେ ତାଙ୍କର ନିଖୁଣ ଅଭିନୟ ଉଙ୍କି ମାରୁଛି। କିନ୍ତୁ ସରକାର ତାଙ୍କ କଥା ଭୁଲି ଯାଇଛନ୍ତି, କଳାକାର ଭତ୍ତା ନାହିଁ କି ଆବାସ ଘର। ବୟସର ଅପରାହ୍ନରେ ପଲିଥିନ ତଳେ ମୁଣ୍ଡ ଗୁଞ୍ଜି ଦୁର୍ବିସହ ଜୀବନ ବିତାଉଛନ୍ତି। ତେଣୁ ସହାୟତା ଅପେକ୍ଷାରେ ଏବେ ସେ ଚାହିଁରହିଛନ୍ତି। ସୀତା ପିଲାଦିନୁ ଓଡ଼ିଶୀ ନୃତ୍ୟ ସଙ୍ଗୀତରେ ପାରଙ୍ଗମ ଥିଲେ। ସେ ଯାତ୍ରା ଦୁନିଆରେ ପ୍ରଥମେ ପାଦ ଥାପିଥିଲେ ସାତଶଙ୍ଖ ଅପେରା, ଡେଲାଙ୍ଗ ଅପେରା, ତ୍ରିନାଥ ଗଣନାଟ୍ୟରେ। କେବଳ ନାୟିକା ନୁହନ୍ତି, ଅନେକ ନାଟକରେ ଚରିତ୍ର ଓ କଣ୍ଠଦାନ ମଧ୍ୟ କରିଛନ୍ତି। ଦିନେ ଯାତ୍ରା ମଞ୍ଚରେ ଦର୍ଶକଙ୍କୁ ଅନେକ ସଫଳ ଚରିତ୍ରରେ ଅଭିନୟ ଭେଟି ଦେଇ ଭରପୂର ମନୋରଞ୍ଜନ କରାଉଥିବା କଳାକାର ଆଜି ବୟସର ଅପରାହ୍ନରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଦୀର୍ଘ ୨୫ ବର୍ଷ କାଳ ଜଲିଉଡରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ସୀତାଙ୍କୁ ଏପର୍ଯ୍ୟନ୍ତ କଳାକାର ଭତ୍ତାଟିଏ ମିଳିପାରିଲା ନାହିଁ। ଗତ ଫନୀରେ ତାଙ୍କ ଘର ଭାଙ୍ଗିଯାଇଥିଲା। ସହାୟତା ପାଇଁ ସରପଞ୍ଚଙ୍କଠାରୁର ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କ ଅଭିଯୋଗ କରିଥିଲେ ମଧ୍ୟ କେହି ମଧ୍ୟ କର୍ଣ୍ଣପାତ କରିଲେ ନାହିଁ। କୌଣସି ପ୍ରକାର ସହଯୋଗ ନ ମିଳିବାରୁ ବାଧ୍ୟ ହୋଇ ପଲିଥିନ ତାଙ୍କି ମୁଣ୍ଡ ଗୁଞ୍ଜି ରହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଆବାସ ଯୋଜନାରେ ପ୍ରଶାସନ ତାଙ୍କୁ ସାମିଲ କରିପାରିନାହିଁ। ତେଣୁ ଜଲିଉଡର ବର୍ଷୀୟାନ ଏହି କଳାକାରଙ୍କୁ ସରକାରୀ ସହାୟତା, କଳାକାର ଭତ୍ତା ଓ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାପାଇଁ ସରକାରଙ୍କ ପାଖରେ ନିବେଦନ କରିଛନ୍ତି।


ନିଜ ଭଙ୍ଗା ଘର ଆଗରେ ସୀତା ଦାସ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍: ଏସ୍‌ପି ଏକାଦଶ ବିଜୟୀ

**ପୁରୀ ଅଫିସ, ୧୨।୪:**

ଜିଲାପାଳ ଏକାଦଶ ଏବଂ ଏସ୍‌ପି ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ଏକାଦଶ ୭ ଉଇକେଟ୍‌ରେ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଜିଲାପାଳ ଏକାଦଶ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୯୨ରନ କରିଥିଲା। ଜବାବରେ ଏସ୍‌ପି ଏକାଦଶ ୩ ଉଇକେଟ ହରାଇ ୯୮ ରନ କରି ମ୍ୟାଚ୍ ଜିତିଥିଲା। ଜିଲାପାଳ ଏକାଦଶ ପକ୍ଷରୁ ସନ୍ତୋଷ ବରାଳ ୨୨, ବିଶ୍ୱରଞ୍ଜନ ୨୦, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ୧୮ ରନ କରିଥିଲେ। ଏସ୍‌ପି ଏକାଦଶ ପକ୍ଷରୁ ଦୁଷ୍ମନ୍ତ ୧୮ ରନ ଦେଇ ୩ ଉଇକେଟ ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ ୧୧ ରନ୍ ଦେଇ ୨ ଉଇକେଟ ନେଇଥିଲେ। ସେହିପରି ଏସ୍‌ପି ଏକାଦଶ ପକ୍ଷରୁ ପ୍ରହ୍ଲାଦ ଭୋଇ ୪୭, ରିଜର୍ଭ ଇନ୍‌ସପେକ୍ଟର ଚନ୍ଦ୍ରଶେଖର ଦାଶ ୧୮, ରଞ୍ଜନ ପଲାଇ ୧୭ ଓ ସିଟି ଡିଏସ୍‌ପି କେ.କେ.ହରିପ୍ରସାଦ ୧୨ ରନ କରିଥିବା ବେଳେ ଜିଲାପାଳ ଏକାଦଶ ପକ୍ଷରୁ ବିଶ୍ୱରଞ୍ଜନ ୧୪ ରନରେ ୩ଟି ଉଇକେଟ ନେଇଥିଲେ। ଏସ୍‌ପି ଏକାଦଶ ପକ୍ଷରୁ ଡି.ସି. କୌଶିକ ନାୟକ ଚାମ୍ପିୟନ୍ସ ଟ୍ରଫି ଏବଂ ଜିଲାପାଳ ଏକାଦଶ ପକ୍ଷରୁ ପୌର ନିର୍ବାହୀ ଅଧିକାରୀ ସ୍ୱାଇଁ ରନର୍ସଅପ୍ ଟ୍ରଫି ଗ୍ରହଣ କରିଥିଲେ। ଏସ୍‌ପି ଏକାଦଶର ପ୍ରହ୍ଲାଦଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରିବା ସହ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ପ୍ରଫୁଲ୍ଲ କୁମାର ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବିଜେତା ଦଳର ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ୨ ମୋବାଇଲ ଜବତ, ଯୁବକ ଗିରଫ

ଫୁଲନଖରା,(ଡି.ଏନ୍‌.ଏ.): ମୋବାଇଲ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ରାଜାବଗିଚା ସୁଇପର କଲୋନୀର ଦୀନବନ୍ଧୁ ସାହୁ। ତାଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ବାରଙ୍ଗ ଥାନା ଅଞ୍ଚଳର ରାଜେଶ ଭଞ୍ଜ ସୋମବାର ପ୍ରତାପ ନଗରୀସ୍ଥିତ ଧାକୁଲେଇ ପୀଠକୁ ଯାତ୍ରା ଦେଖିବା ପାଇଁ ଆସିଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୯/୨୩) ରୁଜୁ କରିଥିଲା।

## ସଂକ୍ଷେପରେ

### ସିଡିଏ ସେକ୍ଟର-୬ରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୨।୪:** କଟକ ମହାନଗର ନିଗମ(ସିଏମ୍‌ସି) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏନ୍‌ଫୋର୍ସମେଣ୍ଟ ଟିମ୍‌ ପକ୍ଷରୁ ବୁଧବାର ସିଡିଏ ସେକ୍ଟର-୬ରୁ ଚକ୍ଷୁ ଚିକିତ୍ସାଳୟ ପର୍ଯ୍ୟନ୍ତ ଉଭୟ ପଟ ରାସ୍ତାରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ସେଠାରେ ବେଆଇନ ଭାବେ ତିଆରି ହୋଇଥିବା ୨୧ କଂକ୍ରିଟ ପିଣ୍ଡି, ୧୦ଟି ଛପର ଘର, ୧୨ଟି ଟିଣ କ୍ୟାବିନ, ୪ଟି ବିଜ୍ଞାପନ ହୋର୍ଡିଂ ସମେତ ୨ଟି ର୍‍ୟାମ୍ପକୁ ଭାଙ୍ଗି ଦିଆଯାଇଛି। ଏତଦ୍‌ବ୍ୟତୀତ ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା କେତେଜଣ ଉଠା ଦୋକାନୀଙ୍କଠାରୁ ୧୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସିଡିଏ ଏନ୍‌ଫୋର୍ସମେଣ୍ଟ ମୁଖ୍ୟ ଶ୍ରମିକ ବିଭୂତି ରାୟଙ୍କ ନେତୃତ୍ୱରେ ସିଏମ୍‌ସି ଓ ସିଡିଏ କର୍ମଚାରୀ, ୧ ପ୍ଲାଟୁନ ପୋଲିସ ଫୋର୍ସ, କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସର ୩ଟି ଦଳ ଏହି ଉଚ୍ଛେଦରେ ସାମିଲ ହୋଇଥିଲେ।

### ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ ବୈଠକ

**କଟକ ଅଫିସ,୧୨।୪:** ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘର ମାସିକ ବୈଠକ କଟକ ବକ୍ସିବଜାରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭକ୍ତବଲ୍ଲଭ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସଦସ୍ୟମାନେ ଯୋଗଦେଇ ନୀରୋଗ ଜୀବନଯାପନ ଉପରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବି.ପି. ଲାବରେଟୋରି ମୁଖ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଭ୍ୟମାନଙ୍କର ରକ୍ତଚାପ, ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ପାତ୍ର, ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୈଳାସ ଚନ୍ଦ୍ର ମିଶ୍ର, ସହସମ୍ପାଦକ ଧ୍ରୁବଚରଣ ବେହେରା, ବସନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ସାଙ୍ଗଠନିକ ସମ୍ପାଦକ ଦୀପ୍ତିରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

### ୩ ଗୋରୁ ଉଦ୍ଧାର, ବ୍ୟବସାୟୀ ଫେରାର

**ଖୁଣ୍ଟୁଣୀ,୧୨।୪(ଡି.ଏନ୍‌.ଏ.):** ନୂଆପାଟଣା-ଆଠଗଡ଼ ରାସ୍ତାର ମାଧପୁର ଝରଣ ନିକଟରେ ବୁଧବାର ଅପରାହ୍ନରେ ଆଠଗଡ଼-ତିଗିରିଆ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଚଢ଼ାଉ କରାଯାଇ ୩ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଖବରପାଇ ଘଣ୍ଟିଖାଲ ଫାଣ୍ଡି ଅଧିକାରୀ ନରେନ୍ଦ୍ର କୁମାର ସାହୁ ପହଞ୍ଚି ସମସ୍ତ ଗୋରୁଙ୍କୁ ଉଦ୍ଧାର କରି ଚୌଦ୍ୱାର ମଙ୍ଗରାଜପୁରସ୍ଥିତ ଗୋଶାଳାରେ ଛାଡିଛନ୍ତି। ମିଳିଥିବା ସୂଚନା ମୁତାବକ, ଗୋରୁ ବ୍ୟବସାୟୀ ଆଠଗଡ଼ ଅଞ୍ଚଳରୁ ଏକ ୪ ଚକିଆ ଗାଡ଼ିରେ ଗୋରୁ ଆଣି ଏହି ରାସ୍ତାରେ ଯାଉଥିଲେ। ମାଧପୁର ଝରଣଠାରେ ରାସ୍ତା କାମ ହେଉଥିବାରୁ ଗାଡିଟି ଦବି ଯାଇଥିଲା। ଫଳରେ ବ୍ୟବସାୟୀ ଗାଡିରୁ ଗୋରୁଙ୍କୁ ଓହ୍ଲାଇ ରାସ୍ତାପାର୍ଶ୍ୱ ବୁଦା ମଧରେ ବାନ୍ଧି ଦେଇଥିଲେ। ପରେ ଗାଡି ନେଇ ଫେରାର ହୋଇଯାଇଥିଲେ। ଖବରପାଇ ଆଠଗଡ଼-ତିଗିରିଆ ହିନ୍ଦୁ ସୁରକ୍ଷା ମଞ୍ଚର ସଦସ୍ୟ ତପନ ଲେଙ୍କାଙ୍କ ନେତୃତ୍ୱରେ ଅଶ୍ୱିନୀ ସାହୁ, ଅକ୍ଷୟ ନାୟକ, ମିଥୁନ ମଲ୍ଲିକ, ରଞ୍ଜନ ସେନାପତି, ଅଶୋକ ନାୟକ, କାହ୍ନୁ ରାଉତ ଓ ସତ୍ୟ ରାଉତ ଘଟଣାସ୍ଥଳରେ ପହଞ୍ଚି ୩ ଗୋରୁଙ୍କୁ ଉଦ୍ଧାର କରିଥିଲେ।

# ପଙ୍କୋଦ୍ଧାରକୁ ନେଇ କର୍ପୋରେଟରଙ୍କ ହୋହଲ୍ଲା

### ସିଏମ୍‌ସି କାଉନ୍‌ସିଲ ବୈଠକ

**କଟକ ଅଫିସ,୧୨।୪**



ସିଏମ୍‌ସି କାଉନ୍‌ସିଲ ବୈଠକରେ ମେୟର, ଡେପୁଟୀ ମେୟର, କମିଶନରଙ୍କ ସହ କର୍ପୋରେଟର।

ସହରର ପରିମଳ ଓ ପଙ୍କୋଦ୍ଧାର ଦାୟିତ୍ୱ ଟେଣ୍ଡର ମାଧ୍ୟମରେ ତିନୋଟି ଘରୋଇ ସଂସ୍ଥା(ମଞ୍ଜୁ, ପ୍ରତ୍ୟୁଷ ଓ ଜାଗୃତି)କୁ ଦିଆଯାଇଛି। ହେଲେ ଉକ୍ତ ସଂସ୍ଥା ପଙ୍କୋଦ୍ଧାର କରିବାରେ ଫେଲ୍‌ ମାରିଥିବା ଅଭିଯୋଗ ହୋଇଛି। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ହସ୍ତକ୍ଷେପ କରିବା ସହ ପୁଣି ଟେଣ୍ଡର ଡକାଯାଇ ପଙ୍କୋଦ୍ଧାର କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ବୁଧବାର କଟକ ବିଜୁଭବନ ପରିସରରେ ଅନୁଷ୍ଠିତ କଟକ ମହାନଗର ନିଗମ(ସିଏମ୍‌ସି)ର ୧୨ତମ କାଉନସିଲ ବୈଠକରେ କର୍ପୋରେଟରମାନେ ହୋହଲ୍ଲା କରିଥିଲେ। ସେମାନେ କହିଛନ୍ତି, ଉକ୍ତ ୩ଟି ସଂସ୍ଥା ପଙ୍କୋଦ୍ଧାର ଦାୟିତ୍ୱ ନେବା ପରେ ବାକି ସ୍ଥାନକୁ ସିଏମ୍‌ସି ପକ୍ଷରୁ ପୁଣି କାହିଁ ଟେଣ୍ଡର କରାଯାଇ ପଙ୍କୋଦ୍ଧାର କରାଯିବ। କର୍ପୋରେଟରମାନେ ପଙ୍କୋଦ୍ଧାର ପାଇଁ ସ୍ଥାନର ତାଲିକା ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ହୋଇପାରିନାହିଁ। ନିୟମାନୁସାରେ ଉକ୍ତ ୩ଟି ସଂସ୍ଥା ପଙ୍କୋଦ୍ଧାର ପାଇଁ ନିଜ ତରଫରୁ ଗାଡ଼ି ଓ ମେଶିନ ଯୋଗାଇବେ। ହେଲେ ସିଏମ୍‌ସି ଗାଡ଼ି ଓ ମେଶିନ ଯୋଗାଉଥିବାରୁ ଭାଜପା କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ନ କରିବା ପାଇଁ ସେମାନେ ଦାବି କରିଥିଲେ। ଚଳିତବର୍ଷ ପଙ୍କୋଦ୍ଧାର ଓ ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ। ଏହାପରେ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ମେୟର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥୀ, ଅମିୟ ପଣ୍ଡାଙ୍କ ସହ ବିଭିନ୍ନ ଦଳର କର୍ପୋରେଟର ଉପସ୍ଥିତ ଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।

### ପତ୍ରିକାରେ ଇଂଲିଶ ଭାଷାକୁ ଗୁରୁତ୍ୱ




ରାଜ୍ୟ ସରକାର ଓଡ଼ିଆ ଭାଷା ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଉଥିବାବେଳେ ସିଏମ୍‌ସି କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୈଠକରେ ସିଏମ୍‌ସି-ସିଡିଏ ପକ୍ଷରୁ 'କଟକ ଡାଏରୀ ଅଫ୍‌ ସିଲଭର ସିଟି- ଦି କ୍ୱାର୍ଟର୍ଲି ଜର୍ଣ୍ଣାଲ' ନାମରେ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ହୋଇଥିବା ଏକାଧିକ କାର୍ଯ୍ୟକ୍ରମ ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବାକୁ ଚିଠି କରୁଛନ୍ତି। ହେଲେ ଏଠାରେ ଇଂଲିଶ ଭାଷାକୁ ଗୁରୁତ୍ୱ ଦିଆଯାଇ ଉକ୍ତ ପତ୍ରିକା ଇଂଲିଶରେ ପ୍ରକାଶ ପାଇବା ନେଇ କର୍ପୋରେଟରମାନେ ଆପତ୍ତି ଉଠାଇଥିଲେ। ଏଥିସହ ଓଡ଼ିଆ ଭାଷାରେ ପତ୍ରିକା ପ୍ରକାଶ କରିବାକୁ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

### ମେ' ପହିଲାରୁ ପଛୁଆ ବର୍ଗ ସର୍ଭେ

ବୈଠକ ପ୍ରାରମ୍ଭରେ ସିଏମ୍‌ସି କମିଶନର ପଛୁଆ ବର୍ଗ(ଓବିସି) ସର୍ଭେ ନେଇ ଉପସ୍ଥିତ କର୍ପୋରେଟରମାନଙ୍କୁ ଅବଗତ କରାଇଥିଲେ। ଆସନ୍ତା ମେ' ୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ୍‌ ଓ ଅଫ୍‌ଲାଇନ୍‌ରେ ସର୍ଭେ କରାଯିବ। ଏହି ସର୍ଭେ କାର୍ଯ୍ୟ ପାଇଁ ଓବିସି କମିଶନଙ୍କ ୱେବ୍‌ସାଇଟ୍‌କୁ ଯାଇ ସମସ୍ତ ତଥ୍ୟ ଦାଖଲ କରି ଆବେଦନ କରିହେବ। ଅଫ୍‌ଲାଇନ୍‌ ସର୍ଭେ ପାଇଁ ୧୭୧ ଜଣ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଟ୍ୟାକ୍ସ କଲେକ୍ଟର ନିୟୋଜିତ ହେବେ। ସର୍ଭେ ପାଇଁ ସହରରେ ୧୧୫ଟି ସର୍ଭେ ସେଣ୍ଟର ଖୋଲାଯିବା ସହ ୧୭ ଜଣ ସୁପରଭାଇଜର ନିୟୋଜିତ ହେବେ। ପରିବାର ମୁଖ୍ୟ କିମ୍ବା ସଦସ୍ୟ ସର୍ଭେ ସେଣ୍ଟରକୁ ଯାଇ ପରିବାରର ସମସ୍ତ ସଦସ୍ୟଙ୍କ ତଥ୍ୟ ଦେଇ ପଞ୍ଜୀକରଣ କରିବେ। ଏଥିପାଇଁ ଆଧାର କାର୍ଡ, ଭୋଟ ପରିଚୟପତ୍ର, ପାନ୍‌ କାର୍ଡ କିମ୍ବା ପାସପୋର୍ଟ ଦେଖାଇ ପାରିବେ। ଏହି ସର୍ଭେରେ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାରର ପଛୁଆବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ।

### କର୍ମଚାରୀଙ୍କ ଦରମା ପ୍ରଦାନକୁ ନେଇ ଅସନ୍ତୋଷ

ବୈଠକରେ ଆଉଟ୍‌ସୋର୍ସିଂ ସଂସ୍ଥା ଜଗନ୍ନାଥ ପ୍ରସାଦ ନର୍ସରୀର ଟେଣ୍ଡର ବାତିଲ ନେଇ ବିବାଦ ଦେଖାଦେଇଥିଲା। ଉକ୍ତ ସଂସ୍ଥା ରାଜ୍ୟର ୩ଟି ପୌରାଞ୍ଚଳରୁ ଟଙ୍କା ନେଇଥିବାବେଳେ ଦୀର୍ଘମାସ ହେବ କର୍ମଚାରୀଙ୍କୁ ଦରମା, ଇପିଏଫ୍‌, ଇଏସ୍‌ଆଇ ନ ଦେଇ ପଳାୟନ କରିବା ସମ୍ଭାବନା ରହିଛି ବୋଲି ଭାଜପା କର୍ପୋରେଟର ଗଗନ ଓଝା କହିଛନ୍ତି। ଏହାକୁ ଅନ୍ୟ କର୍ପୋରେଟରମାନେ ସହମତି ପ୍ରକାଶ କରିଥିଲେ। କର୍ମଚାରୀଙ୍କୁ ଦରମା ପ୍ରଦାନରେ ବିଳମ୍ବକୁ ନେଇ କମିଶନର ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ସଂସ୍ଥା ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ସମ୍ପର୍କରେ ମେୟର କହିଥିଲେ, ଉକ୍ତ ସଂସ୍ଥାକୁ ନୋଟିସ୍‌ ଦିଆଯିବ। ୧ ମାସ ମଧ୍ୟରେ ଠିକ୍‌ ଭାବେ ଦରମା, ଇପିଏଫ୍‌ ଓ ଇଏସ୍‌ଆଇ ନ ଦେଲେ ଉକ୍ତ ସଂସ୍ଥାର ଟେଣ୍ଡର ବାତିଲ କରାଯାଇ ନୂଆ ଟେଣ୍ଡର ଆହ୍ୱାନ କରାଯିବ।

### ଅଯଥାରେ ହସ୍ତକ୍ଷେପ କଲେ ଦରମା ବନ୍ଦ ଚେତାବନୀ

ବୈଠକରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଭଗବାନ ଲେଙ୍କାଙ୍କ ବିରୋଧରେ କର୍ପୋରେଟର ପ୍ରଦୀପ ରାଉତ ଅଭିଯୋଗ କରିଥିଲେ। ଲେଙ୍କା ୧୯୮୯ରୁ ସିଏମ୍‌ସିରେ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କର ବଦଳି ହେଉନାହିଁ। ୨୦୦୪ରେ ତାଙ୍କ ନାମରେ ଭିଜିଲାନ୍ସରେ ମାମଲା ହୋଇଥିଲେ ମଧ୍ୟ ତାଙ୍କୁ ପଦୋନ୍ନତି ମିଳିଛି। ସେ ବିଭିନ୍ନ ଆଳରେ ବାରମ୍ବାର ହଇରାଣ କରୁଥିବା ରାଉତ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଲେଙ୍କାଙ୍କୁ କମିଶନର ତାଗିଦ୍‌ କରିଥିଲେ। ଆଗାମୀ ଦିନରେ କୌଣସି ୱାର୍ଡରେ ହେଉଥିବା କାର୍ଯ୍ୟରେ ଲେଙ୍କା ଅଯଥାରେ ହସ୍ତକ୍ଷେପ କଲେ ଦରମା ବନ୍ଦ ସହ ନିଲମ୍ବନ କରାଯିବାକୁ କମିଶନର ଚେତାବନୀ ଦେଇଥିଲେ।

### କର୍ତ୍ତୃପକ୍ଷଙ୍କ ନାଁ ଧରିବାକୁ ବାରଣ

ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ୱାର୍ଡରେ କାର୍ଯ୍ୟ ନେଇ ଅବହେଳା କରୁଥିବା ୪୧ ନଂ.ୱାର୍ଡର କଂଗ୍ରେସ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ଅଭିଯୋଗ କରିଥିଲେ। ଏଥିରେ ଅନ୍ୟ କଂଗ୍ରେସ ଓ ଭାଜପା କର୍ପୋରେଟର ସହମତି ପ୍ରକାଶ କରିଥିଲେ। କ'ଣ ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କ ବଦଳି ଲାଗି ପଦକ୍ଷେପ ନିଆଯାଉନି ଏବଂ ସେ କାହିଁକି ଏଭଳି ବ୍ୟବହାର କରୁଛନ୍ତି ବୋଲି କର୍ପୋରେଟରମାନେ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ କମିଶନର କହିଥିଲେ, ଯାହା ଅଭିଯୋଗ ଅଛି କୁହନ୍ତୁ ହେଲେ କାହା ନାଁ ଧରନ୍ତୁ ନାହିଁ। ଏଭଳି ଉତ୍ତର ଗ୍ରହଣଯୋଗ୍ୟ ନୁହଁ ବୋଲି କର୍ପୋରେଟରମାନେ କହିଥିଲେ। କମିଶନରଙ୍କ ବାରଣ ପରେ ବିରୋଧୀ କର୍ପୋରେଟରଙ୍କ ଅସନ୍ତୋଷ ଅଧିକ ମାତ୍ରାରେ ଦେଖିବାକୁ ମିଳିଥିଲା।




କଟକସ୍ଥିତ ୱାଇଏମ୍‌ସିଏ ସଭାଗୃହରେ ବୁଧବାର ଅନୁଷ୍ଠିତ ଜିଆଇପିଏ ଓଡ଼ିଶା ଶାଖାର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥିବୃନ୍ଦ।

# ବୀମା ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନ କରାଯାଉ

### ଜିଆଇପିଏ ଓଡ଼ିଶା ଶାଖାର ବାର୍ଷିକ ଅଧିବେଶନ

**କଟକ ଅଫିସ, ୧୨।୪**

ସାଧାରଣ ବୀମା ପେନ୍‌ସନ୍‌ଭୋଗୀ ସଂଘ (ଜିଆଇପିଏ) ଓଡ଼ିଶା ଶାଖାର ତୃତୀୟ ବାର୍ଷିକ ଅଧିବେଶନ କଟକସ୍ଥିତ ୱାଇଏମ୍‌ସିଏ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ସଂଘ ସଭାପତି ଏମ୍‌ଏଏ ବେଗ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ସଂଘର ସର୍ବଭାରତୀୟ ଫେଡେରେଶନ ସଭାପତି ରାଜେନ୍ଦ୍ର ପ୍ରସାଦ ସାମଲ ଯୋଗଦେଇ କହିଥିଲେ, ସରକାରୀ କର୍ମଚାରୀଙ୍କ ବେତନ ସଂଶୋଧନ ସହିତ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍‌ସନ୍‌ ମଧ୍ୟ ସଂଶୋଧନ କରାଯାଉଛି। ମାତ୍ର ବୀମା କ୍ଷେତ୍ରରେ ଏହାର ବ୍ୟତିକ୍ରମ ହେଉଛି। ବୀମା କ୍ଷେତ୍ରରେ ପେନ୍‌ସନ୍‌ଭୋଗୀମାନଙ୍କ ପେନ୍‌ସନ୍‌ ସଂଶୋଧନ କରାଯାଉନାହିଁ। ୧୯୯୫ରେ ଅବସର ନେଇଥିବା କର୍ମଚାରୀଙ୍କ ମୂଳ ପେନ୍‌ସନ୍‌ ଏବେ ଅବସର ନେଉଥିବା କର୍ମଚାରୀଙ୍କଠାରୁ ୫ ଗୁଣ କମ୍‌। ଏହାଦ୍ୱାରା ସେମାନଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ଏଣୁ ବୀମା କ୍ଷେତ୍ରର ଅବସରପ୍ରାପ୍ତ ପେନ୍‌ସନ୍‌ଭୋଗୀଙ୍କ ପେନ୍‌ସନ୍‌ ସଂଶୋଧନ କରିବାକୁ ସେ ଦାବି କରିଥିଲେ। ସେହିପରି ସାଧାରଣ ସଚିବ ଉଦୟନ ବାନାର୍ଜୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତିକୁ ଦୃଢ ବିରୋଧ କରିବା ସହ ପାରିବାରିକ ପେନ୍‌ସନ୍‌ ୩୦ ପ୍ରତିଶତ ବୃଦ୍ଧି, ମେଡିକ୍ଲେମ ପଲିସିର ଉନ୍ନତି କରିବାକୁ ଗୁରୁତ୍ୱ ଦେଇଥିଲେ। ଏହି ଅଧିବେଶନରେ ରମେଶ ସାହୁ, ଜାନକୀ ବଲ୍ଲଭ ମହାପାତ୍ର, ସାମୁଏଲ୍‌ ରାଉତ, ପ୍ରଦୀପ ଦାସ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଅଶୋକ ବିହାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ବିଜୟ ସାହୁ ସମ୍ପାଦକୀୟ ବିବରଣୀ ଓ ରବୀନ୍ଦ୍ର ନାଥ ସିଂ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ।

# ଡ୍ରିମ୍‌ସ ଛାତ୍ରଙ୍କୁ ୬ ସ୍ୱର୍ଣ୍ଣ ପଦକ

### ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**କଟକ ଅଫିସ, ୧୨।୪**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଷଷ୍ଠ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଛାତ୍ର ଉଲ୍ଲେଖନୀୟ ପ୍ରଦର୍ଶନ କରି ୬ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଛାତ୍ର ପ୍ରତୀକ୍‌ ପ୍ରଦୋଷ ଦାସ ପ୍ରଥମ ସ୍ଥାନରେ ରହି ୩ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଭାରୋତ୍ତୋଳନ (୮୫-୯୦ କି.ଗ୍ରା)ରେ ଦୀପକ ବିଶ୍ୱାଳ ଏବଂ ଅଞ୍ଜନ କୁମାର ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ଓପନ୍‌ ବେଞ୍ଚ ପ୍ରେସ୍‌ରେ ଅଞ୍ଜନଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଦଳଗତ କ୍ରୀଡା ଭଲିବଲ ଏବଂ କବାଡିରେ ଡ୍ରିମ୍‌ସ ରନର୍ସଅପ୍‌ ଆଖ୍ୟା ଅର୍ଜନ କରିଛି। ଏହି ଉପଲକ୍ଷେ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କୃତୀ କ୍ରୀଡାବିତ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. କଲ୍ୟାଣ ସାହୁ, ନୟନ ରଞ୍ଜନ ସାମଲ, ଲୀନା ପଟ୍ଟନାୟକ, ଅନୁରେଖା ନାୟକ, ଡ. ସ୍ନିଗ୍ଧମଧୁସୂଦନ ଦାସ, ହିମାଂଶୁ ଭୂଷଣ ଗୋଚ୍ଛାୟତ, ପି.କଙ୍ଗେଶ୍ୱରୀ, ଜୀବନାନନ୍ଦ ମେହେନା, ଡ. ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଛାତ୍ରଙ୍କ ସହ ଅତିଥି ଓ ଅନ୍ୟମାନେ।

# 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'

**କଟକ ଅଫିସ,୧୨।୪**




ବିଷୁବ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ଭାବଗତ ଐକ୍ୟ ସ୍ଥାପନା କରିବାର ଲକ୍ଷ୍ୟ ନେଇ ଝଙ୍କାର ପତ୍ରିକା ପ୍ରକାଶ କରିଥିଲେ। ଏହା ଲେଖକଙ୍କର ପରିଚୟ ସୃଷ୍ଟି କରିବା ସହ ଓଡ଼ିଆ ସାହିତ୍ୟ ପ୍ରଚାର ପ୍ରସାର ଦିଗରେ ଦୀର୍ଘ ବର୍ଷ ଧରି ଜୟଯାତ୍ରା ଜାରି ରଖିଛି ବୋଲି ଔପନ୍ୟାସିକ ବିଭୂତି ପଟ୍ଟନାୟକ କହିଛନ୍ତି। କଟକ ବିହାରୀବାଗ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପଠାରେ ୭୪ ତମ ଝଙ୍କାର ଜନ୍ମୋତ୍ସବ ଓ ବିଷୁବ ମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଔପନ୍ୟାସିକ ପଟ୍ଟନାୟକ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଇଂଲିଶ ସାହିତ୍ୟିକ ଜେରି ପିଣ୍ଟୋ କହିଥିଲେ, ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ପତ୍ରିକାର ସମ୍ପାଦକ ଭର୍ତ୍ତୃହରି ମହତାବ କହିଥିଲେ, ସାହିତ୍ୟ ପତ୍ରିକା ଝଙ୍କାର

### ପ୍ରଜାତନ୍ତ୍ରର ବିଷୁବ ମିଳନ

ଦୀର୍ଘ ୭୫ ବର୍ଷ ଅତିକ୍ରାନ୍ତ କରିବା ନିଶ୍ଚିତ ଭାବରେ ପତ୍ରିକା ଜଗତ ପାଇଁ ଶୁଭ ଖବର। ପ୍ରଜାତନ୍ତ୍ର ଭିତ୍ତିଭୂମି ହୋଇଥିବାବେଳେ ଝଙ୍କାର ଶୀର୍ଷରେ ଥିବା ପତାକା ସାଜିଛି। ଝଙ୍କାର ପ୍ରତି ଅଙ୍ଗୀକାରବଦ୍ଧତା ଓ ଝଙ୍କାରର ନିର୍ଦ୍ଦିଷ୍ଟ ବାର୍ତ୍ତା ପ୍ରଦାନ ନିରୋଳା ସାହିତ୍ୟ ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି ମହତାବ କହିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଅଧ୍ୟକ୍ଷତା କରି କହିଥିଲେ, ବିଷୁବ ମିଳନ ଏପରି ଏକ ସୁଯୋଗ ଯାହାକୁ ଅନୁଭବ କରିବା ପାଇଁ ସମସ୍ତେ ଅପେକ୍ଷା କରିଥା'ନ୍ତି। ଏଥିପାଇଁ ନିମନ୍ତ୍ରଣ ଲୋଡ଼ାଯାଏ ନାହିଁ। ସମୟର ସ୍ରୋତରେ ଅନେକ କିଛି ଘଟଣା ଘଟିଯାଇଛି। ତଥାପି ଝଙ୍କାର ତାହାର ଗୌରବ ଏବଂ ପ୍ରତିଷ୍ଠା ଆଜିପର୍ଯ୍ୟନ୍ତ ବଜାୟ ରଖିଛି। ସାହିତ୍ୟ ତିଆରି କରିବାରେ ଝଙ୍କାରର ଅବଦାନକୁ ଓଡ଼ିଆ ଜାତି କେବେ ଭୁଲିପାରିବ ନାହିଁ। ଡକ୍ଟର ବାବାଜୀ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା।






ଭୁବନେଶ୍ୱରର କିଛି ପୁରୁଣା ଚିତ୍ର






# ସୁରକ୍ଷା ଖୋଜୁଛି ଐତିହ୍ୟ, ସଂସ୍କୃତି

*ରାଜଧାନୀ ପୃଷ୍ଠାରେ ଘଟିଯାଉଛି କେତେ ଘଟଣା, ଲିପିବଦ୍ଧ ହେଉଛି କେତେ କାହାଣୀ। ମୁଁ, ତୁମେ ଭଳି ଲକ୍ଷ ଲକ୍ଷ ଲୋକଙ୍କ ସହ ଏହି ଐତିହ୍ୟ ସହର ଭୁବନେଶ୍ୱରର ସମ୍ପର୍କ। କାହାକୁ ଅସୁମାରୀ ସ୍ୱପ୍ନ ଦେଖାଇ ନିଜର କରିଛି ତ କାହାକୁ ପ୍ରେମ, ଜୀବନଜୀବିକା, ସାଙ୍ଗ, ସାଥୀ ଭେଟି ଦେଇଛି। ଆଉ କେବେ ନିଃସଙ୍ଗ କରି ରାଜରାସ୍ତାରେ ଏକାକୀ ଲଢ଼ି ସଂଘର୍ଷ କରିବାକୁ ଶିଖାଇଛି। ଅତୀତକୁ ଭାବିଲେ ଏବେ କେତେ ନୂଆ ଲାଗେ ଏହି ସହର। ଇତିମଧ୍ୟରେ ଭୁବନେଶ୍ୱର ତା'ର ୭୫ବର୍ଷରେ ଉନ୍ନତିର ପାହାଚ ଚଢ଼ି ୭୬ରେ ପଦାର୍ପଣ କରିଛି। ନୂଆ ରୂପ, ନୂଆ ବିକାଶ, ନୂଆ ସ୍ୱପ୍ନ ଭିତରେ ହଜିଯାଇଛି ଅନେକ ଐତିହ୍ୟର ବାସ୍ତବ ଅସ୍ତିତ୍ୱ। ବିକଶିତ ରାଜଧାନୀ ପରିଚୟ ମଧ୍ୟରେ କଳା, ସଂସ୍କୃତି ଓ ଐତିହ୍ୟର ଗାଥା ଗାଉଥିବା ମନ୍ଦିରମାଳିନୀ ଭୁବନେଶ୍ୱରର ଐତିହ୍ୟ ଓ ଇତିହାସ ଆଜି ସୁରକ୍ଷା ଖୋଜୁଛି।*

**ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ**



### ଚିଙ୍ଗୁଡ଼ିଆ ଦଳରେ ଭର୍ତ୍ତି ବିନ୍ଦୁସାଗର

ଏକାମ୍ର କ୍ଷେତ୍ରର ଶୋଭାବର୍ଦ୍ଧନ ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଥିବା ପବିତ୍ର ବିନ୍ଦୁ ସାଗର ପୁଷ୍କରିଣୀରେ ଲେଜର ଲାଇଟ୍ ଶୋ'ର ବ୍ୟବସ୍ଥା ରହିଛି। ଏଥିସହ ବହୁ କୋଟି ଟଙ୍କା ଖର୍ଚ୍ଚରେ ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏପରିକି ଏହାର ପାଣିର ମାନ ବଜାୟ ରଖିବା ପାଇଁ ମୋଟର ସହାୟତାରେ ପାଣି ଚଳାଚଳ କରାଯାଉଛି। ହେଲେ ବିନ୍ଦୁସାଗରକୁ ଚିଙ୍ଗୁଡିଆ ଦଳମୁକ୍ତ କରାଯାଇପାରୁ ନାହିଁ। ଚନ୍ଦନଯାତ୍ରା ଓ କାର୍ତ୍ତିକ ପୂର୍ଣ୍ଣିମା ଆସିଲେ ନାମକୁ ମାତ୍ର ଦଳ ସଫା କରାଯାଉଛି। ଏକକାଳୀନ ୪ଟି ମୋଟର ବଦଳରେ ଗୋଟିଏ ଦୁଇଟି ମୋଟରରେ ଦଳ ସଫା ହେଉଛି। ଅନ୍ୟପକ୍ଷେ ଲେଜର ଲାଇଟ୍ ଶୋ ମଧ୍ୟ ନିୟମିତ ହେଉନାହିଁ। ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ ହେଉ ନ ଥିବାରୁ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ଯେଉଁଥିପାଇଁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି।

### ଖଣ୍ଡଗିରି, ଉଦୟଗିରିକୁ କାଳ ସାଜୁଛି ପ୍ରଦୂଷଣ

ଯାନବାହନର କର୍କଶ ଶବ୍ଦରେ ପ୍ରଭାବିତ ହେଉଛି ଖଣ୍ଡଗିରି ଆଉ ଉଦୟଗିରି। ପ୍ରଶାସନ ପକ୍ଷରୁ ଉଭୟ ପାହାଡ଼କୁ ସୁରକ୍ଷା ଦେବା ପାଇଁ ମଝିରେ ବ୍ୟାରିକେଡ ପକାଇ ବନ୍ଦ କରିବା ସହ ଏହାର ସୌନ୍ଦର୍ଯ୍ୟକରଣ କରିବାକୁ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ହକି ବିଶ୍ୱକପ ସମୟରେ ଏହାକୁ କିଛି ମାତ୍ରାରେ ଧ୍ୟାନ ମଧ୍ୟ ଦିଆଗଲା। କିନ୍ତୁ ବର୍ତ୍ତମାନ ଯାହାକୁ ତାହା। ନିକଟରେ ଖଣ୍ଡଗିରି ମେଳା ପାଇଁ ଐତିହ୍ୟ ପାହାଡ଼କୁ ସୁରକ୍ଷା ଦେବା ଲାଗି ବ୍ୟାରିକେଡ ପକାଇ ଭାରି ଯାନ ଚଳାଚଳ ବନ୍ଦ କରାଯାଇଥିଲା। କିନ୍ତୁ ଏବେ ସବୁ ଖୋଲା। ଯାନବାହନ ଚଳାଚଳ ଦ୍ୱାରା ପର୍ଯ୍ୟଟକମାନେ ମଧ୍ୟ ଠିକ୍ ଭାବରେ ବୁଲାବୁଲି କରି ପାରୁନାହାନ୍ତି।

### ଧଉଳି ଶିଳ୍ପ ବଜାରରେ ତାଲା

ଶାନ୍ତିସ୍ତୂପ ଧଉଳିରେ ବର୍ଷସାରା ପର୍ଯ୍ୟଟକଙ୍କ ଆଗମନ ଲାଗି ରହିଥାଏ। ପର୍ଯ୍ୟଟନ ଋତୁ ଆସିଲେ ପ୍ରବଳ ଭିଡ଼ ହୁଏ। ଏହାକୁ ଦୃଷ୍ଟିରେ ରଖି ଧଉଳିଠାରେ ଥିବା ଶିଳ୍ପ ବଜାର ଖୋଲାଯାଇଥିଲା। ଏହି ବଜାର ଦ୍ୱାରା ବିଶେଷ କରି ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ଆଦି ବିଭିନ୍ନ ସାମଗ୍ରୀର ବହୁ ପ୍ରଚାରପ୍ରସାର ହୋଇପାରନ୍ତା। ହେଲେ ବଜାରରେ ଏବେ ତାଲା ଝୁଲୁଛି। ବଜାର ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ କି ପର୍ଯ୍ୟଟକଙ୍କୁ ଆକର୍ଷଣ କଲାଭଳି ସେପରି କିଛି ପଦକ୍ଷେପ ନିଆଯାଉନାହିଁ।

### ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ନାହିଁ

ମନ୍ଦିରମାଳିନୀ ଭୁବନେଶ୍ୱରରେ ମାଳ ମାଳ ମନ୍ଦିର। କିନ୍ତୁ ରକ୍ଷଣାବେକ୍ଷଣର ଘୋର ଅଭାବ। ଏଥିସହ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ନାହିଁ। ସ୍ଥାନେ ସ୍ଥାନେ ଗଛ ଉଠିଲାଣି ତ ଆଉ କେଉଁଠି ମନ୍ଦିରରେ ଫାଟ ଦେଖିବାକୁ ମିଳିଲାଣି। ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଥିବାରୁ ସେମାନେ ମୁହଁ ଫେରାଇଲେଣି। ଏସବୁକୁ ନେଇ ବହୁ ସମୟରେ ପର୍ଯ୍ୟଟକମାନେ କ୍ଷୋଭ ପ୍ରକାଶ କରୁଥିବା ନଜିର ରହିଛି। ଓଡ଼ିଶାର କଳା, ସଂସ୍କୃତିକୁ ବଞ୍ଚାଇ ରଖିଥିବା ଓ ରାଜଧାନୀର ପରିଚୟ ସାଜିଥିବା ଏସବୁ ମନ୍ଦିରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି।



### ଶିଶୁପାଳଗଡ଼ରେ ବେଆଇନ ଖନନ

ଏକଦା ଐତିହ୍ୟରେ ଭର୍ତ୍ତି ଶିଶୁପାଳଗଡ଼ ଥିଲା ପ୍ରାଚୀନ କଳିଙ୍ଗର ରାଜଧାନୀ। କିନ୍ତୁ ଆଜି ଏହା କଂକ୍ରିଟ ନିର୍ମାଣ ତଳେ ହଜିଯିବାକୁ ବସିଲାଣି। ବେଆଇନ ଖନନ ଯୋଗୁ ଏହି ଐତିହ୍ୟସ୍ଥଳ ପୂରା ବିଦୀର୍ଣ୍ଣ ହୋଇପଡିଲାଣି। କେବଳ ଅବହେଳିତ ନୁହେଁ, ଶିଶୁପାଳଗଡ଼ ଐତିହ୍ୟ ଏବେ ବିଲୋପ ହେବାକୁ ବସିଲାଣି। ଐତିହ୍ୟ ଉପରେ ଗଢ଼ି ଉଠିଛି ଶହଶହ କୋଠା ଓ ଜନବସତି। ଜମି ମାଫିଆ ଶିଶୁପାଳଗଡକୁ ଅକ୍ତିଆର କରି ଐତିହ୍ୟକୁ ମାଟିରେ ମିଶାଇ ଚାଲିଥିବାବେଳେ ପ୍ରଶାସନ ହାତବାନ୍ଧି ବସିଛି।





ରାଜଧାନୀ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ବୁଧବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ହେବାକୁ ଥିବା ପରେଡ୍ ପାଇଁ ଅଭ୍ୟାସ କରାଯାଉଛି।

## ସଂକ୍ଷେପରେ

### ବଡ଼ଧରଣର ଡକାୟତି ଯୋଜନା, ୬ ଗିରଫ

ବୋଲେରୋ, ମାରଣାସ୍ତ୍ର ଜବତ

**ଭୁବନେଶ୍ୱର,୧୨।୪ (ବ୍ୟୁରୋ):** ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଭରତପୁର ଥାନା ପୋଲିସ ଚଢ଼ାଉ କରି ୬ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଛି। ଫଳରେ ଏକ ବଡଧରଣର ଡକାୟତି ଯୋଜନା ପଣ୍ଡ ହୋଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାର ସହଦେବ ପାଟଶାଣୀ ଓରଫ ଗେଡା, ଉଜିର ଖାନ୍, ଜଗନ୍ନାଥ ବେହେରା, ଏସ୍‌କେ ଅଫ୍‌ସର ଅଲ୍ଲି ଏବଂ ନୟାଗଡର ପ୍ରଶାନ୍ତ ମୁଦୁଲି ଓ ବାପୁନି ମୁଦୁଲି। ଏମାନଙ୍କଠାରୁ ଏକ ବୋଲେରୋ, ଗୋଟିଏ ଖଣ୍ଡା, କଟୁରି, ଛୁରି, ଲୁହା ରଡ୍,୨ ବ୍ଲେଡ୍ ଓ ଲଙ୍କା ଗୁଣ୍ଡା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬୩/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଉଜିରଙ୍କ ନାମରେ ପୂର୍ବରୁ ମଧ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧାର ବିଭିନ୍ନ ଥାନାରେ ମୋଟ ୯ଟି ମାମଲା ରହିଛି। ସେହିପରି ଅଭିଯୁକ୍ତ ସହଦେବଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୩ଟି ମାମଲା ରହିଥିବାବେଳେ ଅଭିଯୁକ୍ତ ଜଗନ୍ନାଥଙ୍କ ନାମରେ ପୂର୍ବରୁ ଖୋର୍ଦ୍ଧା ଟାଉନ୍ ଥାନାରେ ଗୋଟିଏ ମାମଲା ରହିଛି। ସୂଚନାନୁସାରେ, ଆଇଗିଣିଆ ମଶାଣି ପଡିଆ ନିକଟରେ ଥିବା ଏକ ନିର୍ଜନ ସ୍ଥାନରେ ଅଭିଯୁକ୍ତମାନେ ଏକତ୍ରିତ ହୋଇ ବଡ଼ଧରଣର ଡକାୟତି ଯୋଜନା କରୁଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚାରିପଟୁ ପୋଲିସ ଘେରିଯିବା ସହ ୬ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଥିଲା।

### ରାମଲୀଳା ନାଟକ ଉଦ୍‌ଯାପିତ

ଯାଁଳା,୧୨।୪(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମରେ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ରଚିତ ଓ ସ୍ୱର୍ଗତ ଲକ୍ଷ୍ମଣ ମଙ୍ଗରାଜ ଏବଂ ଗୁଣ୍ଡୁଚି ବିଜୟ ବାରିକଙ୍କ ଦ୍ୱାରା ନିର୍ଦ୍ଦେଶନାରେ ଚାଲିଥିବା ରାମଲୀଳା ନାଟକ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ଶ୍ରୀରାମ ନବମୀ ରାମ ଜନ୍ମଠାରୁ ଦୀର୍ଘ ୧୪ଦିନ ଧରି ଚାଲୁଥିବା ଏହି ନାଟକର ଅନ୍ତିମ ରଜନୀର ବା ଅଭିଷେକ ଶେଷ ହୋଇଯାଇଛି। ନାଟକର ଚରିତ୍ରର ମୁଖ୍ୟ ଭୂମିକାରେ ଥିଲେ ରାମ-ଭରତ ବାରିକ, ଲକ୍ଷ୍ମଣ-ସୋନି ମଙ୍ଗରାଜ, ସୀତା-ମୁରଲୀଧର ପ୍ରଧାନ, ହନୁମାନ-ନାଭିଦ୍ୟୁତ ମଙ୍ଗରାଜ, ରାବଣ-ସନ୍ତୋଷ କୁମାର ପ୍ରଧାନ, ନିକଷା-ପ୍ରଶନ୍ନ ପରିଡା, ମନ୍ଦୋଦରୀ-ପପୁ ପରିଡା, ମହୀରାବଣ-ଅରୁଣ ସ୍ୱାଇଁ ଓ ମକର ଧ୍ୱଜ-ଶିବ ମଙ୍ଗରାଜ। ଏଥିରେ ଗ୍ରାମର ବହୁ କଳାକାର ଯୋଗଦେଇଥିବା ବେଳେ ଆଖପାଖର ଶହ ଶହ ଦର୍ଶକ ଦେଖିବା ପାଇଁ ଆସିଥିଲେ। ଏହାକୁ ପରିଚାଳନା କରିଥିଲେ ନିଭିଦ୍ୟୁତ ମଙ୍ଗରାଜ ଓ ରଘୁନାଥ ମହାରଣା। ଶେଷ ଦିନରେ ସମସ୍ତ କଳାକାରଙ୍କୁ ଗ୍ରାମବାସୀ ସାଧୁବାଦ ଜଣାଇବା ସହ ଆୟୋଜକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ୨୬ରୁ କିଣାହେବ ମୁଗ, ବିରି, ଚିନାବାଦାମ



ଜିଲାସ୍ତରୀୟ ଅଣଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

**ଜିଲାସ୍ତରୀୟ ଅଣଧାନ ସଂଗ୍ରହ କମିଟି ବୈଠକ**

- ଶୃଙ୍ଖଳିତ ବ୍ୟବସ୍ଥା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ
- ଚାଷୀଙ୍କୁ ନାମ ପଞ୍ଜୀକରଣ ପାଇଁ ପରାମର୍ଶ

**ଖୋର୍ଦ୍ଧା ଅଫିସ,୧୨।୪**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ରବି ଋତୁ ୨୦୨୨-୨୩ ପାଇଁ ଜିଲାସ୍ତରୀୟ ଅଣଧାନ (ଡାଲି ଓ ତୈଳବୀଜ ଜାତୀୟ) ସଂଗ୍ରହ ଲାଗି ଜିଲାସ୍ତରୀୟ ଅଣଧାନ ସଂଗ୍ରହ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରି ଅଣଧାନ ସଂଗ୍ରହରେ ଚାଷୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ ସହ ଶୃଙ୍ଖଳିତ ଓ ସ୍ୱଚ୍ଛତା ବଜାୟ ପାଇଁ ପରାମର୍ଶ ଦେଇଥିଲେ। ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଅଣଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ଚଳିତ ରବିଋତୁରେ ଚାଷୀମାନେ କିଭଳି ସହଜରେ ଓ ସର୍ବନିମ୍ନ ସହାୟକ ମୂଲ୍ୟରେ ଅଣଧାନ ଜାତୀୟ ଫସଲ ବିକ୍ରି କରିପାରିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଡାଲିଜାତୀୟ ଫସଲ ଯଥା ମୁଗ, ବିରି ଓ ତୈଳ ଜାତୀୟ ଫସଲ ଚିନାବାଦାମ ସଂଗ୍ରହ କରାଯିବ। ଚଳିତ ବର୍ଷ ଜିଲାରେ ୩୪୭୮୫ ହେକ୍ଟର ମୁଗ, ୮୭୩୪ ହେକ୍ଟର ବିରି ଏବଂ ୭୬୧ ହେକ୍ଟରରେ ଚିନାବାଦାମ ଚାଷ କରାଯାଇଛି।

ମାର୍କଫେଡ୍ ଓଡ଼ିଶା ଦ୍ୱାରା ଜିଲାର ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଚାଷୀଙ୍କଠାରୁ ଅଣଧାନ ସଂଗ୍ରହ କରାଯିବ। ଚଳିତ ମାସ ୨୬ ତାରିଖରୁ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ମାର୍କଫେଡ, ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଏ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ନିମନ୍ତେ ବହୁଳ ମାତ୍ରାରେ ପ୍ରଚାର ପ୍ରସାର ପ୍ରତି ଗୁରୁତ୍ୱ ଦେବେ। ବାଲିଅନ୍ତା ବ୍ଲକର କାକରୁଦ୍ରପୁର ପ୍ୟାକ୍ସ, ବାଲିପାଟଣା ବ୍ଲକର ଗାରେଡ଼ିପାଞ୍ଚଣ, ନରୋଦା, ତୁରିନତିରା, ନିଶ୍ଚିନ୍ତପୁର ପ୍ୟାକ୍ସ ଏବଂ ବାଣପୁର ବ୍ଲକର ଗମ୍ଭାରୀମୁଣ୍ଡା, ଭେଟେଶ୍ୱର, ନରେନ୍ଦ୍ରପୁର, ନନ୍ଦପୁର ଓ ତୁମୁରାପୁଟ ପ୍ୟାକ୍ସ ମାଧ୍ୟମରେ ଉକ୍ତ ଅଣଧାନ ସଂଗ୍ରହ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଉକ୍ତ ୩ ବ୍ଲକରୁ ମୁଗ ୨୧୩୭ ଟନ, ବିରି ୨୫୦ ଟନ ଏବଂ ଚିନାବାଦାମ ୬୦ଟନ ସଂଗ୍ରହ କରାଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅଣଧାନ ସଂଗ୍ରହରେ ଅଂଶଗ୍ରହଣ ଲାଗି ଚାଷୀମାନେ https:\\coopodisha.in & ops.esamridhi.inରେ ନାମ ପଞ୍ଜୀକରଣ କରିବେ। ଅଣଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ମୁଗ ୭୭୫୫, ବିରି ୬୬୦୦ ଏବଂ ଚିନାବାଦାମ ପାଇଁ ୫୮୫୦ ଟଙ୍କା ସରକାର ସ୍ଥିର କରିଛନ୍ତି ବୋଲି ଜିଲା କୃଷି ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ କୃଷି ଅଧିକାରୀ ଉପସ୍ଥିତ ଥିଲେ।

## ମେ' ୨୪ରୁ ରବି ଧାନ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୧୨।୪:** ରବି ଧାନ ସଂଗ୍ରହ ନିମନ୍ତେ ବୁଧବାର ଖୋର୍ଦ୍ଧା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ମେ ୨୪ତାରିଖଠାରୁ ଧାନ ସଂଗ୍ରହ କରାଯିବ। ୨୦ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ରବି ଧାନ ସଂଗ୍ରହ କରାଯିବ। ଧାନ ସଂଗ୍ରହ ସମୟରେ ମିଲରମାନେ ସହଯୋଗ କରିବେ। ପ୍ରତ୍ୟେକ ଦିନ ୧୨ଶହ କୁଇଣ୍ଟାଲ ଧାନ କ୍ରୟ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଧାନ ସଂଗ୍ରହକୁ ବ୍ୟବସ୍ଥିତ, ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀ ଯେପରି ଉପଯୁକ୍ତ ପ୍ରାପ୍ୟ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଅବଗତି ନିମନ୍ତେ ସମବାୟ ସମିତି ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ ହେବ। ଏଥିଲାଗି ସମବାୟ ସମିତି ଓ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଉପଜିଲାପାଳ ଦିପ୍ତିରଞ୍ଜନ ସେଠୀ, ଡିଆର୍‌ସିଏସ୍ ଅଳକାନନ୍ଦା ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଏବଂ ମିଲର୍ସ ଉପସ୍ଥିତ ଥିଲେ।

## ସାମାଜିକ ଶିକ୍ଷା ପ୍ରଶିକ୍ଷଣ ଶିବିର

**ଜଟଣୀ,୧୨।୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ପକ୍ଷରୁ ପଛୁଆ ବର୍ଗଙ୍କ ସାମାଜିକ ଶିକ୍ଷା ସର୍ଭେକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ବ୍ଲକ ସଭା ଗୃହରେ ଉକ୍ତ ସାମାଜିକ ଶିକ୍ଷା ପ୍ରଶିକ୍ଷଣ ଶିବିରରେ ପଛୁଆ ବର୍ଗଙ୍କ ଜାତିଗତ ଶିକ୍ଷା, ସାମାଜିକ ସ୍ଥିତି ସମ୍ପର୍କରେ କିପରି ନିର୍ଭୁଲ ତଥ୍ୟ ସଂଗ୍ରହ ପାଇଁ କି କି ପନ୍ଥା ଗ୍ରହଣ କରିବେ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ସର୍ଭେ କାର୍ଯ୍ୟର ବିଏନ୍‌ଓ ଭାବେ ଜଟଣୀ ବ୍ଲକ ବିଡିଓ ସରୋଜ କୁମାର ରାଉତ, ମାଷ୍ଟର ଟ୍ରେନର ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଶିମୁକ୍ତା ପଟ୍ଟନାୟକ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ସୁମିତ୍ରା ପରିଡା, କମ୍ପ୍ୟୁଟର ପ୍ରୋଗ୍ରାମର ବଳରାମ ସାହୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଉପସ୍ଥିତ ରହିଥିଲେ। ସର୍ଭେ କରିବାକୁ ଥିବା ପ୍ରଶିକ୍ଷାର୍ଥୀ ଏନୁମେଟର (ଅଙ୍ଗନୱାଡି କର୍ମୀ)ଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଉକ୍ତ ଶିବିରରେ ୪ ଜଣ ମାଷ୍ଟର ଟ୍ରେନରଙ୍କ ସହିତ ୧୦୪ ଜଣ ଏନୁମେଟର ଏବଂ ୧୦ ଜଣ ସୁପରଭାଇଜର ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଏନୁମେଟର କ'ଣ ଶିକ୍ଷା ଗ୍ରହଣ କଲେ ସେନେଇ ଏକ ପରୀକ୍ଷା ମଧ କରାଯାଇଥିଲା। ସର୍ଭେ ପୂର୍ବରୁ ଗ୍ରାମ ଓ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଜନ ସଚେତନତା କରାଯିବ ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ବିପିଏମ୍ ସନ୍ତୋଷ କୁମାର ଦାସ ଓ ଜଟଣୀ ବ୍ଲକର ପଞ୍ଚାୟତ ଅଧିକାରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ଦରମା ଅସଙ୍ଗତି ଦୂରୀକରଣ ଦାବି ଜୋର୍ ଧରିଲା



ଲୋକସଭା ଭବନ ପରିସରରେ ଓଡ଼ିଶା ସଚିବାଳୟ ସେବା ସଂଘର ସଦସ୍ୟମାନେ।

**ଓଡ଼ିଶା ସଚିବାଳୟ ସେବା ସଂଘର ସମାବେଶ**

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ସହକାରୀ ଉପବିଭାଗ ଅଧିକାରୀ (ଏଏସ୍‌ଓ) ପଦବୀ ସୃଷ୍ଟି ହେବାର ୧୫ ବର୍ଷ ପରେ ମଧ କେନ୍ଦ୍ର ସଚିବାଳୟ ହାରରେ ଦରମା ସମୀକରଣକୁ ସରକାର ଅଣଦେଖା କରିଆସୁଛନ୍ତି। ଦୀର୍ଘ ଦିନ ଧରି ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉ ନାହିଁ ବୋଲି ବୁଧବାର ମଧ୍ୟାହ୍ନ ବିରତି ସମୟରେ ଲୋକସେବା ଭବନ ପରିସରରେ ଆୟୋଜିତ ବିକ୍ଷୋଭ ସମାବେଶରେ ମତ ପ୍ରକାଶ ପାଇଛି। ଏହି ସମାବେଶରେ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ, ସଂଚାର ଭବନ, ପର୍ଯ୍ୟଟନ ଭବନ ଏବଂ ସଚିବାଳୟ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ଓଡ଼ିଶା ସଚିବାଳୟ ସେବା ବର୍ଗ (ଓଏସ୍‌ଏସ୍)ର ଶତାଧିକ ଅଧିକାରୀ ଯୋଗ ଦେଇଥିଲେ।

ପ୍ରକାଶଥାଉ କି, ନିକଟ ଅତୀତରେ ଏହି ସେବା ବର୍ଗ (ଓଏସ୍‌ଏସ୍ କ୍ୟାଡର)ରେ ଗ୍ରୁପ-କ ରେ ନୂତନ ପଦବୀ ସୃଷ୍ଟି କରାଯାଇଥିବାରୁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ମାତ୍ର ଏଏସ୍‌ଓଙ୍କୁ କେନ୍ଦ୍ର ସଚିବାଳୟ ହାରରେ ଦରମା ପ୍ରଦାନ କରା ନ ଯିବାକୁ ନେଇ ସଂଘର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘଦିନ ଧରି ଏହି ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବାରୁ ଏହା ଯେ ଯକୌଣସି ସମୟରେ ବିସ୍ଫୋରକ ରୂପ ଧାରଣ କରିପାରେ ବୋଲି ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଦରମା ଅସଙ୍ଗତି ଦୂରୀକରଣ ଓ ଯୁକ୍ତିଯୁକ୍ତ କ୍ୟାଡର ପୁନର୍ଗଠନ ଦାବି ପୂରଣ ନିମନ୍ତେ ସଦସ୍ୟାସଦସ୍ୟଙ୍କ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରି ସଂଘର ସଦସ୍ୟମାନଙ୍କ ସହ ଆଲୋଚନା କରିବାକୁ ନିବେଦନ କରାଯାଇଛି। ଏହି ସମାବେଶକୁ ସଂଘର ସଭାପତି ଅଜୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିବାବେଳେ ଉପସଭାପତି ପ୍ରତ୍ୟୁଷ କୁମାର କଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣପୁରରେ ବାର୍ଷିକ ଦଣ୍ଡମିଳନ ସମାରୋହ

**ଗମ୍ଭାରୀମୁଣ୍ଡା,୧୨।୪(ଡି.ଏନ୍.ଏ.)**

ମୀନ ସଂକ୍ରାନ୍ତିଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ପ୍ରତ୍ୟେକ ବର୍ଷ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥାଏ। କେଉଁ କେଉଁ ଗ୍ରାମରେ ୨୧ ଦିନ ପାଳିତ ହେଉଥିବା ବେଳେ ଆଉ କେଉଁ ଗ୍ରାମରେ ୧୯ଧରି ଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଖୋର୍ଦ୍ଧା ଜିଲା ବାଣପୁର ସହରରେ ସ୍ଥାନୀୟ ବାଣପୁର ଦଣ୍ଡମିଳନ କମିଟି ଆନୁକୂଲ୍ୟରେ ୧୫ତମ ବାର୍ଷିକ ଦଣ୍ଡମିଳନ ସମାରୋହ ବୁଧବାର ଐତିହାସିକ ପଲଟନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବାଣପୁର ବଡ଼ହନ୍ତୁଆଡ ଗ୍ରାମର ଦଣ୍ଡ ଠାକୁର ଶ୍ରୀ ଶ୍ରୀ ରାଜା ରାଜେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ବାଣପୁର ଅଞ୍ଚଳର ୧୨ଟି ଦଣ୍ଡ ଠାକୁର ଯଥା ଶ୍ରୀ ଭକ୍ତ ରାଜେଶ୍ୱର ଦେବ ବିଜେ ସାନହନ୍ତୁଆଡ, ଶ୍ରୀ କପିଳେଶର ଦେବ ବିଜେ ମାଟିଆ ପୋଖରି, ଶ୍ରୀ ଭେଟିନାଥ ଦେବ ବିଜେ ଭେଟେଶ୍ୱର, ଶ୍ରୀ ଗୁପ୍ତେଶ୍ୱର ଦେବ ବିଜେ ଗାଲୁଆ, ଶ୍ରୀ ବାଲୁଙ୍କେଶ୍ୱର ଦେବ ବିଜେ ବିଧାରପୁର, ଶ୍ରୀ ଗୁପ୍ତେଶ୍ୱର ଦେବ ବିଜେ ବଡ ସିରେଇପୁର, ଶ୍ରୀ ଗାଦିଶ୍ୱର ଦେବ ବିଜେ ବେରୁଆଁ ବାଡି, ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବିଜେ ଅରାଙ୍ଗ, ପଞ୍ଚ ମହାଦେବ, ନୀଳକଣ୍ଠେଶ୍ୱର ଦେବ ବିଜେ ଖାରିଆ ପଲ୍ଲୀ, ନାଗରାଜ ଦେବ ବିଜେ ବୋରିଗାଁ ଦଣ୍ଡ ଠାକୁର ନିମନ୍ତ୍ରଣ ରକ୍ଷା କରି ଠାକୁରଙ୍କ ସହ ପାଟ ଭକତା, ଘଣ୍ଟୁଆ କାହାଳୀ, ଚାମର ସହ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଇ ନିଜ ଠାକୁରଙ୍କୁ ଗ୍ରାମବାସୀ ନେଇ ପଡିଆକୁ ଆସିଥିଲେ। ସମସ୍ତ ଦଣ୍ଡ ଠାକୁର ଆସନ ଗ୍ରହଣ କରି ସାରିବା ପରେ ପୂଜାର୍ଚ୍ଚନା ହୋଇ ଭକ୍ତ ଓ ଭଗବାନଙ୍କ ମହା ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା।

## ସାନପଦରରେ ପାସେଞ୍ଜର ହଲ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ



ସାନପଦର ଅଞ୍ଚଳବାସୀ ରେଳ ବିଭାଗ ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବୋଲଗଡ,୧୨।୪(ଡି.ଏନ୍.ଏ.)**

ଖୋର୍ଦ୍ଧା -ବଲାଙ୍ଗୀର ପୂର୍ବତଟ ରେଳପଥର ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସାନପଦରଠାରେ ପାସେଞ୍ଜର ହଲ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ନେଇ ଦାବି ହୋଇଛି। ଏ ନେଇ ବୁଧବାର ସାନପଦର, କୁଳାସର, ପିଚୁକୁଳି, ଗୋପାଳପୁର, ଅସରଳା ଓ ଆରିକମା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ସମସ୍ତ ଜନସାଧାରଣଙ୍କ ତରଫରୁ ଏକ ଦାବିପତ୍ର ଡିଆର୍‌ଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ପଞ୍ଚାୟତଗୁଡିକ ପକ୍ଷରୁ ପ୍ରସ୍ତାବିତ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ନିଜସ୍ୱ ଶ୍ରମଦାନ କରାଯିବ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନା ଥାଉକି, ବିଗତବର୍ଷ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସ୍ୱତନ୍ତ୍ର ରେଳ ଯୋଗେ ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ସାନପଦରଠାରେ ଅଟକିଥିଲେ। ସେଠାରେ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ରେଳ ମନ୍ତ୍ରୀ ବୈଷ୍ଣବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ସାନପଦରଠାରେ ରେଳ ରହଣି ପାଇଁ ପାସେଞ୍ଜର ହଲ୍ଟ ନିର୍ମାଣ କରିବା ପାଇଁ ଦାବି ଜଣାଇଥିଲେ। ଏ ନେଇ ଏଠାରେ ରେଳ ରହଣି ଏବଂ ପାସେଞ୍ଜର ହଲ୍ଟ ନିର୍ମାଣ କରାଯିବ ବୋଲି ରେଳ ମନ୍ତ୍ରୀ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତିକୁ ବର୍ଷେ ବିତିଯାଇଥିଲେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଣୁ କାର୍ଯ୍ୟ ଆରମ୍ଭ ନେଇ ଏକ ଦାବିପତ୍ରକୁ ଭାଜପା ନେତା ଯତିନ ମହାନ୍ତି, ରୁଦ୍ର ନାରାୟଣ ବାହିନୀପତି, ସାନପଦର ସରପଞ୍ଚ ବୈକୁଣ୍ଠଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲୀପ ମହାପାତ୍ର, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଡିଆର୍‌ଏମ୍‌ଙ୍କୁ କାର୍ଯ୍ୟାଳୟରେ ଭେଟି ପ୍ରଦାନ କରିଛନ୍ତି।

## 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୨।୪**

ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ତତ୍ତ୍ୱାବଧାନରେ ବୁଧବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପାଧ୍ୟକ୍ଷ ବନ୍ଦିତା ପଟ୍ଟନାୟକ ଉଦ୍‌ଘାଟନ କରି ଏଭଳି କର୍ମଶାଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ମହେଶ ବେହେରା ଏବଂ ସହଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ବେହେରା ପ୍ରଶିକ୍ଷାର୍ଥୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ସଂସ୍କୃତି ଓ ଖେଳଣା ସହ କିପରି ଶିକ୍ଷଣକୁ ଯୋଡ଼ାଯାଇ ପିଲାଙ୍କ ଶିକ୍ଷାରେ ଉନ୍ନତି ଅଣାଯାଇପାରିବ ତାହା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ମଶାଳାରେ ଫରେଷ୍ଟ କଲୋନୀ ଓ ଗୁରୁଜଙ୍ଗ କ୍ଲଷ୍ଟରର ୪୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସାଧନକର୍ମୀ ଅନୁପମ ମହାନ୍ତି, ଦିଲିପ କୁମାର ପଟ୍ଟନାୟକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାର କୌଶଳ ଶିଖାଇଥିଲେ। ସିଆର୍‌ସିସି ରବି ନାରାୟଣ ପଣ୍ଡା ଓ ରବୀନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୁନ୍‌ରେ ମହାନଦୀରୁ ପାନୀୟ ଜଳ ଯୋଗାଣ ହେବ

**ଉପଜିଲାପାଳଙ୍କ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସମୀକ୍ଷା**

**ବୋଲଗଡ଼,୧୨।୪(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଏବଂ ବେଗୁନିଆ ବ୍ଲକ ଅଞ୍ଚଳକୁ କଟକ ଜିଲା ବାଙ୍କୀ ବ୍ଲକ ବୈଦେଶ୍ୱରଠାରୁ ମହାନଦୀରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ନିମାଣ କାର୍ଯ୍ୟ ଚାଲିଛି। ଉକ୍ତ ପ୍ରକଳ୍ପର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟଟି ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ନୟାପଲ୍ଲୀ ରାଜସ୍ୱ ଗ୍ରାମରେ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲିଥିଲେ ମଧ ଏଯାବତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତେଣୁ ଉକ୍ତ କାର୍ଯ୍ୟର ଅଗ୍ରଗତି ତଥା ସମ୍ପୂର୍ଣ୍ଣ କରାଯାଇ ଯେତେ ସମ୍ଭବ ଶୀଘ୍ର ପାନୀୟ ଜଳ ଯୋଗାଣ କରାଯିବା ପାଇଁ ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ବୁଧବାର ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ନୟାପଲ୍ଲୀ ମୌଜାରେ ପହଞ୍ଚି ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଆସନ୍ତା ଜୁନ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯାଇ ପ୍ରାରମ୍ଭିକ ପର୍ଯ୍ୟୟରେ ପରୀକ୍ଷାମୂଳକ ଭାବେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ଷମ କରାଯିବ ବୋଲି କୁହାଯାଉଛି। ଏହି ସମୟରେ ଧଳାପଥର ସରପଞ୍ଚ ନାରାୟଣ ସାହୁ ଓ ପାଟପୁର ଶାସନ ସରପଞ୍ଚଙ୍କ ପ୍ରତିନିଧି ଶରତ କୁମାର ହୋତାଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପର ତତ୍ତ୍ୱାବଧାରକ ଓ କର୍ମଚାରୀ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ଓ ବାକି ରହିଥିବା କାର୍ଯ୍ୟ ସମ୍ପର୍କରେ ଚାରିଆଡ଼େ ଉପଜିଲାପାଳଙ୍କୁ ବୁଲାଇ ଦେଖାଇଥିଲେ।



ଉପଜିଲାପାଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ତଦାରଖ କରୁଛନ୍ତି।

## ସଂକ୍ଷେପରେ

### ଚାଷ ଜମିରେ ଟଳିପଡ଼ିଲେ ଚାଷୀ

ଗୋପ,୧୨।୪(ଡି.ଏନ୍.ଏ.)- ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ସାଉରିଆ ଗ୍ରାମର ଚାଷୀ ନରହରି ମଲ୍ଲିକ (୫୮)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ବୁଧବାର ଅପରାହ୍ଣ ୩ଟାରେ ନରହରି ଚାଷ ଜମିରେ କାମ କରିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। କିନ୍ତୁ କାର୍ଯ୍ୟରତ ଡାକ୍ତର ଋତୁପୂର୍ଣ୍ଣା ପଣ୍ଡା ନରହରିଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ଏହି ମୃତ୍ୟୁକୁ ପରିବାର ସଦସ୍ୟମାନେ ଅଂଶୁଘାତ ବୋଲି ଦାବି କରୁଥିବା ବେଳେ ଡାକ୍ତର କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି କହିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୩ )ରୁଜୁ ହୋଇଛି।

### ବିଡିଓଙ୍କ ନିର୍ଦ୍ଦେଶରେ ମରାମତି ହେଲା କାଫେ

ଗୋପ,୧୨।୪(ଡି.ଏନ୍.ଏ.)- ଗୋପ ବ୍ଲକ ପରିସରରେ ଥିବା ମହିଳା ମହାସଂଘର କାଫେକୁ ବୁଧବାର ବିଡିଓ ଦୀପ୍ତିରାଣୀ ଦାସଙ୍କ ନିର୍ଦ୍ଦେଶରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ପ୍ରକାଶ ଯେ, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗୋପ ବ୍ଲକରେ ୨୦୨୨ରେ ମିଶନ ଶକ୍ତି କାଫେ ଖୋଲିଥିଲା। ମହିଳା ସଶକ୍ତୀକରଣ ନିମନ୍ତେ ସରକାର ଏପରି ପଦକ୍ଷେପ ନେଇଥିବା ବେଳେ ତରବରିଆ ଭାବେ ଏହି କାଫେ କାମ କରାଯାଇଥିଲା। ମାତ୍ର ୩ଦିନ ତଳେ କାଫେରେ ଲୋକମାନେ ଖାଉଥିବା ବେଳେ ଉପରେ ଥିବା ସିଲିଂ ଖସିପଡ଼ିଥିଲା। ଏପରି ଏକ ଖବରକୁ ନେଇ ଗତ ୧୦ ତାରିଖରେ ମଧ ଧରିତ୍ରୀ ଖବରକାଗଜ ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶିତ ହେବା ପରେ ପୂର୍ବରୁ କାଫେ ଠିକାଦାର କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବିଡିଓ ଦାସ ଡାକି ତୁରନ୍ତ ସିଲିଂ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେବା ପରେ ବୁଧବାର ଏହି କାମ ଶେଷ ହୋଇଛି।

### ନିଶାସକ୍ତ ଅବସ୍ଥାରେ ସ୍ତ୍ରୀଙ୍କୁ ମାଡ଼, ସ୍ୱାମୀ ଗିରଫ

ଗୋପ,୧୨।୪(ଡି.ଏନ୍.ଏ.)- ସବୁବେଳେ ନିଶାପାନ କରି ଘରକୁ ଆସି ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଉକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଗୋପ ଥାନା ଅଞ୍ଚଳର ବିଜୟ୍ କୁମାର ମୁଦୁଲି(୩୪)। ଏ ନେଇ ପୋଲିସ ଏକ ମାମଲା(ନଂ.୧୭୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗକାରୀ କାଦମ୍ବିନୀ ୭ ବର୍ଷର ଝିଅକୁ ନେବା ସହ ସମସ୍ତ ଆସବାବପତ୍ର ନେଇ ବାପଘରକୁ ଚାଲିଯାଇଛନ୍ତି। ପ୍ରକାଶ ଯେ, ୨୦୧୨ରେ ଗୋପ ଥାନା ଅନ୍ତର୍ଗତ ନାଗପୁର ବାଲିପାଟେଣା ଗ୍ରାମର କାଦମ୍ବିନୀ ମୁଦୁଲି ସେହି ଗ୍ରାମର ବିଜୟଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ବିଜୟ୍ ସବୁସମୟରେ ଅଧିକ ମାତ୍ରାରେ ନିଶା କରିବା ପରେ ସ୍ତ୍ରୀଙ୍କୁ ମାରଧର କରନ୍ତି। ଏପରି କି ଏହାକୁ ବିରୋଧ କଲେ ଅଧିକ ମାଡ଼ ମାରନ୍ତି। ଏଭଳି ବାରମ୍ବାର ହେଉଥିବାରୁ ମଙ୍ଗଳବାର କାଦମ୍ବିନୀ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ଦେଇଥିଲେ। ପୋଲିସ ଶେଷରେ ଅଭିଯୋଗ ମୁତାବକ ମାମଲା ରୁଜୁ କରିବା ପରେ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମେ ୨ରୁ ୩ ବ୍ଲକରେ ରବିଧାନ ସଂଗ୍ରହ

**ମଣ୍ଡିରେ ଚାଷୀ ଠିକ୍ ମୂଲ୍ୟ ପାଇବା ଉପରେ ଗୁରୁତ୍ୱ**

- ଚଳିତ ରବିଋତୁରେ ପଞ୍ଜୀକୃତ ହୋଇଛନ୍ତି ୨୨୭୦୭ ଚାଷୀ
- ଖରିଫ୍ ଋତୁରେ ୧୨,୯୬,୪୪୯.୩୬ କୁଇଣ୍ଟାଲ ଧାନ ସଂଗୃହୀତ

**ପୁରୀ ଅଫିସ, ୧୨।୪:**


ବୈଠକରେ ଜିଲାପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଏବଂ ଅଧିକାରୀମାନେ ।

ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବୁଧବାର ପୁରୀ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ ରବିଋତୁରେ ଉତ୍ପାଦିତ ଧାନ ସଂଗ୍ରହ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ମେ ୨ତାରିଖରୁ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ କଣାସ ବ୍ଲକରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଅନ୍ୟାନ୍ୟ ବ୍ଲକ୍ ନିମନ୍ତେ ସମ୍ଭାବିତ ଅମଳ ସମୟକୁ ବିଚାର କରି ଭିନ୍ନ ଭିନ୍ନ ଦିବସ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ଜିଲାପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ ସମୟରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ଓ ଠିକ ମୂଲ୍ୟ ନିର୍ଦ୍ଧାରିତ ସମୟରେ ପାଆନ୍ତି ସେଥିପ୍ରତି ଯତ୍ନବାନ୍ ହେବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର ଅଧକ୍ଷତା କରିବା ସହ ଧାନ ସଂଗ୍ରହ ବ୍ୟବସ୍ଥାକୁ ସରକାରୀ ନିୟମ ଅନୁସାରେ ପରିଚାଳନା କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨-୨୩ ଖରିଫ୍ ଋତୁରେ ୩୭୪୬୦ ଜଣ ଚାଷୀଙ୍କଠାରୁ ୧୨,୯୬,୪୪୯.୩୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଥିଲେ। ବିଗତ ୨୦୨୧-୨୨ ରବିଋତୁରେ ୧୭୪୮୧ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତ ୨୦୨୨-୨୩ ରବିଋତୁରେ ୨୨୭୦୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ରବିଋତୁରେ ୧୧୩ ସୋସାଇଟି ଓ ୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀ ପଞ୍ଜୀକରଣ ନିମନ୍ତେ ନିୟୋଜିତ ହୋଇଥିଲେ। ସହକାରୀ ନିବନ୍ଧକ, ପୁରୀ ସମବାୟ ସମିତି ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ରିପୋର୍ଟ ଅନୁସାରେ ସୋସାଇଟି ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ। ଚାଷୀଙ୍କ ପାଇଁ ମଣ୍ଡିରେ ଆଶ୍ରୟସ୍ଥଳୀ, ପିଇବା ପାଣି ବ୍ୟବସ୍ଥା, ନିର୍ଦ୍ଧାରିତ ଦିନରେ ମିଲରମାନଙ୍କ ଦ୍ୱାରା ଧାନ ଉଠାଣ ନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବ୍ୟବସ୍ଥାର ସମୀକ୍ଷା ନିମନ୍ତେ ଆଉ ଏକ ବୈଠକ କରିବାକୁ ଚାଷୀ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ, ଯାହାକୁ ବିଚାର କରାଯାଇଥିଲା। ବୈଠକରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଡିଆର୍‌ସିଏସ୍ ରୁଦ୍ର ପ୍ରସାଦ ଦାସ, ଏଆର୍‌ସିଏସ୍ ସ୍ୱରୂପ କର, ବିଧାୟକମାନଙ୍କ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଆର୍‌ଏମ୍‌ସି ସାକ୍ଷୀଗୋପାଳ ଓ ନିମାପଡାର ସମ୍ପାଦକ, ମିଲର, ଯୋଗାଣ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମପୁରରେ ଖାଇଫୋଡ଼ ଯାତ୍ରା ପ୍ରସ୍ତୁତି

**ସାକ୍ଷୀଗୋପାଳ, ୧୨।୪(ଡି.ଏନ୍.ଏ/ସ୍ୱ.ପ୍ର.)**



ସ୍ଥାନୀୟ ଦାଶବିଦ୍ୟାଧରପୁର ପଞ୍ଚାୟତର ଭୀମପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗଡ଼ଚଣ୍ଡୀଙ୍କ ପଣାସଂକ୍ରାନ୍ତି ଅବସରରେ ଖାଇଫୋଡ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପିଠିରେ କଣ୍ଟା ଫୁଟାଇ ମାନସିକଧାରୀ ପାଟୁଆମାନେ ୨୨ ହାତ ଉଚ୍ଚ ଖାଇଦଣ୍ଡରୁ ଝୁଲି ଘେରାକୁ ଘେରା ବୁଲିବା ଦୃଶ୍ୟ ଦେଖିବା ସହିତ ପୂଜାର୍ଚ୍ଚନା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗବ। ଆଇନଶୃଙ୍ଖଳା ନିୟନ୍ତ୍ରଣ, ନିର୍ଦ୍ଧାରିତ ସମୟରେ ଦେବନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଗ୍ରାମ କମିଟି ସଭାପତି ନିରଞ୍ଜନ ହୋତାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଦଣ୍ଡନୃତ୍ୟ ଓ ଚଇତି ଘୋଡାନାଚ ପରିବେଷଣ କରାଯିବ। ଶୁକ୍ରବାର ପଣାସଂକ୍ରାନ୍ତି ଦିନ ସକାଳ ୬ଟାରେ ଦ୍ୱାର ଉନ୍ମୋଚନ, ଆଳତି, ଦେବୀଙ୍କ ମାଜଣା ନୂତନ ବସ୍ତ୍ର ଲାଗି ବେଶ କରାଯିବ। ସକାଳ ୮ ଟାରୁ ୧୦ଟା ମଧ୍ୟରେ ସୂର୍ଯ୍ୟ ପାଟୁଆ ବା ନୂତନ ପାଟୁଆମାନଙ୍କ ଫୋଡ କରାଯିବ। ୧୨ ଘଟିକା ଠାରୁ ୧ଘଟିକା ମଧ୍ୟରେ ଠାକୁରାଣୀଙ୍କ କାଳିସୀ ବିଜେ କରାଯାଇ ପାଟୁଆମାନଙ୍କୁ ଲଳିତା ପୋଖରୀ ମଧ୍ୟରେ ଫୋଡ କରାଯିବା ପରେ ପ୍ରସିଦ୍ଧ ଖାଇଫୋଡ ଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ପରିଚାଳନା କମିଟିର ଦେବେନ୍ଦ୍ର ରଥ, ଦୁଃଶାସନ ସାହୁ, ଭ୍ରମରବର ରାଉତ, ଗୋବିନ୍ଦ ସାହୁ, ଅଧିକାରୀ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଦାଶବିଦ୍ୟାଧରପୁର ଗ୍ରାମର ଖାଇଫୋଡ ପରମ୍ପରା ଅନୁଯାୟୀ ପାଳିତ ହେବ।



ସମସ୍ତଙ୍କୁ ଶିକ୍ଷା ଓ ନିଯୁକ୍ତ ଦାବିରେ ଏସ୍‌ଏଫ୍‌ଆଇ ଏବଂ ଡିୱାଇଏଫ୍‌ଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

## ୩ ଜଣଙ୍କୁ ଉଠାଇନେଲା ଅବକାରୀ ବିଭାଗ

**ଡେଲାଙ୍ଗ,୧୨।୪(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅଧୀନ କଲ୍ୟାଣପୁର ଗ୍ରାମରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରି ୨ ମହିଳା, ଜଣେ ଯୁବକଙ୍କୁ ମଦ, ଗଞ୍ଜେଇ ବ୍ୟାଗ ସହ ଉଠାଇ ନେଇଛି। ଏହି ୨ ପରିବାର ଦୀର୍ଘ ବର୍ଷ ଧରି ଚୋରା ମଦ ଓ ଗଞ୍ଜେଇ ବ୍ୟବସାୟ କରୁଥିଲେ। ନିଶା କାରବାର ମାମଲାରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଅନେକ ଥର ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ସେ ସବୁକୁ ଖାତିର ନ କରି ସେମାନେ ବ୍ୟବସାୟ ଜାରି ରଖିଥିଲେ।

## ହରଚଣ୍ଡୀ ସାହିରେ ଜଳିଗଲା ଟ୍ରାନ୍ସଫର୍ମର

**ପୁରୀ ଅଫିସ, ୧୨।୪:**



ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ହାଟମୁଣ୍ଡ ଛକ ନିକଟସ୍ଥ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଶର୍ଟସର୍କିଟ୍ ଯୋଗୁ ଏଥିରେ ନିଆଁ ଲାଗିଥିବା ଜଣାପଡ଼ିଛି। ନିଆଁ ଲାଗିବା ପରେ ପ୍ରଥମେ ସ୍ଥାନୀୟ ଲୋକେ ବାଲି ପକାଇ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁ ଦିନରେ ବିଦ୍ୟୁତ୍ କାଟ୍ ହୋଇଥିଲା। ଫଳରେ ଲୋକେ ଗ୍ରୀଷ୍ମ ତାତିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଏହି ଟ୍ରାନ୍ସଫର୍ମର ଫାଟିଥିଲେ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଲୋକ ପ୍ରଭାବିତ ହୋଇଥାନ୍ତେ। ଟ୍ରାନ୍ସଫର୍ମରଟି ମୁକୁଳା ଅବସ୍ଥାରେ ଦୀର୍ଘଦିନ ହେବ ରହିଛି। ଏହାର ଚାରିପଟେ ପାଚେରି କିମ୍ବା ଜାଲି ଗୁଡାଇବା ପାଇଁ ବିଦ୍ୟୁତ୍ ବିଭାଗ ଧ୍ୟାନ ଦେଉନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରାନ୍ସଫର୍ମରକୁ ଆବଦ୍ଧ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଧାଡ଼ିବୁଣା ଫସଲ ସମ୍ପର୍କରେ ପ୍ରଶିକ୍ଷଣ

**ଡେଲାଙ୍ଗ,୧୨।୪(ଡି.ଏନ୍.ଏ.)**

ସିସା ଓ ଡିଏସ୍‌ଆର୍ ପକ୍ଷରୁ ଡେଲାଙ୍ଗ ବ୍ଲକରେ କରାଯାଇଥିବା ଧାଡ଼ିବୁଣା ରବି ଫସଲ ସମେତ ମକା ଓ ସୂର୍ଯ୍ୟମୁଖୀ କ୍ଷେତକୁ ପୁରୀ, ଭଦ୍ରକ, ମୟୂରଭଞ୍ଜ, ବରଗଡ଼, କଳାହାଣ୍ଡି, ଗଞ୍ଜାମ ଜିଲାରୁ ଶତାଧିକ ଚାଷୀ ବୁଧବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚଳିତବର୍ଷ ସୁଜନପୁର ଓ ବେନୁପଡ଼ାଠାରେ ଧାଡ଼ିବୁଣା ରବି ଫସଲ ସମେତ ମକା, ବାଦାମ, ସୂର୍ଯ୍ୟମୁଖୀ ଚାଷ ହେଉଛି। ଚାଷୀ କ୍ଷେତ୍ର ପରିଦର୍ଶନ ପରେ ଧାଡ଼ିବୁଣା ନେଇ ଏକ ପାଠ୍ୟକ୍ରମ ଡେଲାଙ୍ଗ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ସିସାର ବୈଜ୍ଞାନିକ ଡ. ଅଶୋକ କୁମାର, ଇରି ବୈଜ୍ଞାନିକ ଡ. ସୁଗନ୍ଧା ମୁନ୍‌ସି, ନୃସିଂହ ଚରଣ ବନିକ୍, ମିଶନଶକ୍ତି ସଂଯୋଜକ ନବକିଶୋର ପଣ୍ଡା, ଦୀପ୍ତିକାନ୍ତ ରାଉତରାୟ, ଡ. ପ୍ଲାବିତ ରାୟ, ଡ. ରୋଜାଲିନ୍ ମହାନ୍ତି, କୃଷି ଓ ବୈଷୟିକ ପରାମର୍ଶଦାତା ଜ୍ଞାନରଞ୍ଜନ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଧାଡ଼ିବୁଣା ରବି ଓ ଖରିଫ୍ ଚାଷ ସମ୍ପର୍କରେ କହିଥିଲେ। ଏହାସହ ମୁଣ୍ଡପିଛା ଜମିର ଆୟତନ କମୁଥିବାବେଳେ କୃଷି ଉପକରଣ ଓ ବିନିଯୋଗ ସାମଗ୍ରୀର ମୂଲ୍ୟ ବଢ଼ି ଚାଲିଛି। ପାରମ୍ପରିକ ପଦ୍ଧତିରେ ଚାଷର ଉତ୍ପାଦନ ହ୍ରାସ ପାଉଛି। ଶସ୍ୟ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସିସା ଓ ଡିଏସ୍‌ଆର୍ ପ୍ରୋଜେକ୍ଟ ମାଧ୍ୟମରେ ନୂତନ ଜ୍ଞାନକୌଶଳ ଓ ଯନ୍ତ୍ରପାତି ମାଧ୍ୟମରେ ମେଶିନ ସାହାଯ୍ୟରେ ଚଳିତବର୍ଷ ପୁରୀ ଜିଲାରେ ୪୮୦ ଏକର ଧାଡ଼ିବୁଣା ରବିଚାଷ କରାଯାଉଛି। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍‌ଆର୍‌ଆଇ), ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), ବିହନ ଓ କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଚାଷୀଙ୍କୁ ଧାଡ଼ିବୁଣା ବାବଦରେ ସଚେତନ କରାଯାଉଛି। ଡେଲାଙ୍ଗ ବ୍ଲକରେ ଚଳିତ ଏହି ପଦ୍ଧତିରେ ୨୫୦ ଏକର ରବି ଚାଷ ହେଉଛି। ଅନ୍ତର୍ଜାତୀୟ ଧାନ, ମକା, ଗହମ ଓ ଖାଦ୍ୟ ନୀତି ଗବେଷଣା କେନ୍ଦ୍ରର ସିସା ହେଉଛି ଏକ ପ୍ରୋଜେକ୍ଟ। ଏହି ପ୍ରୋଜେକ୍ଟ ଦ୍ୱାରା ଉନ୍ନତ ଜ୍ଞାନକୌଶଳରେ ଧାଡ଼ିବୁଣା ଧାନଚାଷ ଓ ରବିଚାଷରେ ୪୦% କମ୍ ଶ୍ରମିକ ଲାଗିବା ସହ ୩୦% କମ୍ ପାଣିରେ ଧାନ ଭଲ ଅମଳ ହେବ। ଏହି ପଦ୍ଧତି ଆପଣେଇବା ଦ୍ୱାରା ବିଶ୍ୱତାପନ ନିୟନ୍ତ୍ରଣରେ ସହାୟକ ହେବ। କ୍ଷେତରେ କମ ପାଣି ବ୍ୟବହାର ଫଳରେ ମିଥେନ ଗ୍ୟାସ ବାୟୁମଣ୍ଡଳକୁ ନ ଯାଇ ମୃତ୍ତିକାରେ ସଂରକ୍ଷଣ ରହିବ। ଫଳରେ ଗ୍ଲୋବାଲ ୱାର୍ମିଂ ନୟନ୍ତ୍ରଣ ହେବ। ଧାନଚାଷ ପରେ ରବି ଫସଲରେ ମଧ ଅଧିକ ଅମଳ ହୋଇପାରିବ ବୋଲି ବୈଷୟିକ କୃଷି ପରାମର୍ଶଦାତା ଅଶୋକ ପ୍ରଧାନ ଚାଷୀଙ୍କୁ ବୁଝାଇଥିଲେ।



ଧାଡିବୁଣା ଫସଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଚାଷୀମାନେ ।

## କୋଭିଡ୍ ସଚେତନତା ମକ୍‌ଡ୍ରିଲ

**ନିମାପଡ଼ା,୧୨।୪(ଡି.ଏନ୍.ଏ.)**

ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହସ୍ପିଟାଲ ପରିସରରେ ନୂତନ ଭାବେ ନିର୍ମିତ କୋଭିଡ କେନ୍ଦ୍ରରେ ମଙ୍ଗଳବାର ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଡା. ଅଭିନନ୍ଦନ ମହାପାତ୍ରଙ୍କ ନେତୃତ୍ୱରେ ଏହି ମକ୍‌ଡ୍ରିଲ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ମକ୍‌ଡ୍ରିଲ ମାଧ୍ୟମରେ ଚିକିତ୍ସା ପରିବେଷଣ କରିଥିଲେ। କୋଭିଡ୍ ମୁକାବିଲା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କୋଭିଡ୍ କେନ୍ଦ୍ରରେ ଅତ୍ୟାଧୁନିକ ୬ଟି ବେଡ୍, କୋଭିଡ୍ ପରୀକ୍ଷା ସରଞ୍ଜାମ, ୬ଟି ଅକ୍ସିଜେନ୍ ସିଲିଣ୍ଡର, ୬ଟି ଅକ୍ସିଜେନ୍ କନ୍‌ସେଲେଟର, ଆବଶ୍ୟକ ଔଷଧ, ଇଞ୍ଜେକ୍ସନ ଆଦି ମହଜୁଦ ରଖାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଅଗ୍ନି ନିର୍ବାପକ ଯନ୍ତ୍ର ମହଜୁଦ ରହିଥିବାବେଳେ କୋଭିଡ଼ର ମୁକାବିଲା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର, କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ସଜାଗ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କୋଭିଡ୍ ପରୀକ୍ଷା, ରକ୍ତ ନମୁନା ସଂଗ୍ରହ କାର୍ଯ୍ୟ ଚାଲିଛି। ଏଥିରେ ଡା. ମହେଶ ମହାପାତ୍ର, ଫାର୍ମାସିଷ୍ଟ ପ୍ରଣତି ନନ୍ଦ, ଲାବରେଟାରି- ଟେକ୍ନିସିଆନ୍ ସନ୍ତୋଷ ଦଳାଇ, ବିପିଏମ୍ ଶିବନାରାୟଣ ନନ୍ଦ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ ସାମିଲ ହୋଇଥିଲେ। କୋଭିଡ୍ ମୁକାବିଲା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ ଓ ସଜାଗ ରହିଥିବା ମୁଖ୍ୟ ଚିକିତ୍ସାଧିକାରୀ ଓ ଡାକ୍ତରମାନେ କହିଥିଲେ।

## ବିନିଯୋଗ ପାଣ୍ଠିରୁ ୭ ଗୋଷ୍ଠୀଙ୍କୁ ୫୦ ହଜାର ଟଙ୍କାର ଚେକ୍


ବାର୍ଷିକ ଉତ୍ସବରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟ ଅତିଥିମାନେ ।

**ରେଞ୍ଚ ପଞ୍ଚାୟତସ୍ତରୀୟ ମହିଳା ସଂଘର ବାର୍ଷିକୋତ୍ସବ**

**ଡେଲାଙ୍ଗ,୧୨।୪(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତସ୍ତରୀୟ ମହିଳା ସଂଘର ପ୍ରଥମ ବାର୍ଷିକ ତଥା ପୁରସ୍କାର ବିତରଣ ଉତ୍ସବ ବୁଧବାର କେନ୍ଦେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ବ୍ଲକ ଜୀବିକା ମିଶନ ପ୍ରକଳ୍ପ ସଂଯୋଜିକା ପ୍ରମୋଦିନୀ ବେହେରା, ପଞ୍ଚାୟତ ସଂଘ ସଭାପତି କବିତା ଜେନା, ସମ୍ପାଦକ ସ୍ୱର୍ଣ୍ଣମୟୀ ଜେନା, ମିଶନ ଶକ୍ତି ସଭାପତି ବିଦ୍ୟୁଲତା ସ୍ୱାଇଁ, ସମ୍ପାଦିକା ପ୍ରତିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାଙ୍କ ମଧ୍ୟରେ ଝୋଟି, ପୁଚି, ମ୍ୟୁଜିକ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସଠିକ ସମୟରେ ଋଣ ପରିଶୋଧ କରିଥିବା ପ୍ରହରାଜପୁରର ସତ୍ୟସାଇ, ଡେଲାଙ୍ଗ ବଜାରର ସାଇ ପଲ୍ଲୀ ପ୍ରଗତି, ତରବୋଇର ନାଗେଶ୍ୱରୀ ମହିଳା ସଂଘକୁ ମାନପତ୍ର ପ୍ରଦାନ କରାଯାଇଥିଲା। ମିଶନ ଶକ୍ତିର କ୍ଷୁଦ୍ର ବିନିଯୋଗ ପାଣ୍ଠି ଦ୍ୱାରା ୨୭ଟି ମହିଳା ଗୋଷ୍ଠୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ବିଧାୟକ ମହାରଥୀ ୭ଟି ଗୋଷ୍ଠୀଙ୍କୁ ଏହି ବିନିଯୋଗ ପାଣ୍ଠିରୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଚିହ୍ନଟ କରାଯାଇଥିବା ମହିଳା ସଂଘକୁ ଚେକ୍ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ପଞ୍ଚାୟତସ୍ତରୀୟ ମହିଳା ସଂଘର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୧ରୁ ୨୩ ପର୍ଯ୍ୟନ୍ତ ପ୍ରଦର୍ଶନ ହେବ ନାଟକ 'ବୟସର ଅନ୍ତେ'

**ପୁରୀ ଅଫିସ, ୧୨।୪:**

ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୭ଟାରେ ପୁରୀ ଟାଉନ ହଲରେ 'ବୟସର ଅନ୍ତେ' ନାଟକ ପ୍ରଦର୍ଶନ ହେବ। ଦର୍ଶକଙ୍କ ନିମନ୍ତେ ପ୍ରତ୍ୟେକ ଟିକେଟର ମୂଲ୍ୟ ୨ ଶହ ଟଙ୍କା ରଖାଯାଇଛି। ବୁଧବାର ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଳାକାରମାନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନାଟକରେ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଅଭିନେତା ସମରେଶ ରାଉତରାୟ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ବିଶାନ୍ ବଳଭଦ୍ର ଶତପଥୀ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି। ଗତ ମାର୍ଚ୍ଚ ମାସରେ ଏହି ନାଟକ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ଆଦୃତି ଲାଭ କରିଥିଲା। ବୟସର ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ଏକ ଦମ୍ପତିଙ୍କ ଜୀବନୀକୁ ନେଇ ଏହାର କାହାଣୀ ପର୍ଯ୍ୟବସିତ। ଏହାର ପରିବେଷଣ ଜାତୀୟ ସ୍ତରୀୟ ରହିବ, ଯାହାକି ଦର୍ଶକଙ୍କୁ ଭଲ ଲାଗିବା ସହିତ ମଞ୍ଚ ନାଟକ ପ୍ରତି ଆଗ୍ରହ ଫେରାଇ ଆଣିବାରେ ସହାୟକ ହେବ ବୋଲି କଳାକାରମାନେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅଭିନେତ୍ରୀ ଅନୁ ଚୌଧୁରୀ, ସମରେଶ ରାଉତରାୟ, ସୌମ୍ୟ ରଞ୍ଜନ ଶତପଥୀ, ଅଭିଷେକ ଶ୍ରୀଚନ୍ଦନ, ପିନାକୀ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଳାକାରମାନେ ସୂଚନା ଦେଉଛନ୍ତି।

# ୫-ଟି ବିଦ୍ୟାଳୟ ଗୃହ ନିର୍ମାଣ ନିମ୍ନମାନର ଅଭିଯୋଗ

**କଣାସ,୧୨।୪(ସ୍ୱ.ପ୍ର.)**



ରାଜ୍ୟ ସରକାର ଶିକ୍ଷାର ଉନ୍ନତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟକୁ ୫-ଟି ବିଦ୍ୟାଳୟରେ ପରିଣତ କରୁଛନ୍ତି। ହେଲେ ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ସେଥିରେ ଜନଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟ ନିର୍ମାଣ ଦାୟିତ୍ୱ ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ଶିକ୍ଷା ସଭାପତିଙ୍କୁ ଦିଆଯାଉନି। ପ୍ରଧାନଶିକ୍ଷକଙ୍କ ନାମରେ ଆସୁଥିବା ଟଙ୍କାକୁ ବିଡିଓଙ୍କୁ ପ୍ରଦାନ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀ ପ୍ରଧାନଶିକ୍ଷକଙ୍କୁ ଏକ ପତ୍ର ଦେଇଛନ୍ତି। ସେଥିପାଇଁ ପ୍ରଧାନଶିକ୍ଷକ ଉକ୍ତ ଟଙ୍କା ବିଡିଓଙ୍କ ଆକାଉଣ୍ଟକୁ ପଠାଉଛନ୍ତି। ନିର୍ମାଣ ଦାୟିତ୍ୱ ପାଇଁ ବିଡିଓ ନିଜ ଅଧୀନରେ ଥିବା କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଜାରି କରିଛନ୍ତି। ଫଳରେ ସେମାନେ ନିମ୍ନମାନର ଜିନିଷ କିଣି ଉଚ୍ଚ ଦର ପକାଇ କାର୍ଯ୍ୟ ହାସଲ କରୁଥିବା ଲୋକେ ଆଲୋଚନା କରୁଛନ୍ତି। କଣାସ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୪, ଦ୍ୱିତୀୟ ପର୍ଯ୍ୟାରେ ୮ ଏବଂ ତୃତୀୟ ପର୍ଯ୍ୟାୟରେ ୧୨ଟି ବିଦ୍ୟାଳୟଗୃହକୁ ୫-ଟି ମାଧ୍ୟମରେ ସଂଯୋଗ କରାଯାଇ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନାମରେ ୪୫ଲକ୍ଷ ଟଙ୍କା ଦିଆଯାଇଥିଲା। ପ୍ରଧାନଶିକ୍ଷକ ଉକ୍ତ ଟଙ୍କାକୁ ବିଡିଓଙ୍କୁ ହସ୍ତାନ୍ତର କରୁଥିଲେ ମଧ ବିଡିଓ ସିମେଣ୍ଟ, ଟାଇଲ୍, ରଡ୍, ମାର୍ବଲ, ଚେୟାର, ଟେବୁଲ୍ କିଣିବାବେଳେ ପ୍ରଧାନଶିକ୍ଷକ କିମ୍ବା ବିଦ୍ୟାଳୟ ଶିକ୍ଷା କମିଟି ସଭାପତିଙ୍କୁ ସାମିଲ କରୁ ନ ଥିଲେ। ଫଳରେ କେହି ଦୃଷ୍ଟି ନ ଦେବାରୁ କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ହରିଲୁଟର ବାଟ ଖୋଲିଥିଲା। କଣାସସ୍ଥିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟକୁ ବୁଧବାର ଲାଇବ୍ରେରି ଗୃହ ପାଇଁ ୫୦ଟି ଚେୟାର ଆସିଥିଲା। ହେଲେ ସେଥିରେ ବସିବା କ୍ଷଣି ତାହା ବଙ୍କା ହୋଇଯାଉଥିବା ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ କିଏ ଚେୟାର କିଣି ଦେଉଛନ୍ତି, ତାଙ୍କୁ ଏ ବିଷୟରେ ଜଣାନାହିଁ। କଣାସ ବିଡିଓ ପବିତ୍ର ବେହେରାଙ୍କୁ ପଚାରିବାରୁ, ତାଙ୍କୁ ଏ ବିଷୟରେ ଜଣନାହିଁ, ଦେଖିବା କ'ଣ ହୋଇଛି ବୋଲି କହିଥିଲେ। ନବନିର୍ମିତ ବିଦ୍ୟାଳୟଗୁଡ଼ିକ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ତଦନ୍ତ କରାଗଲେ କିପରି ଅର୍ଥ ଲୁଟ୍ ଚାଲିଛି ଲୋକଲୋଚନକୁ ଆସିପାରନ୍ତା ବୋଲି ଜନସାଧାରଣରେ ଆଲୋଚନାର ହୋଇଛି।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ୨ କୋର୍ଟ ଚାଲାଣ

ଫୁଲନଖରା,୧୨।୪(ଡି.ଏନ୍.ଏ.): ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ମଙ୍ଗଳାବାଗ ନାୟକ ସାହିର ରାକେଶ ନାୟକ ଓ ଦୋଳମୁଣ୍ଡାଇ ମହତାବ ରୋଡ୍ ନିଉ କଲୋନୀର ଆଶୁତୋଷ ସ୍ୱାଇଁ। ପୋଲିସ ସୂତ୍ରରୁ ପ୍ରକାଶ, ବାରଙ୍ଗ ଥାନା ଅନ୍ତର୍ଗତ ଆମ୍ବଦଳେଇ ଗ୍ରାମର ଶିବ ପରିଡା ଗତ ୬ ତାରିଖରେ ପ୍ରତାପ ନଗରୀରେ ଚାଲିଥିବା ଧାକୁଲେଇ ମହୋତ୍ସବ ଦେଖିବାକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ରାକେଶ ଓ ଆଶୁତୋଷଙ୍କ ସହ ଗଣ୍ଡଗୋଳ ହୋଇଥିଲା। ୭ ତାରିଖରେ ଶିବ ତାଙ୍କ ସମ୍ପର୍କୀୟମାନଙ୍କୁ କଟକ-ଭୁବନେଶ୍ୱର ରାସ୍ତାର ଡେଲ୍ଟା ଅଣ୍ଡର ପାସ୍ ବ୍ରିଜ ତଳେ ଭେଟିବା ପାଇଁ ପହଞ୍ଚିଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ସେଠାରେ ପହଞ୍ଚି ତାଙ୍କ ମୁଣ୍ଡ ଓ ଆଖିକୁ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୪/୨୩) ରୁଜୁ କରିଥିଲା।

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୨।୪(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନିଶ୍ଚିନ୍ତକୋଇଲି ଗ୍ରାମର ଅନନ୍ତ ମଲିକଙ୍କ ଝିଅ ଆରତୀ (୧୮)। ଶୋଇବା ଘରେ ସେ ରଶି ଲଗାଇ ଝୁଲିପଡ଼ିଛନ୍ତି ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଖବରପାଇ ପୋଲିସ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଏସ୍ଆଇ ଅନିଲ ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ ମାମଲା ରୁଜୁ କରାଯିବ।

### ‘ସଚେତନତା ଦ୍ୱାରା କର୍କଟ ରୋଗ ଦୂର ହେବ’

କଟକ ଅଫିସ,୧୨।୪: ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ବିଚିତ୍ରା ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍କଟ ରୋଗ ବିଶେଷଜ୍ଞ ଡା. ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ ମହିଳାମାନଙ୍କଠାରେ ଦେଖାଦେଉଥିବା କର୍କଟ ରୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ସଚେତନତା ଦ୍ୱାରା କର୍କଟ ରୋଗ ଦୂର ହୋଇପାରିବ ବୋଲି ସେ କହିଥିଲେ। ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ବୁଲେଟିନ୍ ଉନ୍ମୋଚିତ ହୋଇଥିଲା। ୨୦୨୨ରେ ପ୍ରାଣୀବିଜ୍ଞାନ ଡିଗ୍ରୀ ଟପର୍ ଶତରୂପା ସାମଲଙ୍କୁ ସ୍ୱର୍ଗତ ବ୍ରଜମୋହନ ମହାନ୍ତି ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. କୌଶରଆରା ବେଗମ୍, ନାରାୟଣ ମହାନ୍ତି, ଡ. କମଳାକାନ୍ତ ସାହୁ, ଆସିଷ୍ଟାଣ୍ଟ ପ୍ରଫେସର ସୁରେଶ କୁମାର ନାୟକ, ଅବସରପ୍ରାପ୍ତ ଡେମୋନ୍ଷ୍ଟ୍ରେଟର ରମାବଲ୍ଲଭ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରୀତିପ୍ରଜ୍ଞା ରାୟ ସ୍ୱାଗତ ଭାଷଣ, ଆସିଷ୍ଟାଣ୍ଟ ପ୍ରଫେସର ଶିବାନୀ ଦାଶ ପ୍ରାରମ୍ଭିକ ସୂଚନା, ପଲ୍ଲବୀ ଦାସ ବିବରଣୀ ପାଠ ଓ ଅଧ୍ୟାପିକା ଆନନ୍ଦା ରୁକ୍ମଣୀ ଧନ୍ୟବାଦ ଦେଇଥିଲେ।

### କଟକ ମହାନଗର କୈବର୍ତ୍ତ ସଭାର ଚୈତ୍ର ମହୋତ୍ସବ

କଟକ ଅଫିସ, ୧୨।୪: କଟକ ମହାନଗର କୈବର୍ତ୍ତ ସଭା ପକ୍ଷରୁ ଚୈତ୍ର ମହୋତ୍ସବ ବାରବାଟୀ ଷ୍ଟାଡିୟମସ୍ଥିତ ତେନ୍ଦୁଲକର ହଲ୍ ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସାହିରୁ ଆସିଥିବା ମା’ ବାସେଳୀଙ୍କ ପ୍ରତିମା ଶୋଭାଯାତ୍ରା ମାଛୁଆ ବଜାରଠାରୁ ପରିକ୍ରମା କରି ସଭା ମଣ୍ଡପ ନିକଟରେ ପହଞ୍ଚିଲା। ଏହାପରେ ପରମ୍ପରା ଅନୁଯାୟୀ ମା’ ବାସେଳୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଆୟୋଜିତ ଉତ୍ସବକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଏଥିରେ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ମେୟର ଅନିତା ବେହେରା, ମୀନାକ୍ଷୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କୁଶ ସାହୁ ଯୋଗଦେଇ କୈବର୍ତ୍ତ ଜାତିର ଏକତା, ଶିକ୍ଷା ଓ ବ୍ୟବସାୟର ଉନ୍ନତି ନିମନ୍ତେ ଗୁରୁତ୍ୱ ଦେଇଥିଲେ। ଏହି ଉତ୍ସବରେ ଅବିନାଶ ବେହେରା, ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, ସଙ୍ଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରା ଉପସ୍ଥିତ ଥିଲେ।

# ପୂର୍ଣ୍ଣ ଉପସ୍ଥାନ ଦିବସ ବାତିଲ: ସରକାରୀ ଟଙ୍କା ନଷ୍ଟ

**ଏପ୍ରିଲ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଛୁଟି ନିର୍ଦ୍ଦେଶ**

ନିଶ୍ଚିନ୍ତକୋଇଲି,୧୨।୪(ସ୍ୱ.ପ୍ର)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ହେବାକୁ ଥିବା ପୂର୍ଣ୍ଣ ଉପସ୍ଥାନ ଦିବସ ବୁଧବାର ବାତିଲ ହୋଇଯାଇଛି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଛି। ଏପ୍ରିଲ ୧୨ ତାରିଖକୁ ପୂର୍ଣ୍ଣ ଉପସ୍ଥାନ ଦିବସ ରୂପେ ପାଳନ କରିବାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱତୀ.ଏସ୍‌ଙ୍କ ପକ୍ଷରୁ ପତ୍ର (ନଂ. ୪୧୪୮/ ୩।୪।୨୦୨୩) ପଠାଯାଇଥିଲା। ମାତ୍ର ଦିବସ ପାଳନ ବାତିଲ ହେବା ପରେ ଏହି ପତ୍ର କୌଣସି କାମରେ ଲାଗିପାରିନାହିଁ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ, ୬ରୁ ୧୪ ବର୍ଷ ମଧ୍ୟରେ ଥିବା ସବୁ ଛାତ୍ରୀଛାତ୍ରଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦିଆଯିବ। ଏନେଇ ରାଜ୍ୟ ସରକାରଙ୍କ ତରଫରୁ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ବିଦ୍ୟାଳୟ ଶିକ୍ଷା ପ୍ରାକ୍‌ପ୍ରାଥମିକ ଶ୍ରେଣୀଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଏପ୍ରିଲ ୧୨ ତାରିଖକୁ ପୂର୍ଣ୍ଣ ଉପସ୍ଥାନ ଦିବସ ରୂପେ ପାଳନ କରାଯିବା ନିମନ୍ତେ ପତ୍ର ପ୍ରେରଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟନ କରାଯିବା ନିମନ୍ତେ ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। ଏଥିନିମନ୍ତେ ପ୍ରତି ବିଦ୍ୟାଳୟକୁ ସରକାରଙ୍କ ତରଫରୁ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଗଲା। ସରକାରଙ୍କ ଏହି ନିର୍ଦ୍ଦେଶନାମା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ବ୍ୟାନର ଓ ମିଷ୍ଟାନ୍ନ ବ୍ୟବସ୍ଥା କରିସାରିଥିଲେ। ମାତ୍ର ସରକାରଙ୍କ ତରଫରୁ ଏପ୍ରିଲ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଦିଆଯାଇଥିଲା। ଏହାଦ୍ୱାରା ଉତ୍ସବ ପାଳନ ହୋଇପାରିନାହିଁ। ଫଳରେ ସରକାରଙ୍କୁ ଲକ୍ଷାଧିକ ଟଙ୍କା କ୍ଷତି ସହିବାକୁ ପଡ଼ିବ ବୋଲି ଅଭିଭାବକମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଲକ୍ଷହୀରା ଲାବଣ୍ୟବତୀ ବେହେରା କୁହନ୍ତି ପ୍ରବେଶ ଉତ୍ସବ ହୋଇଛି। ପୂର୍ଣ୍ଣ ଉପସ୍ଥାନ ଦିବସ ପାଇଁ ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ସରକାରଙ୍କ ଛୁଟି ନିର୍ଦ୍ଦେଶ ଆସିବା ପରେ ବିଦ୍ୟାଳୟ ଛୁଟି କରାଯାଇଛି। ସ୍କୁଲ ଖୋଲିବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଶିକ୍ଷା କ୍ଷେତ୍ରରେ ସାଲେପୁର ମହାବିଦ୍ୟାଳୟ ସ୍ଥାନ ସ୍ୱତନ୍ତ୍ର

ସାଲେପୁର,୧୨।୪(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ର ଏହି ୨ଦିନିଆ ଉତ୍ସବକୁ ପୌରୋହିତ୍ୟ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବା କହିଥିଲେ। ଏ ମାଟି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମାଟି ହୋଇଥିବାରୁ ଉକ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ପ୍ରସନ୍ନ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମହାବିଦ୍ୟାଳୟ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସହ ପ୍ରତିଷ୍ଠାତା ସଦସ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ନବନିର୍ମିତ ଶୈକ୍ଷିକ ଭବନ ଓ ବାଳକଙ୍କ ନିମନ୍ତେ ଏକ ହଷ୍ଟେଲ ଗୃହକୁ ଅତିଥି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ମନ୍ତ୍ରୀ, ବିଧାୟକ, ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପଢୌକନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଜା, ଡ. ସୁଶାନ୍ତ ପାଢ଼ୀ, ଡ. ବିଚିତ୍ରାନନ୍ଦ ଦାଶ, କରୁଣାକର ମୁଦୁଲି, ଅଧ୍ୟାପକ ଜୀବନଜ୍ୟୋତି ପଟ୍ଟନାୟକ, ବସନ୍ତ ଲେଙ୍କା, ଜୟଶ୍ରୀ ପଟ୍ଟନାୟକ, ଡ. ଚିନ୍ମୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଧ୍ୟାପକ ବିଚିତ୍ରାନନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଛୁରାମାଡ଼

**ଏକ ତରଫା ପ୍ରେମର କରୁଣ ପରିଣତି**

ନରସିଂହପୁର,୧୨।୪(ସ୍ୱ.ପ୍ର.)

ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ବିଫଳ ହେବାରୁ ହତାଶ ହୋଇ ପ୍ରେମିକ ଛୁରାମାଡ଼ କରିଛନ୍ତି। କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଉକ୍ତ ଅଞ୍ଚଳର ପ୍ରୀତିଶ କୁମାର ପଟ୍ଟନାୟକ ନାମକ ଯୁବକ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ଏନେଇ ସେ ବାରମ୍ବାର ସମ୍ପୃକ୍ତା ନାବାଳିକାଙ୍କୁ ପ୍ରେମ ନିବେଦନ କରିଆସୁଥିଲେ। ମାତ୍ର ନାବାଳିକା ଜଣକ ଏହାକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ। ସମ୍ପୃକ୍ତା ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ପ୍ରୀତିଶଙ୍କ ପରିବାରକୁ ଏ ବିଷୟରେ କହିଥିଲେ। ଏହାପରେ ପ୍ରୀତିଶ ପ୍ରତିକ୍ରିୟାଶୀଳ ହୋଇ ରାଗ ଶୁଝାଇବାକୁ ସୁଯୋଗ ଖୋଜୁଥିଲେ। ବୁଧବାର ଅପରାହ୍ନରେ ସମ୍ପୃକ୍ତା ନାବାଳିକା ଟିଉଶନ ଯାଉଥିବାବେଳେ ବାଟରେ ପ୍ରୀତିଶ ଏକ ଛୁରୀରେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ନିଜକୁ ବଞ୍ଚାଇବାକୁ ଯାଇ ପୀଡ଼ିତା ଜଣକ ପ୍ରତିବାଦ କରିବାବେଳେ ତାଙ୍କ ଡାହାଣ ହାତରେ ଛୁରି ବାଜି ଗଭୀର କ୍ଷତ ସୃଷ୍ଟି ହୋଇଛି। ପାଟିଶୁଣି ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ପରେ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ପୋଲିସ ମାମଲା (ନଂ. ୫୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି।

## ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ହତ୍ୟା ଧମକ: ଥାନାରେ ଅଭିଯୋଗ

ମାହାଙ୍ଗା,୧୨।୪(ସ୍ୱ.ପ୍ର.)

ମାହାଙ୍ଗା ଥାନା କଇଥା ପଞ୍ଚାୟତ ଅନ୍ତର୍ଗତ ମୀରାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଛି। ଏହି ସଂସ୍କୃତ ମହାବିଦ୍ୟାଳୟରେ ଗତ କିଛିଦିନ ହେବ କଲେଜ ଫଣ୍ଡକୁ ନେଇ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଅଧ୍ୟକ୍ଷାଙ୍କ ବିବାଦ ଲାଗି ରହିଛି। ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରାଙ୍କ ଅଭିଯୋଗକ୍ରମେ ମାହାଙ୍ଗା ଥାନାରେ ମାମଲା (ନଂ. ୧୦୪/୨୩) ରୁଜୁ ହୋଇଛି। ଏନେଇ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କେ.ପି ପଟ୍ଟନାୟକ, ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲିକ ଓ ଏସଆଇ ଈପ୍‌ସିତା ପ୍ରିୟଦର୍ଶିନୀ ବୁଧବାର ମହାବିଦ୍ୟାଳୟରେ ପହଞ୍ଚି ଏହି ଅଭିଯୋଗର ତଦନ୍ତ କରି ଅପରାହ୍ନରେ ଫେରିଥିଲେ। ଏହାପରେ ଅଧ୍ୟାପିକା ଓ ଅଧ୍ୟାପକମାନେ କଲେଜରୁ ଫେରୁଥିବାବେଳେ ସେଠାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ଏନେଇ ଅଧ୍ୟାପକ,ଅଧ୍ୟାପିକାଙ୍କ ପକ୍ଷରୁ ମାହାଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି ।

## ସଚେତନତା ପାଇଁ ଗଣଦୌଡ଼

କଣ୍ଟାପଡା, ୧୨।୪(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଜି-୨୦ କାର୍ଯ୍ୟକ୍ରମ ଅନୁଯାୟୀ ଶରୀର ସୁସ୍ଥ ରହିବା ପାଇଁ ବ୍ୟାୟାମ ନିତ୍ୟାନ୍ତ ଆବଶ୍ୟକ। ଏହି ବାର୍ତ୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ଓ ଗବେଷଣା କେନ୍ଦ୍ର ପକ୍ଷରୁ ବୁଧବାର ସକାଳେ ଗଣଦୌଡ ଆୟୋଜନ କରାଯାଇଥିଲା। କଣ୍ଟାପଡା ସ୍କୁଲ ଛକରୁ ବାହାରିଥିବା ଏହି ଗଣଦୌଡକୁ ନିର୍‌ତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଗଣଦୌଡରେ ଦିବ୍ୟାଙ୍ଗଙ୍କ ସମେତ ନିର୍‌ତାର କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

## ୧୦ ସମବାୟ ସମିତି ଖୋଲିବାକୁ ମଞ୍ଜୁରୀ




କର୍ମଶାଳାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ଆଠଗଡ଼,୧୨।୪(ସ୍ୱ.ପ୍ର.)

ଆଠଗଡ଼ ନିର୍ବାଚନମଣ୍ଡଳୀ ସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଆଠଗଡ଼ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ନିର୍ଦ୍ଦେଶକ ନୃସିଂହ ଚରଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ନିର୍ବାଚନମଣ୍ଡଳୀରେ ଆଉ ୧୦ ଗୋଟି ସମବାୟ ସମିତି ମହିଷାଲଣ୍ଡା, ଡାଳିଯୋଡା ବ୍ରହ୍ମପୁରା, ମହାକାଳବସ୍ତ, କୁମାରପୁର, କଣ୍ଡରେଇ, ସଠିଲୋ, ଘଣ୍ଟିଖାଲ, କନ୍ଦରପୁର ଏବଂ ପୁରୁଣା ଟିଗିରିଆ ଖୋଲାଯିବାକୁ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। ଏହା ସମଗ୍ର ରାଜ୍ୟରେ ସରକାରୀସ୍ତରରେ ପ୍ରଥମେ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ବିଭିନ୍ନ ସମିତି ଅଧୀନରେ ୧୫ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫୯ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ। ବିଶେଷ ଅତିଥି ଭାବେ ନିବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱର ଉପମହାନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରସନ୍ନ ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅନନ୍ତ ଚରଣ ସାମଲ ଏବଂ ଉପନିବନ୍ଧକ ସମବାୟ ସମିତି ସମୂହ କଟକ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ସମବାୟ ଆନ୍ଦୋଳନ ଉପରେ ସେମାନେ ଅବଗତ କରାଇବା ସହିତ ଏଥିରେ ପଞ୍ଜୀକୃତ ହୋଇଥିବା ସମସ୍ତ ସଭ୍ୟମାନେ ଏହା ମାଧ୍ୟମରେ ଉପକୃତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ବିଶ୍ୱଜିତ୍ ପ୍ରଧାନ, ଶାନ୍ତିଲତା ବେହେରା, ପୂର୍ବତନ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ରାଉତ ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିଥିଲେ।

## ବୃହଦମ୍ବା ବୈଶାଖୀ ମହୋତ୍ସବ ଭାଇଚାରାର ଅନନ୍ୟ ନିଦର୍ଶନ

ବଡ଼ମ୍ବା,୧୨।୪(ଡି. ଏନ. ଏ)

ଡ଼ମ୍ବାର କ୍ଲବ ବାଦ୍‌ଶାହା ଓ ୩ ନଂ. ୱାର୍ଡର ମିଳିତ ଆନୁକୂଲ୍ୟରେ ଏକ ସପ୍ତାହ ବ୍ୟାପୀ ହେବାକୁ ଥିବା ପ୍ରଥମ ବାର୍ଷିକ ବୃହଦମ୍ବା ବୈଶାଖୀ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ ଭାଇଚାରାର ଅନନ୍ୟ ନିଦର୍ଶନ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ବାଦ୍‌ଶାହା ସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ସୁମିତ କୁମାର ଶତପଥୀ, ୱାର୍ଡ ସଭାପତି ଦେବରାଜ ପାଟ୍ଟଶାଣୀ, ସମ୍ପାଦକ ସଞ୍ଜୟ କୁମାର ଶତପଥୀ ଓ ସମିତିସଭ୍ୟା ଗୋଲାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭୁବନେଶ୍ୱର ଆରୀୟାନ ଡ୍ୟାନ୍ସ ଗ୍ରୁପ୍ ଓ ୟୁ ଟ୍ୟୁବ୍‌ର ହାସ୍ୟ ଅଭିନେତା ନଟିଆ, ସିନେ ତରଙ୍ଗ ଗାୟିକା ରୋଜି, ସିନେ ଜଗତର ଗାୟକ ତାରିକ୍ ଅଜିଜ ପ୍ରମୁଖ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବୃହଦମ୍ବା ବୈଶାଖୀ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଦୋକାନ ତାଲା ଭାଙ୍ଗି ଚୋରି

ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବଜାରରେ ଥିବା ଏକ ଦୋକାନରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ବହୁ ସାମଗ୍ରୀ ଲୁଟି ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ଗ୍ରାମର କୈଳାସ ଚନ୍ଦ୍ର ସାହୁଙ୍କ ନିଶ୍ଚିନ୍ତକୋଇଲି ବଜାରରେ ଏକ ଜଳଖିଆ ଦୋକାନ ରହିଛି। କିଛି ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନ ତାଲା ଭାଙ୍ଗି ନଗଦ ୫ ହଜାର ଟଙ୍କା, ଏକ ଖାଇବା ତେଲ ଟିଣ, ଗୋଟିଏ ପୂର୍ଣ୍ଣ ଜାଳେଣି ଗ୍ୟାସ ସିଲିଣ୍ଡର, ଗୋଟିଏ ଖାଲି ଗ୍ୟାସ ସିଲିଣ୍ଡର ସମେତ ବହୁ ସାମଗ୍ରୀ ଲୁଟି ନେଇଛନ୍ତି। ପୋଲିସ ଅଭିଯୋଗ ମୁତାବକ ତଦନ୍ତ ଆରମ୍ଭ କରିଛି। ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ମହାନଦୀରେ ୧୨ଲକ୍ଷ ମାଛ ଯାଆଁଳ ଛଡ଼ାଗଲା

ମଙ୍ଗୁଳି-ଜଗତପୁର,୧୨।୪(ଡି.ଏନ୍.ଏ.)

ମତ୍ସ୍ୟ ସମ୍ପଦର ବିକାଶ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ କଟକ ଜିଲା ମତ୍ସ୍ୟ ଅଧିକାରୀଙ୍କ ପକ୍ଷରୁ ବୁଧବାର ସକାଳେ ମହାନଦୀରେ ୧୨ ଲକ୍ଷ ଉନ୍ନତ ମାଛ ଯାଆଁଳ ଛଡାଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ଉନ୍ନତ ଜ୍ଞାନକୌଶଳରେ ମାଛଚାଷ କରାଗଲେ ମତ୍ସ୍ୟଜୀବୀମାନେ ରୋଜଗାରକ୍ଷମ ହେବା ସହିତ ମାଛ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କଟକ ଜିଲାର ୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଛି। ଆଗାମୀ ଦିନରେ ୧୧ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମ ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ସ୍ଥାନୀୟ କର୍ପୋରେଟର ନଳିନୀ ବେହେରା, ଫିସରି ବିଭାଗର କଟକ ଡିଏଫଓ ଇତିଶ୍ରୀ ରଥ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗେଶ୍ୱର ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଶେଖ୍ ସାହାଜାନ, ତାପସ ମହାନ୍ତି, ତୀର୍ଥାନନ୍ଦ ସୁବୁଦ୍ଧିରାୟ ଓ କୈଳାସ ବେହେରା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## କଲେଜ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

- କଂଗ୍ରେସ ପକ୍ଷରୁ ଖେଳପଡ଼ିଆ ସମ୍ମୁଖରେ ଧାରଣା
- ଉପଜିଲାପାଳଙ୍କୁ ସ୍ମାରକପତ୍ର

ବାଙ୍କୀ,୧୨।୪(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି ବୋଲି ବାଙ୍କୀର ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡ.ଦେବାଶିଷ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏନେଇ ଯୁବ କଂଗ୍ରେସ ଅଧ୍ୟକ୍ଷ ରମାକାନ୍ତ ସେଠୀଙ୍କ ନେତୃତ୍ୱରେ କଲେଜ ଖେଳପଡ଼ିଆ ସମ୍ମୁଖରେ ବୁଧବାର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାର୍ଶି ନବାବ ଏବଂ ଛାତ୍ରୀ କଂଗ୍ରେସ ପ୍ରଭାରୀ ଅନୁଲେଖା ବସୁ ଏଥିରେ ଯୋଗଦେଇ ବାଙ୍କୀ କଲେଜରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଥିଲେ। ଖେଳପଡ଼ିଆର ନବୀକରଣ ନାମରେ ସରକାରୀ ଅର୍ଥ ଲୁଟ୍ କରାଯାଇ ଛାତ୍ରୀଛାତ୍ରଙ୍କ ଜୀବନ ସହ କଲେଜ କର୍ତ୍ତୃପକ୍ଷ ଖେଳୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ନୂତନ ଭାବେ ନିର୍ମାଣାଧୀନ ଷ୍ଟାଡିୟମର କିଛି ଅଂଶ ସ୍ୱଳ୍ପ ବର୍ଷାରେ ଭୁଶୁଡ଼ି ପଡ଼ିଥିବାବେଳେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ତିଆରି ହୋଇଥିବା ସୁଇମିଙ୍ଗପୁଲ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ସୁଇମିଙ୍ଗପୁଲଟି ସରୀସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କଲେଜର ମୁଖ୍ୟ ଗେଟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଅପରପକ୍ଷେ ନିର୍ମାଣାଧୀନ ଇଣ୍ଡୋର ଷ୍ଟାଡିୟମ ରକ୍ଷଣାବେକ୍ଷଣ ଅଭାବରୁ ଅନୁପଯୋଗୀ ହୋଇଯାଇଛି। ଏଭଳି ବିଭିନ୍ନ ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ ତଦନ୍ତ ଦାବି କରାଯାଇଛି। ଉନ୍ନୟନମୂଳକ କାର୍ଯ୍ୟ ବାହାନାରେ ଯେଉଁମାନେ ଦୁର୍ନୀତି କରିଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ କଂଗ୍ରେସ କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ କଂଗ୍ରେସ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ କଂଗ୍ରେସ ନେତା କାଶୀନାଥ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲ ହୋଇଥିଲେ ।




ଧାରଣାରେ ବସିଥିବା କଂଗ୍ରେସକର୍ମୀମାନେ।

# ବାଉନ୍ସର ଗ୍ୟାଙ୍ଗ୍ ମୁଖ୍ୟ ରାଘବଙ୍କ ଘର ଭାଙ୍ଗିଲା ପୋଲିସ

**ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା**

- ମାଟିରେ ମିଶିଲା ୯୩ରୁ ଊର୍ଦ୍ଧ୍ୱ ଘର, ଚାପା ଉତ୍ତେଜନା
- ସରକାରୀ ଜମିରେ ଘର କରି ଭଡ଼ା ଲଗାଇଥିଲେ
- ଭଡ଼ା ଟଙ୍କାରେ ଅପରାଧ ସହ ବିଳାସମୟ ଜୀବନ ବିତାଉଥିଲେ


ରାଘବ ଜେନା


ରାଘବ ଜେନା ସରକାରୀ ଜମି ଜବରଦଖଲ କରି ଭଡ଼ା ଲଗାଇଥିବା ଘରକୁ ଭଙ୍ଗା ଯାଉଛି।

ଭୁବନେଶ୍ୱର,୧୨।୪ (ବ୍ୟୁରୋ)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତିଅଧରେ ଜେସିବି ଲଗାଇ ଦୋକାନ ଘର ଭାଙ୍ଗି ଲୁଟ୍ ଘଟଣାରେ କମିଶନରେଟ ପୋଲିସ ଏପର୍ଯ୍ୟନ୍ତ ବାଉନ୍ସର ଗ୍ୟାଙ୍ଗର ୧୯ ଜଣଙ୍କୁ ଗିରଫ କରିଛି। ହେଲେ ଏହି ଗ୍ୟାଙ୍ଗର ମୁଖ୍ୟ ରାଘବ ଜେନା ଏବେବି ଫେରାର ଅଛନ୍ତି। ତେବେ ରାଘବ ଝାରପଡ଼ାସ୍ଥିତ ସରକାରୀ ଜମିରେ ଘର କରି ଭଡ଼ା ବାବଦକୁ ପାଉଥିବା ଲକ୍ଷାଧିକ ଟଙ୍କାରେ ଆପରାଧିକ କାର୍ଯ୍ୟକଳାପ ଚଳାଉଥିବା ଜଣାପଡ଼ିବା ପରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯିଏ ଅନ୍ୟ ଦୋକାନ ଓ ଘର ଭାଙ୍ଗୁଥିଲେ ଏବେ ତାଙ୍କ ଘର ମାଟିରେ ମିଶିଛି। ବୁଧବାର ବିଏମ୍‌ସି ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ ଟିମ୍ ସହାୟତାରେ ପୋଲିସ ରାଘବଙ୍କ ୪୦ଟି ଘର ସମେତ ମୋଟ ୯୩ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଦେଇଛି। ମଧ୍ୟାହ୍ନରେ ଲକ୍ଷ୍ମୀସାଗର ଥାନା ନିକଟ ଛକରୁ କେନାଲ ରୋଡ୍ ପର୍ଯ୍ୟନ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍ ଜବରଦଖଲ ଉଚ୍ଛେଦ କରିଥିବାବେଳେ ୧୨ ପ୍ଲାଟୁନ ଫୋର୍ସ ସହ ୫୩ ପୋଲିସ ଅଧିକାରୀ ନିୟୋଜିତ ହୋଇଥିଲେ। ଜେସିବି ଦ୍ୱାରା ଘର ଓ ଦୋକାନ ଉଚ୍ଛେଦ କରାଯାଉଥିବାବେଳେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ଘରେ ରହୁଥିବା ଲୋକେ ପ୍ରବଳ ଖରାରେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇଥିଲେ। ଏପରିକି ନୋଟିସ୍ ଦିଆ ନ ଯାଇ ଏଭଳି ପଦକ୍ଷେପ ନିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ।

### ଉଚ୍ଛେଦବେଳେ ଆପରାଧିକ ଯୋଜନା ଭଣ୍ଡୁର

ସବୁଠୁ ବଡ଼ କଥା ହେଉଛି, ଏହି ଜବରଦଖଲ ଉଚ୍ଛେଦବେଳେ ଆପରାଧିକ ଯୋଜନା ପାଇଁ ବୈଠକ ହେଉଥିବା ସ୍ଥାନ ମଧ୍ୟ ପୋଲିସ ନଜରକୁ ଆସିଥିଲା। ଉକ୍ତ ସ୍ଥାନରେ ସୋଫା ପଡ଼ିଥିବାବେଳେ ଭୋଜି ପାଇଁ ରୋଷେଇ ସରଞ୍ଜାମ ମଧ୍ୟ ଥିଲା। ଏପରିକି ପୋଲିସ ନଜରରୁ ବର୍ତ୍ତିବା ଉଦ୍ଦେଶ୍ୟରେ ଉକ୍ତ ସ୍ଥାନକୁ ଯିବା ପାଇଁ ଏକ ଛୋଟିଆ ଗଳି ରାସ୍ତା ମଧ୍ୟ କରାଯାଇଥିଲା। ଏସବୁ ଜଣାପଡ଼ିବା ପରେ ପୋଲିସ ଉକ୍ତ ସ୍ଥାନକୁ ମଧ୍ୟ ଜେସିବି ଦ୍ୱାରା ମାଟିରେ ମିଶାଇ ଦେଇଛି। ରାଘବ ପରିବାର ସହ ସେଠାରୁ କିଛି ଦୂରରେ ବିଳାସମୟ ଘରେ ରହୁଥିବାବେଳେ ଦୀର୍ଘବର୍ଷ ହେଲା ବସ୍ତି ଅଞ୍ଚଳରୁ ପାଉଥିବା ଉକ୍ତ ଭଡ଼ା ଟଙ୍କାରେ ଗ୍ୟାଙ୍ଗ୍ ଗଢ଼ି ସହରରେ ରାଜ୍ କରିବା ସହ ରୋଜଗାର ବଢ଼ାଇ ଚାଲିଥିଲେ। ଏଭଳି ପଦକ୍ଷେପ ଦ୍ୱାରା ତାଙ୍କ ରୋଜଗାର କମିବା ନେଇ ପୋଲିସ ଆଶା ରଖିଛି।

ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ଏ ସମ୍ପର୍କରେ ଖବରଦାତା ସମ୍ମିଳନୀରେ କହିଛନ୍ତି, ବିଏମ୍‌ସି ଜରିଆରେ ଲୋକମାନଙ୍କୁ ଘର ଛାଡ଼ିବାକୁ ନୋଟିସ୍ କରାଯାଇଥିଲା। ହେଲେ ସେମାନେ ନ ଯିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ତେବେ ଫେରାର ରାଘବଙ୍କ ନାଁରେ ବହୁ ଆପରାଧିକ ମାମଲା ରହିଥିବାବେଳେ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ପ୍ରୟାସ କରାଯାଉଥିବା ସେ କହିଛନ୍ତି।

### ଜମି ଅକ୍ତିଆର ପାଇଁ କୋଟିଏ ଟଙ୍କା ସୁପାରି ନେଇଥିଲେ ରାଘବ

ନୟାପଲ୍ଲୀ ଥାନା ନିକଟରେ ଥିବା ପ୍ଲଟ୍ ନଂ.୧୪୭୦ ବିବାଦୀୟ ଜମିରେ ସୁବାସ ଅଗ୍ରୱାଲ ଓ ସୁବାସ ସାମଲ ଘର ଭଡ଼ା ନେଇ ଦୋକାନ କରିଥିଲେ। ତେଣୁ ଏହି ବିବାଦୀୟ ଜମିକୁ ଅକ୍ତିଆର କରିବା ପାଇଁ ମାଲିକ ରଞ୍ଜିତଙ୍କଠାରୁ ରାଘବ ପ୍ରାୟ ୧ କୋଟି ଟଙ୍କା ସୁପାରି ନେଇଥିଲେ। ଗତ ୨୪ ତାରିଖ ବିଳମ୍ବିତ ରାତିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାଉନ୍ସର ବସ୍, ଜେସିବି ଓ ବାଇକ୍‌ରେ ଆସି ହଠାତ୍ ଦୋକାନକୁ ଭାଙ୍ଗିଦେବା ସହ ବହୁ ଟଙ୍କାର ଜିନିଷ ଚୋରିକରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁକରି ତଦନ୍ତ କରିଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ଓଡ଼ିଶା ବିଧାନସୌଧ ସମ୍ମୁଖ, ସକାଳ ୭ଟା ୩୦।
- ଜୟ ଓଡ଼ିଶା ଶକ୍ତି ପକ୍ଷରୁ ରକ୍ତଦାନ ଶିବିର, କ୍ୟାପିଟାଲ ହସ୍ପିଟାଲ, ସକାଳ ୯ଟା।
- ରୋଜଗାର ମେଳା ଉଦ୍‌ଘାଟନ, ରେଲ୍ ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ଜାତି ଜନଗଣନା ଦାବିରେ ମଣ୍ଡଳ କମିଶନର ଅଧ୍ୟକ୍ଷ ସ୍ୱର୍ଗତ ବି.ପି. ମଣ୍ଡଳଙ୍କ ଶ୍ରାଦ୍ଧବାର୍ଷିକୀରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର, ରାଜଭବନ, ଅପରାହ୍ନ ୧ଟା ୩୦।

କଟକ

- ଫତେ ମହାବୀର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବରେ ଜଳଯାତ୍ରା, ସୂର୍ଯ୍ୟପୂଜା ଓ ଯଜ୍ଞ ଆରମ୍ଭ, ପୁରୁଷୋତ୍ତମଜୀଉ ମନ୍ଦିର, ଖାନ୍‌ନଗର, ସକାଳ ୮ଟା।
- ରୋଜଗାର ମେଳାରେ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ଉତ୍ସବ, ରେଲୱେ ଇନ୍‌ଷ୍ଟିଚ୍ୟୁଟ୍, କଟକ ରେଲଷ୍ଟେଶନ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଡ. ସୌରୀବନ୍ଧୁ କରଙ୍କ ତୈଳଚିତ୍ର ଉନ୍ମୋଚନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।


ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିନ୍ତା ଓ ଚେତନା ପକ୍ଷରୁ ସଦସ୍ୟ ବାବା ରାମନାରାୟଣ ଦାସ ମହାରାଜ 'ନୀଳଚକ୍ର ସମ୍ମାନ' ପ୍ରଦାନ କରୁଛନ୍ତି।

# ରାଷ୍ଟ୍ରପତିଙ୍କୁ 'ନୀଳଚକ୍ର ସମ୍ମାନ'

**ସତ୍‌ମାର୍ଗ, ପ୍ରକୃତି ଅଭିମୁଖୀ ଶ୍ରେଷ୍ଠ ଆହ୍ୱାନ : ଦ୍ରୌପଦୀ ମୁର୍ମୁ**

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ଚିନ୍ତା ଓ ଚେତନା ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚଳିତ ବର୍ଷର 'ନୀଳଚକ୍ର ସମ୍ମାନ' ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟ ବାବା ରାମନାରାୟଣ ଦାସ ମହାରାଜଙ୍କଠାରୁ ରାଷ୍ଟ୍ରପତି ଏହି ସମ୍ମାନ ଗ୍ରହଣ କରିଥିଲେ। ସମ୍ମାନ ଫଳକ ସହ ନାଗୀ ଖଣ୍ଡୁଆ ପାଟ, ଆଜ୍ଞାମାଳ, ପତାକା, ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ ଅବସରରେ ରାଷ୍ଟ୍ରପତି ମୁର୍ମୁ କହିଲେ, ମାନବ ସମାଜକୁ ସତ୍‌ମାର୍ଗ ଓ ପ୍ରକୃତି ଅଭିମୁଖୀ କରାଇବା ବର୍ତ୍ତମାନର ଶ୍ରେଷ୍ଠ ଆହ୍ୱାନ। ଧରିତ୍ରୀ ମା' ପାଇଁ ସମସ୍ତେ ସଜାଗ ହୋଇ କାମ କରିବା ଉଚିତ। ଧରିତ୍ରୀ ବଞ୍ଚିଲେ ଆମେ ବଞ୍ଚିବା। ମଣିଷ ଭିତରେ ଦିବ୍ୟତ୍ୱର ବିକାଶ ଓ ପରିପ୍ରକାଶ ହେବା ଦରକାର ବୋଲି ରାଷ୍ଟ୍ରପତି କହିଛନ୍ତି।

ଅନୁଷ୍ଠାନ ଅଧ୍ୟକ୍ଷ ଶଶିଭୂଷଣ ବେହେରା ଓଡ଼ିଶାର ୩ ବରପୁତ୍ର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ନନ୍ଦିନୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ ୪୫ ବର୍ଷରେ ପଦାର୍ପଣ କରିଥିବା କହିଥିଲେ। ମହାସଚିବ ସୁରେନ୍ଦ୍ର ଦାସ କହିଲେ, ନୀଳଚକ୍ର ସମ୍ମାନ ଅଷ୍ଟଧାତୁରେ ପୂଜିତ। ଆଧ୍ୟାତ୍ମଶକ୍ତି ନୀଳଚକ୍ର ବିଶ୍ୱର ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯାଇଥାଏ। ସମସ୍ତଙ୍କ ପ୍ରିୟ ତଥା ଓଡ଼ିଶାର ଗର୍ବ ରାଷ୍ଟ୍ରପତିଙ୍କୁ ଏହି ସମ୍ମାନ ପ୍ରଦାନ କରିବା ସହିତ ଅନୁଷ୍ଠାନ ତାଙ୍କ ଆଶୀର୍ବାଦ ଲୋଡୁଛି ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ସହଦେବ ସାହୁ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ, ସାଂସ୍କୃତିକ ପରାମର୍ଶଦାତ୍ରୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ସୁବ୍ରତ ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଡ. ବିଜୟ କୁମାର ନାୟକଙ୍କ ଦ୍ୱାରା ମହାପ୍ରସାଦ ସେବନ କରାଯାଇଥିଲା।

## ମଡେଲ ଯୁଜି ସିଲାବସ ଲାଗୁ କରିବାକୁ ଯୋଜନା

**ସାମିଲ ହେବ ୧୦ ନୂଆ ଇଲେକ୍ଟିଭ ଓ ଦକ୍ଷତା ବିକାଶ ପାଠ୍ୟକ୍ରମ**

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ଜାତୀୟ ଶିକ୍ଷାନୀତିକୁ ଦୃଷ୍ଟିରେ ରଖି ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ +୩ ପାଠ୍ୟକ୍ରମ (କଳା, ବିଜ୍ଞାନ ଓ ବାଣିଜ୍ୟ) ବିଭାଗରେ ୧୦ଟି ନୂଆ ଇଲେକ୍ଟିଭ ଓ ୧୦ଟି ଦକ୍ଷତା ବିକାଶ ପାଠ୍ୟକ୍ରମ ଯୋଡାଯିବ। ଏହାକୁ ୨୦୨୨-୨୩ କିମ୍ବା ୨୩-୨୪ ଶିକ୍ଷାବର୍ଷରୁ ଏହାକୁ ଲାଗୁ କରିବା ଲାଗି ଯୋଜନା ହୋଇଥିଲା। ତେବେ ନୂତନ ଶିକ୍ଷାବର୍ଷରୁ ଏହି ବିଷୟଗୁଡିକ ପାଠ୍ୟକ୍ରମରେ ସାମିଲ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ପ୍ରକ୍ରିୟା ଚାଲିଛି। ମେନ୍ ପେପର ସହିତ ଇଲେକ୍ଟିଭରେ ଦକ୍ଷତା ବିକାଶ ପାଠ୍ୟକ୍ରମ ଓ ମୂଲ୍ୟଯୁକ୍ତ ଶିକ୍ଷା ସାମିଲ ଦ୍ୱାରା ଛାତ୍ରଛାତ୍ରୀ ବେଶ ଉପକୃତ ହେବେ। ମୂଲ୍ୟଯୁକ୍ତ ବିଷୟ ଗୁଡିକ ମଧ୍ୟରେ ପରିବେଶ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ମାଇଁ ଇଣ୍ଡିଆ ମାଇଁ ଷ୍ଟେଟ ଭଳି ବିଷୟ ରହିଥିବା ବେଳେ ଦକ୍ଷତା ବିକାଶ ପାଠ୍ୟକ୍ରମରେ ରିଜୋନିଙ୍ଗ, ଏଲିମେଣ୍ଟାରି ମାଥମେଟିକ୍ସ, ଡାଟା ହ୍ୟାଣ୍ଡଲିଂ, କମ୍ପ୍ୟୁଟର ଥ୍ରୀ-ଡି ଗ୍ରାଫିକ୍ସ, ଆବିଲିଟି ଏନ୍‌ହାନ୍ସମେଣ୍ଟ ଇନ କମ୍ୟୁନିକେସନ ଭଳି ବିଷୟ ରହିଛି। ଛାତ୍ରଛାତ୍ରୀ ପାଠପଢା ସରିବା ପରେ ସେମାନଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ପାଠ୍ୟକ୍ରମର ଲକ୍ଷ୍ୟ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସେହିପରି ଦକ୍ଷତା ପାଠ୍ୟକ୍ରମରେ ସାମିଲ ହୋଇଥିବା ବିଷୟ ଗୁଡିକରେ ପିଲାମାନେ କିପରି ଗବେଷଣାମୁଖୀ ହେବେ ସେ ନେଇ ମଧ୍ୟ ପରିଷଦ ପକ୍ଷରୁ ଯୋଜନା କରାଯାଇଛି ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପିଜି ନାମଲେଖା ଲାଗି ୧୯ ଯାଏ ଆବେଦନ

**୨୨ କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା**

ଭୁବନେଶ୍ୱର,୧୨।୪(ବ୍ୟୁରୋ): କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଆବେଦନ ପ୍ରକ୍ରିୟା ଆସନ୍ତା ୧୯ ତାରିଖରେ ଶେଷ ହେବ । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନେଇ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ପ୍ରଫେସର ଚକ୍ରଧର ତ୍ରିପାଠୀ କହିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ଟି ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ଏକକ ପ୍ରବେଶିକା ପରୀକ୍ଷା (ସିୟୁଇଟି) କରାଯିବ । ସମସ୍ତ ପ୍ରକ୍ରିୟାକୁ ଏନଟିଏ(ଜାତୀୟ ପରୀକ୍ଷା ଏଜେନ୍ସି) ପରିଚାଳନା କରିବ । ଭାଷାଭିତ୍ତିକ ବିଷୟ ବ୍ୟତୀତ ଅନ୍ୟ ସମସ୍ତ ବିଷୟ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ଅନୁଷ୍ଠିତ ହେବ । ଓ ୨୨ଟି ସହରରେ ପରୀକ୍ଷା କେନ୍ଦ୍ର ପାଇଁ ବ୍ୟବସ୍ଥା କରାଯାଇଥିବା ନେଇ କୁଳପତି ପ୍ରଫେସର ତ୍ରିପାଠୀ ସୂଚନା ଦେଇଛନ୍ତି । ଚଳିତ ବର୍ଷ ମଧ୍ୟ କୃଷି ବିଜ୍ଞାନ, ଜଙ୍ଗଲ ପରିଚାଳନା ଆଦି ନୂଆ ପାଠ୍ୟକ୍ରମ ଖୋଲିବା ପାଇଁ ପ୍ରସ୍ତାବ ରହିଥିବା କୁଳପତି କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ବିସି ପଟ୍ଟନାୟକ ଓ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଉପସ୍ଥିତ ଥିଲେ ।

# ଜଗବନ୍ଧୁଙ୍କ ଜାମିନ ଆବେଦନ, ଜବାବ ଦାଖଲ ପାଇଁ ସମୟ ନେଲା ଇଡି

ଭୁବନେଶ୍ୱର,୧୨।୪ (ବ୍ୟୁରୋ)

**ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲା**

- ଇଡି ମାମଲାରେ ଜାମିନ ଆବେଦନ ହୋଇଥିଲା
- ନୟାପଲ୍ଲୀ ମାମଲାରେ ମଙ୍ଗଳବାର ଅର୍ଚ୍ଚନାଙ୍କୁ ଜାମିନ ମିଳିଥିଲା


ଅର୍ଚ୍ଚନା ନାଗ


ଜଗବନ୍ଧୁ ଚାନ୍ଦ

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ବୁଧବାର ଶୁଣାଣି ହୋଇଛି। କାହିଁକି ଜଗବନ୍ଧୁଙ୍କୁ ଜାମିନ ଦିଆ ନ ଯିବ ସେନେଇ ଜବାବ ଦାଖଲ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ କୋର୍ଟ କହିଥିଲେ। ତେବେ ଏହାର ଜବାବ ଦାଖଲ ପାଇଁ ଇଡି ସମୟ ନେଇଛି। ପରବର୍ତ୍ତୀ ଶୁଣାଣିରେ ଜବାବ ଦାଖଲ କରାଯିବ ବୋଲି ଇଡି ପକ୍ଷରୁ କୁହାଯାଇଛି। ଜଗବନ୍ଧୁଙ୍କ ପକ୍ଷରୁ ଓକିଲ ବିଶ୍ୱଚନ୍ଦନ ମହାନ୍ତି ଓ ଜୟଦୀପ ପାଲ କିଛିଦିନ ତଳେ ହାଇକୋର୍ଟରେ ବେଲ୍ ପିଟିଶନ୍ ଦାଖଲ କରିଥିଲେ। ଜଷ୍ଟିସ୍ ଭି. ନରସିଂହ ଏହି ପିଟିଶନ୍‌ର ଶୁଣାଣି କରୁଛନ୍ତି। ଅନ୍ୟପକ୍ଷରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ କରିବା ନେଇ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ଅର୍ଚ୍ଚନାଙ୍କୁ ହାଇକୋର୍ଟ ମଙ୍ଗଳବାର ଜାମିନ ଦେଇଛନ୍ତି। ହେଲେ ଇଡି ଓ ଖଣ୍ଡଗିରି ଥାନାରେ ତାଙ୍କୁ ଜାମିନ ମିଳି ନ ଥିବାରୁ ସେ ଜେଲରେ ରହିଛନ୍ତି। ସେହିପରି ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱର ପାତ୍ର ମଧ୍ୟ ବହୁଦିନ ଧରି ଜେଲରେ ଦିନ କାଟୁଛନ୍ତି। ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଦ୍ୱାରା ଅର୍ଚ୍ଚନା ବ୍ଲାକ୍‌ମେଲ କରି ଧମକ ଦେବା ସହ ଟଙ୍କା ମାଗୁଥିବା ନେଇ ଅକ୍ଷୟ ପରିଜା ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଏତଲା କରିଥିଲେ। ମାମଲାରେ ପୋଲିସ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ହନିଟ୍ରାପରେ ଫସାଇବାକୁ ବାଧ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଏତଲା ଦେଇଥିଲେ। ପୋଲିସ ଅର୍ଚ୍ଚନା ଓ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ମାମଲାରେ ଇଡି ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସାଗର


@ ଦୀପକ


@ ପୂଜା


@ ହର୍ଷିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୨୩ରୁ ୩ ଦିନ ପାଳନ ହେବ ଜୟଦେବ ଜୟନ୍ତୀ

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ଆସନ୍ତା ୨୩ ତାରିଖ ଅକ୍ଷୟ ତୃତୀୟାଠାରୁ ୩ଦିନ ଧରି ଜୟଦେବ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏଥି ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟସୂଚୀ ଅନୁମୋଦନ କରାଯାଇଛି। ୨୩ ତାରିଖ ସକାଳ ୭ରେ ଅନନ୍ତ ବାସୁଦେବ ମନ୍ଦିର ନିକଟରୁ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି ଲିଙ୍ଗରାଜ ମନ୍ଦିର, ରାମଚନ୍ଦ୍ର ମିଶ୍ରଙ୍କମଠ, ନିଗମାନନ୍ଦଙ୍କ ମଠ ପରିକ୍ରମା କରି ବାଳକାଟୀ ମଦନମୋହନ ମନ୍ଦିର ଓ ଶିଶୁଅନନ୍ତ ଆଶ୍ରମଠାରେ ପହଞ୍ଚିବ। ମଧ୍ୟାହ୍ନ ବିରତି ପରେ ଏହି ଦଳ କେନ୍ଦୁଲି ଅଭିମୁଖେ ଯାତ୍ରା କରିବ। କଟକ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ସନ୍ଧ୍ୟା ୬ରୁ ୮ଟା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୨୪ ତାରିଖ ସକାଳ ୭ରେ ଅଡସପୁର ବଜାରଠାରୁ ପରିକ୍ରମା ବାହାରି ନିଆଳି ଶୋଭନେଶ୍ୱର ମନ୍ଦିର ଦେଇ ନିଆଳି ମାଧବ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିବ। ଅପରାହ୍ନ ୪ଟାରେ ପୁରୀର ଚାରିଛକଠାରେ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି କାକଟପୁର ବିଶ୍ୱାମିତ୍ର ଆଶ୍ରମଦେଇ କାକଟପୁର ମଙ୍ଗଳାମନ୍ଦିରଠାରେ ଶେଷ ହେବ। ୨୫ ତାରିଖ ସକାଳ ୮ଟାରେ କୋଣାର୍କଠାରୁ ସଂକୀର୍ତ୍ତନ ପରିକ୍ରମା ଆରମ୍ଭ ହୋଇ ରାମଚଣ୍ଡୀ ମନ୍ଦିର ଓ ବିଭିନ୍ନ ଅଞ୍ଚଳ ଦେଇ ପୁରୀଠାରେ ପହଞ୍ଚିବା ପରେ ସନ୍ଧ୍ୟାରେ ବଡଦାଣ୍ଡଠାରେ ସାଂସ୍କୃତିକ ସଭା କରାଯାଇ ଏହି ପରିକ୍ରମା ଶେଷ ହେବ। ସେହିପରି ୨୩ ତାରିଖ ସନ୍ଧ୍ୟାରେ ସୂଚନା ଭବନଠାରେ ଜୟଦେବ ସାଂସ୍କୃତିକ ପରିଷଦ ଦ୍ୱାରା ଏକ ଆଲୋଚନାଚକ୍ର ଓ ବିଭାଗ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏନେଇ ଅନୁଷ୍ଠିତ ବୈଠକରେ ବିଭାଗର ବରିଷ୍ଠ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଶୁଚିସ୍ମିତା ମନ୍ତ୍ରୀ, ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନର ସଚିବ ସୁନୀଲ କୁମାର ପଟ୍ଟନାୟକ ଏବଂ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ପନ୍ଥା ସ୍ଥିର କରିଥିଲେ।

## କୁକୁର ଆକ୍ରମଣରେ ହରିଣ ମୃତ

ବାରଙ୍ଗ,(ଡି.ଏନ୍.ଏ.) : ନନ୍ଦନକାନନରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ବୁଧବାର ଏକ ଚିତ୍ରାହରିଣ ଅନ୍ୟ ହରିଣଙ୍କ ସହିତ ବୁଲାବୁଲି କରୁଥିବାବେଳେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲା। କୁକୁରଟି ହରିଣକୁ ଗୋଡାଇ ଆକ୍ରମଣ କରିବା ସହ ବେକକୁ କାମୁଡି ଧରି ଘୋଷାଡୁ ଥିବା ଦୃଶ୍ୟକୁ ପର୍ଯ୍ୟଟକମାନେ ମୋବାଇଲରେ କଏଦ କରି ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ ପାଖକୁ ପଠାଥିଲେ। କିନ୍ତୁ ପ୍ରାଣୀ ବିଭାଗର କୌଣସି ଅଧିକାରୀ କିମ୍ବା ଡାକ୍ତରମାନେ ମଧ ଆସି ନ ଥିଲେ। ଫଳରେ ଘଟଣାସ୍ଥଳରେ ହରିଣଟିର ମୃତ୍ୟୁ ଘଟିଥିଲା। ହରିଣଟି ମାଈ ଓ ପ୍ରାୟ ୨ବର୍ଷ ହେବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

ଭୁବନେଶ୍ୱର,୧୧।୪(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟର ୨୦୦୮-୧୦ ବ୍ୟାଚର ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ ଏମ୍‌କେସିଜି ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଉନ୍ନତି ଦିଗରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ୨୦୦୮-୧୦ ବ୍ୟାଚର ଛାତ୍ର ସଂସଦ ସଭାପତି ତଥା ବର୍ତ୍ତମାନ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ଚିନ୍ମୟ ସାହୁ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନେ ବିଭିନ୍ନ ସମସ୍ୟାକୁ ଦୂର କରିବା ସହିତ ବିଶ୍ୱବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରିବା ପାଇଁ ପରାମର୍ଶ ଦେଇଥିଲେ। ଧର୍ମଗୁରୁ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଯୋଗଦେଇ ଜୀବନଦର୍ଶନ ଓ ମାନବିକ ମୂଲ୍ୟବୋଧ ଉପରେ ମତ ରଖିଥିଲେ। ଡ. ତନ୍ମୟ ସ୍ୱାଇଁ, ଇନ୍ଦ୍ରବାଦଲ ମହାନ୍ତି, ସୁଜ୍ଞାନୀ ଦଳାଇ, ଗୌରାଙ୍ଗ ପାତ୍ରୀ, ମନୋଜ ବିଶ୍ୱାଳ, ଜୟବ୍ରତ ଦାସ, ଓ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ତାଙ୍କର ଅତୀତର ସ୍ମୃତିଚାରଣ କରିଥିଲେ।

### ବୀମା ଆଳରେ ୧୭ ଲକ୍ଷ ଠକେଇ, ଦିଲ୍ଲୀରୁ ୨ ଗିରଫ



ଭୁବନେଶ୍ୱର,୧୨।୪ (ବ୍ୟୁରୋ) : ବୀମା ପଲିସିରେ କିଭଳି ଅଧିକ ମାଚ୍ୟୁରିଟି ମିଳିବ ତାର ଲୋଭ ଦେଖାଇ ଜଣେ ମହିଳାଙ୍କଠାରୁ ୧୭ ଲକ୍ଷ ଠକେଇ ଘଟଣାରେ ସାଇବର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ମୁଖ୍ୟ ଅଭିଯୁକ୍ତ ବିକାଶ ସିଂ ଓ ରାଉରକେଲାରେ ରହୁଥିବା ଦିଲ୍ଲୀର ଆକାଶ ମୁଖାର୍ଜୀ। ସେମାନଙ୍କ ନିକଟରୁ ୨ ଲକ୍ଷ ୩ ହଜାର ୮୦୦ ଟଙ୍କା, ବିଭିନ୍ନ କମ୍ପାନୀର ୬ଟି ମୋବାଇଲ, ଗୋଟିଏ ଲାପ୍‌ଟପ୍, ବହୁ ପ୍ରି ଆକ୍ଟିଭ୍ ସିମ୍, ୨ଟି ପାସ୍‌ବୁକ ସହ ଏଟିଏମ୍ କାର୍ଡ ଜବତ କରାଯାଇଛି। ଏହାସହ ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ୩ ଲକ୍ଷ ୨୨ ହଜାର ୧୭୯ ଟଙ୍କାକୁ ସାଇବର ପୋଲିସ ଫ୍ରିଜ୍ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବିକାସ ନିଜକୁ ଜଣେ ଓକିଲ କହିବା ସହ ଏକ କୋର୍ଟରେ ଅଭ୍ୟାସ କରୁଥିବା ପୋଲିସ ଆଗରେ କହିଛି। ତେଣୁ ଏହାର ସତ୍ୟତା ଜାଣିବା ଲାଗି ପୋଲିସ ତଦନ୍ତ ଜାରି ରଖିଛି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୧୨।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଏକ ନିଶା ନିବାରଣ କେନ୍ଦ୍ର ନାମରେ ପୁଣି ଥରେ ଆସିଛି ସଙ୍ଗୀନ ଅଭିଯୋଗ। ନିଶା ଛଡ଼ାଇବା ଆଳରେ ସେଠାରେ ଜଣେ ଅନ୍ତେବାସୀଙ୍କୁ ହତ୍ୟା କରାଯାଇଥିବା ବୁଧବାର ଧଉଳି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ବିକ୍ରମ କେଶରୀ ଲେଙ୍କା (୨୩)। ବାପା ବିଜୟ କୁମାର ଲେଙ୍କାଙ୍କ ଏତାଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୬୮/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଚିତ୍ତରଞ୍ଜନ ଦାସ କହିଛନ୍ତି।

ସୂଚନାନୁଯାୟୀ, ବିକ୍ରମ କିଛିଦିନ ହେଲା ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ତେଣୁ ତାଙ୍କୁ ସୁଧାରିବା ପାଇଁ ପରିବାର ଲୋକେ ଗତ ମାସ ୧୪ତାରିଖରେ ଧଉଳି ଅଞ୍ଚଳରେ ଥିବା 'ଶ୍ରଦ୍ଧା' ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୁଧବାର ଅପରାହ୍ଣରେ ବିକ୍ରମ

### ମୃତଦେହ ଜବତ କରି ପୋଲିସର ଛାନ୍‌ଭିନ

ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ନେଇ କର୍ମଚାରୀମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ହାଇଟେକ୍ ମେଡିକାଲରେ ବିକ୍ରମଙ୍କୁ ଅଣାଯାଇଥିବା ଜଣାପଡ଼ିବା ପରେ ବାପା ଓ ଅନ୍ୟମାନେ ସେଠାକୁ ଆସିଥିଲେ। ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ ବାପା। ପରେ ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ନିଶା ନିବାରଣ କେନ୍ଦ୍ରରେ ଏଭଳି ନିର୍ଯାତନା ଘଟଣା ପୂର୍ବରୁ ମଧ ନଜିର ରହିଛି। ୨ ମାସ ତଳେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସାଇକ୍ରୁପା ନିଶା ନିବାରଣ କେନ୍ଦ୍ରରେ ସର୍ବେଶ୍ୱର ବେହେରାଙ୍କୁ ମଧ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ବିଭିନ୍ନ ନିଶା ନିବାରଣ କେନ୍ଦ୍ରରେ ନିଶା ଛଡ଼ାଇବା ଆଳରେ ଏଭଳି ଘଟଣା ଘଟାଯାଉଥିବାରୁ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହେବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ଦାବି ହେଉଛି।





କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଅନୁଷ୍ଠିତ ନୀଳମଣି ମିଶ୍ରଙ୍କ ଜୟନ୍ତୀ ଉତ୍ସବରେ ପୁସ୍ତକ 'ପାଣ୍ଡୁଲିପି ସମ୍ପାଦନା' ଲୋକାର୍ପଣ କରାଯାଉଛି।

# ନୀଳମଣି ମିଶ୍ରଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୧୨।୪(ଡି.ଏନ୍.ଏ.)

ବିଶିଷ୍ଟ ଲେଖକ ନୀଳମଣି ମିଶ୍ରଙ୍କ ୯୪ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଲେଖକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ଥିବାବେଳେ ଲେଖିକା ଶକୁନ୍ତଳା ବଳିୟାର ସିଂ ସମ୍ମାନିତ ଅତିଥିଭାବେ ଏବଂ ବିଶିଷ୍ଟ ପୋଥି ବିଶାରଦ ଡ. ମମତା ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ପଣ୍ଡିତ ନୀଳମଣିଙ୍କ ଭଳି ଜଣେ ଯୋଗଜନ୍ମା ପ୍ରତିଭା ଆମ ରାଜ୍ୟ ପାଇଁ ଗୌରବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ବିଶିଷ୍ଟ ଅନୁବାଦକ ଡ. ହରିପଦ ଶତପଥୀଙ୍କୁ ପଣ୍ଡିତ ନୀଳମଣି ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ମାନପତ୍ର ପାଠ କରିଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଗବେଷଣାତ୍ମକ ପୁସ୍ତକ ପାଣ୍ଡୁଲିପି ସମ୍ପାଦନା ଲୋକାର୍ପିତ ହୋଇଥିଲା।

# 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'





ବିଷୁବ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ଅଫିସ,୧୨।୪

ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ଭାବଗତ ଐକ୍ୟ ସ୍ଥାପନା କରିବାର ଲକ୍ଷ୍ୟ ନେଇ ଝଙ୍କାର ପତ୍ରିକା ପ୍ରକାଶ କରିଥିଲେ। ଏହା ଲେଖକଙ୍କର ପରିଚୟ ସୃଷ୍ଟି କରିବା ସହ ଓଡ଼ିଆ ସାହିତ୍ୟ ପ୍ରଚାର ପ୍ରସାର ଦିଗରେ ଦୀର୍ଘ ୭୫ ବର୍ଷ ଧରି ଜୟଯାତ୍ରା ଜାରି ରଖିଛି ବୋଲି ଔପନ୍ୟାସିକ ବିଭୂତି ପଟ୍ଟନାୟକ କହିଛନ୍ତି। କଟକ ବିହାରୀବାଗ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପଠାରେ ୭୪ତମ ଝଙ୍କାର ଜନ୍ମୋତ୍ସବ ଓ ବିଷୁବ ମିଳନ ଉତ୍ସବକୁ ଔପନ୍ୟାସିକ ପଟ୍ଟନାୟକ ଉଦ୍‌ଘାଟନ କରି ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ଇଂଲିଶ ସାହିତ୍ୟିକ ଜେରି ପିଣ୍ଟୋ କହିଥିଲେ, ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ପତ୍ରିକାର ସମ୍ପାଦକ ଭର୍ତ୍ତୃହରି ମହତାବ କହିଥିଲେ, ସାହିତ୍ୟ ପତ୍ରିକା ଝଙ୍କାର ଦୀର୍ଘ

### ପ୍ରଜାତନ୍ତ୍ରର ବିଷୁବ ମିଳନ

ବର୍ଷ ଅତିକ୍ରାନ୍ତ କରିବା ନିଶ୍ଚିତ ଭାବରେ ପତ୍ରିକା ଜଗତ ପାଇଁ ଶୁଭ ଖବର। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଅଧକ୍ଷତା କରି କହିଥିଲେ, ବିଷୁବ ମିଳନ ଏପରି ଏକ ସୁଯୋଗ ଯାହାକୁ ଅନୁଭବ କରିବା ପାଇଁ ସମସ୍ତେ ଅପେକ୍ଷା କରିଥା'ନ୍ତି। ଏଥିପାଇଁ ନିମନ୍ତ୍ରଣ ଲୋଡ଼ାଯାଏ ନାହିଁ। ସମୟର ସ୍ରୋତରେ ଅନେକ କିଛି ଘଟଣା ଘଟିଯାଇଛି। ତଥାପି ଝଙ୍କାର ତାହାର ଗୌରବ ଏବଂ ପ୍ରତିଷ୍ଠା ଆଜିପର୍ଯ୍ୟନ୍ତ ବଜାୟ ରଖିଛି। ସାହିତ୍ୟ ତିଆରି କରିବାରେ ଝଙ୍କାରର ଅବଦାନକୁ ଓଡ଼ିଆ ଜାତି କେବେ ଭୁଲିପାରିବ ନାହିଁ। ଡକ୍ଟର ବାବାଜୀ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା।

# ଏମ୍‌ଫିଲ ବାଣିଜ୍ୟ ବିଭାଗରେ ପ୍ରିୟଙ୍କାଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରରେ ୨୦୨୧-୨୨ରେ ଅନୁଷ୍ଠିତ ହୋଇଥିବା ମାଷ୍ଟର ଅଫ୍ ଫେଲୋଶିପ୍ (ଏମ୍‌ଫିଲ୍- ବାଣିଜ୍ୟ) ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରିୟଙ୍କା ରାଉତଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ବୁଧବାର ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଦୀକ୍ଷାନ୍ତ ସମାରୋହରେ ଏହି ସମ୍ମାନ ଦିଆଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରିୟଙ୍କାଙ୍କୁ ପ୍ରମାଣ ପତ୍ର ସହିତ ବିଶ୍ୱବିଦ୍ୟାଳୟ ଟପ୍ପର ପଦକ ପ୍ରଦାନ କରିଥିଲେ। କେନ୍ଦୁଝର ନିବାସୀ



ତାପସ ରାଉତ ଏବଂ ପ୍ରମୋଦିନୀ ରାଉତଙ୍କ କନ୍ୟା ପ୍ରିୟଙ୍କା ହେଉଛନ୍ତି ଭୁବନେଶ୍ୱରବାସୀ ଅଭିଷେକ ଖୁଣ୍ଟିଆଙ୍କ ସ୍ତ୍ରୀ ତଥା ଅଶୋକ ଖୁଣ୍ଟିଆ ଏବଂ ଜ୍ୟୋସ୍ନାରାଣୀ ଖୁଣ୍ଟିଆଙ୍କ ବୋହୂ।

# ଡକାୟତି ଯୋଜନା, ୬ ଗିରଫ

ଭୁବନେଶ୍ୱର,୧୨।୪ (ବ୍ୟୁରୋ)

### ବୋଲେରୋ, ମାରଣାସ୍ତ୍ର ଜବତ



ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଭରତପୁର ଥାନା ପୋଲିସ ଚଢାଉ କରି ୬ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଛି। ଫଳରେ ଏକ ବଡଧରଣର ଡକାୟତି ଯୋଜନା ପଣ୍ଡ ହୋଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାର ସହଦେବ ପାଟଶାଣୀ ଓରଫ ଗେଡା, ଉଜିର ଖାନ୍, ଜଗନ୍ନାଥ ବେହେରା, ଏସ୍‌କେ ଅଫ୍‌ସର ଅଲ୍ଲି ଏବଂ ନୟାଗଡର ପ୍ରଶାନ୍ତ ମୁଦୁଲି ଓ ବାପୁନି ମୁଦୁଲି। ଏମାନଙ୍କଠାରୁ ଏକ ବୋଲେରୋ, ଗୋଟିଏ ଖଣ୍ଡା, କଟୁରି, ଛୁରି, ଲୁହା ରଡ୍,୨ ବ୍ଲେଡ୍ ଓ ଲଙ୍କା ଗୁଣ୍ଡା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬୩/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଉଜିରଙ୍କ ନାମରେ ପୂର୍ବରୁ ମଧ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧାର ବିଭିନ୍ନ ଥାନାରେ ମୋଟ ୯ଟି ମାମଲା ରହିଛି। ସେହିପରି ଅଭିଯୁକ୍ତ ସହଦେବଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୩ଟି ମାମଲା ରହିଥିବାବେଳେ ଅଭିଯୁକ୍ତ ଜଗନ୍ନାଥଙ୍କ ନାମରେ ପୂର୍ବରୁ ଖୋର୍ଦ୍ଧା ଟାଉନ୍ ଥାନାରେ ଗୋଟିଏ ମାମଲା ରହିଛି।

ସୂଚନାନୁସାରେ, ଆଇଗିଣିଆ ମଶାଣି ପଡିଆ ନିକଟରେ ଥିବା ଏକ ନିର୍ଜନ ସ୍ଥାନରେ ଅଭିଯୁକ୍ତମାନେ ଏକତ୍ରିତ ହୋଇ ବଡ଼ଧରଣର ଡକାୟତି ଯୋଜନା କରୁଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢାଉ କରିଥିଲା। ଚାରିପଟୁ ପୋଲିସ ଘେରିଯିବା ସହ ୬ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଥିଲା।

# ଦରମା ଅସଙ୍ଗତି ଦୂରୀକରଣ ଦାବି ଜୋର୍ ଧରିଲା

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

### ଓଡ଼ିଶା ସଚିବାଳୟ ସେବା ସଂଘର ସମାବେଶ



ସହକାରୀ ଉପବିଭାଗ ଅଧିକାରୀ(ଏଏସ୍‌ଓ) ପଦବୀ ସୃଷ୍ଟି ହେବାର ୧୫ ବର୍ଷ ପରେ ମଧ କେନ୍ଦ୍ର ସଚିବାଳୟ ହାରରେ ଦରମା ସମୀକରଣକୁ ସରକାର ଅଣଦେଖା କରିଆସୁଛନ୍ତି। ଦୀର୍ଘ ଦିନ ଧରି ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉ ନାହିଁ ବୋଲି ବୁଧବାର ମଧାହ୍ନ ବିରତି ସମୟରେ ଲୋକସେବା ଭବନ ପରିସରରେ ଆୟୋଜିତ ବିକ୍ଷୋଭ ସମାବେଶରେ ମତ ପ୍ରକାଶ ପାଇଛି। ଏହି ସମାବେଶରେ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ, ସଂଚାର ଭବନ, ପର୍ଯ୍ୟଟନ ଭବନ ଏବଂ ସଚିବାଳୟ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ଓଡ଼ିଶା ସଚିବାଳୟ ସେବା ବର୍ଗ (ଓଏସ୍‌ଏସ୍)ର ଶତାଧିକ ଅଧିକାରୀ ଯୋଗ ଦେଇଥିଲେ।

ପ୍ରକାଶଥାଉ କି, ନିକଟ ଅତୀତରେ ଏହି ସେବା ବର୍ଗ (ଓଏସ୍‌ଏସ୍ କ୍ୟାଡର) ରେ ଗ୍ରୁପ-କ ରେ ନୂତନ ପଦବୀ ସୃଷ୍ଟି କରାଯାଇଥିବାରୁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ମାତ୍ର ଏଏସ୍‌ଓଙ୍କୁ କେନ୍ଦ୍ର ସଚିବାଳୟ ହାରରେ ଦରମା ପ୍ରଦାନ କରା ନ ଯିବାକୁ ନେଇ ସଂଘର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘଦିନ ଧରି ଏହି ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବାରୁ ଏହା ଯେକୌଣସି ସମୟରେ ବିସ୍ଫୋରକ ରୂପ ଧାରଣ କରିପାରେ ବୋଲି ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଦରମା ଅସଙ୍ଗତି ଦୂରୀକରଣ ଓ ଯୁକ୍ତିଯୁକ୍ତ କ୍ୟାଡର ପୁନର୍ଗଠନ ଦାବି ପୂରଣ ନିମନ୍ତେ ସଦସ୍ୟାସଦସ୍ୟଙ୍କ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରି ସଂଘର ସଦସ୍ୟମାନଙ୍କ ସହ ଆଲୋଚନା କରିବାକୁ ନିବେଦନ କରାଯାଇଛି। ଏହି ସମାବେଶକୁ ସଂଘର ସଭାପତି ଅଜୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିବାବେଳେ ଉପସଭାପତି ପ୍ରତ୍ୟୁଷ କୁମାର କଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍ସ-ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୨।୪ (ବ୍ୟୁରୋ)



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଏମ୍ସ ଭୁବନେଶ୍ୱର ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ପ୍ରଥମକରି ଦୁଇ ପ୍ରମୁଖ ଅନୁଷ୍ଠାନ ମଧ୍ୟରେ ହୋଇଥିବା ଏହି ବୁଝାମଣା ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ସମ୍ମିଶ୍ରଣ ଘଟିବ। ଏଥିସହ ସ୍ୱାସ୍ଥ୍ୟସେବାକୁ ଏକ ନୂତନ ଦିଶା ଦେବା ସହିତ ବିଭିନ୍ନ କ୍ଷେତ୍ରରେ ଗବେଷଣା ଓ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କରମାଲକର ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ରୋଗର ତ୍ୱରିତ ଚିହ୍ନଟ, ଶୀଘ୍ର ନିରାକରଣ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଏବଂ ତଥ୍ୟର ବିଶ୍ଳେଷଣ, ଜୈବ ପ୍ରାଦ୍ୟୋଗିକ ଜ୍ଞାନକୌଶଳ, ରୋଗର ପୂର୍ବାନୁମାନ କୌଶଳ ସୃଷ୍ଟି, ଡିଜିଟାଲ ସ୍ୱାସ୍ଥ୍ୟ, ଚିକିତ୍ସା କ୍ଷେତ୍ର ନିମନ୍ତେ ବିଭିନ୍ନ ଉପକରଣର ବିକାଶ ଏବଂ ଉନ୍ନତ ଗବେଷଣା ନିମନ୍ତେ ସହଯୋଗ କରିବାକୁ ସହମତ ହୋଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ରୋଗର ନିରାକରଣ ଓ ଚିକିତ୍ସାରେ ବେଶ ସହାୟକ ହେବ ବୋଲି ଡା. ବିଶ୍ୱାସ କହିଛନ୍ତି। ସେହିପରି ଆଇଆଇଟି ଭୁବନେଶ୍ୱର ଓ ଏମ୍ସ ମଧ୍ୟରେ ହୋଇଥିବା ବୁଝାମଣା ରାଜ୍ୟ ତଥା ସମଗ୍ର ଦେଶରେ ସାମାଜିକ ପ୍ରଭାବ ବୃଦ୍ଧି କରିବ। ଜନହିତକର କାର୍ଯ୍ୟ ପାଇଁ ଏହି ପ୍ରୟାସ ବେଶ ସଫଳ ହେବ ବୋଲି ଶ୍ରୀପଦ କହିଛନ୍ତି। ଡାକ୍ତରୀ ଓ ବୈଷୟିକ ଛାତ୍ରୀଛାତ୍ରଙ୍କ ପାଇଁ ଉଭୟ ଅନୁଷ୍ଠାନ ପକ୍ଷରୁ ଏକାଧିକ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ଆରମ୍ଭ କରିବା ନେଇ ଯୋଜନା ରହିଛି। ସେହିପରି ଅଧାପକ ଓ ଛାତ୍ର ବିନିମୟ କାର୍ଯ୍ୟକ୍ରମ ସହିତ ତାଲିମ ପାଠ୍ୟକ୍ରମର ପ୍ରବର୍ତ୍ତନ ଏ କ୍ଷେତ୍ରରେ ଉତ୍କର୍ଷ ଆଣିବ ବୋଲି ସୂଚନା ଦିଆଯାଇଛି। ଏମ୍‌ଓୟୁ ସମୟରେ ଏମ୍ସ ଭୁବନେଶ୍ୱର ଷ୍ଟାଣ୍ଡିଂ ଏକାଡେମିକ କମିଟି ଅଧକ୍ଷ ପ୍ରଫେସର ଯୋଗେଶ କେ ଚାୱଲା, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ସହଯୋଗୀ ଡିନ (ଅନୁସନ୍ଧାନ) ଡା. ଭାଗୀରଥି ଦ୍ୱିବେଦୀ, ଭେଷଜ ବିଭାଗ ମୁଖ୍ୟ ଡା. ଅନୁପମ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# କବି ପାଇଁ ଭୁବନେଶ୍ୱର ଏକ ଅନନ୍ୟ ଆବିଷ୍କାର





କାର୍ଯ୍ୟକ୍ରମରେ ଅତିଥିମାନେ 'ଭୁବନେଶ୍ୱର' ଶୀର୍ଷକ କବିତା ସଂକଳନକୁ ଲୋକାର୍ପିତ କରୁଛନ୍ତି।

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ଐତିହ୍ୟ ଓ ଆଧୁନିକତା ଭୁବନେଶ୍ୱରର ସ୍ୱାତନ୍ତ୍ର୍ୟ ହୋଇଥିବାବେଳେ ସାମାଜିକ ତଥା ସାଂସ୍କୃତିକ ପରିସ୍ଥିତିର କ୍ରମ ପରିବର୍ତ୍ତନ ମଧ ପରିଲକ୍ଷିତ ହେଉଛି। ଭୁବନେଶ୍ୱର ପ୍ରାଚୁର୍ଯ୍ୟ ଓ ଅନଟନର ସହର, ପୁଣି ପ୍ରଭୁତ୍ୱ ଏବଂ ପୀଡ଼ାର ସହର ବୋଲି ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ଭୁବନେଶ୍ୱର' ଶୀର୍ଷକ କବିତା ସଂକଳନର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଟକର ଆଦିତ୍ୟେ ଭାରତ ପକ୍ଷରୁ ବୁଧବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ଆଶୁତୋଷ ପରିଡ଼ା ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ଏହି ଅବସରରେ ପଣ୍ଡା କହିଥିଲେ, ଭୁବନେଶ୍ୱରର ଥିବା ସ୍ଥାନୀୟତାର ବ୍ୟାପକ ସଂଜ୍ଞା କବିତାଗୁଡ଼ିକରେ ରୂପାୟିତ ହୋଇଛି। ପ୍ରତ୍ୟେକ କବି ପାଇଁ ଭୁବନେଶ୍ୱର ଏକ ଅନନ୍ୟ ଆବିଷ୍କାର ବୋଲି କବିମାନେ ମତପ୍ରକାଶ କରିଥିଲେ। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କ ସଂପାଦିତ ଏହି ସଂକଳନରେ ୭୫ ଜଣ କବିଙ୍କର କବିତା ସ୍ଥାନିତ ହୋଇଛି। ପ୍ରକାଶକ ଦେବାଶିଷ ସାମନ୍ତରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜଧାନୀର ବହୁ କବି, ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ପିଅନଙ୍କୁ ୩ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧୨।୪ (ବ୍ୟୁରୋ)

ଜାଲ ଦସ୍ତାବିଜ୍ ଜରିଆରେ ଚାକିରି ମାମଲାର ଦୀର୍ଘ ୧୧ବର୍ଷ ପରେ ବୁଧବାର ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ବାହାଡ଼ଝୋଲ ରେଗୁଲେଟେଡ୍ ମାର୍କେଟ କମିଟି (ଆର୍‌ଏମ୍‌ସି)ର ପୂର୍ବତନ ମାର୍କେଟ୍ ସରକାର ତଥା ଅବସରପ୍ରାପ୍ତ ପିଅନ ବଂଶୀଧର ମହାପାତ୍ରଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ଏହି ମାମଲାର ୩ଟି ଦଫାରେ ତାଙ୍କୁ ୨୦ ହଜାର ଲେଖାଏ ମୋଟ ୬୦ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଦଣ୍ଡାଦେଶ ଆଧାରରେ ବଂଶୀଧରଙ୍କ ପେନ୍‌ସନ୍ ରାଶି କାଟିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ବଂଶୀଧର ଜାଲ ପ୍ରମାଣପତ୍ର ଦେଇ 'ଆର୍‌ଏମ୍‌ସି'ରେ ଗତ ୧୯୭୫ ଅଗଷ୍ଟ ୨୦ରେ ଚାକିରି କରିଥିଲେ। ବଂଶୀଧରଙ୍କ ପ୍ରକୃତ ଜନ୍ମ ତାରିଖ ୧୯୫୫ ଅଗଷ୍ଟ ୧ ହୋଇଥିବାବେଳେ ସ୍କୁଲ ଲିଭିଂ ସାର୍ଟିଫିକେଟ୍‌ରେ ୧୯୫୧ ଏପ୍ରିଲ ୨୩ ଦର୍ଶାଇଥିଲେ। ଗୋପିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠରେ ସେ ପାଠ ପଢ଼ି ନ ଥିଲେ ମଧ ସେଠାକାର ଜାଲ ଲିଭିଂ

### ଜାଲ୍ ଦସ୍ତାବିଜ୍‌ରେ 'ଆର୍‌ଏମ୍‌ସି'ରେ ଚାକିରି

- ୬୦ ହଜାର ଅର୍ଥଦଣ୍ଡରେ ମଧ ଦଣ୍ଡିତ ହେଲେ
- ଜନ୍ମ ତାରିଖ ୪ ବର୍ଷ କମ୍ ଦେଖାଇ ଚାକିରି କରିଥିଲେ

ସାର୍ଟିଫିକେଟ୍ ଦାଖଲ କରିଥିଲେ। ଏନେଇ ଜଣେ ବ୍ୟକ୍ତି ୨୦୧୧ରେ ଆର୍‌ଏମ୍‌ସିର ଚେୟାରମ୍ୟାନ୍ ତଥା ନୟାଗଡ଼ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବଂଶୀଧର ଜାଲ ଦସ୍ତାବିଜ୍ ଦେଇ ଚାକିରି କରିଥିବା ତଦନ୍ତ ରିପୋର୍ଟରେ ତହସିଲଦାର ଦର୍ଶାଇଥିଲେ। ଏପରିକି ବାହାଡ଼ାଝୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଂଶୀଧର ପାଠ ପଢ଼ିଥିବା ମଧ ତଦନ୍ତବେଳେ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଉପ ଜିଲାପାଳ ଏତଲା ଦେଇଥିଲେ। ଭିଜିଲାନ୍ସ ଏକ ମାମଲା (ନଂ.୨୦/୨୦୧୧) ରୁଜୁ କରି ତଦନ୍ତ କରିଥିଲା। ଏହାପରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବଂଶୀଧର ଚାକିରିରୁ ଅବସର ନେଇଥିଲେ। ୨୦୧୨ରେ ଭିଜିଲାନ୍ସ ଚାର୍ଜଶିଟ୍ ଦାଖଲ କରିବା ପରେ କୋର୍ଟରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୬ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୫ରେ କଂଗ୍ରେସ, ୧୮ରେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ

**ଝାରସୁଗୁଡ଼ା ଉପନିର୍ବାଚନ**


ଦୀପାଳି ଦାସ


ତରୁଣ ପାଣ୍ଡେ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ୨୦ ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ଏହା ପୂର୍ବରୁ କଂଗ୍ରେସ ଓ ବିଜେଡି ପ୍ରାର୍ଥିପତ୍ର ଦାଖଲ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ୧୫ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବେ। ସେହିପରି ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୧୮ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ। ଏପ୍ରିଲ ୨୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ଶେଷ ଦିବସ ରହିଛି। ମେ' ୧୦ ତାରିଖରେ ଭୋଟ ଗ୍ରହଣ ରହିଥିବା ବେଳେ ୧୩ ତାରିଖରେ ଭୋଟ ଗଣତି ହେବ।

ତେବେ ଭାଜପା ଏହି ରେସ୍‌ରେ ପଛରେ ପଡ଼ିଯାଇଛି। ଏ ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ। ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପ୍ରଚାର ସରଗରମ ହେଲାଣି। ବିଜେଡି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରି ପ୍ରଚାର ମଇଦାନକୁ ଓହ୍ଲାଇଲେଣି। ବୁଧବାର ବିଳମ୍ବିତ ରାତିରେ ଭାଜପା ପକ୍ଷରୁ ଟଙ୍କଧର ତ୍ରିପାଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ସେ କେବେ ନାମାଙ୍କନ ଦାଖଲ କରିବେ ତାହା ପରେ ଜଣାପଡ଼ିବ।

**ସଦସ୍ୟତା ଗ୍ରହଣ ଅଭିଯାନ**

## କଂଗ୍ରେସରେ ସାମିଲ ହେଲେ ୨ଲକ୍ଷ ୪୫ ହଜାର ଯୁବକ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ରାଜ୍ୟ କଂଗ୍ରେସ ପକ୍ଷରୁ ମାର୍ଚ୍ଚ ୭ ତାରିଖରୁ ସାରା ଓଡ଼ିଶାର ୩୩ଟି ସାଙ୍ଗଠନିକ ଜିଲାରେ ନୂତନ ଯୁବ କଂଗ୍ରେସ ସଦସ୍ୟତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ସମୟ ମଧ୍ୟରେ ଓଡ଼ିଶାର ୨ଲକ୍ଷ ୪୫ ହଜାର ଯୁବକ ଯୁବ କଂଗ୍ରେସର ସଦସ୍ୟତା ଗ୍ରହଣ କରିଛନ୍ତି। ଏ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସୂଚନା ଦିଆଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକ ନୂତନ ଭାବରେ ଯୁବ କଂଗ୍ରେସର ସଦସ୍ୟତା ଗ୍ରହଣ କରିଥିବା ଓଡ଼ିଶାର ଯୁବତୀ ଯୁବକମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଯୁବ କଂଗ୍ରେସ ସଦସ୍ୟତା କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ହୋଇଥିଲା। ୧୮ରୁ ୩୫ ବର୍ଷ ବୟସସୀମା ରହିଥିଲା।


CLASSIFIED DISPLAY
MORE SPACE • SAME PRICE
ALL EDITION - BW (Everyday)
For Booking Contact 0674-2580385

SONY MOBILE NETWORK
ନିଜଛାତ,ଜମି,ଜଲିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡ଼ା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
6390061477
7380925927


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ଜାତୀୟ ଦଳ ମାନ୍ୟତା ମିଳିଥିବାରୁ ଦଳୀୟ କର୍ମୀମାନେ କୋଲକାତାଠାରେ ବୁଧବାର ଅଭିନନ୍ଦନ ଯାତ୍ରା ଆରମ୍ଭ କରି ଖୁସି ମନାଉଛନ୍ତି।

## ପଦ୍ମ ଧରିଲେ ରାଜନନ୍ଦିନୀ

**ବେଙ୍ଗାଲୁରୁ,୧୨।୪**

କର୍ନାଟକ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ନେତାଙ୍କ ଦଳ ବଦଳ ପ୍ରକ୍ରିୟା ଜାରି ରହିଛି। ତେବେ ବୁଧବାର କଂଗ୍ରେସକୁ ଏକ ଝଟକା ଲାଗିଛି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି କାଗୋଡୁ ଥିମ୍ମପ୍ପାଙ୍କ ଝିଅ ଡା. ରାଜନନ୍ଦିନୀ ପଦ୍ମ ଧରିଛନ୍ତି। ଭାଜପା ନେତା ତଥା କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ ୟେଦୁରପ୍ପା ଓ ଦଳର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ରାଜନନ୍ଦିନୀ ଭାଜପାରେ ସାମିଲ ହୋଇଛନ୍ତି। ଗୈରିକ ଦଳରେ ସାମିଲ ହେବା ପରେ ସେ କହିଛନ୍ତି, ମୋର ଆଶା ଥିଲା କି ମୋତେ କଂଗ୍ରେସ ଚିହ୍ନିବ ଆଉ ଟିକେଟ ଦେବ। ହେଲେ ମୋତେ ସେ ସୁଯୋଗ ମିଳିଲା ନାହିଁ। ଭାଜପା ମୋତେ ଉତ୍ସାହର ସହ ସ୍ୱାଗତ କରିଛି। ମୁଁ କର୍ମୀ ଦଳପାଇଁ କାମ କରିବି ବୋଲି ସେ କହିଛନ୍ତି।

**ଝାରସୁଗୁଡ଼ା ଉପନିର୍ବାଚନ**

# ବଦଳୁଛି କଂଗ୍ରେସ ଗଡ଼

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପରେ ଏବେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଛି। ମେ ୧୦ରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ୧୩ ରେ ଫଳାଫଳ ପ୍ରକାଶ ପାଇବ। ତେବେ ଗୁରୁବାର ଉପନିର୍ବାଚନ ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ସେହି ଅନୁସାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ। ୨୧ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ତେବେ ଏହାରି ଭିତରେ ବିଜେଡି ପ୍ରଥମେ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ମଧ୍ୟ ଗତ ୨ ଦିନ ତଳେ ଏହି ଆସନରୁ ୧୯୮୦, ୧୯୮୫ ଏବଂ ୧୯୯୫ରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେଙ୍କ ପୁଅ ତରୁଣ ପାଣ୍ଡେଙ୍କୁ ପ୍ରାର୍ଥୀ କରିଛି। ୨୦୧୯ରେ କିନ୍ତୁ ଏହି ଆସନରୁ ତରୁଣଙ୍କୁ ଦଳ ଟିକେଟ ଦେଇ ନ ଥିଲା। ଅନ୍ୟପଟେ ବିଜେଡି ଓ କଂଗ୍ରେସ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଥିବା ବେଳେ ଭାଜପା ବୁଧବାର ବିଳମ୍ବିତ ରାତିରେ ଟଙ୍କଧର ତ୍ରିପାଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତେବେ ଏହି ଆସନରୁ ୨୦୦୯ ଓ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଦିନେଶ ଜୈନଙ୍କୁ ପ୍ରାର୍ଥୀ କରାଯିବ ବୋଲି ତାଙ୍କ ସହ ବୁଧବାର କଥାବାର୍ତ୍ତା ବେଳେ ସେ କହିଥିଲେ। ତାଙ୍କ ଛଡ଼ା ଅନ୍ୟ କେତେଜଣ ମଧ୍ୟ ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିଲେ। ପ୍ରାର୍ଥୀ ଘୋଷଣା ହେବା ପରେ ଭାଜପା ରାଜନୀତିରେ କମ୍ପନ ସୃଷ୍ଟି ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖୁଛନ୍ତି।

୨୦୧୯ରେ ନବ ଦାସ ବିଜେଡି ଟିକେଟରେ ୯୮,୬୨୦ ଭୋଟ୍ ପାଇ ଏହି ଆସନରେ ଲଗାତର ତୃତୀୟ ଥର ଲାଗି ବିଧାୟକ ହୋଇଥିଲେ। ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ଦିନେଶ କୁମାର ଜୈନ ୫୨,୯୨୧ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଭାବେ ମହେନ୍ଦ୍ର ନାଏକ ୧୮,୮୨୩ ଖଣ୍ଡ ଭୋଟ୍ ପାଇଥିଲେ। ବିଜେଡିକୁ ଏହି ନିର୍ବାଚନରେ ୫୫.୯୭%, ଭାଜପାକୁ ୩୦.୦୪ ଏବଂ କଂଗ୍ରେସକୁ ୧୦.୬୮ ପ୍ରତିଶତ ଭୋଟ୍ ମିଳିଥିଲା। ସେହିପରି ୨୦୧୪ରେ ନବ କିନ୍ତୁ କଂଗ୍ରେସ ଟିକେଟରେ ୭୪,୪୯୯ ଖଣ୍ଡ ଭୋଟ୍ ପାଇଥିଲେ। ସେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତିଙ୍କଠାରୁ ୧୧,୫୬୩ ଖଣ୍ଡ ଭୋଟ୍ ଅଧିକ ପାଇ ବିଜୟୀ ହୋଇଥିଲେ। କିଶୋରଙ୍କୁ ୬୨,୯୩୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଭାଜପାରୁ ଆନନ୍ଦ ପ୍ରଧାନ ପ୍ରାର୍ଥୀ ହୋଇ ୨୧,୦୪୭ ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ୨୦୦୯ରେ ମଧ୍ୟ ନବ ଦାସ ଏହି ଆସନରୁ କଂଗ୍ରେସ ଟିକେଟ ପାଇ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତିଙ୍କୁ ହରାଇ ବିଜୟୀ ହୋଇଥିଲେ। ନବଙ୍କୁ ୬୨,୬୬୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ କିଶୋର ୪୦,୧୪୭ ଖଣ୍ଡ ଭୋଟ ପାଇଥିଲେ। ଭାଜପାରୁ ଦିନେଶ କୁମାର ଜୈନ୧୫,୦୯୫ ଖଣ୍ଡ ଭୋଟ୍ ପାଇଥିଲେ।

୨୦୦୯ ପରେ ଦିନେଶ ଜୈନଙ୍କୁ ୨୦୧୯ରେ ଦଳ ଏହି ଆସନରୁ ପ୍ରାର୍ଥୀ କରିଥିଲା। ୨୦୦୯ରେ ସେ ୧୧.୮୭ ପ୍ରତିଶତ ଭୋଟ୍ ପାଇଥିବାବେଳେ ୨୦୧୯ରେ ୩୦.୦୪ ପ୍ରତିଶତ ଭୋଟ୍ ପାଇଥିଲେ । ଅନ୍ୟପଟେ ସେ ଦୁଇ ନମ୍ବର ସ୍ଥାନରେ ମଧ୍ୟ ଥିଲେ। ଏବେ ଟଙ୍କଧରଙ୍କୁ ଦଳ ପ୍ରାର୍ଥୀ କରିସାରିଛି। ଅପରପକ୍ଷରେ ଦିନେଶ ଜୈନ୍ କହିଥିଲେ, ତାଙ୍କର ବିଶ୍ୱାସ ଅଛି ଦଳ ତାଙ୍କୁ ଟିକେଟ ଦେବ। କାରଣ ସେ ଦୁଇ ଥର ନବ ଦାସଙ୍କ ବିରୋଧରେ ଲଢେଇ କରିଥିଲେ। କମ୍ ସମୟ ପାଇ ଗତ ନିର୍ବାଚନରେ ସେ ୫୨ ହଜାର ଭୋଟ୍ ପାଇଥିଲେ। ସେ ହେଉଛନ୍ତି ସ୍ଥାନୀୟ ଲୋକ। ସବୁବେଳେ ଲୋକଙ୍କ ସହିତ ଅଛନ୍ତି। ଯଦି ଟଙ୍କଧର ଦଳୀୟ କାମରେ ଆସିଛନ୍ତି ତେବେ ଠିକ୍ ଅଛି। କିନ୍ତୁ ଯଦି ସେ ବ୍ୟକ୍ତିଗତ ଏଜେଣ୍ଡା ରଖି ଆସିଛନ୍ତି ସେକଥା ଦଳ ବୁଝିବ ବୋଲି ଦିନେଶ କହିଛନ୍ତି।

ତେବେ ୧୯୭୭ ମସିହାରୁ ୨୦୧୯ ମଧ୍ୟରେ ଦେଖିଲେ ଏହି ଝାରସୁଗୁଡ଼ା ଆସନ ଏକାଧିକ ବାର କଂଗ୍ରେସ ଦଖଲରେ ରହି ଆସିଥିଲା। ୧୯୭୭ରେ କଂଗ୍ରେସରୁ ସାଇରିନ୍ଦ୍ର ନାଏକ, ୧୯୮୦ ଏବଂ ୧୯୮୫ରେ କଂଗ୍ରେସରୁ ବୀରେନ୍ଦ୍ର ପାଣ୍ଡେ, ୧୯୯୦ରେ ଜନତା ଦଳରୁ କିଶୋର କୁମାର ମହାନ୍ତି ପ୍ରଥମ ଥର ବିଧାୟକ ହୋଇଥିଲେ। ଏହାପରେ ୧୯୯୫ରେ ପୁଣି ବୀରେନ୍ଦ୍ର ପାଣ୍ଡେ, ୨୦୦୦ ଏବଂ ୨୦୦୪ରେ ଦୁଇଥର କିଶୋର କୁମାର ମହାନ୍ତି ବିଧାୟକ ହୋଇଥିଲେ। ଏହାପର ଠାରୁ ଲଗାତର ୨୦୦୯, ୨୦୧୪ରେ ନବ ଦାସ କଂଗ୍ରେସରୁ ଏବଂ ୨୦୧୯ରେ ବିଜେଡିରୁ ବିଧାୟକ ହୋଇଛନ୍ତି। ତେବେ କଂଗ୍ରେସ ଗଡ କୁହାଯାଉଥିବା ଝାରସୁଗୁଡା ଏବେ ବିଜେଡି ହାତକୁ ଚାଲିଯାଇଥିବା ବେଳେ ଉପନିର୍ବାଚନରେ କ'ଣ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ନବଙ୍କୁ ଗୁଳିକରି ଜଣେ ପୋଲିସ ଅଧିକାରୀ ହତ୍ୟା କରିବା ପରେ ତାଙ୍କ ପରିବାର ପ୍ରତି ଅନୁକମ୍ପାମୂଳକ ଭୋଟ୍ ରହିପାରେ ବୋଲି କୁହାଯାଉଛି। ତେବେ ଏଭଳି ସ୍ଥିତିରେ ଭାଜପା ପ୍ରାର୍ଥିତ୍ୱକୁ ନେଇ ଭିତରେ ଭିତରେ ଚାଲିଥିବା ଦ୍ୱନ୍ଦ୍ୱ ବିଜେଡିକୁ ଆହୁରି ସୁହାଇବ ବୋଲି ଚର୍ଚ୍ଚା ଜୋର ଧରିଛି।

**■ ୧୯୭୭ରୁ ୨୦୧୯ ଭିତରେ ଏହି ଆସନରୁ ୬ ଥର ଜିତିଛି କଂଗ୍ରେସ**



**୧୭ରେ ବିଜୁ ଶ୍ରାଦ୍ଧ ଦିବସ**

## ନିରାଡ଼ମ୍ବରରେ ପାଳନ କରିବାକୁ କର୍ମୀଙ୍କୁ ନବୀନଙ୍କ ନିବେଦନ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଆସନ୍ତା ୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ ପାଳିତ ହେବ। ଏହାକୁ ନିରାଡ଼ମ୍ବର ଭାବେ ପାଳିବାକୁ ବୁଧବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତା, ଯୁବ, ଛାତ୍ର, ମହିଳା ଶାଖା ତଥା ପ୍ରମୁଖ ଦଳୀୟ ସଙ୍ଗଠନ କର୍ମୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ଓଡ଼ିଶା ମୋ ପରିବାର ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ସମୂହ ରକ୍ତଦାନ ଶିବିର ଆୟୋଜନ କରାଯିବ। ବହୁ ସଂଖ୍ୟାରେ ଏହି ରକ୍ତଦାନ ଶିବିରରେ ଉପସ୍ଥିତ ରହି ବିଜେଡିର ସଦସ୍ୟ ତଥା ଆଗ୍ରହୀ ଜନସାଧାରଣ ସମୂହ ରକ୍ତଦାନ କରି ସମଗ୍ର ମାନବ ସମାଜର କଲ୍ୟାଣ ଲାଗି ରହିଥିବା ନୈତିକ ଉତ୍ତରଦାୟିତ୍ୱର ପରାକାଷ୍ଠା ପ୍ରଦର୍ଶନ କରିବେ। ସେହିଦିନ ସକାଳ ୬ଟା ୩୦ରେ ତିଳତର୍ପଣ, ୮ଟାରେ ପ୍ରଭାତଫେରି, ସମୂହ ସଫେଇ ଅଭିଯାନ, ୮ଟା ୩୦ରେ ମାର୍ଚ୍ଚ ୫ରୁ ୨୫ ତାରିଖ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ନିର୍ବାଚନମଣ୍ଡଳୀ ସ୍ତରରେ ସମ୍ବର୍ଦ୍ଧିତ କରାଯିବ। ଅପରାହ୍ଣରେ ସମୂହ ଦୀପଦାନ ଓ ଶପଥପାଠ କରାଯିବ। ବିଜୁବାବୁ ସାରା ଜୀବନ ଜନସେବାକୁ ଗୁରୁତ୍ୱ ଦେଇ ଆସୁଥିଲେ। ଓଡିଶା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କଲ୍ୟାଣ ଓ ସଶକ୍ତୀକରଣ ପାଇଁ ବିଜୁବାବୁ ନିଜର ଜୀବନକୁ ଉତ୍ସର୍ଗ କରି ଆସିଥିବାରୁ ଏହି ଅବସରରେ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସେ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଜୁ ବାବୁଙ୍କ ସେବା, ତ୍ୟାଗ ଏବଂ ନିରନ୍ତର ସଂଗ୍ରାମ ବିଜେଡିର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଆଦର୍ଶ ଓ ଅନୁକରଣୀୟ ହେଉ ବୋଲି ନବୀନ କହିଛନ୍ତି।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft.- 3,60,000/-, ଛତାବର 1200 sqft.- 3,00,000/-, ନଖରା 300/-, 6371569855. D-74837

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Want to sale my plot 10 decimal in Sambalpur, Pardhiapali, on the way to AIIMS COLLEGE. Contact No. 7436986437. D-0083

**Schedule Caste plot for sale BDA Town Planning Scheme, Phase one, Plot No. 1364. Contact: 9937446498.** D-74533


CONSTRUCTION

**Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101.** D-0081


BUSINESS

For any kind of MSW and Industrial solid waste management issues, kindly contact Professional Consultant: 7436986437. D-0084

Your classified advertisement published in Dharitri will be listed free in Dharitri online edition: **dharitriepaper.in**




Asribada Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

Newly open SPA positively health benefits with expert therapist. 7849011931. D-73698

**Full Body massage by Experience Therapist @999 only- 9078484455. (Bhubaneswar).** D-3134

All type of professional full body massage by professional therapist at Rajmahal @ 999. Contact: 7855053566. D-0078

All types of professional body massage by professional therapy. Contact: 9556924059, 7077933109. D-0046

Fullbody massage, refresh, relaxed by expert Lady Therapist. Contact: 8480939300. D-0029

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Newly open Spa Positively health benefit with expert. Contact- 7749976301. D-74532

Newly open health benefits Spa special offer @999 Nayapalli. 7846814019. D-73699

**AFFIDAVIT**

By executing an affidavit before Notary, BBSR Dt.1.2.2023, I declared that myself Manas Ranjan Amant, Manasakumar Aruk is one and same person. Manas Ranjan Amant, S/o Gobinda Amant, Mardamekha Jodum, Narasinghpur, Cuttack-754032. D-0085

I, Snatashree Mohanty, D/o Shrustidhar Mohanty, R/o 166/1547, BB Nagar, Kesora, Bhubaneswar, have changed my name post marriage to Snatashree Mishra vide affidavit dated 06.04.2023. D-0090


**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**LOST**

It is hereby informed that original sale deed bearing No.- 10391001145 dt.10.02.2010 in favour of Laxmandas Agarwal and sale deed No. 535, dt.04.01.2008 in favour of Laxmandas Agarwal has been lost by me on dt.09.04.2023. My document has lost at Jholasahi while going to Court and request the public to handover the same and missuser will be prosecuted. Address for communication: Ananta Kumar Kanungo, Glass Palace, Badambadi, Cuttack-753012. D-0089

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ପ୍ରତିମା ପ୍ରତିହାରୀ
ଆଗମନ : ୧୦-୦୯-୧୯୩୯
ପ୍ରତ୍ୟାବର୍ତ୍ତନ : ୦୪-୦୫-୨୦୨୧
(ବୈଶାଖ କୃଷ୍ଣପକ୍ଷ ଅଷ୍ଟମୀ ତିଥି)

ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା। ଆପଣ କେଉଁ ଅଜଣା ଅଫେରା ରାଇଜକୁ ଚାଲିଗଲେ, ଥରେ ହେଲେ ଫେରି ଚାହିଁଲେନି ପଛକୁ। ଆମର ଏ ଦିବ୍ୟ 'ମା' ଡ଼ାକ ପ୍ରଭୁ ସବୁଦିନ ପାଇଁ ଛଡ଼ାଇନେଲେ। ଆପଣଙ୍କ ବିୟୋଗ ଆମ ଜୀବନରେ ଭରି ଦେଇଛି ଦୁଃଖ ଓ ଶୂନ୍ୟତା। ଆପଣଙ୍କ ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଶିକ୍ଷାଦାନ, ତ୍ୟାଗ ଓ ପରୋପକାରିତା ଆମପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ଶୋକସନ୍ତପ୍ତ ସ୍ୱାମୀ ଇଂ ବିଶ୍ୱାମ୍ବର ପ୍ରତିହାରୀ
ପୁଅ-ବୋହୂ, ଝିଅ-ଜ୍ୱାଇଁ ଓ ନାତି ନାତୁଣୀମାନେ

ଧ-୦୦୯୨

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବିନ୍ଦ୍ର କୁମାର ଦାଶ
ସମେଇଗାଡ଼ିଆ, ଭୁବନେଶ୍ୱର
ଆବିର୍ଭାବ : ୦୭.୦୪.୧୯୪୧
ତିରୋଧାନ : ୦୪.୦୫.୨୦୨୧

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ସରଳ ଜୀବନଯାପନ, ଦୃଢ଼ ମନୋବଳ, ଶୃଙ୍ଖଳିତ ଜୀବନ, ସଦ୍‌ମାର୍ଗ ଦର୍ଶନ ଆମ ପାଇଁ ପ୍ରେରଣା ଦାୟକ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।

ବନ୍ଧୁ ଓ ପରିବାରବର୍ଗ

ଧ-୦୦୮୬



ହୁମା

# କେବଳ ଟେନ୍‌ସନ

ହୁମା କ୍ୟୁରେସିଙ୍କ ଟେନ୍‌ସନ ଏବେ ବଢ଼ିଯାଇଛି। କେମିତି ବା ବଢ଼ିଯିବନି କହୁନାହାନ୍ତି? କଥା କ'ଣ କି ନିକଟରେ ସେ କେତୋଟି ଭଲ ପ୍ରୋଜେକ୍ଟ ହାତଛଡ଼ା କରିଛନ୍ତି। ଆଉ ଏହା ପଛରେ ପ୍ରକୃତ କାରଣ କ'ଣ ଜାଣନ୍ତି? ବାସ୍ତବ କଥା ହେଲା ଏବେ ନୂଆ ସିନେମା ଲାଗି ହୁମାଙ୍କ ହାତରେ ଡେଟ୍ ନାହିଁ। ତେଣୁ ସେ ବାଧ୍ୟ ହୋଇ ଏଭଳି ସୁଯୋଗଗୁଡ଼ିକୁ ହାତଛଡା କରିଛନ୍ତି। ଏ ନେଇ ହୁମା କହନ୍ତି, 'ବର୍ତ୍ତମାନ ମୋ ହାତରେ ଡେଟ୍ ନାହିଁ। କାରଣ ଯେତିକି ଫିଲ୍ମ ସାଇନ୍ କରିଛି ତାହାର ଶୁଟିଂ ଶୀଘ୍ର ଶେଷ କରିବା ପରେ ନୂଆ ଫିଲ୍ମ ବିଷୟରେ ଚିନ୍ତା କରିବି। ନିକଟରେ ମୋତେ ଦୁଇଟି ଭଲ ଅଫର ମିଳିଥିଲା। ହେଲେ କ'ଣ କରିବି? ବାଧ୍ୟ ହୋଇ ଅଫର ଦ୍ୱୟକୁ ହାତଛଡ଼ା କରିଛି।' ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ହୁମା କେତୋଟି ଥିଏଟର ନାଟକରେ ଅଭିନୟ କରିସାରିଥିଲେ। ତା'ସହ ସେତେବେଳେ ସେ ମଡେଲିଂ ମଧ୍ୟ କରୁଥିଲେ। ନିଜର ଅଭିନୟ କ୍ୟାରିୟର ମଧ୍ୟରେ ସେ ତିନି ଥର ଫିଲ୍ମ ଫେୟାର ପୁରସ୍କାର ନୋମିନେଶନ ତାଲିକାଭୁକ୍ତ ହୋଇଥିଲେ, ହେଲେ ଥରେ ହେଲେ ଏହି ପୁରସ୍କାର ଜିତି ପାରିନାହାନ୍ତି। ଦିଲ୍ଲୀ ୟୁନିଭର୍ସିଟିରୁ ହୁମା ଇତିହାସରେ ଅନର୍ସ ସହ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ମୋନିକା ଓ ମାଇଁ ଡାର୍ଲିଂ' ଗତ ବର୍ଷ ନଭେମ୍ବରରେ ଓଟିଟି ପ୍ଲାଟଫର୍ମରେ ରିଲିଜ ହୋଇଥିଲା। ନିକଟରେ ସେ ଅଭିନୟ କରିଥିବା ଦୁଇଟି ଫିଲ୍ମ 'ତରଲ' ଏବଂ 'ପୂଜା ମେରି ଜାନ୍'ର ଶୁଟିଂ ଶେଷ ହୋଇଛି।



ଆଲିୟା

# ବୁଦ୍ଧି ଶିଖାଇଥିଲା ମିଛ କଥା

ପିଲାଦିନେ ଆଲିୟା ଭଟ୍ଟ ବେଳେବେଳେ ମିଛ କହୁଥିଲେ। ହେଲେ ଏକଦା ସେ ଏଥି ପାଇଁ ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେଲେ ଯେ ତା'ପରେ ସେ କଦାପି ମିଛ କହିବାକୁ ସାହସ କରିନାହାନ୍ତି। ଏପରି ଏକ ରୋଚକ କଥା ବିଷୟରେ ଆଲିୟା କହନ୍ତି, 'ପିଲାଦିନେ ମୁଁ ସାଙ୍ଗମାନଙ୍କୁ ଅନେକ ଥର ମିଛ କହିଛି। ବେଳେବେଳେ ଏଥିରୁ ମୋତେ ବେଶ୍ ଆନନ୍ଦ ମିଳେ। କିନ୍ତୁ ଏକଦା ଏଭଳି ମିଛ କହି ମୁଁ ଫସି ଯାଇଥିଲି। ଯାହାହେଉ ସେଥିରୁ ବୁଦ୍ଧି ଖଟାଇ ସିନା ବାହାରି ଆସିଲି, ହେଲେ ପରବର୍ତ୍ତୀ ସମୟରେ ଆଉ କାହାକୁ ମିଛ କହିବି ନାହିଁ ବୋଲି ପ୍ରତିଜ୍ଞା କରିଥିଲି।' ପିଲାଦିନେ ମେହେନ୍ଦିର ସୁଗନ୍ଧ ଆଲିୟାଙ୍କୁ ଭଲ ଲାଗୁଥିବା ବେଳେ ସେ ଯେତେବେଳେ ବିବାହ କଲେ ସେତେବେଳେ ଏହା ତାଙ୍କୁ ବୋର୍ ଲାଗିଥିଲା ବୋଲି ସେ କହନ୍ତି। ପୁଲଓଭର ହେଉଛି ତାଙ୍କର ମନ ପସନ୍ଦର ଜିମ୍ ଏକ୍ସରସାଇଜ। ସେ ପ୍ରତିଦିନ ପ୍ରାୟ ପୋହା ଖାଉଥିବା ବେଳେ ଘୋଳ ଦହି ପିଇଥାଆନ୍ତି। ପିଲାଦିନର ଘଟଣାବଳୀକୁ ଆଲିୟା ଏକ ଡାଏରୀରେ ଲିପିବଦ୍ଧ କରି ରଖୁଥିଲେ। ତାଙ୍କର ପିଲାଦିନର ୧୨–୧୮ ବର୍ଷ ବୟସର ଘଟଣାକୁ ସେ ସାଇତି ରଖିଛନ୍ତି।

ପରଦାରେ

# ଧୋ'ରେ ବାବୁ ଧୋ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଧୋରେ ବାବୁ ଧୋ' ଚଳିତ ମାସ ୧୪ ଅର୍ଥାତ୍ ଓଡ଼ିଆ ନୂଆବର୍ଷରେ ରିଲିଜ ହେବାକୁ ଯାଉଛି। ଏଥିରେ ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଖାସ୍ କଥା ହେଲା ଏହି ଫିଲ୍ମଟି ହେଉଛି ହରିଙ୍କ ଅଭିନୀତ ଶହେତମ ସିନେମା। ଏ ସମ୍ପର୍କରେ ହରି କହନ୍ତି, 'ଏହି ଫିଲ୍ମର କାହାଣୀ ନିଜେ ସହ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି 'ସୁନ୍ଦରଗଡ଼ର ସଲମାନ ଖାଁ' ଫେମ୍ ଦିବ୍ୟା। ଅନ୍ୟପକ୍ଷରେ ଏଥିରେ ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ୟକି ମିଶ୍ର, ହାଡୁ ଏବଂ ଲୀନା ମଧ୍ୟ ଏହି ଚିତ୍ରରେ ଅଭିନୟ କରୁଛନ୍ତି। ସୂଚନାଯୋଗ୍ୟ, ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ସତ ମିଛ' (୧୯୯୮)ରୁ ହରି ନିଜର ଓଡ଼ିଆ ସିନେମା



'ଧୋ ରେ ବାବୁ ଧୋ' ଚଳଚ୍ଚିତ୍ରରେ ହରି–ଦିବ୍ୟା

ଲେଖିଛି। ଯେତେବେଳେ ଏ ବିଷୟରେ ପ୍ରଯୋଜକ ସୀତାରାମ ଅଗ୍ରୱାଲଙ୍କ ସହ ଆଲୋଚନା କଲି ସେ ଏହାକୁ ନେଇ ସିନେମା କରିବାକୁ ସଙ୍କେତ ଦେଇଥିଲେ। ଏହାର କାହାଣୀରେ କ'ଣ ଭିନ୍ନତା ରହିଛି ତାହା ଫିଲ୍ମଟି ଦେଖିଲେ ଦର୍ଶକ ଜାଣିପାରିବେ।' 'ଧୋରେ ବାବୁ ଧୋ'ର ନିର୍ଦ୍ଦେଶନା ଦେଉଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତ ଅଭିଜିତ ମଜୁମଦାର। ହରି ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବା କ୍ୟାରିୟର ଆରମ୍ଭ କରିଥିଲେ। ବଡ଼ ପରଦା ହେଉ କି ଛୋଟ ପରଦା ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିବାରେ ବେଶ୍ ସିଦ୍ଧହସ୍ତ ସେ। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ହିଟ୍ ଓଡ଼ିଆ ସିନେମା 'ଝୁମ୍‌କୁ ଝୁମାନା'ରେ ନିଜକୁ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିଥିଲେ ହରି। ତେବେ ଏହି ଶତକୀୟ ଫିଲ୍ମଟି ତାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ପରିବେଶପ୍ରେମୀ ଯାମି

ଯାମି ଗୌତମ ସବୁବେଳେ ସବୁଜ ପରିବେଶ ବା ଗ୍ରୀନ୍ ଏନଭାର୍ନମେଣ୍ଟରେ ରହିବାକୁ ପସନ୍ଦ କରନ୍ତି। ତାଙ୍କ ମତରେ ଏଭଳି ପରିବେଶ ବେଶ୍ ସ୍ୱାସ୍ଥ୍ୟପଯୋଗୀ। ସେଥିଲାଗି ସେ ନିଜ ଗାର୍ଡେନକୁ ସବୁଜ ବୃକ୍ଷଲତାରେ ପରିପୂର୍ଣ୍ଣ କରିଛନ୍ତି। ଏପରି କି ସମୟ ମିଳିଲେ ସେ ଏହା ଭିତରେ ନିରୋଳାରେ ବସିଥାଆନ୍ତି। ଏହାଦ୍ୱାରା ସେ ସମାଜକୁ ଏକ ବାର୍ତ୍ତା ଦେବାକୁ ଚାହାନ୍ତି। ତାହା ହେଲା ଆମେ ସମସ୍ତେ ସବୁଜ ପରିବେଶର ସୁରକ୍ଷା କରିବା ଦରକାର। ନିଜର ଏଭଳି ଆଭିମୁଖ୍ୟ ନେଇ ଯାମି କହନ୍ତି, 'ମୋତେ ସବୁବେଳେ ଗ୍ରୀନ୍ ଗ୍ରୀନ୍ ପରିବେଶ ଭଲ ଲାଗେ। ଏପରି କି ଯେଉଁଠି ଏଭଳି ପରିବେଶ ଦେଖେ ସେଠାରେ କିଛି ସମୟ ଅଟକି ଯାଏ। ମୋ ଘର ସାମନାରେ କରିଥିବା ଗାର୍ଡେନକୁ ମଧ୍ୟ ସବୁଜିମାମୟ କରିଛି। କାରଣ ବର୍ତ୍ତମାନ ପରିବେଶ ସୁରକ୍ଷା ବିଷୟରେ ଚିନ୍ତା କରିବାର ସମୟ ଆସିଛି।' ଯାମିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଏହା ପୂର୍ବରୁ ସେ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ଅଭିନୟ କରିସାରିଥିଲେ। ଅବସର ମିଳିଲେ ଯାମି ଗୀତ ଶୁଣିବା ଓ ଘର ସଜାଇବାକୁ ପସନ୍ଦ କରିଥାଆନ୍ତି।



ଯାମି

ଶୁଟିଂ ଚାଲିଛି

# କଥା ପ୍ରଥା–ପରମ୍ପରାର



'ପ୍ରଥା' ଫିଲ୍ମରେ ସ୍ୱରାଜ–ଶୀତଲ

କାହିଁ କେବେଠାରୁ ବିଭିନ୍ନ ପ୍ରଥା, ପରମ୍ପରା କେବଳ ଆମ ରାଜ୍ୟରେ ନୁହେଁ, ଦେଶରେ ପ୍ରଚଳିତ। ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ନୂଆ ଓଡ଼ିଆ ସିନେମା 'ପ୍ରଥା'ର ନିର୍ମାଣ ଚାଲୁ ରହିଛି। ସାନ୍‌ଲିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି କେ. ମୁରଲୀକ୍ରିଷ୍ଣା। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ସ୍ୱରାଜ ବାରିକ, ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍ରନ କୌର। ଏମାନଙ୍କ ବ୍ୟତୀତ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ, ଆଶୁ ବର୍ମା, ରବି ମିଶ୍ର, ସତୀଶ୍ ପଟେଲ ଓ ଇଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ଫିଲ୍ମରେ ସ୍ୱରାଜ ଏକ ନୂତନ ଧରଣର ଚରିତ୍ରରେ ଦର୍ଶକଙ୍କ ସାମ୍‌ନାକୁ ଆସୁଛନ୍ତି। ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ ଶୀତଲ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।

# ଦୋଷ ଦେବେ କାହାକୁ

ତାରା ସୁତାରିଆ ଇତି ମଧ୍ୟରେ ବଲିଉଡ୍‌ରେ ତାଙ୍କର ଚତୁର୍ଥ ବର୍ଷ ପୂରଣ କରିଛନ୍ତି। ହେଲେ କଥା ଏଇଆ ଯେ, ଏହି ସମୟ ଭିତରେ ସେ ଅଭିନୟ କରିଥିବା ଚଳଚ୍ଚିତ୍ରର ସଂଖ୍ୟା ହେଉଛି ମାତ୍ର ୫। ହେଲେ ଏହି ଚାରି ବର୍ଷ ଭିତରେ ଯେଉଁ କେତୋଟି ହାତଗଣତି ଅଫର ମିଳିଛି ତାହା ପାଇଁ ସେ ନିଜ ଭାଗ୍ୟକୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ତାରା କହନ୍ତି, 'ପ୍ରଥମେ ମୋର କ୍ୟାରିୟର ଆରମ୍ଭ ହୋଇଥିଲା ଗାୟିକା ଭାବରେ। ତା'ପରେ ଛୋଟ ପରଦାରେ ଅଭିନୟ କରୁଥିଲି। ୨୦୧୯ରେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର ୨'ରେ ମୋତେ ବଲିଉଡ୍‌ର ବ୍ରେକ୍ ମିଳିଥିଲା। ଏକଥା ସତ ଯେ, ଯା ଭିତରେ ମୁଁ ମାତ୍ର କେତୋଟି ସିନେମାରେ ହିଁ ଅଭିନୟ କରିଛି। ଆଉ ଏହାକୁ ନେଇ ମୋ କ୍ୟାରିୟରକୁ ତୁଳନା କରିବା ବର୍ତ୍ତମାନ ଠିକ୍ ନୁହେଁ। ମୋ ମତରେ ଭାଗ୍ୟଦେବୀ ବୋଧହୁଏ ମୋ ପ୍ରତି ପ୍ରସନ୍ନ ନାହାନ୍ତି। ଭଲ ସମୟ ଆସିଲେ ସବୁକିଛି ବଦଳି ଯିବ।'



ତାରା

ଅପେରା ହାଲଚାଲ

# ସବୁ ଭୂମିକାକୁ ଗୁରୁତ୍ୱ ଦିଏ

'ମୋତେ ଯେଉଁ ଭୂମିକାଟିଏ ମିଳେ ତାହାକୁ ପ୍ରଥମେ ଭଲ ଭାବରେ ତର୍ଜମା କରେ। ତା'ପରେ ସେହି ଦାୟିତ୍ୱକୁ କିପରି ତୁଲାଇବି ସେ ନେଇ ନିଜକୁ ପ୍ରସ୍ତୁତ କରିନିଏ। ଜଲିଉଡ୍‌ରେ ଏପର୍ଯ୍ୟନ୍ତ ମୁଁ ତିଷ୍ଠି ରହିଛି, ଆଉ ତା' ପଛରେ ରହିଛି ନିଜର ଦୃଢ଼ ଆତ୍ମବିଶ୍ୱାସ ଏବଂ ଦର୍ଶକଙ୍କ ଭଲ ପାଇବା ବୋଲି କହନ୍ତି ଚରିତ୍ର ଅଭିନେତ୍ରୀ ସେବାରାଣୀ ବେହେରା ଓରଫ କୁନି। କେବଳ ପଜିଟିଭ ନୁହେଁ, ନେଗେଟିଭ ଚରିତ୍ରରେ ସେ ଦର୍ଶକଙ୍କ ସାମନାକୁ ଆସିସାରିଛନ୍ତି। ବର୍ତ୍ତମାନ ସ୍ୱାମୀ ତଥା ଉପସ୍ଥାପକ–ଅଭିନେତା ଶୁଭେନ୍ଦୁଙ୍କ ସହ ଅନ୍ୟତମ ଆଗଧାଡ଼ିର ଯାତ୍ରା ଅନୁଷ୍ଠାନ ରାଜଧାନୀ ଅପେରାରେ ସେ ବର୍ତ୍ତମାନ ଅଭିନୟ ଜାରି ରଖିଛନ୍ତି। କୁନିଙ୍କର ଅପେରା ଜୀବନ ଆରମ୍ଭ ହୁଏ ଓଡ଼ିଶା ଅପେରାରୁ। ତାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି– ସିଂହଦ୍ୱାର ମନା ମତେ ସ୍ୱର୍ଗଦ୍ୱାର ମନା, ମୋ ବର୍ଣ୍ଣବୋଧ ହଜିଯାଇଛି, ତତେ ସତରକୁ ମତେ ଅଠର, ସତ କହି ପଛେ ମଲେ ମରିବି, ଚନ୍ଦ୍ରବଦନୀର ଚଉଠି ରାତି, ଗୁପ୍ତ ସମ୍ପର୍କ, ଦୁନିଆ କହିବ କିଏ ମୋ ସ୍ୱାମୀ, ପୁରୀ ଭାଗବତ ପିପିଲି ଗୀତା, ଏମିତି ମା'କୁ ଶହେ ସଲାମ ଆଦି ନାଟକ।



କୁନି

ଧରିତ୍ରୀ
DHARITRI



# ସିଙ୍ଗଲ୍ସ ସେମିରେ ମାୟା, ଶିବତେଜ



ସେଣ୍ଟର କୋର୍ଟରେ କୋରିଆ ଓ ଥାଇଲାଣ୍ଡ ଖେଳାଳି ଏବଂ ଓଟିଏ କର୍ମକର୍ତ୍ତାଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ।

### ୧୪ ବର୍ଷରୁ କମ୍ ଏସିଆନ ଡେଭଲପମେଣ୍ଟ ଟେନିସ ଫାଇନାଲ୍ସ

ଭୁବନେଶ୍ୱର, ୧୨।୪ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାର ବାଳିକା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ମାୟା ରାଜେଶ୍ୱରନ ରେବତୀ ଓ ଶିବ୍‌ତେଜ ଶିର୍‌ଫୁଲେ। ବୁଧବାର ଅନୁଷ୍ଠିତ ବାଳିକା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ମାୟା ହଂକଂର ନିତ୍ୟା ବାଲକ୍ରିଷ୍ଣା ମଧୁରୀଙ୍କୁ ୬-୧, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ବାଳକ କ୍ୱାର୍ଟର ଫାଇନାଲରେ ଶିବ୍‌ତେଜ ଥାଇଲାଣ୍ଡର ଧର୍ମା ପାଣ୍ଟାରାଟର୍ନଙ୍କୁ ୧-୬, ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ବାଳକ ବିଭାଗର ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ କୋରିଆର ଓନମିନ୍ କିମ୍, ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇ ଓ ପାକିସ୍ତାନର ଅବୁବାକର ତଲ୍‌ହା ସେମିଫାଇନାଲରେ ପହଞ୍ଚିଛନ୍ତି। ସେହିପରି ମାୟାଙ୍କ ବ୍ୟତୀତ ବାଳିକା ବିଭାଗରେ କୋରିଆର ଜିୟୁନ ଓ', ୟେରି ହଂ ଓ କାଜାଖସ୍ତାନର ଇଭା କୋରିଶେଭା ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛନ୍ତି। ବାଳକ ଡବଲ୍ସରେ କିନ୍ତୁ ଭାରତର ପ୍ରକାଶ ସରନ ଓ ଶିବତେଜ ଶିରଫୁଲେଙ୍କ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ଏହି ଭାରତୀୟ ଯୋଡ଼ି ଥାଇଲାଣ୍ଡର ରୁ୍ୟ କୋଟିକୁଲା ଓ ଧର୍ମା ପାଣ୍ଟାରାଟର୍ନଙ୍କଠାରୁ ୨-୬, ୧-୬ ସେଟ୍‌ରେ ହାରି ଯାଇଛନ୍ତି। ଅନ୍ୟ ଏକ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ ଚୋ ଓ ଓନମିନ୍ କିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ଯୋଡ଼ିଙ୍କ ଭଳି ଭାରତୀୟ ବାଳିକା ଯୋଡ଼ିଙ୍କ ଅଭିଯାନ ମଧ୍ୟ ସେମିଫାଇନାଲରେ ଶେଷ ହୋଇଛି। ମାୟା ରାଜେଶ୍ୱରନ ରେବତୀ ଓ ହରିଥା ଶ୍ରୀ ଭେଙ୍କଟେଶ୍ ୩-୬, ୨-୬ ସେଟ୍‌ରେ କାଜାଖସ୍ତାନର ଇଭା କୋରିଶେଭା ଓ ୟେର୍କେଝାନ ଝାଣ୍ଟାୟେଭା ଯୋଡ଼ିଙ୍କଠାରୁ ହାରି ଯାଇଛନ୍ତି। କାଜାଖ ଯୋଡ଼ି ଫାଇନାଲରେ ତୁର୍କମେନିସ୍ତାନର ଇଲିମା ଗୁସେନୋଭା ଓ ଉଜ୍‌ବେକିସ୍ତାନର ଇମିଲି କିମ୍‌ଙ୍କୁ ଭେଟିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଅତିଥିଭାବେ ଯୋଗଦେଇ ସେଣ୍ଟର କୋର୍ଟରେ କୋରିଆ-ଥାଇଲାଣ୍ଡ ବାଳିକା ସିଙ୍ଗଲ୍ସ ମ୍ୟାଚ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

# ଚେନ୍ନାଇକୁ ହରାଇ ଶୀର୍ଷରେ ରାଜସ୍ଥାନ

ଚେନ୍ନାଇ, ୧୨।୪

ଜୋସ ବଟଲରଙ୍କ ଅର୍ଦ୍ଧଶତକ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)ର ୧୭ ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୩ ରନରେ ହରାଇ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି। ବଟଲରଙ୍କ ୫୨ ରନ୍ ବଳରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଚେନ୍ନାଇ ସୁପର୍‌କିଙ୍ଗ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୭୨ ରନ୍ କରିବାରେ ସମର୍ଥ ହୋଇଥିଲା। ଜୋସ୍ ବଟଲରଙ୍କ ସ୍ଥାନରେ ଆଡାମ ଜାମ୍ପା ଓ ସିସାନ୍ଦା ମଗଲାଙ୍କ ସ୍ଥାନରେ ଅମ୍ବାତି ରାୟୁଡୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳିଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ରୟାଲ୍ସ ଦଳୀୟ ସ୍କୋର ୧୧ ରନ୍‌ରେ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଉଇକେଟ ହରାଇଥିଲା। ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଦେବଦତ୍ତ ପଡିକଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ବଟଲରଙ୍କ ସହିତ ୭୭ ରନ୍ ଯୋଡିଥିଲେ। ପଡିକଲ୍ ୨୬ ବଲ୍‌ରୁ ୫ ଚୌକା ସହିତ ୩୮ ରନ୍ କରିଥିଲେ। ରାଜସ୍ଥାନ ଏକ ବଡ ସ୍କୋର ଆଡକୁ ଯାଉଥିବା ବେଳେ ମ୍ୟାଚ୍‌ର ନବମ ଓଭରରେ ମାତ୍ର ୩ ବଲ୍ ମଧ୍ୟ ପଡିକଲ୍ ଓ ଅଧିନାୟକ ସଞ୍ଜୁ ସାମସନ(୦)ଙ୍କୁ ଆଉଟ କରି ଚେନ୍ନାଇକୁ ମ୍ୟାଚକୁ ଫେରାଇ ଆଣିଥିଲେ ରବୀନ୍ଦ୍ର ଜାଡେଜା। ଓଭର ପିଛା ୧୦ରୁ ଅଧିକ ହାରରେ ରନ୍ ସଂଗ୍ରହ କରୁଥିବା ରୟାଲ୍ସର ରନ୍‌ଗତି ଉପରେ ବ୍ରେକ୍ ଲାଗିଥିଲା। ରବିଚନ୍ଦ୍ରନ ଅଶ୍ୱିନ ଓ ଜୋସ୍ ବଟଲର ପଞ୍ଚମ ଉଇକେଟରେ ୩୭ ବଲ୍‌ରୁ ୪୭ ରନ୍ ଯୋଡିଥିଲେ। ଅଶ୍ୱିନ୍ ୩୦ ଓ ଟପ୍ ସ୍କୋରର ବଟଲର ୫୨ ରନ୍ କରି ଦୁଇ ଓଭର ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ । ଶେଷ ଆଡକୁ ସିମରନ୍ ହେଟମେର ଦ୍ରୁତ ୩୦ ରନ୍ କରିବାରୁ ରାଜସ୍ଥାନ ୧୭୫ ରନ୍‌ରେ ପହଞ୍ଚିଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ଆକାଶ ସିଂ ଓ ତୁଷାର ଦେଶପାଣ୍ଡେ ୨ଟି ଲେଖାଏ ଉଇକେଟ ନେଇଥିଲେ।

ପିଚ୍‌ରେ ବଲ୍ ଧୀମା ରହୁଥିବା ବେଳେ ରାଜସ୍ଥାନର ୩ ସ୍ପିନର ଚେନ୍ନାଇ ବ୍ୟାଟରଙ୍କୁ ହାତ ଖୋଲିବାର ସୁଯୋଗ ଦେଇନଥିଲେ। ନିର୍ଭରଯୋଗ୍ୟ ଋତୁରାଜ ଗାଏକ୍ୱାଡ(୬) ମ୍ୟାଚର ତୃତୀୟ ଓଭରରେ ଆଉଟ ହୋଇଥିଲେ। ଅଜିଙ୍କ୍ୟ ରାହାନେ(୩୧) ଓ ଡେଭନ୍ କନ୍‌ୱେ(୫୦) ଦ୍ୱିତୀୟ ଉଇକେଟରେ ୬୮ ରନ୍ ଯୋଡିଥିଲେ। ଲୋକାଲ ବୟ ଅଶ୍ୱିନ ବୋଲିଂ କରିବାକୁ ଆସି ରାହାନେଙ୍କୁ ଆଉଟ କରିବା ପରେ ଚେନ୍ନାଇ ବ୍ୟାଟର ଜଣକ ପରେ ଜଣେ ପ୍ୟାଭିଲିୟନ୍ ଫେରିଥିଲେ। ଏକଦା ୭୮/୧ ରହିଥିବା ଚେନ୍ନାଇ ୧୧୩ ରନ୍ ମଧ୍ୟରେ ୬ ଉଇକେଟ ହରାଇଥିଲା। ୧୫ ତମ ଓଭରରେ ସେଟ୍ ବ୍ୟାଟର କନ୍‌ୱେ ଆଉଟ ହେବା ସହିତ ଚେନ୍ନାଇର ବିଜୟ ଆଶା ମଉଳି ଯାଇଥିଲା। ଶେଷ ଆଡକୁ ମହେନ୍ଦ୍ର ସିଂ ଧୋନୀ୧୭ ବଲରୁ ୩୨ ଓ ଜାଡେଜା ୧୫ ବଲ୍‌ରୁ ୨୫ ରନ୍ କରିଥିଲେ ହେଁ ଦଳ ବିଜୟରୁ ୨ ରନ୍ ଦୂରରେ ରହି ଯାଇଥିଲା। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରବିଚନ୍ଦ୍ରନ୍ ଅଶ୍ୱିନ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୫/୭(ଜୋସ୍ ବଟଲର-୫୨, ଦେବଦତ୍ତ ପଡିକଲ୍-୩୮, ଆର. ଅଶ୍ୱିନ୍-୩୦, ରବୀନ୍ଦ୍ର ଜାଡେଜା-୨/୨୧, ଆକାଶ ସିଂ-୨/୪୦, ତୁଷାର ଦେଶପାଣ୍ଡେ-୨/୩୭)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୨/୬(ଡେଭନ୍ କନ୍‌ୱେ-୫୦, ଅଜିଙ୍କ୍ୟ ରାହାନେ-୩୧, ମହେନ୍ଦ୍ର ସିଂ ଧୋନୀ-୩୨ ଆର. ଅଶ୍ୱିନ-୨/୨୫, ଯୁଜବେନ୍ଦ୍ର ଚହଲ-୨/୨୭)।

## ଅଧିନାୟକ ଭାବେ ଧୋନୀଙ୍କ ୨୦୦ ତମ ମ୍ୟାଚ୍

ଭାରତୀୟ ଦଳର ସଫଳତମ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ନାମରେ ଆଉ ଏକ ମାଇଲଖୁଣ୍ଟ। ବୁଧବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପାଇଁ ୨୦୦ତମ ତଥା ଆଇପିଏଲରେ ନିଜର ୨୦୦ତମ ମ୍ୟାଚରେ ଅଧିନାୟକତ୍ୱ କରିଥିଲେ। ପ୍ରଥମ ଅଧିନାୟକ ଭାବରେ ଆଇପିଏଲରେ ୨୦୦ ତମ ମ୍ୟାଚରେ ଅଧିନାୟକତ୍ୱ କରିଛନ୍ତି ଧୋନୀ। ୨୦୦୮ ପଦାର୍ପଣ ସିଜନରୁ ଧୋନୀ ସିଏସ୍‌କେ ଦଳର ଅଧିନାୟକ ରହିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୧୨୦ ମ୍ୟାଚରେ ବିଜୟୀ ହୋଇଛି ଯାହା ଏକ ଆଇପିଏଲ୍ ରେକର୍ଡ। ଧୋନୀଙ୍କ ଏହି ରେକର୍ଡ ପଛକୁ ରହିଥିବା ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ୧୪୬ମ୍ୟାଚ୍‌ରୁ ୮୦ଟିରେ ବିଜୟ ହାସଲ କରିଥିବା ବେଳେ ବିରାଟ କୋହଲିଙ୍କ ନେତୃତ୍ୱରେ ଆରସିବି ୧୪୦ ମ୍ୟାଚ୍‌ରୁ ୬୪ଟିରେ ବିଜୟୀ ହୋଇଛି।



ଅଧିନାୟକଭାବେ ଆଇପିଏଲ୍‌ରେ ୨୦୦ତମ ମ୍ୟାଚ ଖେଳିଥିବା ମହେନ୍ଦ୍ର ସିଂ ଧୋନୀଙ୍କୁ ଚେନାଇ ସୁପରକିଙ୍ଗ୍ସ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ଓଏଫ୍‌ସିର ଜୁନିୟର ଜଗରନଟ୍ସ ଲିଗ୍



ଜୁନିୟର ଜଗରନଟ୍ସ ଲିଗ୍‌ରେ ଭାଗ ନେଇଥିବା ବାଳିକା ବାଳକ।

ଭୁବନେଶ୍ୱର, ୧୨।୪ (ସ୍ପୋର୍ଟ୍ସ ବ୍ୟୁରୋ)

ତୃଣମୂଳ ସ୍ତରରେ ଫୁଟବଲର ପ୍ରଚାର ପ୍ରସାର ପାଇଁ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ପ୍ରୋ ସ୍ପୋର୍ଟ ଡେଭେଲପମେଣ୍ଟ (ପିଏସ୍‌ଡି) ପକ୍ଷରୁ ଜୁନିୟର ଜଗରନଟ୍ସ ଲିଗ୍ ଆରମ୍ଭ କରାଯାଇଛି। ୯, ୧୦ ଓ ୧୨ ବର୍ଷରୁ କମ୍ ବୟସ ବର୍ଗରେ ଶିଶୁ ମାନଙ୍କୁ ନେଇ ଏହି ଲିଗ୍ ଅନୁଷ୍ଠିତ ହେବ। ଏପ୍ରିଲ ୯ ତାରିଖରେ ଏହାର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ମେ ମାସର ଅନ୍ତିମ ସପ୍ତାହ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଆସନ୍ତା ଏପ୍ରିଲ ୧୬ ତାରିଖରେ ପରବର୍ତ୍ତୀ ରାଉଣ୍ଡ ମ୍ୟାଚ ଖେଳାଯିବ। ୧୩ ବର୍ଷରୁ କମ୍ ବୟସର ବାଳିକା ବାଳକ ମାନଙ୍କ ଫୁଟବଲ ଦକ୍ଷତାର ବୃଦ୍ଧି ତଥା ଏକ ଅନୁକୂଳ ପରିବେଶ ସୃଷ୍ଟି କରବା ପାଇଁ ଏହି ଲିଗ୍ ଆରମ୍ଭ ହୋଇଛି। ୯ ଓ ୧୦ ବର୍ଷ ବୟସରୁ କମ୍ ବର୍ଗରେ ଫାଇଭ୍ ଏ ସାଇଡ୍ ଓ ୧୨ ବର୍ଷରୁ କମ୍ ବୟସ ବର୍ଗରେ ସେଭେନ୍ ଏ ସାଇଡ୍ ଫର୍ମାଟରେ ଖେଳା ଯାଇଥିଲା।

# ଏକ ନମ୍ବର ସ୍ଥାନ ବଜାୟ ରଖିଲେ ସୂର୍ଯ୍ୟକୁମାର

ଦୁବାଇ, ୧୨।୪(ପି.ଟି.)

ବୁଧବାର ଆଇସିସି ପକ୍ଷରୁ ଏହାର ଟି୨୦ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। କ୍ୟାରିୟରରେ ଖରାପ ଫର୍ମ ଦେଇ ଗତି କରୁଥିଲେ ମଧ ଭାରତୀୟ ଟପ୍ ଅର୍ଡର ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବ ଟି୨୦ ବ୍ୟାଟରଙ୍କ ମଧ୍ୟରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ୯୦୬ ରେଟିଂ ପଏଣ୍ଟ ସହିତ ସୂର୍ଯ୍ୟକୁମାର ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ୮୧୧ ପଏଣ୍ଟ ସହିତ ମହମ୍ମଦ ରିଜ୍‌ୱାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାବର୍ ଆଜମ୍(୭୫୫), ଏଡେନ୍ ମାର୍କରାମ୍(୭୪୮) ଓ ଡେଭନ୍ କନ୍‌ୱେ(୭୪୫) ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ବିରାଟ କୋହଲି ୧୫ତମ ସ୍ଥାନରେ ସ୍ଥିର ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଗୋଲ୍ଡେନ୍ ଡକ୍‌ରେ ହ୍ୟାଟ୍ରିକ୍ କରିବା ପରେ ଚଳିତ ଆଇପିଏଲର ପ୍ରଥମ ୩ ମ୍ୟାଚ୍‌ରେ ମାତ୍ର ୧୬ ରନ୍ କରିଛନ୍ତି। ୧୫,୧, ୦ର ସ୍କୋର ସହିତ ସୂର୍ଯ୍ୟକୁମାର ବିଫଳ ରହିଛନ୍ତି। ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବାବର ଆଜମଙ୍କ ନିକଟରେ ର୍ୟାଙ୍କିଙ୍ଗରେ ଉନ୍ନତି ଘଟାଇବାର ସୁଯୋଗ ରହିଛି। ଶନିବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ଏହି ସିରିଜ୍‌ରେ ଭଲ ପ୍ରଦର୍ଶନ କରି ସେ ଶୀର୍ଷକୁ ଫେରିବାକୁ ପ୍ରୟାସ କରିବେ। ଟି୨୦ ବୋଲିଂ ର୍ୟାଙ୍କିଙ୍ଗରେ ରଶିଦ୍ ଖାନ୍ ଟପ୍ ସ୍ପଟ୍ ବଜାୟ ରଖିଥିବା ବେଳେ ଟପ୍ ଟେନ୍ ତାଲିକାରେ ଜଣେ ବି ଭାରତୀୟ ନାହାନ୍ତି।

### ଅସ୍ତାନା ରେସ୍‌ଲିଂ ଚାମ୍ପିୟନଶିପ୍

# ଅନ୍ତିମ ପଙ୍ଘାଲ୍‌ଙ୍କୁ ରୌପ୍ୟ

ଅସ୍ତାନା, ୧୨।୪(ପି.ଟି.)

ଅସ୍ତାନା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ଅନ୍ତିମ ପଙ୍ଘାଲ୍। ୫୩ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୮ ବର୍ଷୀୟା ଅନ୍ତିମ ଫାଇନାଲ ମ୍ୟାଚରେ ଜୋପାନର ଆକାରି ଫୁଜିନାମିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଏହା ବ୍ୟତିତ ଅନ୍ୟ ୪ ଭାରତୀୟ ୫୭ କିଗ୍ରା ବର୍ଗରେ ଅଂଶୁ ମଲିକ୍, ୬୫ କିଗ୍ରା ବର୍ଗରେ ମନୀଷା, ୭୨ କିଗ୍ରା ବର୍ଗରେ ରୀତିକା ଓ ୬୨ କିଗ୍ରା ବର୍ଗରେ ସୋନମ ମଲିକ୍ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଅନ୍ତିମ ଚଳିତ ବର୍ଷ ୨୦ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଅନ୍ତିମଙ୍କ ବିରୋଧରେ ମାତ୍ର ଗୋଟିଏ ପଏଣ୍ଟ ସ୍କୋର ହୋଇଛି। ଉଜବେକିସ୍ତାନର ଅକଟେଙ୍ଗେ କେଉନିମଜାଏଭାଙ୍କୁ ୮-୧ରେ ପରାଜିତ କରିଥିବା ବେଳେ ଏହି ପଏଣ୍ଟଟି ସ୍କୋର ହୋଇଥିଲା। ସେ ନିଜ ପ୍ରଥମ ରାଉଣ୍ଡ ଲଢେଇରେ ସିଙ୍ଗାପୁରର ହାଇଓ ପିଙ୍ଗ ଆଲଭିନାଙ୍କୁ ଫଲ୍ ଜରିଆରେ ପରାସ୍ତ କରିଥିଲେ। ଅନ୍ୟ ପକ୍ଷରେ କ୍ୱାର୍ଟର ଫାଇନାଲରେ ଚୀନ୍‌ର ଲି ଡେଙ୍ଗଙ୍କୁ ୬-୦ରେ ପରାସ୍ତ କରିଥିଲେ। ୫୭ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅଂଶୁ ମଲିକ୍ ସେମି ଫାଇନାଲରେ ଜାପାନର ସାଏ ନାଞ୍ଜୋଙ୍କ ଠାରୁ ହାରି ବ୍ରୋଞ୍ଜ ପଦକ ମୁକାବିଲା ଖେଳିଥିଲେ। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅଂଶୁଙ୍କ ନିକଟରୁ ଏକ ପଦକ ଆଶା




### ଅଂଶୁ, ମନୀଷା, ରୀତିକା, ସୋନମଙ୍କୁ ବ୍ରୋଞ୍ଜ

କରାଯାଉଥିଲା। ସେମିରେ ସେ ଜାପାନର ସାଏ ନାଞ୍ଜୋଙ୍କ ନିକଟରୁ ୫-୧ରେ ପରାଜିତ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ଅଦ୍ୟାବଧି ୬ ପଦକ ଜିତି ସାରିଛି। ଗ୍ରୀକୋ ରୋମାନରୁ ୪ ପଦକ ଆସିଥିବା ବେଳେ ମଙ୍ଗଳାବର ୬୮ କିଗ୍ରା ବର୍ଗରେ ନିଶା ଦାହିୟା ଓ ୭୬ କିଗ୍ରା ବର୍ଗରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ଗୁଜରାଟ**

ସ୍ଥାନ:ମୋହାଲି,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ବିଦା ହେଲେ କର୍ଟନି ୱାଲ୍ସ

ସେଣ୍ଟ ଜନ୍ (ଆଣ୍ଟିଗୁଆ), ୧୨।୪ (ପି.ଟି.): ୱେଷ୍ଟଇଣ୍ଡିଜ୍ ମହିଳା ଦଳର ମୁଖ୍ୟ କୋଚ୍ ପଦରୁ ବିଦା ହୋଇଛନ୍ତି କିମ୍ବଦନ୍ତୀ ଫାଷ୍ଟ ବୋଲର କର୍ଟନି ୱାଲ୍ସ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି୨୦ ବିଶ୍ୱକପରେ ମହିଳା ଦଳର ବିଫଳତା ପରେ ଏଭଳି ପଦକ୍ଷେପ ନେଇଛି କ୍ରିକେଟ ୱେଷ୍ଟଇଣ୍ଡିଜ୍(ସିଡବ୍ଲ୍ୟୁଆଇ)। ଟି୨୦ ବିଶ୍ୱକପରେ ୱେଷ୍ଟଇଣ୍ଡିଜ୍ ଦଳ ଖରାପ ପ୍ରଦର୍ଶନ କରିବା ସହିତ ନକ୍‌ଆଉଟରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ଖୁବ୍‌ଶୀଘ୍ର ମୁଖ୍ୟ କୋଚ୍ ପାଇଁ ଆବେଦନପତ୍ର ଗ୍ରହଣ କରାଯିବ ବୋଲି ସିଡବ୍ଲ୍ୟୁଆଇ ପକ୍ଷରୁ କୁହାଯାଇଛି।

# ପୁରୁଣା ଫର୍ମାଟରେ ହେବ ଆଇଏସ୍‌ଏସ୍‌ଏଫ୍ ଫାଇନାଲ

ନୂଆଦିଲ୍ଲୀ, ୧୨।୪(ପି.ଟି.)

ଇଣ୍ଟରନ୍ୟାଶନାଲ ଶୁଟିଂ ଫେଡେରେଶନ୍(ଆଇଏସ୍‌ଏସ୍‌ଏଫ୍) ପକ୍ଷରୁ ଏହାର ନୂତନ ନିୟମଗୁଡିକୁ ବଦଳାଇ ଦିଆଯାଇଛି। ନୂତନ ନିୟମ ଅନୁଯାୟୀ ବିଶ୍ୱକପ ବା କୌଣସି ବଡ ଟୁର୍ନାମେଣ୍ଟର ଫାଇନାଲରେ ଦୁଇ ଜଣ ଖେଳାଳିଙ୍କ ମଧ୍ୟରେ ଶୁଟ୍ ଅଫ୍ କରାଯାଏ। ତେବେ ଏହି ନିୟମ ଆଗରୁ ନ ଥିଲା। ଟୋକିଓ ୨୦୨୦ ପରେ ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ ଏହି ନିୟମ ଲାଗୁ କରାଯାଇଥିଲା। ପିସ୍ତଲ ଓ ରାଇଫଲ୍ ଶୁଟିଂ ପାଇଁ ଏହି ନିୟମ ଲାଗୁ ହୋଇଥିଲା। ତେବେ ବୁଧବାର ନିଷ୍ପତ୍ତି ଅନୁସାରେ ଏଣିକି ମୁଖ୍ୟ ରାଉଣ୍ଡରେ ସର୍ବାଧିକ ପଏଣ୍ଟ ଅର୍ଜନକାରୀ ଖେଳାଳିଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ମେ' ୮ରୁ ୧୫ ମଧ୍ୟରେ ବାକୁରେ ଅନୁଷ୍ଠିତ ଥିବା ଟୁର୍ନାମେଣ୍ଟ ଓ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ମଧ୍ୟ ପୁରୁଣା ଫର୍ମାଟରେ ଖେଳାଯିବ। ଟୋକିଓ ୨୦୨୦ ପରେ ମେନ୍ ରାଉଣ୍ଡରେ ସର୍ବାଧିକ ସ୍କୋର କରିଥିବା ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଉଥିଲା। ଏହି ଶୁଟ୍ ଅଫ୍‌ରେ ଆଗୁଆ ୧୬ ପଏଣ୍ଟ ଅର୍ଜନ କରୁଥିବା ଖେଳାଳି ବିଜୟୀ ହେଉଥିଲେ। ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ ନିୟମରେ ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ପୂର୍ବ ଭଳି କେବଳ ୮ ଜଣ ଖେଳାଳି ଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବେ। ଯେଉଁ ସାମାନ୍ୟ ପରିବର୍ତ୍ତନ କରାଯାଇଛି ତାହା ସ୍କୋରିଂ ବ୍ୟବସ୍ଥାକୁ ଆହୁରି ସରଳୀକରଣ କରିବାରେ ସହାୟତା କରିବ। ଫାଇନାଲକୁ ଉନ୍ନୀତ ୮ ଖେଳାଳିଙ୍କ ପାଇଁ ୫ ଶଟ୍ ବିଶିଷ୍ଟ ଦୁଇଟି ସିରିଜ୍ ରହିବ। ଏହା ପରେ ସମସ୍ତ ଖେଳାଳିଙ୍କୁ ଆଉ ୧୪ ଶଟ୍ ପ୍ରଦାନ କରାଯିବ। ୧୨ଶଟ୍ ପରେ ଏଲିମିନେଶନ୍ ଆରମ୍ଭ ହେବ। ପ୍ରତି ଦୁଇ ଶଟ୍‌ରେ ଜଣେ ଖେଳାଳି ଏଲିମିନେଟ୍ ହେବେ। ଶେଷରେ ଯେଉଁ ଖେଳାଳି ବଞ୍ଚି ରହିବେ ସେ ସ୍ୱର୍ଣ୍ଣ ପଦକ ହାସଲ କରିବେ। ଭାରତୀୟ ରାଇଫଲ୍ କୋଚ୍ ଓ ହାଇପରଫର୍ମାନ୍ସ ମ୍ୟାନେଜର ଦୀପକ ଦୁବେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ବାକୁରେ ହେବାକୁ ଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଏହି ନିୟମକୁ ଦୃଷ୍ଟିରେ ରଖି ଖେଳାଳିମାନେ ଅଭ୍ୟାସ କରିବା ଉଚିତ ବୋଲି ସେ କହିଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ